ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 1/2024 Page 20 ₹ 7.00
୫୦ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 278 ମୂଲ୍ୟ₹୭/-



## ସଂକ୍ଷେପରେ

### ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ

ନୂଆଦିଲ୍ଲୀ,୩୧।୮ (ପି.ଟି.)

ଭାରତର ନିର୍ବାଚନ କମିଶନ (ଇସିଆଇ) ହରିୟାଣା ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ କରିଛନ୍ତି। ଅକ୍ଟୋବର ୧ରେ ହରିୟାଣାରେ ଭୋଟଗ୍ରହଣ ପାଇଁ ପୂର୍ବରୁ ତାରିଖ ଘୋଷଣା ହୋଇଥିଲା। ତେବେ ସେଦିନ ବିଷ୍ଣୋଇ ସମ୍ପ୍ରଦାୟର ବହୁ ପୁରାତନ ଉତ୍ସବକୁ ଦୃଷ୍ଟିରେ ରଖି ଅକ୍ଟୋବର ୫ରେ ନିର୍ବାଚନ କରାଇବାକୁ ଇସିଆଇ ଶନିବାର ନିଷ୍ପତ୍ତି ନେଇଛନ୍ତି। ଜମ୍ମୁ-କଶ୍ମୀର ନିର୍ବାଚନ ତାରିଖରେ ପରିବର୍ତ୍ତନ ହୋଇନାହିଁ। ତେବେ ଉଭୟ ରାଜ୍ୟର ଭୋଟ ଗଣତି ଅକ୍ଟୋବର ୪ ପରିବର୍ତ୍ତେ ୮ ତାରିଖରେ ଅନୁଷ୍ଠିତ ହେବ। ବିଷ୍ଣୋଇ ସମ୍ପ୍ରଦାୟ ୩୦୦ରୁ ୪୦୦ ବର୍ଷ ହେଲା ସେମାନଙ୍କ ଗୁରୁ ଜମ୍ଭେଶ୍ୱରଙ୍କ ସ୍ମୃତିରେ ଅକ୍ଟୋବର ୧ରେ ଏହି ଉତ୍ସବ ପାଳିଥାନ୍ତି। ପରମ୍ପରା ଏବଂ ଭୋଟ ଅଧିକାରକୁ ସମ୍ମାନ ଦେଇ ଏହି ନିଷ୍ପତ୍ତି ନିଆଯାଇଥିବା ନିର୍ବାଚନ କମିଶନ କହିଛନ୍ତି। ହରିୟାଣା ଭୋଟଗ୍ରହଣ ତାରିଖ ବଦଳାଇବା ପାଇଁ ରାଜସ୍ଥାନ ବିକାନେର୍‌ର ସର୍ବଭାରତୀୟ ବିଷ୍ଣୋଇ ମହାସଭାର ଅଧ୍ୟକ୍ଷ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଥିଲେ।

### ୫ ବର୍ଷର ଶିଶୁକନ୍ୟାଙ୍କୁ ନାବାଳକଙ୍କ ବଳାତ୍କାର

ନୂଆଦିଲ୍ଲୀ,୩୧।୮

ଦିଲ୍ଲୀର କାପାଶେରା ଅଞ୍ଚଳରେ ୫ ବର୍ଷର ଶିଶୁକନ୍ୟାକୁ ଜଣେ ୧୪ ବର୍ଷର ବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶିଶୁଟି ଘରେ ଏକୁଟିଆ ଥିବାବେଳେ ପଡୋଶୀ ଘରର ନାବାଳକ ତାଙ୍କ ଯୌନ ନିର୍ଯାତନା ଦେଇଥିବା ପୋଲିସ କହିଛି। ନାବାଳକଙ୍କୁ ଧରାଯାଇ ସୁଧାର ଗୃହକୁ ପଠାଯାଇଛି। ଶିଶୁକନ୍ୟାର ମାଆବାପା ଶ୍ରମିକ ହୋଇଥିବାରୁ ସେମାନେ ବାହାରକୁ କାମରେ ଯାଇଥିଲେ। ଏହି ସୁଯୋଗରେ ବାଳକ ଜଣକ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ ବୋଲି ଡିସିପି ରୋହିତ ମୀନା କହିଛନ୍ତି।

### ଏୟାରଲିଫ୍ଟ ହେଉଥିବା ହେଲିକପ୍ଟର ଖସିପଡ଼ିଲା

ନୂଆଦିଲ୍ଲୀ,୩୧।୮

ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଘରୋଇ ହେଲିକପ୍ଟର ଗତ ମେ' ମାସରେ ଉତ୍ତରାଖଣ୍ଡରେ ଜରୁରୀ ଅବତରଣ କରିଥିଲା। ଉକ୍ତ ତ୍ରୁଟିପୂର୍ଣ୍ଣ ହେଲିକପ୍ଟରକୁ ଶନିବାର ସକାଳେ ଭାରତୀୟ ବାୟୁସେନାର ଏକ ବିମାନ କେଦାରନାଥରୁ ଗୌଚରକୁ ଏୟାରଲିଫ୍ଟ କରୁଥିବାବେଳେ ମନ୍ଦାକିନୀ ନଦୀର ଲିଞ୍ଚୋଲା ନିକଟରେ ତାହା ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘରୋଇ ହେଲିକପ୍ଟରକୁ ନେବାବେଳେ ବାୟୁସେନା ହେଲିକପ୍ଟର ଏମ୍‌ଆଇ-୧୭ ଭାରସାମ୍ୟ ହରାଇବା ଆରମ୍ଭ କରିଥିଲା। ସୁରକ୍ଷା ଦୃଷ୍ଟିରୁ ତ୍ରୁଟିଯୁକ୍ତ ହେଲିକପ୍ଟରକୁ ଏକ ନିଛାଟିଆ ସ୍ଥାନରେ ଖସାଇ ଦିଆଯାଇଥିଲା ବୋଲି ରୁଦ୍ରପ୍ରୟାଗ ଜିଲା ପର୍ଯ୍ୟଟନ ଅଧିକାରୀ କହିଛନ୍ତି।

# ଗୁପ୍ତ କ୍ୟାମେରାରେ ହେଉଥିଲା ନଗ୍ନ ଭିଡିଓ

ଥିରୁଭାନନ୍ତପୁରମ୍,୩୧।୮

ଜଷ୍ଟିସ୍ ହେମା କମିଟି ରିପୋର୍ଟ ମାଲୟାଲମ୍ ଚଳଚ୍ଚିତ୍ର ଶିଳ୍ପର ପାଣ୍ଡୋରା ବାକ୍ସ ଖୋଲିଥିବାବେଳେ ଅଭିନେତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବାର ନୂଆ ନୂଆ ଘଟଣା ପ୍ରତିଦିନ ପ୍ରଘଟ ହେବାରେ ଲାଗିଛି। ଖ୍ୟାତନାମା ଅଭିନେତ୍ରୀ ରାଧିକା ଶରଥକୁମାର ମାଲୟାଲମ ଚଳଚ୍ଚିତ୍ରରେ କାର୍ଯ୍ୟ କରିବାର ଅଭିଜ୍ଞତା ଶେୟାର କରିଛନ୍ତି। ହିରୋଇନ୍‌ମାନଙ୍କୁ ନେବାଆଣିବା କରୁଥିବା କାରାଭାନ୍‌ରେ ଗୁପ୍ତ କ୍ୟାମେରା ଲଗାଯାଇ ନଗ୍ନ ଦୃଶ୍ୟ ରେକର୍ଡ କରାଯାଉଥିଲା ବୋଲି ସେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି। ଉକ୍ତ ଭିଡିଓକୁ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ପୁରୁଷ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଭାବେ ଶେୟାର କରାଯାଉଥିଲା। ଏହାକୁ ଅଲଗା ଫୋଲ୍ଡରରେ ଷ୍ଟୋର କରି ରଖାଯାଉଥିଲା। ସବୁ ଫୋଲ୍ଡରକୁ ଭିନ୍ନ ଭିନ୍ନ ଅଭିନେତ୍ରୀଙ୍କ ନାଁରେ ନାମିତ କରାଯାଇଥିଲା। ଇଣ୍ଡଷ୍ଟ୍ରି ସହ ଜଡ଼ିତ ପୁରୁଷମାନେ ସେମାନଙ୍କ ମୋବାଇଲ ଫୋନ୍‌ରେ ଉକ୍ତ ଭିଡିଓ ଦେଖୁଥିଲେ। ଏହି କାରଣରୁ ସେ ହୋଟେଲରେ ରହିବା ବନ୍ଦ କରିଦେବା ସହ ଶୁଟିଂ ସମୟରେ କାରାଭାନ ବ୍ୟବହାର କରିବାକୁ ମନା କରିଦେଇଥିଲେ ବୋଲି ରାଧିକା କହିଛନ୍ତି। ତେବେ ସେ ଅନ୍ୟ ଅଭିନେତ୍ରୀମାନଙ୍କୁ ଲଜ୍ଜିତ କରିବାକୁ ଚାହୁଁ ନ ଥିବାରୁ ଉକ୍ତ ଚଳଚ୍ଚିତ୍ରର ନାଁ କହିବାକୁ ମନା କରିଦେଇଛନ୍ତି।

ହେମା କମିଟିର ରିପୋର୍ଟକୁ ରାଧିକା ସ୍ୱାଗତ କରିଛନ୍ତି। ରିପୋର୍ଟରେ ଯାହା ଉଲ୍ଲେଖ ରହିଛି, ସେଭଳି ଅଭିଜ୍ଞତା ତାଙ୍କର ଅଙ୍ଗେନିଭା ଘଟଣା ଥିଲା। ସେ ୪୦ ବର୍ଷରୁ ଊର୍ଦ୍ଧ୍ୱ ମଲିଉଡ୍ (ମାଲୟାଲମ ଚଳଚ୍ଚିତ୍ର ଜଗତ)ରେ କାମ କରିଥିଲେ। ତାଙ୍କୁ ପୁରୁଷମାନେ ଅସଦ୍‌ବ୍ୟବହାର କରୁଥିଲେ ବୋଲି ଅଭିନେତ୍ରୀ କହିଛନ୍ତି। ସିନେମା ଶିଳ୍ପରେ ଯୌନ ନିର୍ଯାତନା ଏବଂ ପକ୍ଷପାତ ଘଟଣା ପଦାକୁ ଆସିବା ସତ୍ତ୍ୱେ ପୁରୁଷମାନେ ନୀରବ ରହିବା ଘଟଣାରେ ରାଧିକା ଚିନ୍ତା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟତମ ବର୍ଷୀୟାନ ଅଭିନେତ୍ରୀ ମାଲା ପାର୍ବତୀ ଆଉ ଏକ ଲଜ୍ଜାଜନକ ଘଟଣା ପ୍ରଘଟ କରିଛନ୍ତି। ୨୦୧୦ରେ ଅପୂର୍ବରାଗମ୍ ଚଳଚ୍ଚିତ୍ର ଶୁଟିଂ ବେଳେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ରରେ ତାଙ୍କ ସ୍ୱାମୀ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତି ଜଣକ ତାଙ୍କ ଝିଅ ଭୂମିକା ନିଭାଉଥିବା ଅଭିନେତ୍ରୀଙ୍କୁ ଗୋଟିଏ ହାତରେ ସ୍ପର୍ଶ କଲାବେଳେ ଅନ୍ୟ ହାତରେ ତାଙ୍କ ଶରୀରକୁ ଅଣ୍ଡାଳିଥିଲେ ବୋଲି ମାଲା କହିଛନ୍ତି। ଏହି ଘଟଣାରେ ତାଙ୍କୁ ଅତ୍ୟନ୍ତ ବାଧିଥିଲା ଏବଂ ସେ ୬ ମାସ ଯାଏ ସିନେମାରେ କାମ କରିବା ବନ୍ଦ କରିଦେଇଥିଲେ। ତେବେ ଏଭଳି ଅପରାଧ ବିରୋଧରେ ସ୍ୱର ଉଠାଇବା ପାଇଁ ସ୍ୱାମୀଙ୍କ ପରାମର୍ଶକ୍ରମେ ମାଲା ପୁଣିଥରେ ଚଳଚ୍ଚିତ୍ର ଜଗତକୁ ଫେରିଥିଲେ ବୋଲି କହିଛନ୍ତି।

ଜଣେ ଯୁବ ଅଭିନେତ୍ରୀଙ୍କ ଅଭିଯୋଗ ଆଧାରରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ରଞ୍ଜିଥ୍‌ଙ୍କ ନାଁରେ କୋଚି ପୋଲିସ ମାମଲା ରୁଜୁ କରିଛି। ଅଡିଶନ ଦେବାକୁ କହି ରଞ୍ଜିଥ୍ ଉକ୍ତ ଅଭିନେତ୍ରୀଙ୍କୁ ବେଙ୍ଗାଲୁରୁର ଏକ ହୋଟେଲକୁ ଡାକିଥିଲେ। ତାଙ୍କୁ ସିନେମାରେ ରୋଲ୍ ଦେବାର ପ୍ରଲୋଭନ ଦେଖାଇ ଜବରଦସ୍ତ ଉଲଗ୍ନ କରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା।

## ମାଲୟାଲମ୍ ସିନେମାର କଳା ଅଧ୍ୟାୟ


ରାଧିକା ଶରଥକୁମାର


ମାଲା ପାର୍ବତୀ

## ମଲିଉଡ୍‌କୁ ଧ୍ୱଂସ କରା ନ ଯାଉ: ମୋହନଲାଲ୍



ମାଲୟାଲମ୍ ଚଳଚ୍ଚିତ୍ରରେ ମହିଳା କଳାକାରମାନଙ୍କ ପ୍ରତି ଯୌନ ନିର୍ଯାତନା ସମ୍ପର୍କିତ ହେମା କମିଟି ରିପୋର୍ଟ ଆସିବାର ସପ୍ତାହେ ପରେ ବର୍ଷୀୟାନ ଅଭିନେତା ତଥା ଏଏମ୍‌ଏମ୍‌ଏ (ଆସୋସିଏଶନ ଅଫ୍ ମାଲୟାଲାମ ମୁଭି ଆର୍ଟିଷ୍ଟସ୍)ର ପୂର୍ବତନ ଅଧ୍ୟକ୍ଷ ମୋହନଲାଲ୍ ଶନିବାର ପ୍ରଥମ ଥର ମୁହଁ ଖୋଲିଛନ୍ତି। ଚଳଚ୍ଚିତ୍ର ସଂଗଠନ ପରିଚାଳନା ସଂସ୍ଥାର କେତେଜଣ ସଦସ୍ୟଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ନୈତିକତା ଦୃଷ୍ଟିରୁ ସେ ଗତ ୨୭ ତାରିଖରେ ଏଏମ୍‌ଏମ୍‌ଏର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଚଳଚ୍ଚିତ୍ର ଶିଳ୍ପକୁ ଧ୍ୱଂସ ନ କରିବାକୁ ସେ ପ୍ରତ୍ୟେକଙ୍କୁ ନିବେଦନ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବାରୁ ଏଏମ୍‌ଏମ୍‌ଏ ଉପରେ ସବୁ ଫୋକସ୍ ନ କରିବାକୁ ମୋହନଲାଲ କହିଛନ୍ତି। ହେମା କମିଟି ରିପୋର୍ଟକୁ ଆମେ ସ୍ୱାଗତ କରୁଛୁ। ତେବେ ସବୁ ପ୍ରଶ୍ନର ଉତ୍ତର ଏଏମ୍‌ଏମ୍‌ଏ ଦେଇପାରିବ ନାହିଁ ବୋଲି ସେ କହିଛନ୍ତି।

## ଏକ୍ସ'କୁ ବ୍ୟାନ୍ କଲା ବ୍ରାଜିଲ୍

ସାଓ ପାଉଲୋ, ୩୧।୮

ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'କୁ ଶନିବାର ବ୍ରାଜିଲ ବ୍ୟାନ୍ କରିଛି। ୨୪ ଘଣ୍ଟା ମଧ୍ୟରେ ଜଣେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ଶୁକ୍ରବାର ବ୍ରାଜିଲର ସୁପ୍ରିମକୋର୍ଟ ଏକ୍ସ'କୁ ଡେଡ୍‌ଲାଇନ ଜାରି କରିଥିଲେ। ତେବେ ଏକ୍ସ' ପକ୍ଷରୁ ବ୍ରାଜିଲରେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରାଯାଇ ନ ଥିବାରୁ ଜଷ୍ଟିସ୍ ଆଲେକଜାଣ୍ଡର ଡି ମାରିଆସ ଦେଶବ୍ୟାପୀ ଏହାକୁ ବ୍ୟାନ୍ କରିବା ପାଇଁ ଆଦେଶ ଜାରି କରିଛନ୍ତି। ଏହାପୂର୍ବରୁ ଗତ ୧୭ ତାରିଖରେ ଏକ୍ସ' ନିଜର ପୁରୁଣା ଆଇନ ଅଧିକାରୀଙ୍କୁ ଜେଲ୍‌ରେ ରଖିବାକୁ ବ୍ରାଜିଲରୁ ଧମକ ମିଳୁଥିବା ଦାବିକରି ନିଜର କାର୍ଯ୍ୟାଳୟକୁ ବନ୍ଦ କରିଦେଇଥିଲା। ସ୍ଥାନୀୟ ମିଡିଆ ରିପୋର୍ଟ ଅନୁଯାୟୀ, ଅନେକ ମାସ ଧରି ଦେଶରେ ଜଣେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରିବା ନେଇ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ନ କରିବାରୁ ବ୍ରାଜିଲରେ ଏକ୍ସ' ବିବାଦରେ ରହିଆସିଥିଲା। ଦେଶର ଗଣତନ୍ତ୍ରକୁ ଦୁର୍ବଳ କରୁଥିବା କଣ୍ଟେଣ୍ଟକୁ ପ୍ରୋତ୍ସାହନ ଯୋଗାଉଥିବା ଏକ୍ସ'ର ଅଧିକାରୀମାନଙ୍କୁ ହଟାଇବାକୁ ବ୍ରାଜିଲରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଥିଲା। ତେବେ ନିର୍ଦ୍ଦେଶ ପାଳନ ନ କରିଥିବା ହେତୁ ବ୍ରାଜିଲର ସୁପ୍ରିମ ଫେଡେରାଲ କୋର୍ଟ ଏକ୍ସ' ଉପରେ ୩ ମିଲିୟନ ଡଲାରର ଜରିମାନା ଲଗାଇଛନ୍ତି।

# ମହିଳା ବିରୋଧୀ ଅପରାଧ: ତ୍ୱରିତ ନ୍ୟାୟ ଲୋଡ଼ା


ଜିଲା ନ୍ୟାୟପାଳିକା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼।

ନୂଆଦିଲ୍ଲୀ,୩୧।୮(ପି.ଟି.)

ମହିଳା ବିରୋଧୀ ଅପରାଧ ସହ ସମ୍ପୃକ୍ତ ମାମଲାଗୁଡ଼ିକରେ ତ୍ୱରିତ୍ ନ୍ୟାୟ ଜରୁରୀ। ଏହା ମହିଳାମାନଙ୍କ ସୁରକ୍ଷା ପାଇଁ ବଡ଼ ଆଶ୍ୱାସନା ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜିଲା ନ୍ୟାୟପାଳିକା ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ସେ କହିଥିଲେ, ନ୍ୟାୟପାଳିକାକୁ ସମ୍ବିଧାନର ତତ୍ତ୍ୱାବଧାରକ ବିବେଚନା କରାଯାଏ। ସୁପ୍ରିମକୋର୍ଟ ଓ ନ୍ୟାୟପାଳିକା ଏହି ଦାୟିତ୍ୱକୁ ନିର୍ବାହ କରିଛନ୍ତି। ଦେଶବାସୀ କଦାପି ସୁପ୍ରିମକୋର୍ଟ କିମ୍ବା ନ୍ୟାୟ ବ୍ୟବସ୍ଥା ପ୍ରତି ଅନାସ୍ଥା ଦେଖାଇନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଉପସ୍ଥିତ ଥିଲେ।

ଏମର୍ଜେନ୍ସି ଲାଗୁ ସମୟରେ ଦେଶ ଅନ୍ଧକାର ମଧ୍ୟରେ ଗତି କରୁଥିବାବେଳେ ମୌଳିକ ଅଧିକାରକୁ ବଜାୟ ରଖିବାରେ ନ୍ୟାୟପାଳିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ଜାତୀୟ ସ୍ୱାର୍ଥକୁ ନ୍ୟାୟପାଳିକା ସର୍ବାଧିକ ପ୍ରାଥମିକତା ଦେଇ ଜାତୀୟ ସଂହତିକୁ ସୁରକ୍ଷିତ ରଖିଥିବା ମୋଦି କହିଛନ୍ତି। କୋଲକାତାରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଏବଂ ଠାଣେରେ ୨ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ଏଗୁଡ଼ିକ ସମାଜ ପାଇଁ ଗମ୍ଭୀର ଚିନ୍ତାର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଭିଏଟ୍‌ନାମ ଡାକ୍ତରଙ୍କୁ ରମନ୍ ମାଗାସେସେ ପୁରସ୍କାର

ମାନିଲା, ୩୧।୮

ଚଳିତ ବର୍ଷର ରମନ୍ ମାଗାସେସେ ପୁରସ୍କାର ପାଇଁ ଆୱାର୍ଡ ଫାଉଣ୍ଡେଶନ ପକ୍ଷରୁ ଶନିବାର ମନୋନୀତ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୧୯୫୫ରୁ ୧୯୭୫ ମଧ୍ୟରେ ହୋଇଥିବା ଭିଏଟ୍‌ନାମ ଯୁଦ୍ଧ ସମୟରେ ଆମେରିକୀୟ ସେନା ଦ୍ୱାରା ବ୍ୟବହୃତ ହୋଇଥିବା ଶକ୍ତିଶାଳୀ କେମିକାଲ 'ଏଜେଣ୍ଟ ଅରେଞ୍ଜ'ର ପୀଡ଼ିତଙ୍କୁ ନ୍ୟାୟ ଦେବାରେ ସାହାଯ୍ୟ କରିଥିବା ଭିଏଟ୍‌ନାମୀ ଚିକିତ୍ସକ ଗୁୟେନ୍ ଥୀ ନଗୋକ୍ ଫୁଓଙ୍ଗ୍‌ଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଥାଇଲାଣ୍ଡ ଗ୍ରାମାଞ୍ଚଳରେ ଗରିବଙ୍କ ନିମନ୍ତେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ସଂଘର୍ଷ କରୁଥିବା 'ଦି ରୁରାଲ ଡକ୍ଟର୍ସ ମୁଭ୍‌ମେଣ୍ଟ' ନାମକ ଚିକିତ୍ସକ ଗୋଷ୍ଠୀ, ଇଣ୍ଡୋନେସିଆର ପରିବେଶ ସୁରକ୍ଷାକର୍ମୀ ଫର୍‌ୱିଜା ଫର୍‌ହାନ, ପିଲାମାନଙ୍କ ଜଟିଳ ପ୍ରସଙ୍ଗକୁ ନେଇ କାର୍ଯ୍ୟ କରୁଥିବା ଜାପାନୀ ଆନିମେଟର ମିୟାଜାକୀ ହୟାଓ, ଭୁଟାନର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷାବିତ୍ କର୍ମା ଫୁଣ୍ଟଶୋ ମାଗାସେସେ ପାଇଁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାରକୁ ଏସିଆର ନୋବେଲ ପୁରସ୍କାର ବିବେଚନା କରାଯାଏ।


ଗୁୟେନ୍ ଥୀ ନଗୋକ୍ ଫୁଓଙ୍ଗ୍

# ଜିଲା ନ୍ୟାୟପାଳିକା ଆଇନ ଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ: ସିଜେଆଇ

ନୂଆଦିଲ୍ଲୀ,୩୧।୮(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଜିଲା ନ୍ୟାୟ ବ୍ୟବସ୍ଥାକୁ ନ୍ୟାୟପାଳିକାର ମେରୁଦଣ୍ଡ ବୋଲି କହିବା ସହ ଏହାକୁ ଆଇନ ଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ବର୍ଣ୍ଣନା କରିଛନ୍ତି। ଜିଲା ନ୍ୟାୟପାଳିକା ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି, ଜିଲା ଅଦାଲତଗୁଡ଼ିକୁ ଅଧୀନସ୍ଥ ଅଦାଲତ କହିବା ବନ୍ଦ ହେବା ଜରୁରୀ। ନ୍ୟାୟ ଚାହୁଁଥିବା ନାଗରିକ ପ୍ରଥମେ ଜିଲା ନ୍ୟାୟପାଳିକା ସହ ଯୋଗାଯୋଗ କରିଥାଏ। ବିଚାର ବ୍ୟବସ୍ଥା ଉପରେ ନାଗରିକଙ୍କ ଆସ୍ଥା ନ୍ୟାୟପାଳିକା ପ୍ରଦାନ କରୁଥିବା ନ୍ୟାୟର ମାନ ଓ ସ୍ଥିତିରୁ ନିର୍ଦ୍ଧାରିତ ହୋଇଥାଏ। ସ୍ୱାଧୀନତାର ୭୫ ବର୍ଷ ପରେ ବ୍ରିଟିଶ ଯୁଗର ଆଉ ଏକ ପରମ୍ପରା ଅଧୀନସ୍ଥର ଉପନିବେଶୀୟ ମାନସିକତାକୁ ତ୍ୟାଗ କରିବା ସମୟ ଆସିଛି ବୋଲି ସିଜେଆଇ କହିଛନ୍ତି।

୨୦୨୩-୨୪ରେ ୪୬.୪୮ କୋଟି ପୃଷ୍ଠାର କୋର୍ଟ ରେକର୍ଡକୁ ଡିଜିଟାଇଜ୍ କରାଯାଇଛି। ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର ସହ ମିଶି ଇ-କମିଟି ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ୍‌କୁ ପରିଚାଳନା କରୁଛି। ଇ-କୋର୍ଟ ପ୍ରୋଜେକ୍ଟ ଦ୍ୱାରା ୩,୫୦୦ କୋର୍ଟ କମ୍ପ୍ଲେକ୍ସ ଏବଂ ୨୨,୦୦୦ରୁ ଊର୍ଦ୍ଧ୍ୱ କୋର୍ଟରୁମ୍‌ର କମ୍ପ୍ୟୁଟରୀକରଣ ହୋଇପାରିଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩ଟି ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ଆଭାସିରେ ଶୁଭାରମ୍ଭ କରିଛନ୍ତି। ମୀରଟରୁ ଲକ୍ଷ୍ନୌ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ଭାଜପା ଏମ୍‌ପି ଅରୁଣ ଗୋଭିଲ ଓ ଅନ୍ୟ ନେତାମାନେ ପତାକା ଦେଖାଇ ଆରମ୍ଭ କରୁଛନ୍ତି।

# ୨୨ ଯାତ୍ରୀଙ୍କ ସହ ହେଲିକପ୍ଟର ନିଖୋଜ



ମସ୍କୋ, ୩୧।୮

ରୁଷିଆର ପୂର୍ବବର୍ତ୍ତୀ କାମ୍‌ଚଟ୍‌କା ଅଞ୍ଚଳରୁ ଉଡ଼ାଣ ଭରିବାର କିଛି ସମୟ ପରେ ଶନିବାର ଏକ ଏମ୍‌ଆଇ-୮ ହେଲିକପ୍ଟର ନିଖୋଜ ହୋଇଯାଇଛି। ରିପୋର୍ଟ ଅନୁଯାୟୀ, ହେଲିକପ୍ଟରଟି କାମ୍‌ଚଟ୍‌କା ଅଞ୍ଚଳର ଭାଚକାଜେଟ୍ସ ଆଗ୍ନେୟଗିରି ନିକଟରୁ ଉଡାଣ ଭରିଥିବାବେଳେ ଏହା ନିର୍ଦ୍ଧାରିତ ସମୟରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରି ନ ଥିଲା। ଏନେଇ ରୁଷିଆର ଫେଡେରାଲ ଏୟାର ଟ୍ରାନ୍ସପୋର୍ଟ ଏଜେନ୍ସି ଏକ ବିବୃତିରେ ସୂଚନା ଦେଇଛି। ତେବେ ୧୯ ଜଣ ଯାତ୍ରୀ ଏବଂ ୩ ଜଣ କ୍ରିଉ ସଦସ୍ୟ ଥିବା ଉକ୍ତ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବାର ଆଶଙ୍କା କରାଯାଉଛି। ଭାରତୀୟ ସମୟ ଅନୁଯାୟୀ, ଶନିବାର ସକାଳ ୯.୩୦ରେ ହେଲିକପ୍ଟରଟିକୁ ଏହାର ଗନ୍ତବ୍ୟ ସ୍ଥଳକୁ ଫେରିବାର ଥିଲା। ଅନେକ ପ୍ରୟାସ କରାଯିବା ସତ୍ତ୍ୱେ ମଧ୍ୟ କ୍ରିଉ ସଦସ୍ୟଙ୍କ ସହ ସମ୍ପର୍କ ସ୍ଥାପନ ହୋଇ ପାରି ନ ଥିଲା। ରୁଷିଆରେ ଉଦ୍ଧାରକାରୀ ଦଳ ଏହି ହେଲିକପ୍ଟରଟିକୁ ଖୋଜିବାରେ ଲାଗିଛନ୍ତି। ତେବେ ଏମ୍‌ଆଇ-୮ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେବାର ନଜିର ରହିଛି। ଗତ ୧୨ ତାରିଖରେ ମଧ୍ୟ କାମ୍‌ଚଟ୍‌କା ଅଞ୍ଚଳରେ ଗୋଟିଏ ଏମ୍‌ଆଇ-୮ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ହେଲିକପ୍ଟରରେ ଥିବା ୧୩ ଯାତ୍ରୀ ଓ ୩ କ୍ରିଉ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ସ୍ଥାନୀୟ ଜରୁରିକାଳୀନ ସେବା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ୧୯୬୦ ଦଶକରେ ଡିଜାଇନ କରାଯାଇଥିବା ଏମ୍‌ଆଇ-୮ ହେଉଛି ୨ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର। ଏହି ହେଲିକପ୍ଟର ରୁଷ ଏବଂ ଏହାର ପଡ଼ୋଶୀ ଦେଶଗୁଡ଼ିକରେ ବହୁଳ ଭାବେ ବ୍ୟବହୃତ ହୋଇଥାଏ।

# ଆନ୍ଦୋଳନ ବେଳେ ବଳ ପ୍ରୟୋଗ

# କୋଲକାତା ପୋଲିସ ମୁଖ୍ୟଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ

ନୂଆଦିଲ୍ଲୀ,୩୧।୮ (ପି.ଟି.)

କୋଲକାତାର ଆର୍.ଜି. କର ହସ୍ପିଟାଲର ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିକରି ଛାତ୍ରୀଛାତ୍ର ଗତ ୨୭ ତାରିଖରେ ନବାନ୍ନ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ସେମାନଙ୍କ ଉପରେ ବର୍ବରତା ଓ ଅତ୍ୟଧିକ ବଳ ପ୍ରୟୋଗ ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କୋଲକାତା ପୋଲିସ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ୨ ସପ୍ତାହ ମଧ୍ୟରେ ଜଣାଇବା ପାଇଁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ହ୍ୟୁମ୍ୟାନ ରାଇଟ୍ସ ଇନିସିଏଟିଭ୍ (ଭୀମ୍)ର ଓ.ପି. ବ୍ୟାସଙ୍କ ଅଭିଯୋଗ ଆଧାରରେ ନୋଟିସ ଜାରି ହୋଇଛି।

ନ୍ୟାୟ ଦାବିରେ ଛାତ୍ରୀଛାତ୍ର ରାଜ୍ୟ ସଚିବାଳୟ ନବାନ୍ନ ଅଭିମୁଖେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ୍ ସେମାନଙ୍କ ଉପରେ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ଏବଂ ପାଣିମାଡ଼ କରିଥିଲା। ଲାଠିମାଡ଼ରେ ବହୁ ଆନ୍ଦୋଳନକାରୀ ଗୁରୁତର ଆହତ ହୋଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଗିରଫ କରାଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ ଶାନ୍ତିପୂର୍ଣ୍ଣ ସମାବେଶ ଅଧିକାରର ଉଲ୍ଲଂଘନ ଏବଂ ମାନବାଧିକାର ପ୍ରତି ଗମ୍ଭୀର ଅବମାନନା। ଛାତ୍ରୀଛାତ୍ରଙ୍କ ଅଧିକାରର ସୁରକ୍ଷା ଏବଂ ଆହତମାନଙ୍କୁ କ୍ଷତିପୂରଣ ଦେବାକୁ ଆବେଦନକାରୀ ନିବେଦନ କରିଥିଲେ। ଏଭଳି କାର୍ଯ୍ୟାନୁଷ୍ଠାନ ଗୁରୁତର ସମସ୍ୟା ବୋଲି ସୁପ୍ରିମକୋର୍ଟ କହିବା ସହ ପୋଲିସର ମାତ୍ରାଧିକ ତଥା ବର୍ବର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ। ଏହା ମାନବାଧିକାର ଓ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କମିଶନ ମତ ଦେଇଛନ୍ତି।

## ଆନ୍ଦୋଳନକାରୀଙ୍କୁ ଆକ୍ରମଣ କରିଥିବା ସିଭିକ୍ ଭଲ୍ୟୁଣ୍ଟିୟର ଗିରଫ

କୋଲକାତା,୩୧।୮



କୋଲକାତାର ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ନ୍ୟାୟ ଦାବିରେ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବାବେଳେ ସେଠାରେ ପ୍ରବେଶ କରି ଆକ୍ରମଣ କରିଥିବା ପୋଲିସର ଜଣେ ସିଭିକ୍ ଭଲ୍ୟୁଣ୍ଟିୟରଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରାତି ୨ଟାରେ ମୋଟରସାଇକେଲ ନେଇ ରବୀନ୍ଦ୍ର ଭାରତୀୟ ୟୁନିଭର୍ସିଟି ନିକଟ ବି.ଟି. ରୋଡ୍‌ସ୍ଥିତ ଆନ୍ଦୋଳନ ସ୍ଥଳରେ ପ୍ରବେଶ କରିଥିଲେ। ସେ ନିଶାଗ୍ରସ୍ତ ଅବସ୍ଥାରେ ଜଣେ ଛାତ୍ରଙ୍କୁ ଆହତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ବର୍ତ୍ତମାନର ଆଇନ ଯଥେଷ୍ଟ ସୁଦୃଢ଼

### ମମତାଙ୍କୁ ଜଣାଇଲା କେନ୍ଦ୍ର

ମହିଳା ବିରୋଧୀ ହିଂସା ଓ ଅପରାଧ ରୋକିବା ପାଇଁ ବର୍ତ୍ତମାନର ଆଇନ ସବୁଠୁ ଶକ୍ତିଶାଳୀ ବୋଲି କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ପଶ୍ଚିମବଙ୍ଗ ସରକାରଙ୍କୁ ଜଣାଇବା ସହ ଏହାକୁ ପୂରା ଦମ୍‌ରେ କାର୍ଯ୍ୟକାରୀ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ ଅପରାଧରେ କଠୋର ଆଇନ ଆଣିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ବ୍ୟବସ୍ଥା କରିବା ପାଇଁ ନିବେଦନ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ପାଇଁ ପତ୍ର ଲେଖିଥିଲେ। ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦେଶବ୍ୟାପୀ ଉତ୍ତେଜନା ଦେଖାଦେଇଥିବାବେଳେ ମମତା ୨ ଥର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ମହିଳା ବିରୋଧୀ ଅପରାଧ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ଦାବି କରିଥିଲେ। ପଶ୍ଚିମବଙ୍ଗରେ ୪୮,୬୦୦ ବଳାତ୍କାର ଓ ପୋକ୍‌ସୋ ମାମଲା ବିଚାରାଧୀନ ରହିଥିବାବେଳେ ସେଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାର ଅତିରିକ୍ତ ୧୧ଟି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ସ୍ଥାପନ କରି ନ ଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧/୨୦୨୪ | Bhubaneswar, Sunday, September 1/2024 | ପୃଷ୍ଠା-୧



**ଭାରତୀୟ ଦଳରେ ସମିତ ଦ୍ରାଭିଡ**
୧୯ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାଭିଡଙ୍କ ପୁଅ ସମିତଙ୍କୁ ସ୍ଥାନ ମିଳିଛି।

୧୮

୦୫

**୫୦ କୋଟି କ୍ଷତିପୂରଣ ମାଗିଲେ ରିମି ସେନ୍**
ନିଜର ଲ୍ୟାଣ୍ଡ ରୋଭର କାର୍ ମରାମତି ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିବା ଅଭିଯୋଗ ଆଣି ଅଭିନେତ୍ରୀ ରିମି ସେନ୍ କମ୍ପାନୀଠାରୁ ୫୦ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି।



# ପିଟି ମାରୁଛନ୍ତି ଗୋରକ୍ଷକ

**କେତେକ ରାଜ୍ୟରେ ସଂଖ୍ୟାଲଘୁମାନଙ୍କୁ ଲଗାତର ଟାର୍ଗେଟ କରାଯାଉଛି। ଗୋମାଂସ ରଖିବା, ବିକିବା ଓ ଖାଇବା ସନ୍ଦେହରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ପିଟି ପିଟି ହତ୍ୟା କରାଯାଉଥିବାର ଅନେକ ଦୃଷ୍ଟାନ୍ତ ସାମ୍ନାକୁ ଆସିବାରେ ଲାଗିଛି। ବିଶେଷକରି ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ହରିୟାଣା, ମହାରାଷ୍ଟ୍ର ଭଳି ରାଜ୍ୟରେ ସଂଖ୍ୟାଲଘୁ ମରଣାନ୍ତକ ଆକ୍ରମଣର ଶିକାର ହେଉଛନ୍ତି। ଗୋ ସୁରକ୍ଷା ପାଇଁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଏହାକୁ ନେଇ ଭିଡ଼ହିଂସା ବଢ଼ିବାରେ ଲାଗିଛି। ଏଥିଯୋଗୁ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବନା ବିପଦରେ ପଡ଼ିଥିବା ଦର୍ଶାଇ ବିରୋଧୀ ତୀବ୍ର ସମାଲୋଚନା କରିଛନ୍ତି।**


ହରିୟାଣାର ଚର୍‌ଖି ଦାଦ୍ରିରେ ପଶ୍ଚିମବଙ୍ଗର ଜଣେ ଦାଦନ ଶ୍ରମିକଙ୍କୁ ଗୋରକ୍ଷକମାନେ ପିଟୁଛନ୍ତି।

**ଚଣ୍ଡିଗଡ଼/ ମୁମ୍ବାଇ/ ଗୁଆହାଟୀ, ୩୧।୮**

ଗୋମାଂସ ଖାଉଥିବା ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଦାଦନ ଶ୍ରମିକଙ୍କୁ ହରିୟାଣା ଗୋରକ୍ଷକ ସଙ୍ଗଠନର ସଦସ୍ୟମାନେ ପିଟି ହତ୍ୟା କରିଛନ୍ତି। ଗତ ୨୭ ତାରିଖରେ ହରିୟାଣାର ଚର୍‌ଖି ଦାଦ୍ରି ଜିଲାରେ ଘଟିଥିବା ଏହି ହତ୍ୟା ମାମଲାରେ ୨ ନାବାଳକଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ମୃତକଙ୍କ ନାଁ ସବୀର ମଲିକ। ଖାଲି ପ୍ଲାଷ୍ଟିକ୍ ବୋତଲ ବିକୁଥିବା ସବୀରଙ୍କୁ ଅଭିଯୁକ୍ତମାନେ ଏକ ଦୋକାନକୁ ଡାକି ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ସବୀରଙ୍କୁ ଅନ୍ୟତ୍ର ନେଇଯାଇ ବାଡ଼େଇ ମାରିଦେଇଥିଲେ। ସବୀର ବାନ୍ଧ୍ରା ଗ୍ରାମ ନିକଟ ଏକ ବସ୍ତିରେ ରହୁଥିବାବେଳେ ଖାଲି ବୋତଲ ବିକି ଗୁଜରାଣ ମେଣ୍ଟାଉଥିଲେ। ଏନେଇ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି କହିଛନ୍ତି, ଗାଈକୁ ରାଜ୍ୟରେ ସମ୍ମାନ ଦିଆଯାଉଛି। କିନ୍ତୁ ଗୋମାଂସକୁ ନେଇ ଭିଡ଼ହିଂସା ଦୁର୍ଭାଗ୍ୟଜନକ। ଏଭଳି ଘଟଣା ଘଟିବା ଅନୁଚିତ। ପ୍ରକାଶ ଯେ, ହରିୟାଣାରେ ବିଗତ ୧୦ ବର୍ଷ ମଧ୍ୟରେ ଗୋରକ୍ଷକଙ୍କ ଦୌରାତ୍ମ୍ୟ ବଢ଼ିଛି। ୨୦୨୩ରେ ରାଜସ୍ଥାନ ଭରତପୁର ଜିଲାର ଦୁଇଜଣ ମୁସଲମାନ ବ୍ୟକ୍ତି (ନାସିର ଓ ଜୁନୈଦ)ଙ୍କୁ ଗୋରକ୍ଷକମାନେ ହରିୟାଣାର ଭିଓ୍ୱାନି ଜିଲାରେ ଅପହରଣକରି ଜୀବନ୍ତ ଜାଳିଦେଇଥିଲେ। ଏହି ଘଟଣାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟିହେବା ପରେ ବଜରଙ୍ଗ ଦଳର ମୋନୁ ମାନେସର ଓ ଅନ୍ୟ ୨୦ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

ମହାରାଷ୍ଟ୍ରରେ ମଧ୍ୟ ଏକ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ଜଣେ ବୃଦ୍ଧ ଯାତ୍ରୀଙ୍କୁ ଗୋମାଂସ ନେଉଥିବା ସନ୍ଦେହରେ ବର୍ବର ଆକ୍ରମଣ କରାଯାଇଛି। ନାସିକ୍ ଜିଲା ଅନ୍ତର୍ଗତ ଇଗତପୁରୀ ନିକଟରେ ଏଭଳି ନୃଶଂସ ଘଟଣା ଘଟିଛି। ଭିଡିଓ ସାମ୍ନାକୁ ଆସିବା ପରେ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି) ତଦନ୍ତ ଆରମ୍ଭ କରିଥିବା ଶନିବାର କହିଛି। ଚଳିତ ସପ୍ତାହ ପ୍ରଥମ ଭାଗରେ ଏହି ଆକ୍ରମଣ ଘଟଣା ଘଟିଥିଲା। ଟ୍ରେନ୍ ଭିତରେ ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ବୃଦ୍ଧ ଜଣକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଆକ୍ରମଣର ସମ୍ମୁଖୀନ ହୋଇଥିବା ହାଜି ଅଶ୍ରଫ୍ ମୁନ୍ୟାରଙ୍କ ଘର ଜଲଗାଁଓ ଜିଲାରେ। ସେ କଲ୍ୟାଣସ୍ଥିତ ତାଙ୍କ ଝିଅ ଘରକୁ ଯାଉଥିବାବେଳେ ଇଗତପୁରୀଠାରେ ସହଯାତ୍ରୀମାନେ ତାଙ୍କ ଉପରେ ସନ୍ଦେହ କରି ମାଡ଼ ମାରିଥିଲେ ବୋଲି ଜିଆର୍‌ପି କହିଛି। ଆକ୍ରମଣରେ ସମ୍ପୃକ୍ତ କେତେଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

ସେହିପରି ଆସାମରେ ମଧ୍ୟ ଗୋସୁରକ୍ଷା ଓ ଅନ୍ୟ ଆଳରେ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଡୋଲବାଙ୍ଗ୍‌ରେ ଚାଲିଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ନିୟୋଜିତ କେତେଜଣ ବଙ୍ଗଳା ମୁସଲମାନ ଶ୍ରମିକଙ୍କ ମାଡ଼ ମରାଯାଇଛି। ଏପରି କି ସେମାନଙ୍କ ପାରିଶ୍ରମିକ ବାବଦକୁ ୧୫ ଲକ୍ଷ ଟଙ୍କା ସରକାର ପଇଠ କରି ନ ଥିବା ଅଭିଯୋଗ ହୋଇଛି। ଗତ ୨୪ ତାରିଖରେ ଏହି ଆକ୍ରମଣ ହୋଇଥିବାବେଳେ ଇଣ୍ଡିଆ ମେଣ୍ଟରେ ସାମିଲ ଥିବା ୟୁନାଇଟେଡ୍ ଅପୋଜିଶନ୍ ଫୋରମ୍ (ୟୁଓଏଫ୍) ଗତ ବୁଧବାର ☞ପୃଷ୍ଠା-୨

## ରୁବିନା ଫ୍ରାନ୍ସିସ୍‌ଙ୍କୁ ବ୍ରୋଞ୍ଜ




**ଚାଟେରକ୍ସ,୩୧।୮ (ପି.ଟି.)**

ପ୍ୟାରିସ୍‌ରେ ଅନୁଷ୍ଠିତ ପାରାଲିମ୍ପିକ୍ସ ୨୦୨୪ରେ ଶନିବାର ଭାରତ ପାଇଁ ପଞ୍ଚମ ପଦକ ବିଜୟୀ ହୋଇଛନ୍ତି ପିସ୍ତଲ ଶୁଟର ରୁବିନା ଫ୍ରାନ୍ସିସ୍। ଏସ୍‌ଏଚ୍୧ ବର୍ଗର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ରୁବିନା ୨୧୧.୧ ପଏଣ୍ଟ ସ୍କୋର କରିବା ସହ ବ୍ରୋଞ୍ଜ ପଦକ ହାତେଇଥିଲେ। ଚଳିତ ସଂସ୍କରଣରେ ଶୁଟିଂରେ ଏହା ଭାରତର ଚତୁର୍ଥ ପଦକ। ପୂର୍ବରୁ ଅଭନି ଲେଖରା, ମୋନା ଅଗ୍ରୱାଲ ଓ ସୁମିତ ନରୱାଲ ପଦକ ବିଜୟୀ ହୋଇଥିଲେ।

୮ଜଣ ଶୁଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ରୁବିନା ଚମତ୍କାର ପ୍ରଦର୍ଶନ କରିଥିଲେ। ୧୮ ତମ ରାଉଣ୍ଡ ପର୍ଯ୍ୟନ୍ତ ରୁବିନା ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ୧୯ ଓ ୨୦ ତମ ଶଟ୍‌ରେ ରୁବିନା ତୃତୀୟ ସ୍ଥାନକୁ ଖସି ଆସିଥିଲେ। ଏହି ଦୁଇ ଶଟ୍‌ରେ ସେ ୯.୮ ଓ ୮.୯ ପଏଣ୍ଟ ସ୍କୋର କରିଥିଲେ। ତୁର୍କୀର ଓଜଗାନ ଅୟସେଲ ୨୩୧.୬ ପଏଣ୍ଟ ସହ ରୌପ୍ୟ ଓ ଇରାନର ଜାଭନାମର୍ଦି ସାରେହ ୨୩୬.୮ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏସ୍‌ଏଚ୍୧ ବର୍ଗରେ ଆଥଲେଟ ନିଜର ବନ୍ଧୁକ ଧରି ପାରୁଥିଲେ ମଧ୍ୟ ଭିନ୍ନକ୍ଷମତା କାରଣରୁ ହ୍ୱିଲଚେୟାର କିମ୍ବା ଚେୟାରରେ ବସି ☞ପୃଷ୍ଠା-୨

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ଆବଶ୍ୟକ

**ଧର୍ମେନ୍ଦ୍ରଙ୍କ ପ୍ରସ୍ତାବକୁ ନେଇ ବିତର୍କ**



**କଟକ,୩୧।୮ (କାର୍ତ୍ତିକ ସାହୁ/ ଶିଲ୍ପା ପ୍ରିୟଦର୍ଶିନୀ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ପ୍ରସ୍ତାବ ଦେଇଛନ୍ତି, ଯାହାକୁ ନେଇ ରାଜ୍ୟରେ ବିତର୍କ ଆରମ୍ଭ ହୋଇଛି। ଯେଉଁ ରେଭେନ୍‌ଶା ସାହେବଙ୍କ ନାଁରେ ଏହା ହୋଇଛି, ତାଙ୍କ ଭୂମିକା କ'ଣ ଥିଲା? ନଅଙ୍କ ଦୁର୍ଭିକ୍ଷ ବେଳେ ସେହି ରେଭେନ୍‌ଶା କ'ଣ କରୁଥିଲେ? ଓଡ଼ିଆଙ୍କୁ କଷ୍ଟଦେବା କ'ଣ ଗୌରବର ବିଷୟ ବୋଲି ସେ ପ୍ରଶ୍ନ କରିଛନ୍ତି। ରେଭେନ୍‌ଶା ନାଁ ବଦଳିବା ତାଙ୍କ ବ୍ୟକ୍ତିଗତ ମତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହା ଉପରେ ବିତର୍କ ଆବଶ୍ୟକ ଏବଂ ଓଡ଼ିଶାର ବୁଦ୍ଧିଜୀବୀମାନେ ଏନେଇ ଚିନ୍ତା କରିବା ଉଚିତ ବୋଲି ପୁରୁଣା ଜେଲଠାରେ ସିଡିଏ ଏବଂ ସିଏମସି ପକ୍ଷରୁ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସର ସଭା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ପ୍ରସ୍ତାବ ପରେ ରେଭେନଶା ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ, ପୁରାତନ ଅଧ୍ୟାପକଙ୍କ ସମେତ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଅନେକ ବ୍ୟକ୍ତି ନାନା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଶିକ୍ଷାବିତ୍ ତଥା ପୂର୍ବତନ ଛାତ୍ର ପ୍ରଫେସର ଡ. ସତ୍ୟକାମ ମିଶ୍ରଙ୍କ କହିବାନୁସାରେ, ☞ପୃଷ୍ଠା-୨

## ଛତୁଆ: ମଣିଷ କ'ଣ, ଗୋରୁ ଖାଉନାହାନ୍ତି

**ବିଧାନସଭାରେ ଉଦ୍‌ବେଗ**

- ସାରା ଓଡ଼ିଶାରେ ଛତୁଆର ମାନ ଯାଞ୍ଚ ହେବ: ଉପମୁଖ୍ୟମନ୍ତ୍ରୀ
- ୫ ବର୍ଷର ଛତୁଆ ଯାଞ୍ଚ ରିପୋର୍ଟ ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୮ (ଅନିଲ ଦାସ)**

ଅଙ୍ଗନୱାଡି ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ନାମରେ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର। କେବଳ ଗହମ ଓ ଚିନି ମିଶାଇ ଦିଆଯାଉଛି। ସେ ଛତୁଆକୁ ମଣିଷ କ'ଣ ଗୋରୁ ଖାଉ ନାହାନ୍ତି। ଯେଉଁମାନଙ୍କୁ ଛତୁଆ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି ସେମାନେ କୋଟିପତି ହୋଇଗଲେଣି। କାର ଧରି ବୁଲୁଛନ୍ତି। ଛତୁଆର ମାନ ଯାଞ୍ଚ କରାଯାଉ ନାହିଁ। ୨୪ ବର୍ଷ ହେଲା ଗୋଟିଏ ସଂସ୍ଥା ଛତୁଆ ବଣ୍ଟନରେ ରହିଛି। ଛତୁଆ ଯୋଗାଣରେ ମହାଦୁର୍ନୀତି ହୋଇଛି। ରାଜ୍ୟରେ ଛତୁଆ ଯୋଗାଣକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଛତୁଆର ମାନ ଯାଞ୍ଚ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି ଗତ ୫ ବର୍ଷ ମଧ୍ୟରେ କେଉଁ ସ୍ଥାନରୁ କେତେ ଛତୁଆର ମାନ ଯାଞ୍ଚ କରାଯାଇଛି, କେଉଁମାନଙ୍କୁ ଧରାଯାଇଛି ସେ ନେଇ ଗୃହରେ ଏକ ବିବରଣୀ ଦେବାକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସାରା ଓଡ଼ିଶାରେ ଛତୁଆ ଯୋଗାଣ କରୁଥିବା ଏଜେନ୍ସିଗୁଡ଼ିକୁ ଯାଞ୍ଚ କରାଯିବ। ଛତୁଆର ମାନ ପରୀକ୍ଷା କରାଯାଇ ଗୃହକୁ ଅବଗତ କରାଯିବ।

୪୫୧ ନମ୍ବର ପ୍ରଶ୍ନର ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ସଞ୍ଜଲି ମୁର୍ମୁ ପଚାରିଥିଲେ, ମୟୂରଭଞ୍ଜ ଜିଲାର କେଉଁ କେଉଁ ଏସ୍‌ଏଚ୍‌ଜି ଓ ଏଜେନ୍ସିକୁ ଛତୁଆ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ କେତେ ଏସ୍‌ଏଚ୍‌ଜି ଛତୁଆ ବଣ୍ଟନ କରୁଛନ୍ତି। ମନ୍ତ୍ରୀ ଉତ୍ତରରେ କହିଲେ, ଏସ୍‌ଏନ୍‌ପି ମାର୍ଗଦର୍ଶିକା ଅନୁଯାୟୀ ଛତୁଆର ମାନ ଓ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ପ୍ରତି ବ୍ଲକରେ ଗୋଟିଏ ସ୍ୱୟଂ ସହାୟକ ସଂସ୍ଥା ନିୟୋଜିତ କରିବା ବ୍ୟବସ୍ଥା ରହିଛି। ଯଦି ଗୋଟିଏ ଏସ୍‌ଏଚ୍‌ଜି ଦ୍ୱାରା ବ୍ଲକ୍‌ର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଣ ସମ୍ଭବ ନ ହୁଏ ତେବେ ଜିଲାପାଳ ୨ଟି ଏସ୍‌ଏଚ୍‌ଜିକୁ ନିଯୁକ୍ତି ଦେଇପାରିବେ। ଏତଦ୍‌ବ୍ୟତୀତ ପରିପୂରକ ପୁଷ୍ଟି ଯୋଜନାରେ ଦିଆଯାଇଥିବା ଶୁଖିଲା ରାଶନ ଯଥା ହାଲୁଆ, ବାଦାମ, ରାଶି ଏବଂ ବେସନ ଲଡୁ ଇତ୍ୟାଦିର ପ୍ରସ୍ତୁତି ଏବଂ ଯୋଗାଣ ପାଇଁ ପଞ୍ଚାୟତ ସ୍ତରରେ ଏକ ପୃଥକ୍ ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ କରାଯାଇପାରିବ।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଅତିରିକ୍ତ ପ୍ରଶ୍ନରେ ପଚାରିଲେ ଛତୁଆରେ କେବଳ ଗହମ ଓ ଚିନି ଦିଆଯାଉଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନୂଆ ପଥରେ ସମସ୍ୟା

**ଆଜିର ମନ୍ତବ୍ୟ**

"ବିବିଧତା ମଧ୍ୟରେ ଏକତା ପାଇଁ ଭାରତ ଜଣାଶୁଣା। ତେଣୁ ସରକାର ସବୁ ଧର୍ମକୁ ସୁରକ୍ଷା ଦେବା ଜରୁରୀ।
-ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ




# କୃଷକ ଆନ୍ଦୋଳନରେ ଭିନେଶ ଫୋଗଟ


ଶମ୍ଭୁ ସୀମାରେ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍‌ଙ୍କୁ ଚାଷୀ ନେତାମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ନୂଆଦିଲ୍ଲୀ,୩୧।୮**

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କୃଷକମାନେ ଗତ ଫେବୃଆରୀ ୧୩ରୁ ଶମ୍ଭୁ ସୀମାରେ ଆନ୍ଦୋଳନ ଜାରି ରଖିଥିବାବେଳେ ଶନିବାର ତାହା ୨୦୦ ଦିନରେ ପହଞ୍ଚିଛି। ଏହି ଅବସରରେ ଅଲିମ୍ପିଆନ୍ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ସେମାନଙ୍କ ସହ ସାମିଲ ହୋଇଛନ୍ତି। ସେ କୃଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଚାଷୀଙ୍କୁ ସେମାନଙ୍କ ଅଧିକାର ଏବଂ ନ୍ୟାୟ ପ୍ରଦାନ ପାଇଁ ସେ ସେମାନଙ୍କ ସହ ଝିଅ ଭଳି ଛିଡ଼ା ହେବେ ବୋଲି ଭିନେଶ କହିଛନ୍ତି।

ଅନ୍ୟପକ୍ଷରେ ଭିନେଶ ରାଜନୀତିରେ ପ୍ରବେଶ କରିବା ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଛି, ତାହାକୁ ସେ ଖଣ୍ଡନ କରିଛନ୍ତି। ସେ ଜଣେ କ୍ରୀଡ଼ାବିତ୍ ଏବଂ ସାରା ଦେଶର। ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କର କିଛି କରିବାର ନାହିଁ ବୋଲି ରେସ୍‌ଲର କହିଛନ୍ତି। ତେବେ ଦେଶ ବିଭିନ୍ନ ସମସ୍ୟାରେ ଜର୍ଜରିତ। କୃଷକମାନେ ସମସ୍ୟା ମଧ୍ୟରେ ଦିନ କାଟୁଛନ୍ତି। ସେମାନଙ୍କ ପ୍ରସଙ୍ଗଗୁଡ଼ିକର ସମାଧାନ ହେବା ଆବଶ୍ୟକ ଏବଂ ଏ ଦିଗରେ ସରକାର ପ୍ରାଥମିକତା ଦେବା ଉଚିତ ବୋଲି ଭିନେଶ କହିଛନ୍ତି। ୨୦୦ ଦିନ ହେଲା ଚାଷୀମାନେ ଖରା ବର୍ଷା ଓ ଶୀତରେ ଶମ୍ଭୁ ସୀମାରେ ପଡ଼ିରହିଛନ୍ତି। ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ଭିନେଶ କହିଛନ୍ତି, ଆପଣମାନେ ଯେଉଁଥିପାଇଁ ଏଠାରେ ପଡ଼ିରହିଛନ୍ତି, ତାହା ପାଇବା ପାଇଁ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ଆମେ ନାଗରିକ ହିସାବରେ ସ୍ୱର ଉତ୍ତୋଳନ କରିବା ସବୁବେଳେ ରାଜନୀତି ନୁହେଁ। ସରକାର ସେମାନଙ୍କ ଦାବି ଶୁଣିବା ସହ ପୂରଣ କରିବା ପାଇଁ ଭିନେଶ ଆହ୍ୱାନ ଦେଇଛନ୍ତି। ଶମ୍ଭୁ ସୀମାରେ ପହଞ୍ଚିବା ପରେ ଭିନେଶଙ୍କୁ କୃଷକ ନେତାମାନେ ସମ୍ବର୍ଦ୍ଧିତ ☞ପୃଷ୍ଠା-୨



**ବଜ୍ରପାତରେ ମହିଳାଙ୍କ ମୃତ୍ୟୁ**

ରାଇରଙ୍ଗପୁର, ୩୧।୮ ( ମାନସ ମହାନ୍ତି ): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଦେଉଡାଙ୍ଗ ଗ୍ରାମରେ ଶନିବାର ଅପରାହ୍ଣରେ ବଜ୍ରପାତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଉକ୍ତ ଗ୍ରାମର କାର୍ତ୍ତିକ ବେଠାଙ୍କ ସ୍ତ୍ରୀ ସୈଉଦାମଣି( ୫୫ )। ଅପରାହ୍ଣରେ ସୈଉଦାମଣି ନିଜ ଘର ସାମ୍ନାରେ ଲୁଗା ଶୁଖାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ସମ୍ପୃକ୍ତ ମହିଳାଙ୍କ ମୃତଦେହକୁ ଜବତ କରି ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ( ନଂ. ୧୭/ ୨୦୨୪ ) ରୁଜୁ ହୋଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜବାହରଲାଲ ନେହରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ବାଲିଅନ୍ତା, ସମୟ: ସକାଳ ୯ଟା।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ଓରିଏଣ୍ଟେଶନ ପ୍ରୋଗ୍ରାମ, ସ୍ଥାନ: ଅନୁଷ୍ଠାନ ପରିସର, ରସୁଲଗଡ଼, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ୪୨ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ଣ ୧୧ଟା।
- ପଥପ୍ରାନ୍ତ କାର୍ଯ୍ୟକ୍ରମ 'ଫାଶୀ ହିଁ ଔଷଧ', ସ୍ଥାନ: ମାଷ୍ଟର କ୍ୟାଣ୍ଟିନ, ସମୟ: ପୂର୍ବାହ୍ଣ ୧୧ଟା।
- ୱିନର ଆସୋସିଏଶନର ଖବରଦାତା ସମ୍ମିଳନୀ, ସ୍ଥାନ: ଆସୋସିଏଶନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆସ୍ଥା ଅଭିଷେକ', ସ୍ଥାନ: ଆସ୍ଥା ସ୍କୁଲ ପରିସର, ବାଲିଅନ୍ତା, ସମୟ: ପୂର୍ବାହ୍ଣ ୧୧ଟା।
- ନନ୍ଦୋତ୍ସବ, ସ୍ଥାନ: ଲା ଫେଏସ୍ତା, ସମୟ: ଅପରାହ୍ଣ ୪ଟା।
- ଶହୀଦ କ୍ଲବ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ କ୍ଲବ, ସମୟ: ଅପରାହ୍ଣ ୪ଟା।
- କଳିଙ୍ଗ ଭାଷା ମୁକ୍ତ ମଞ୍ଚ ପକ୍ଷରୁ ସପ୍ତମ ସଂସ୍କରଣ 'କଫି, କଥା ଓ କବିତା ୭.୦', ସ୍ଥାନ: ରୋଟାରୀ ଭବନ, ସମୟ: ଅପରାହ୍ଣ ୪ଟା ୩୦।
- ଝରଣା ସାହିତ୍ୟ ସଂସଦର ଆଲୋଚନା ଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ଣ ୫ଟା।
- ଶ୍ରୀ ଅଚ୍ୟୁତାନନ୍ଦ ପତି ସମ୍ମାନ ପ୍ରଦାନ ସମାରୋହ ଏବଂ ସ୍ନାୟୁ ଓ ସନ୍ୟାସୀ ପୁସ୍ତକର ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ଣ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ 'ଡ଼ାହି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ସଭା, ସ୍ଥାନ:କଟକସ୍ଥିତ ଯଶୋଦା ଗାର୍ଡେନ, ସମୟ: ପୂର୍ବାହ୍ଣ ୧୧ଟା।

## ପୁରୀ

- ହର୍ବାଲ ଲାଇଫ ନ୍ୟୁଟ୍ରିଶନ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜାଞ୍ଜୁଆଣି ଲାଇବ୍ରେରୀ, ପୁରୀ, ସମୟ: ସକାଳ ୯ଟା।
- ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦାସ ଭବନ ମାର୍କେଟ ଛକ, ସମୟ: ପୂର୍ବାହ୍ଣ ୧୧ଟା।
- ନୀଳାଚଳ ତତ୍ତ୍ୱସନ୍ଧାନ ପକ୍ଷରୁ ମାସିକ ଆଲୋଚନା ଚକ୍ର, ସ୍ଥାନ: ଜଗନ୍ନାଥ ବଲ୍ଲଭ ମଠ, ସମୟ: ପୂର୍ବାହ୍ଣ ୧୧ଟା।
- ଜାତୀୟ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ, ସଂସ୍କୃତି ଭବନ, ପୁରୀ, ସମୟ: ଅପରାହ୍ଣ ୪ଟା ୩୦।

## ଖୋର୍ଦ୍ଧା

- ଜଟଣୀ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ, ସ୍ଥାନ: ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିକଟ ସଂଘ କାର୍ଯ୍ୟାଳୟ, ଜଟଣୀ ସମୟ: ପୂର୍ବାହ୍ଣ ୧୦ଟା।

## ବାଲେଶ୍ୱର

- ସରସ୍ୱତୀ ଶିଶୁ ମନ୍ଦିର ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖୁସି ପ୍ଲାଜା, ଜଳେଶ୍ୱର, ସମୟ: ସକାଳ ୯ଟା।
- ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୧ଟା।
- 'ଓଡ଼ିଆ ଅସ୍ମିତା ଓ ମଧୁସୂଦନ ଦାସ' ଶୀର୍ଷକ ବୌଦ୍ଧିକ ଆଲୋଚନାଚକ୍ର, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୧ଟା।
- ବାଲେଶ୍ୱର ପୌରପାଳିକା ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ଣ ୧୦ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସାଧାରଣ ସଭା, ସ୍ଥାନ: କାଳୀମନ୍ଦିର ପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ଣ ୧୦ଟା।
- ସାହିତ୍ୟ ପରିଷଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ସ୍ଥାନ: ମହେନ୍ଦ୍ର ଭବନ, ଭଦ୍ରକ, ସମୟ: ଅପରାହ୍ଣ ୩ଟା ୩୦।

## କେନ୍ଦୁଝର

- ଚତୁର୍ଦ୍ଦଶୀ ଉପଲକ୍ଷେ ଶିବ ମନ୍ଦିରରେ ମାନସିକ ପୂଜା ଏବଂ ଭଜନ ସମାରୋହ, ସ୍ଥାନ: ହାବଳେଶ୍ୱର, ପଞ୍ଚୁଗୋଛିଆ, ଶଡ଼ା, ହାଟଡ଼ିହୀ, ସମୟ: ସକାଳ ୬, ସନ୍ଧ୍ୟା ୭ ଟା।
- ମା' ଗଡ଼ଚଣ୍ଡୀଙ୍କ ଚତୁର୍ଦ୍ଦଶୀ ମେଳା, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୭ ଟା।
- ଜଳସୁଆଁ ପଞ୍ଚାୟତ ଅଫିସ ସଭାଗୃହରେ ଗ୍ରାମସଭା, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୦ଟା।
- ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଫୋରମ କାର୍ଯ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୧ଟା।
- ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସାଇଁକୁଳ, ଘସିପୁରା, ସମୟ: ଅପରାହ୍ଣ ୫ ଟା।
- ସତ୍ୟସାଇ ସମିତି ତରଫରୁ ଆଧାତ୍ମିକ ସତ୍‌ସଙ୍ଗ, ଭଜନ ସଭା, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।
- ଦ୍ୱିତୀୟ ପାଳି ମା' ଖୁଦୁରୁକୁଣୀ ଓଷା, ସ୍ଥାନ: ଜଳସୁଆଁ ଖଣ୍ଡାୟତ ସାହି ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ରୁଦ୍ରନାରାୟଣପୁର ୟୁଥ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଇଁ ପ୍ରସ୍ତୁତି, ସ୍ଥାନ: ରୁଦ୍ରନାରାୟଣପୁର, ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ, ସ୍ଥାନ: ଶୀର୍ଷାପାଳ ଛକ, ଚିତ୍ରଡ଼ା, ମୋରଡ଼ା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ଣ ୧୦ଟା।
- ଚିକିତ୍ସା, ପରାମର୍ଶ ଓ ସଚେତନତା ଶିବିର, ସ୍ଥାନ: ବିଜିପୁର ଶ୍ରୀମା ଅରବିନ୍ଦ ଯୋଗ ସାଧନା କେନ୍ଦ୍ର, ମାନଗୋବିନ୍ଦପୁର, ବଡ଼ସାହି, ସମୟ:ପୂର୍ବାହ୍ଣ ୧୦ଟା।
- ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠା ଦିବସ, ସ୍ଥାନ: ଦେବେନ୍ଦ୍ରପୁର, ବାରିପଦା, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଚିତ୍ରଡ଼ା ମହାବିଦ୍ୟାଳୟ, ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଜିଲା ସାଧାରଣ ପରିଷଦ ବୈଠକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ପରିସର, ସମୟ: ସନ୍ଧ୍ୟା ୭ଟା।
- ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଚିତ୍ରଡ଼ା, ମୋରଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଭଞ୍ଜନଗର ବନ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ଣ ୧୧ ଟା।

## କନ୍ଧମାଳ

- କନ୍ଧମାଳ ଡ୍ରାଇଭର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଭାଗୃହ ପରିସର, ବାଲିଗୁଡ଼ା, ସମୟ: ପୂର୍ବାହ୍ଣ ୧୧ ଟା।

## ବ୍ରହ୍ମପୁର

- ଆଉଟସୋର୍ସିଂ କର୍ମଚାରୀ ଛଟେଇକୁ ନେଇ ଖବରଦାତା ସମ୍ମିଳନୀ,ସ୍ଥାନ: ଅଭିରାମ ମଠ, ବ୍ରହ୍ମପୁର, ବସଷ୍ଟାଣ୍ଡ ନିକଟ,ସମୟ: ପୂର୍ବାହ୍ଣ ସାଢ଼େ ୧୧ଟା।
- ଏଆଇଡିଏସଓର ଶୋଭାଯାତ୍ରା, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡିଆ, ବ୍ରହ୍ମପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଗଞ୍ଜାମ ଜିଲା ରେଳବାଇ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ ରାଜସ୍ୱ ବଙ୍ଗଳା, ବ୍ରହ୍ମପୁର,ସମୟ: ପୂର୍ବାହ୍ଣ ୧୧ଟା ୩୦ମି।

## ଜଗତ୍‌ସିଂହପୁର

- ଭାରତୀୟ ତୈଳ ନିଗମ (ଇଣ୍ଡିଆନ ଅଏଲ)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ତୈଳ ବିଶୋଧନାଗାର ପକ୍ଷରୁ ଜନକଲ୍ୟାଣ କାର୍ଯ୍ୟକ୍ରମ, ସ୍ଥାନ: ତୈଳ ବିଶୋଧନାଗାର ଟାଉନଶିପ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଶ୍ରୀସାଇ କେୟାର ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ଶାମଗୁଡ଼ିଆ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା।
- ରାକେଶ ବଳଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ, ଶାମଗୁଡିଆ, କେନ୍ଦ୍ରପଡ଼ା, ସମୟ:ସକାଳ ୯ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।

## ଯାଜପୁର

- ଲାୟନ୍ସ କ୍ଲବ ଯାଜପୁର ଷ୍ଟିଲ ସିଟି ଓ ଭିକେୟାର ଚାରିଟେବଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ୱାଚ ବଣ୍ଟନ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ଣ ୧୧ଟା।

## ନୟାଗଡ଼

- ନୟାଗଡ଼ରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ , ସ୍ଥାନ:ନୟାଗଡ଼ ବ୍ଲକ୍ ସଭାଗୃହ, ସମୟ:ଅପରାହ୍ଣ ୪ ।

## ରାୟଗଡ଼ା

- ଜିଲାସ୍ତରୀୟ ରାୟଗଡ଼ା ସୁନ୍ଦରୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ ଟା।
- ବିଶ୍ୱ ହିନ୍ଦୁ ପରିଷଦର ୬୦ ତମ ସ୍ଥାପନ ଦିବସ, ସ୍ଥାନ: ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ଣ ୧୦ ଟା।
- ମରାଠୀଗୁଡ଼ା ଜାଗୃତି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର କାଶୀ ବିଶ୍ୱନାଥ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।

## କୋରାପୁଟ

- ତୃତୀୟ ଜିଲା ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପ୍ ଉଦ୍‌ଯାପନୀ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ, କୋରାପୁଟ, ସମୟ: ଅପରାହ୍ଣ ୫ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ ପରିସର, ସମୟ : ସକାଳ ୭ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଭାରତ ସ୍କାଉଟ ଏବଂ ଗାଇଡ୍ସର ପାଞ୍ଚ ଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ, ସ୍ଥାନ : ସମ୍ବଲପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ସମୟ : ସକାଳ ୯ଟା ୩୦।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ୩୦।
- ଦ୍ୱିତୀୟ ବିଶ୍ୱମ୍ଭର ବହିଦାର ସ୍ମାରକୀ ପାୱାର ଲଫ୍ଟିଂ ଚାମ୍ପିୟନ୍‌ଶିପ, ସ୍ଥାନ : କମଳିବଜାର ସ୍ଥିତ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ଣ ୧୦ଟା।
- ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ପ୍ରମୋଦନାମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର କଳାକେନ୍ଦ୍ର ସଭାକକ୍ଷ, ସମୟ : ପୂର୍ବାହ୍ଣ ୧୦ଟା।
- ସେବା ଚାରିଟେବଲ ଟ୍ରଷ୍ଟର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ : ନାରୀ ସେବା ସଦନ ସଭାକକ୍ଷ, ସମୟ : ପୂର୍ବାହ୍ଣ ୧୧ଟା।
- ହିନ୍ଦୁ ଏକତା ରାଷ୍ଟ୍ରୀୟ ସମିତିର ବୈଠକ, ସ୍ଥାନ : ସଞ୍ଜିବନୀ ସଭାକକ୍ଷ, ସମୟ : ସନ୍ଧ୍ୟା ୫ଟା।
- ଭାଷା ସଙ୍ଗମ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।
- ଜ୍ୟୋତି ଆୟୋଜନରେ ରାଷ୍ଟ୍ରୀୟ ଚକ୍ଷୁଦାନ ପକ୍ଷ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁର ଲିଟିଲ ମିସ୍ ଓ ମାଷ୍ଟର କାର୍ଯ୍ୟକ୍ରମ ନେଇ ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇଶିକ୍ଷା ପରିଷଦ ସଭାକକ୍ଷ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବିଶ୍ୱ ହିନ୍ଦୁ ପରିଷଦର ଷଷ୍ଠ ପୂର୍ତ୍ତି ଅବସରରେ ଦେଶାତ୍ମବୋଧକ କବିତା ଆସର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୯ଟା।
- ବଲାଙ୍ଗୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ନୂଆ ଏକାଡେମିକ୍ କୋଠା ସମ୍ମିଳନୀ କକ୍ଷ, ବିଶ୍ୱବିଦ୍ୟାଳୟ, ପରିସର, ସମୟ:୧୦ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଲଙ୍କାପୋଡି ଉପଲକ୍ଷେ କାନଭାସରେ ଲଙ୍କାପୋଡି ପ୍ରତିଯୋଗିତା, ସ୍ଥାନ: ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ଣ ୧୦ଟା।
- ତ୍ରିନାଥଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ବ୍ଲକ ଅନ୍ତର୍ଡାର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେଉଁଟପାଲି ଆର୍‌ଏମ୍‌ସି ପଡ଼ିଆ, ବିଜେପୁର, ସମୟ: ସକାଳ ୯ଟା।
- ଏବିସିଡି ଅନୁଷ୍ଠାନର ନୂଆଁଖାଇ ଭେଟଘାଟ ପାଇଁ ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ମାରୱାଡି ଧର୍ମଶାଳା, ପଦ୍ମପୁର,ସମୟ: ସକାଳ ୯ଟା।
- ଆନ୍ତଃଜିଲା ସିନିୟର ପି.ସି ବେହେରା ମହିଳା ଫୁଟ୍‌ବଲ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ସମୟ: ଅପରାହ୍ଣ ୨ଟା।

## ସୁନ୍ଦରଗଡ଼

- ନିଖିଳ ଓଡିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ:ବିକାଶ ଭବନ: ସମୟ:ପୂର୍ବାହ୍ଣ ୧୨ଟା।

## ରାଉରକେଲା

- ବିଶାଳ ହିନ୍ଦୁ ରାଲି, ସ୍ଥାନ: ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଆମ୍ ଆଦ୍‌ମୀ ପାର୍ଟିର ବୈଠକ, ସ୍ଥାନ: ବାସନ୍ତୀ କଲୋନୀ, ଏମ-୨୭, ସମୟ: ପୂର୍ବାହ୍ଣ ୧୦ଟା।
- ଗାୟତ୍ରୀ ପରିବାର ପକ୍ଷରୁ ବୈଦିକ ମନ୍ତ୍ରପାଠ, ସ୍ଥାନ: ସେକ୍ଟର-୩ ଗାୟତ୍ରୀ ପୀଠ, ସମୟ: ପୂର୍ବାହ୍ଣ ୧୦ଟା।
- ସେୟାର ପକ୍ଷରୁ ଜାତୀୟ କ୍ରୀଡା ଦିବସ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ଣ ୧୦ଟା।
- ଆର୍‌ଏସ୍‌ପିରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଏସ୍‌ପି ପରିସର, ସମୟ: ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଶ୍ରଦ୍ଧା ଅନୁଷ୍ଠାନ, ସମୟ: ପୂର୍ବାହ୍ଣ ୧୦ଟା।
- ଦୁର୍ଗାପୂଜା କମିଟିର ପ୍ରେସମିଟ୍, ସ୍ଥାନ: ସେକ୍ଟର-୨୦, ସମୟ: ଅପରାହ୍ଣ ୫ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ବାରକୋଟ ବ୍ଲକ, ସମୟ:ପୂର୍ବାହ୍ଣ ୧୦।
- ଡ୍ରାଇଭର ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୂଆ ବସଷ୍ଟାଣ୍ଡ, ଦେବଗଡ,ସମୟ: ପୂର୍ବାହ୍ଣ ୧୦ଟା।
- ଡ୍ରାଇଭର ଦିବସ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ଖାଡେଶ୍ୱର ମନ୍ଦିରରୁ ନୂତନ ବସଷ୍ଟାଣ୍ଡ , ସ୍ଥାନ : ନଗର ପରିକ୍ରମା, ଦେବଗଡ , ସମୟ : ପୂର୍ବାହ୍ଣ ୧୦ଟା।
- ଡ୍ରାଇଭର ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ନୂଆ ବସଷ୍ଟାଣ୍ଡ, ଦେବଗଡ,ସମୟ :ମଧ୍ୟାହ୍ନ ୧୨ଟା।
- ତ୍ରିନାଥ ମନ୍ଦିରରେ ମେଳା, ସ୍ଥାନ:ବାବୁ ସାହି, ଦେବଗଡ ସହର,ସମୟ: ସନ୍ଧ୍ୟା ୬ଟା।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ:ମଠ ସାହି, ମା କନକ ଦୁର୍ଗା ମନ୍ଦିର, ପସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଡ୍ରାଇଭର ଦିବସ ସମାରୋହ ଓ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ ଲଙ୍କେଶ୍ୱରୀ ମନ୍ଦିର, ସମୟ: ସକାଳ ୯ଟା।
- ଅଲ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେଶନର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ଣ ୧୦ଟା।
- ଡ୍ରାଇଭର ଦିବସ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କୋଷାବରାସ୍ଥିତ ହେଲୋପଏଣ୍ଟ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ୧୬ତମ ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ଣ ୩ଟା।
- କୁଳତା ସମାଜର ଜିଲାସ୍ତରୀୟ ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଥାନାପଡ଼ା ଯଜ୍ଞବେଦୀ, ସମୟ: ପୂର୍ବାହ୍ଣ ୧୧ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକରେ ଡ୍ରାଇଭର ଦିବସ ପାଳନ, ସ୍ଥାନ:ଚାରିଛକ, ହରଭଙ୍ଗା, ସମୟ: ପୂର୍ବାହ୍ଣ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବା ଯୋଗୁ କର୍ମାରମ୍ଭ ପ୍ରସ୍ତୁତି କରିପାରନ୍ତି। ପାପଗ୍ରହ ମଧ୍ୟସ୍ଥ ହେତୁ ଅଧିକାଂଶ ସମୟ ନିଜ ଲୋକଙ୍କ ବିରୁଦ୍ଧାଚରଣ ଯୋଗୁ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ସହକର୍ମୀ କେହି ବେଖାତିର ପ୍ରଦର୍ଶନ କରିପାରନ୍ତି। ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ମୁଖଭାବରେ ମଙ୍ଗଳ ଥିବାରୁ ଏମିତି କିଛି କାମ କରନ୍ତୁ ନାହିଁ, ଯଦ୍ୱାରା ପରେ ଅନୁତପ୍ତ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି କିମ୍ବା ପରୋକ୍ଷରେ କହିଥିବା କୌଣସି କଥାକୁ ନେଇ ବନ୍ଧୁ କଳହ କରିପାରନ୍ତି। ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ବିଶେଷ ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ** ବୁଧ ଧନ ସ୍ଥାନରେ ଥିବାରୁ ଆଜି ବନ୍ଧୁ ଦେଇଥିବା ପ୍ରତିଶ୍ରୁତି, ପାଇବାକୁଥିବା ଅର୍ଥ, ଆରମ୍ଭ କରିବାକୁଥିବା କାମ ସବୁ ଠିକ୍‌ଠିକ୍ ହୋଇଯିବ। ଘରୋଇ ସମସ୍ୟା ସମାଧାନ ପାଇଁ ପଡ଼ୋଶୀଙ୍କ ସାହାଯ୍ୟ ନେଇପାରନ୍ତି। କର୍ମକ୍ଷେତ୍ରରେ ଅସ୍ଥିରତା ଦୂର ହେବ ଏବଂ ବ୍ୟବସାୟିକ ଦିଗ ଭଲ ରହିବ। ସାମାଜିକ ସ୍ତରରେ ସମ୍ମାନିତ ହେବେ।

**କର୍କଟ** ସ୍ୱଗୃହୀ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟେକ ଦିଗରୁ ଅନୁକୂଳତା ପ୍ରାପ୍ତହୋଇ ଲକ୍ଷ୍ୟପୂରଣ କରିବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବା ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇବ। ଅତୀତରେ ଘଟିଯାଇଥିବା ଘଟଣା ଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କୌଣସି ଭୁଲ୍ ନିଷ୍ପତ୍ତି ପରିସ୍ଥିତି ଓ ପରିବେଶକୁ ବିଗାଡ଼ିଦେବାର ଆଶଙ୍କା ରହିଛି।

**ସିଂହ** ରବିଙ୍କ ଶୁଭତ୍ୱରୁ ଯେକୌଣସି ପରିସ୍ଥିତି ଆସୁନା କାହିଁକି ପଛକୁ ହଟିବାର ପ୍ରଶ୍ନ ଉଠିବ ନାହିଁ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା, କ୍ରୀଡ଼ା ଓ ମନୋରଞ୍ଜନରୁ ସମ୍ମାନିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବା ସାଙ୍ଗକୁ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଆନୁଷ୍ଠାନିକ କାମରେ ପ୍ରିୟଜନମାନଙ୍କ ନିକଟରୁ ସାହାଯ୍ୟ ସହଯୋଗ ମିଳିବ।

**କନ୍ୟା** ଭାଗ୍ୟସ୍ଥ ବୃହସ୍ପତିଙ୍କ ହେତୁ ପାରିବାରିକ ଜୀବନ, ଲୋକ ସମ୍ପର୍କ, ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଅନୁକୂଳ ରହିବ। ଆଜି ଗୃହୋପକରଣ ସାମଗ୍ରୀ କିମ୍ବା ନୂତନ ଯାନବାହନ କ୍ରୟ କରିପାରନ୍ତି। ଜଣେ ବନ୍ଧୁଙ୍କ ସହଯୋଗରୁ ସ୍ଥଗିତ କାମକୁ ସମ୍ପନ୍ନ କରିବେ।

**ତୁଳା** କର୍ମାଧିପତି ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ଅଭିଳଷିତ କାମଟି ହାସଲ ନକରି ଫେରିବେ ନାହିଁ। ପାରିବାରିକ କ୍ଷେତ୍ର, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ଯାନ୍ତ୍ରିକ ତ୍ରୁଟି ଆଜିର ଯାତ୍ରାକୁ ବିଳମ୍ବିତ କରିପାରେ। ସଭାସମିତି କିମ୍ବା ଅଟକି ରହିଥିବା ଆଲୋଚନାଟି ଆଜି ପୂର୍ଣ୍ଣାଙ୍ଗ ହୋଇଯିବ।

**ବିଛା** ଶନିଙ୍କ ଦୃଷ୍ଟିଜନିତ ପରିସ୍ଥିତିର ବିଷମତା ସତ୍ତ୍ୱେ ଉଦ୍ୟମ ନିଷ୍ଫଳ ହେବନାହିଁ। ଯାହା ପାଖରୁ ଅର୍ଥ ପାଇବା କଥା, ତାହା ଅବଶ୍ୟ ପାଇପାରିବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ ଏବଂ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଅଷ୍ଟମ ଚନ୍ଦ୍ରଙ୍କ ଯୋଗୁ ଅସଫଳତାକୁ କେନ୍ଦ୍ରକରି ଅଧିକାଂଶ ସମୟ ଟେନ୍‌ସନ ଲାଗିରହିବ। ମାନସିକ ସ୍ଥିରତା ଅଭାବଜନିତ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବ୍ୟବସାୟିକ ସଫଳତା ମିଳିବା ସହ କେତେକ ନୂତନ କାମର ପରିକଳ୍ପନା କରିବେ।

**ମକର** ଶନିଙ୍କ ସୁପ୍ରଭାବରୁ ଶାରୀରିକ ସୁସ୍ଥତା ସହ ଟେକ୍‌ନିକାଲ୍ କାର୍ଯ୍ୟ, ଅଦାଲତ ପ୍ରଭୃତିରୁ ସଫଳତା ମିଳିବ। ପଡ଼ୋଶୀ ପ୍ରତିବାଦ କରି କାମରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ହଠାତ୍ କୌଣସି ଖବର ପାଇ ଖୁସି ହେବେ ଏବଂ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ।

**କୁମ୍ଭ** କର୍ମାଧିପ କୋଣସ୍ଥ ଯୋଗୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ନିଜର ମନେହେଉଥିବା ଏବଂ ସମ୍ମୁଖରେ ତୋଷାମଦିଆ କଥା କହୁଥିବା ବନ୍ଧୁଟି ଅସୁବିଧାରେ ପକାଇପାରନ୍ତି। ଗୃହ, ଭୂମି, ଗାଡିମୋଟର, ପ୍ରେସ୍ ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ନୂତନ ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ହେବ।

**ମୀନ** ଅନୁକୂଳ ଗ୍ରହସ୍ଥିତିରୁ ଅଟକି ରହିଥିବା କାମଟିକୁ ପୂରା କରିବେ ଏବଂ ଆଶା କରୁଥିବା ଜିନିଷ ମଧ୍ୟ ପାଇବେ। ବିବାଦର ସମାଧାନ ହୋଇପାରିବ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ତଥାପି ପୂର୍ବଋଣ, ପରୋକ୍ଷ ଶତ୍ରୁତା, କଚେରି ମାମଲା ଓ ସାମୟିକ ପରିସ୍ଥିତି ଟେନ୍‌ସନ ସୃଷ୍ଟି କରିପାରେ।

ଆଜି ସେପ୍ଟେମ୍ବର ୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ଭାଦ୍ରବ କୃଷ୍ଣପକ୍ଷର ଅଘୋର ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀମନ୍ଦିରରେ ସାତପୁରୀ ତାଡ଼ବିଜେ, ଖୁଦୁରୁକୁଣୀ ଓଷା ଦ୍ୱିତୀୟ ପାଳି, ରାଶିନକ୍ଷତ୍ର- ଅଶ୍ଲେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୯।୪୨ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୨୫ ଗତେ ୦୫।୫୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଛତୁଆ: ମଣିଷ କ'ଣ, ...

ଆଉ ସେଥିରେ କିଛି ନାହିଁ। ଯେଉଁମାନେ ଘୁଷୁରି ପାଳୁଛନ୍ତି, ସେହି ଛତୁଆକୁ ସେମାନେ କିଲୋ ଦରରେ ନେଉଛନ୍ତି। ସେ ଛତୁଆକୁ ଲୋକ କ'ଣ ଗୋରୁ, ଘୁଷୁରି, କୁକୁଡ଼ା ମଧ ଖାଉ ନାହାନ୍ତି। ସେହିପରି ଭାଜପା ସଭ୍ୟ ଫକୀର ମୋହନ ନାୟକ, ନୀହାର ରଞ୍ଜନ ମହାନନ୍ଦ, ସନାତନ ବିଜୁଳି, ଆକାଶ ଦାସ ନାୟକ, ପଦ୍ମଲୋଚନ ପଣ୍ଡା, ସିଦ୍ଧାନ୍ତ ମହାପାତ୍ର, ବିଜେଡି ସଭ୍ୟ ଧ୍ରୁବ ସାହୁ, କଂଗ୍ରେସ ସଭ୍ୟ ଅଶୋକ ଦାସ ପ୍ରମୁଖ ଛତୁଆର ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘବର୍ଷ ଧରି ଗୋଟିଏ ସଂସ୍ଥା ଛତୁଆ ଯୋଗାଉଛି। ଅତ୍ୟନ୍ତ ନିମ୍ନମାନର ଛତୁଆ ଦିଆଯାଉଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ସେହି ସଂସ୍ଥାକୁ ପରିବର୍ତ୍ତନ କରି ନୂଆ ସଂସ୍ଥାକୁ ଦିଆଯାଉ। ଛତୁଆର ମାନ ନିୟମିତ ଭାବେ ତଦାରଖ କରାଯାଉ ବୋଲି ଦାବି କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଯେଉଁଠି ଏଭଳି ଅଭିଯୋଗ ଆସୁଛି ତାହା ସରକାରଙ୍କ ଦୃଷ୍ଟିକୁ ଆଣିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମଗ୍ର ରାଜ୍ୟରେ ଛତୁଆର ମାନ ଯାଞ୍ଚ କରାଯିବ। ଯେଉଁଠି ଅନିୟମିତତା ହୋଇଥିବ ସେଠାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ପିଟି ମାରୁଛନ୍ତି ଗୋରକ୍ଷକ...

ବିଶ୍ୱଶର୍ମାଙ୍କ ନାରେ ଥାନାରେ ଏତଲା ଦେଇଥିଲେ। ବିଶ୍ୱଶର୍ମାଙ୍କ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଓ ପଦକ୍ଷେପ ମୁସଲମାନ ସମ୍ପ୍ରଦାୟକୁ ଅସୁରକ୍ଷିତ କରିଦେଇଥିବା ସେମାନେ ଅଭିଯୋଗ କରିଥିଲେ। ଦେଖିବାକୁ ଗଲେ ୨୦୧୪ ପରଠୁ ଗୋସୁରକ୍ଷା ନାମରେ ବେଆଇନ ଗୋଚାଲାଣକାରୀଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ଅନେକ ସ୍ଥଳେ ଲାଇସେନ୍ସପ୍ରାପ୍ତ ଗୋରୁ ବ୍ୟବସାୟୀମାନେ ଟାର୍ଗେଟ ହୋଇଛନ୍ତି। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୧୦ରୁ ୨୦୧୭ ମଧ୍ୟରେ ଏଭଳି ୬୩ଟି ମାମଲା ସାମ୍ନାକୁ ଆସିଥିଲା। ଆକ୍ରମଣର ଶିକାର ହୋଇଥିବା ୨୮ ଜଣଙ୍କ ମଧ୍ୟରୁ ୨୪ ଜଣ ମୁସଲମାନ ସମ୍ପ୍ରଦାୟର। ଏହି ଅବଧି ମଧ୍ୟରେ ଗୋରକ୍ଷକଙ୍କ ଆକ୍ରମଣରେ ୧୨୪ ଜଣ ଆହତ ହୋଇଥିଲେ। ହ୍ୟୁମାନ୍ ରାଇଟ୍ସ ୱାଚ୍ ମଧ୍ୟ ୨୦୧୫ରୁ ଏଭଳି ଆକ୍ରମଣ ବଢ଼ିବାରେ ଲାଗିଥିବା ରିପୋର୍ଟ କରିଛି। ୨୦୧୪ରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାସୀନ ହେବା ପରଠୁ ଗୋରକ୍ଷକମାନେ ନିଜକୁ ଅଧିକ କ୍ଷମତାଶାଳୀ ମନେକରୁଥିବା ଏଥିରେ ଦର୍ଶାଯାଇଛି। ୨୦୧୭ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ଗୋରକ୍ଷା ନାମରେ ବଢ଼ୁଥିବା ହିଂସାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପ୍ରତି ଜିଲାରେ ଭିଡ଼ହିଂସା ରୋକିବା ପାଇଁ ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ରୁବିନା ଫ୍ରାନ୍ସିସ୍‌ଙ୍କୁ ...

ଶୁଟ କରିଥାନ୍ତି। ପୂର୍ବରୁ ୬ ନମ୍ବର ସ୍ଥାନରେ ରହି ରୁବିନା ଫାଇନାଲକୁ ଉନ୍ନୀତ ହୋଇଥିଲେ। ରୁବିନା ୫୫୬ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଥିଲେ। ଏହା ମଧ୍ୟରେ ସେ ୧୩ ଥର ଇନର ୧୦ ସ୍କୋର କରିଥିଲେ। ଇରାନର ଜାଭନାମର୍ଡି ସାରେହ ୫୭୦ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିଲେ।

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ...

ରେଭେନ୍‌ଶାଙ୍କର ଓଡ଼ିଶା ପ୍ରତି ବହୁତ ଅବଦାନ ଥିଲା। ତାଙ୍କ ଯୋଗୁ ଓଡ଼ିଆ ଭାଷା ବଞ୍ଚିଥିଲା। ଓଡ଼ିଶା ପାଇଁ ସେ ଜଣେ ପ୍ରାତଃ ସ୍ମରଣୀୟ ବ୍ୟକ୍ତି। ସେତେବେଳେ ବେଙ୍ଗଲ ସରକାର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉ ନ ଥିଲେ। ରେଭେନ୍‌ଶା ୧୮୭୧ରେ ସରକାରୀ ବିଦ୍ୟାଳୟରେ ଓଡ଼ିଆ ଭାଷା ପଢ଼ାଇବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରିଥିଲେ। ପୂର୍ବତନ ପିଜି କାଉନ୍‌ସିଲର ଚେୟାରପର୍ସନ ପ୍ରଫେସର ଡ. ଗୌରାଙ୍ଗ ଚରଣ ନନ୍ଦ କୁହନ୍ତି, ରେଭେନ୍‌ଶା ହେଉଛି ଆମ ଐତିହ୍ୟ, ଗୌରବ ଓ ସମ୍ମାନ। ତାକୁ ନେଇ ଆମ ପ୍ରତିଷ୍ଠା। ରେଭେନ୍‌ଶା ସାହେବ ଆସିବାବେଳେ ଶିକ୍ଷା ବୋଲି କିଛି ଆମ ରାଜ୍ୟରେ ନ ଥିଲା। ପିଲାମାନେ ମାଟି ବଂଶ ଅବଧାନଙ୍କ ପାଖରେ ପାଠ ପଢୁଥିଲେ। ସେଭଳି ସମୟରେ ଶିକ୍ଷାର ପ୍ରଚାରପ୍ରସାର ପାଇଁ ସେ ଯେଉଁଭଳି କାର୍ଯ୍ୟ କଲେ, ତାକୁ କେହି ଅସ୍ୱୀକାର କରିପାରିବେନାହିଁ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଉକ୍ତି ଏକ ରାଜନୈତିକ ମନ୍ତବ୍ୟ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ର କୁହନ୍ତି, ନାମ ନିଶ୍ଚୟ ପରିବର୍ତ୍ତନ ହେବା ଆବଶ୍ୟକ। ଆମ ଜାଣିବାରେ ଟି. ଇ. ରେଭେନ୍‌ଶାଙ୍କ ଆସିବା ପୂର୍ବରୁ ପ୍ରତିଷ୍ଠା କରାଯାଇଥିବା କଟକ କଲେଜକୁ ଇଂରେଜ ସରକାରଙ୍କ ଗୋଡ଼ାଣିଆ କେତେଜଣ ରାଜା ରେଭେନ୍‌ଶାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇ ନାମ ପରିବର୍ତ୍ତନ କରାଇ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ ବା ବରପୁତ୍ରଙ୍କ ନାମରେ ନାମିତ କଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ନେତାଜୀ ଅଭିନନ୍ଦନ କୁହନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଯେବେ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା ସେବେ ଏପରି ନାମ ବଦଳାଇବା ପ୍ରସଙ୍ଗ କେତେଜଣ ବ୍ୟକ୍ତି ଉଠାଇଥିଲେ। କିନ୍ତୁ ଏହା କୌଣସି ଭାବେ କାର୍ଯ୍ୟକାରୀ ହୋଇପାରି ନଥିଲା। ତେବେ ଏହି ପ୍ରସଙ୍ଗର ଯଥାର୍ଥତା ନାହିଁ। ରେଭେନ୍‌ଶାର ପୂର୍ବତନ ଛାତ୍ର ତଥା ପୂର୍ବ ମେଦିନୀପୁରସ୍ଥିତ ଯୋଗଦା ସତ୍‌ସଙ୍ଗ ପାଲପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଦୀପ୍ତ କୁମାର ମିଶ୍ର କୁହନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ହେଲେ ପ୍ରକୃତ ପରିବର୍ତ୍ତନ ହେବ ନାହିଁ। ଶୈକ୍ଷିକ ପରିବେଶ, ବ୍ୟବସ୍ଥା ଓ ଗବେଷଣା ଆଦି ବିଦ୍ୟାର୍ଥୀମୁଖୀ ହେବା ଆବଶ୍ୟକ। ମୋ ମତରେ ନାମ ପରିବର୍ତ୍ତନ କରାଯାଇପାରେ, ମାତ୍ର ଏସବୁକୁ ଧ୍ୟାନ ଦେବା ଏକାନ୍ତ ବିଧେୟ। ରେଭେନଶା ବିଶ୍ୱବିଦ୍ୟାଳୟର ଛାତ୍ର ସିଦ୍ଧାନ୍ତ ଷଡ଼ଙ୍ଗୀ କୁହନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଢ଼ଶହ ବର୍ଷର ବିଶ୍ୱବିଦ୍ୟାଳୟ ନାଁ ବଦଳେଇବା ପରିବର୍ତ୍ତେ ଏହାର ଭିତ୍ତିଭୂମି ବିକାଶ ଦିଗରେ ଭାବିବା ଆବଶ୍ୟକ। ରେଭେନ୍‌ଶା ଛାତ୍ର ନିଶାନ୍ତ ମେହେର କୁହନ୍ତି, ନଅଙ୍କ ଦୁର୍ଭିକ୍ଷ ଭଳି ପରିସ୍ଥିତି ଯୋଗୁ କୌଣସି ବ୍ୟକ୍ତିଙ୍କୁ ଆକ୍ଷେପ କରିବା ଉଚିତ ନୁହେଁ। କେବଳ ନଅଙ୍କ ଦୁର୍ଭିକ୍ଷକୁ ପ୍ରସଙ୍ଗ କରି ଏପରି ମତ ଦେବା ଅଶୋଭନୀୟ।

### କୃଷକ ଆନ୍ଦୋଳନରେ ...

କରିଥିଲେ। କୃଷକ ନେତା ସରୱନ ସିଂ ପାନ୍ଧେର କହିଛନ୍ତି, ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଛନ୍ତି। କେନ୍ଦ୍ର ସରକାର ସେମାନଙ୍କ ସଙ୍କଳ୍ପର ପରୀକ୍ଷା ନେଉଛନ୍ତି ଏବଂ ଏପର୍ଯ୍ୟନ୍ତ ଦାବି ପୂରଣ କରୁନାହାନ୍ତି। ଆପେ ପୁଣିଥରେ ସରକାରଙ୍କୁ ଆମ ଦାବି ଜଣାଇବା ସହ ନୂଆ ଘୋଷଣା କରିବୁ ବୋଲି ପାନ୍ଧେର ଗଣମାଧ୍ୟମକୁ କହିଛନ୍ତି। ଏଥିସହିତ କୃଷକମାନଙ୍କ ଆନ୍ଦୋଳନକୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିବା ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କୃଷକମାନେ ଦାବି କରିଛନ୍ତି। ହରିୟାଣା ନିର୍ବାଚନ ପାଇଁ ଚାଷୀମାନେ ନୂଆ ରଣକୌଶଳ ଖୁବ୍‌ଶୀଘ୍ର ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି।




# ଆଜିଠୁ 'ସୁଭଦ୍ରା' ଆବେଦନ

**ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)** ମହିଳାଙ୍କ ପାଇଁ ରାଜ୍ୟ ସରକାର ଆଣିଥିବା 'ସୁଭଦ୍ରା' ଯୋଜନା ଲାଗି ପଞ୍ଜୀକରଣ ରବିବାରଠାରୁ ଆରମ୍ଭ ହେଉଛି। ଶନିବାର ଏ ସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଆବେଦନ ଫର୍ମ ପୂରଣ ଓ ଦାଖଲ ସମ୍ପୂର୍ଣ୍ଣ ଦେୟମୁକ୍ତ ହେବ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ ଓ ପୌର କାର୍ଯ୍ୟାଳୟରେ ସୁଭଦ୍ରା ଫର୍ମ ମିଳିବ। ଏଥିସହ ମୋ ସେବା କେନ୍ଦ୍ର ଓ ସାଧାରଣ ସେବା କେନ୍ଦ୍ରରେ ମଧ୍ୟ ଏହି ଫର୍ମ ଉପଲବ୍ଧ ହେବ। ଆବେଦନକାରୀମାନେ ଫର୍ମ ପୂରଣ କରିବା ପରେ ମୋ ସେବା କେନ୍ଦ୍ର ଓ ସାଧାରଣ ସେବା କେନ୍ଦ୍ରରେ ଫର୍ମ ଦାଖଲ କରିପାରିବେ। 'ସୁଭଦ୍ରା' ଯୋଜନାରେ ଆବେଦନ କରିବା ନିମନ୍ତେ ହିତାଧିକାରୀଙ୍କ ଆଧାର କାର୍ଡ/ନମ୍ବର ଥିବା ଏକାନ୍ତ ଆବଶ୍ୟକ। ଆଧାର କାର୍ଡ ସହିତ ଏକକ-ଧାରକ ବ୍ୟାଙ୍କ ଆକାଉଣ୍ଟ (କେବଳ ନିଜ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ) ସଂଯୋଗ ହୋଇଥିବା ଜରୁରୀ। ଏହି ବ୍ୟାଙ୍କ ଆକାଉଣ୍ଟଟି ଚାଲୁ ରହିଥିବା ଏବଂ ସିଧାସଳଖ ଟଙ୍କା ସହାୟତା ପାଇଁ ସକ୍ଷମ ଥିବା ଆବଶ୍ୟକ। ହିତାଧିକାରୀଙ୍କ ମୋବାଇଲ ନମ୍ବରଟି ମଧ୍ୟ ଆଧାର କାର୍ଡ ସହ ଲିଙ୍କ ହୋଇଥିବା ଆବଶ୍ୟକ। ଏହି ଯୋଜନା ନେଇ କୌଣସି ଭ୍ରମିତ ଖବର ଦ୍ୱାରା ପ୍ରଭାବିତ ନ ହେବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାର ହିତାଧିକାରୀମାନେ ୫ବର୍ଷରେ ମୋଟ ୫୦ହଜାର ଟଙ୍କା ପାଇବେ। ସେପ୍ଟେମ୍ବର ୧୭ରେ ଏହି ଯୋଜନାର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ। ବର୍ଷକୁ ଦୁଇଥର ମିଳିବ ସୁଭଦ୍ରା କିସ୍ତି। ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସ ଓ ରାଖୀ ପୂର୍ଣ୍ଣିମାରେ ମିଳିବ ୫ହଜାର ଟଙ୍କା ଲେଖାଏ କିସ୍ତି। ଚଳିତବର୍ଷ ରାଖୀ ପୂର୍ଣ୍ଣିମା ସରିଯାଇଥିବାରୁ ସେପ୍ଟେମ୍ବର ୧୭ ଯୋଜନାର ଉଦ୍‌ଘାଟନ ଦିନ ପ୍ରଥମ କିସ୍ତି ଦିଆଯିବ। ରାଜ୍ୟରେ ପ୍ରାୟ ୧ କୋଟି ୩୦ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରେ ସାମିଲ ହେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

# ଆଜି ପ୍ରବଳ ବର୍ଷା

**ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)** ବଙ୍ଗୋପସାଗରରେ ସୃଷ୍ଟ ସୁଦୃଢ଼ ଲଘୁଚାପ ଶନିବାର ଅବପାତର ରୂପ ନେବା ପରେ ଦକ୍ଷିଣ ଓଡ଼ିଶା ସମେତ ଅନ୍ୟାନ୍ୟ ଜିଲାରେ ପ୍ରବଳ ବର୍ଷା ଲାଗିରହିଛି। ରବିବାର ମଧ୍ୟ ବିଭିନ୍ନ ଜିଲାରେ ବର୍ଷା ଆଶଙ୍କା ରହିଛି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଜିଲାପାଳଙ୍କୁ ସତର୍କ କରାଇଛନ୍ତି। ଅବପାତ ପ୍ରଭାବରେ ୨ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି। ରବିବାର ପାଇଁ ୩ ଜିଲାକୁ ଅରେଞ୍ଜ ଓ ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରକୁ ଅରେଞ୍ଜ ୱାର୍ନିଂ ଏବଂ ନୂଆପଡା, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଲୋକଙ୍କ ଆଶା ପୂରଣ ପାଇଁ କାର୍ଯ୍ୟ କରନ୍ତୁ ପ୍ରତିନିଧି: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ



- ୧୧୫୧ କୋଟିର ୪୮୧ ପ୍ରକଳ୍ପ ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ୨୭ ପୌର ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ

**ଭୁବନେଶ୍ୱର,୩୧।୮(ଅନିଲ ଦାସ)** ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଶନିବାର ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୩୦ଟି ଜିଲାରେ ୧୧୫୧ କୋଟି ଟଙ୍କାର ୪୮୧ଟି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ୨୭ଜଣ ନବନିଯୁକ୍ତ ପୌରପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କୁ ସ୍ୱାୟତ୍ତ ଶାସନ ମାଧ୍ୟମରେ ମୌଳିକ ସୁବିଧା ଯୋଗାଇଦେବା ପାଇଁ ବ୍ୟବସ୍ଥା ରହିଛି। ଏହି ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଦେଶରେ ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଲର୍ଡ ରିପନଙ୍କ ସମୟରୁ ଆରମ୍ଭ ହୋଇଥିଲା। ପଞ୍ଚାୟତିରାଜ ଓ ସହରାଞ୍ଚଳରେ କାର୍ଯ୍ୟରତ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର କାର୍ଯ୍ୟଭାର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ନିଜ କାନ୍ଧରେ ଉଠାଇବାକୁ ପଡ଼ିବ। ଏ ସରକାର ହେଉଛି ଲୋକଙ୍କ ସରକାର। ପୌରପ୍ରଶାସନ ସହ ଯୋଡ଼ି ହୋଇ ସମସ୍ତ କାଉନ୍‌ସିଲର, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷମାନେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ଆଶା ପୂରଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ। ଜନ ସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ଏ ଦିଗରେ ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାର ଅଧିକାରୀ ତଥା ଜନପ୍ରତିନିଧିମାନେ ନିଜ ନିଜର ଦାୟିତ୍ୱ ତୁଲାଇବା ଉଚିତ। ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଓ ପୌରପାଳିକାଗୁଡ଼ିକୁ ସଶକ୍ତ ଓ ସ୍ୱାଧୀନ ହୋଇ ନିଜ ନିଜ ପରିଧିରେ ବିଭିନ୍ନ ସହରାଞ୍ଚଳର ଭିତ୍ତିଭୂମି ସମ୍ପର୍କିତ ଯୋଜନା ଓ ସେବା ପ୍ରଦାନ ପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ସହଯୋଗରେ ନାଗରିକ ତଥା ବୈଷୟିକ ସେବା ଯୋଗାଣକାରୀ ବ୍ୟକ୍ତିଙ୍କ ପାଇଁ ଏକ ସରଳ ହ୍ୟାଣ୍ଡ ବୁକ୍ ଓ ଟୁଲକିଟ୍ ପ୍ରସ୍ତୁତ କରାଯାଉଛି। ଏହା ସେମାନଙ୍କୁ ମାଷ୍ଟର ପ୍ଲାନ, ବିଲ୍ଡିଂ ପ୍ଲାନ ଓ ଲେ-ଆଉଟ୍ ଅନୁମୋଦନକୁ ସମୟୋଚିତ ସମ୍ପାଦନ କ୍ଷେତ୍ରରେ ସହାୟତା କରିବ। ସମଗ୍ର ବିଶ୍ୱରେ ସହରୀକରଣ ବୃଦ୍ଧି ପାଉଛି। ଗ୍ରାମାଞ୍ଚଳରୁ ଅନେକ ଲୋକ ଅଧିକ ରୋଜଗାର ପାଇବା ଆଶାରେ ସହରମୁହାଁ ହେଉଛନ୍ତି। କିନ୍ତୁ ବାସ୍ତବରେ ସେମାନେ ସହରରେ ଏ ସବୁ ପାଇ ନ ଥାନ୍ତି। ରାଜଧାନୀ ଭୁବନେଶ୍ୱରରେ ୧୯୪୮ ମସିହାରେ ମାତ୍ର ୧୦ ହଜାର ଜନସଂଖ୍ୟା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଆଜି ଏଠାରେ ୧୫ ରୁ ୨୦ ଲକ୍ଷ ଲୋକ ବସବାସ କରୁଛନ୍ତି। ଭୁବନେଶ୍ୱର ଅର୍ଥନୀତିର ଅଭିବୃଦ୍ଧି ଘଟିଛି। ସହରବାସିନ୍ଦାଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାର ସମସ୍ୟା ରହିଛି। ଆଗାମୀ ଦିନରେ ଭୁବନେଶ୍ୱର ସମେତ ରାଜ୍ୟର ସବୁ ସହରାଞ୍ଚଳର ବିକାଶ ପାଇଁ ଆମ ସରକାର ସଚେତନ ଅଛନ୍ତି। ଆଗାମୀ ଦିନରେ ଆମ ସହରଗୁଡ଼ିକର ଅବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ରଖି ଏଥିନିମନ୍ତେ ଗ୍ରାମାଞ୍ଚଳ ସହିତ ସହରାଞ୍ଚଳ ବିକାଶକୁ ଗୁରୁତ୍ୱ ଦେଇ ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ କହିଛନ୍ତି। ପୌରପାଳିକାଗୁଡ଼ିକରେ ଭାରତ ସରକାରଙ୍କ ପକ୍ଷରୁ 'ଜଳ ଜୀବନ ମିଶନ' ଯୋଜନା ମାଧ୍ୟମରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି। ଜଳ ଯୋଗାଣ ପରିଚାଳନାରେ ଜଳସାଥୀମାନେ ଦକ୍ଷତାର ସହ କାମ କରୁଛନ୍ତି। ଜଳର ମାନ ନିର୍ଦ୍ଧାରଣ ପାଇଁ ସେମାନେ ନିୟୋଜିତ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜ୍ୟରେ ୫ଟି ମହାନଗର ନିଗମ ସହିତ ୧୧୫ଟି ସ୍ୱାୟତ୍ତ ଶାସନ ସଂସ୍ଥାର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଓ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସର୍ବଦା ଗୁରୁତ୍ୱ ଦେଉଛନ୍ତି। ଏହି କାର୍ଯ୍ୟକ୍ରମରେ କୋଭିଡ୍ ସମୟରୁ ଉଠାଦୋକାନୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନାରେ ହିତାଧିକାରୀ ଏବଂ ଅଂଶୀଦାରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ବାରିପଦାର ରାଇମଣୀ କିସ୍କୁ ଯୋଜନାରେ ଘର ପାଇଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆଭାସୀ ଜରିଆରେ କଥା ହୋଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି କୋରାପୁଟର ଜଳସାଥୀ ରୀପା ହିଆଲ ଜଣେ ଗୃହିଣୀ ଓ ଜଳସାଥୀର ପରିଚୟ ପାଇ ତାଙ୍କ ପରିବାରକୁ ଖୁସିରେ ଚଳାଉ ଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସମସ୍ତେ ଯେପରି ବିଶୁଦ୍ଧ ପାନୀୟ ଜଳ ପାଇବେ ତାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିଲେ ଏବଂ ଯିବା ଆସିବା ପାଇଁ ଗାଡ଼ି ଚାଳନା ବେଳେ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରିଥିଲେ। ଏହି ଅବସରରେ କଟକ ମହାନଗର ନିଗମର ପରିମଳ କର୍ମଚାରୀ ଝୁନୁଲତା ନାୟକ ଓ ଡି. ଶିବା, ଭୁବନେଶ୍ୱର ମହାନଗର ନିଗମର ବାବୁଲି ନାହାକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱଚ୍ଛ ଭାରତ ମିଶନର ମିଶନ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏବଂ ପୌରପ୍ରଶାସନ ନିର୍ଦ୍ଦେଶକ ଦେବାଶିଷ ସିଂ ଉପସ୍ଥିତ ଥିଲେ।

# ହାଇକୋର୍ଟରେ ୧.୪୨ ଲକ୍ଷ ମାମଲା ବିଚାରାଧୀନ

## ବିଭିନ୍ନ ଅଦାଲତରେ ଖାଲିପଡ଼ିଛି ୧୯୫ ବିଚାରପତି ପଦବୀ

**ଭୁବନେଶ୍ୱର,୩୧।୮(ଅନିଲ ଦାସ)** ରାଜ୍ୟରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଗତ ୫ବର୍ଷରେ ହାଇକୋର୍ଟରେ ୫୫,୨୦୩ ମାମଲା ଫଇସଲା ହୋଇଛି। ୧,୪୨,୮୫୮ ମାମଲା ବିଚାରାଧୀନ ଥିବାବେଳେ ବିଭିନ୍ନ ଅଦାଲତରେ ୧୯୫ ବିଚାରପତି ପଦବୀ ଖାଲି ପଡ଼ିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଶନିବାର ଉତ୍ତର ରଖିଛନ୍ତି। ହାଇକୋର୍ଟରେ କେତେ ବିଚାରାଧୀନ ମାମଲା ରହିଛି, କେତେ ଫଇସଲା ହୋଇଛି ଏବଂ ଲୋକ ଅଦାଲତ ଜରିଆରେ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ହରିଚନ୍ଦନ ଏହି ତଥ୍ୟ ରଖିଛନ୍ତି। ଏଥିସହ ହରିଚନ୍ଦନ କହିଛନ୍ତି, ମାମଲାର ତ୍ୱରିତ ବିଚାର ପାଇଁ ବିଚାରପତିଙ୍କ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ଏପରି କି ହାଇକୋର୍ଟରେ ବିଚାରାଧୀନ ମାମଲାର ତ୍ୱରିତ ଫଇସଲା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି।

ସେହିପରି ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ବିଭିନ୍ନ ଅଦାଲତରେ ମଞ୍ଜୁରପ୍ରାପ୍ତ ବିଚାରପତିଙ୍କ ସ୍ଥାନରେ କେତେ ବିଚାରପତି ପଦବୀ ଖାଲି ପଡ଼ିଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୩୧।୮।୨୦୨୪ ସୁଦ୍ଧା ରାଜ୍ୟର ବିଭିନ୍ନ କୋର୍ଟରେ ୧୯୫ ବିଚାରପତି ପଦବୀ ଖାଲି ରହିଛି। ସେଥିମଧ୍ୟରେ ୫୧ଟି ଜିଲା ଜଜ୍, ୨୧ଟି ସିଭିଲ ଜଜ୍(ସିନିୟର ଡିଭିଜନ), ୧୦୬ ସିଭିଲ୍ ଜଜ୍(ଜୁନିୟର ଡିଭିଜନ) ଏବଂ ୧୭ ସ୍ପେଶିଆଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ ପଦବୀ ଖାଲି ରହିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

ଧରିତ୍ରୀ DHARITRI Oriya daily
ଧରିତ୍ରୀ 50 Years

**ଆବଶ୍ୟକ କରୁଛି**

| ପଦବୀ | ଯୋଗ୍ୟତା | ସ୍ଥାନ |
|---|---|---|
| ସହସମ୍ପାଦକ | ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। | ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର |
| ଖବରଦାତା | ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ | ଭୁବନେଶ୍ୱର, ପୁରୀ |
| ଲେଆଉଟ୍ ଡିଜାଇନର | ଛପା ଗଣମାଧ୍ୟମରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ । InDesign, Photoshop, CorelDRAWରେ ଦକ୍ଷତା ରହିଥିବା ଜରୁରୀ । | ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର |

ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com / recruitment.dharitri52@gmail.com

# ୩କୁ ବଢ଼ିଲା ଟିକିଟି ମଦମୃତ୍ୟୁ

## ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

**ଟିକିଟି (ପ୍ରକାଶ ଚନ୍ଦ୍ର ସାହୁ)/ ଅନିଲ ଦାସ (ଭୁବନେଶ୍ୱର), ୩୧।୮** ଗଞ୍ଜାମ ଜିଲା ଟିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ୍ୟପାନ ଘଟଣାରେ ଶୁକ୍ରବାର ରାତିରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିକିଟି ଏନ୍‌ଏସିର ଜେନାପୁର ଗ୍ରାମର ଲକ୍ଷ୍ମଣ ବେହେରା। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ମଦମୃତ୍ୟୁ ଘଟଣରେ ମୃତକଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ଟିକିଟି ମଦମୃତ୍ୟୁକୁ ନେଇ ବିଜେଡି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା ଦାବି କରିଛି। ଶନିବାର ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଟିକିଟି ମଦମୃତ୍ୟୁ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ନୀତି ନୈତିକତା ଓ ନିଶାମୁକ୍ତ କଥା କହି ସରକାରକୁ ଆସୁଥିବା ଭାଜପା ଟିକିଟି ମଦମୃତ୍ୟୁ ପ୍ରସଙ୍ଗରେ କୁଆଡ଼େ ଗଲା ନୀତିନୈତିକତା। ମଦ ପିଇ ଯେଉଁମାନେ ଚିକିତ୍ସିତ ହେଉଥିଲେ ସେମାନଙ୍କ ମଧ୍ୟରୁ ଶନିବାର ଜଣଙ୍କର ମୃତ୍ୟୁ ଘଟିଛି। ଆଉ ୪ ଜଣଙ୍କ ଅବସ୍ଥା କହିହେବ ନାହିଁ। ଏହାକୁ ନେଇ ସରକାର ଚିନ୍ତିତ ନାହାନ୍ତି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଗୃହରେ ବି ତା'ର ତଥ୍ୟ ରଖନ୍ତୁ ବୋଲି ପ୍ରମିଳା ଦାବି କରିଛନ୍ତି।

ଗତ ୧୯ ତାରିଖରେ ବିଷାକ୍ତ ମଦ ପିଇ ଜେନାପୁର ଓ କରବାଲୁଆ ଗ୍ରାମର ୨୩ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୧୦ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୨୦ ତାରିଖରେ ଜେନାପୁରର ଗୁରୁ ବେହେରା ଓ ୨୧ ତାରିଖରେ ଲୋକନାଥ ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏବେ ୫ଜଣ ଚିକିତ୍ସାଧୀନ ଥିବାବେଳେ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶନିବାର ଟିକିଟିର ପୂର୍ବତନ ମନ୍ତ୍ରୀ ଉଷାଦେବୀଙ୍କ ସ୍ୱାମୀ ତ୍ରିଗୁଣାତୀତ ଦେବ ମୃତ ଲକ୍ଷ୍ମଣଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଟିକିଟି ତହସିଲଦାର ବଳଦେବ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ମୃତ ଲକ୍ଷ୍ମଣଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଦେଇଛନ୍ତି। ପୂର୍ବରୁ ଦୁଇ ମୃତକଙ୍କ ପରିବାରକୁ ରେଡକ୍ରସ୍ ତରଫରୁ ୩୦ ହଜାର ଟଙ୍କା ଲେଖାଏ ସହାୟତା ମିଳିଥିଲା।

# ରାଜ୍ୟରେ ଖୋଲିବ ୨୫ ଅବକାରୀ ଥାନା

## ବିଷାକ୍ତ ମଦ ନେଇଛି ୨୩୧ ଜୀବନ

**ଭୁବନେଶ୍ୱର,୩୧।୮(ଅନିଲ ଦାସ)** ରାଜ୍ୟରେ ଆଉ ୨୫ଟି ନୂଆ ଅବକାରୀ ଥାନା ଖୋଲିବ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ୧୬ ସ୍ଥାନରେ ଏହି ଅବକାରୀ ଥାନା ଖୋଲାଯିବ। ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ସେଥିମଧ୍ୟରୁ ଗଞ୍ଜାମରେ ୬ଟି ନୂଆ ଅବକାରୀ ଥାନା ଖୋଲିବାକୁ ନେଇ ନିଷ୍ପତ୍ତି ହୋଇଥିବା ବେଳେ ଗଞ୍ଜାମରେ ୩, ବ୍ରହ୍ମପୁରରେ ୩ଟି ନୂଆ ଅବକାରୀ ଥାନା ପ୍ରତିଷ୍ଠା ହେବ। ଆସନ୍ତା ସେପ୍ଟେମ୍ବର ୪ରେ ଅବକାରୀ ଥାନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବିଷାକ୍ତ ମଦମୃତ୍ୟୁ ନେଇ ଶନିବାର ବିଧାନସଭାରେ ଅବକାରୀ ମନ୍ତ୍ରୀ କହିଛନ୍ତି, ୧୯୯୨ଠାରୁ ଏପର୍ଯ୍ୟନ୍ତ ବିଷାକ୍ତ ମଦ ପିଇ ୨୩୧ ଜଣଙ୍କ ମୃତ୍ୟୁ ହୋଇଛି। ୧୯୯୨ରେ କଟକରେ ସର୍ବାଧିକ ୧୩୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୨ରେ ଭୁବନେଶ୍ୱର ଉପକଣ୍ଠ ଚୁକୁଲିପଡ଼ାରେ ୪୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୧ରେ ପୁରୀରେ ୨୦, ୨୦୦୬ରେ ଗଞ୍ଜାମରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ ନିର୍ବାଚନ ବେଳେ ଭଦ୍ରକ ତିହିଡ଼ିରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମାଞ୍ଚଳରେ ୪୩୩ ଦେଶୀଭାଟି ରହିଥିବା ବେଳେ ସେଥିରୁ ୨୨୭ କୋଟିର ରାଜସ୍ୱ ଆଦାୟ କରାଯାଉଛି। ପାଉଚ ଉତ୍ପାଦନ ପାଇଁ ୪୯୦ ମଦଭାଟିକୁ ଲାଇସେନ୍ସ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୨୩ କୋଟି ଲିଟର ମହୁଲି ମଦ ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ କହିଛନ୍ତି।




# ଗୃହ, ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର,୩୧।୮(ଅନିଲ ଦାସ)** ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଗୃହ ବିଭାଗର ୮୭୭୦କୋଟି ୬ ଲକ୍ଷ ୭୭ ହଜାର ଟଙ୍କା ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୬୯୬ କୋଟି ୩୯ ଲକ୍ଷ ୧୭ ହଜାର ଟଙ୍କାର ଖର୍ଚ୍ଚ ଦାବି ଶନିବାର ବିଧାନସଭାରେ ଗୃହୀତ ହୋଇଛି। ଉଭୟ ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି, ତତ୍କାଳୀନ ମୁଖ୍ୟମନ୍ତ୍ରୀ ସାଧାରଣ ଅଭିଯୋଗ ଶୁଣାଣିର ବିକୃତ ବ୍ୟବସ୍ଥା ସୃଷ୍ଟି କରିଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଖକୁ ନ ଯାଇ ସିଏମ୍‌ଓ ପଠାଇବା ଦୁର୍ଭାଗ୍ୟଜନକ। ପୂର୍ବ ମୁଖ୍ୟମନ୍ତ୍ରୀ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଅଭିଯୋଗ ଶୁଣାଣି ପାଇଁ ପଠାଇବା ଏକ ବିକୃତ ବ୍ୟବସ୍ଥା ଥିଲା। ନିଜେ କେବେ ବି ଲୋକଙ୍କ ଗୁହାରି ଶୁଣୁ ନ ଥିଲେ। ଯାହା ଏକ ବିକୃତ ବ୍ୟବସ୍ଥା ଥିଲା। ଆମ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ପୁଣି ଥରେ ଚଳଚଞ୍ଚଳ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫୬୦୦ ଅଭିଯୋଗ ଶୁଣାଣି ହୋଇଛି। ସେଥିରୁ ୨୩ ପ୍ରତିଶତ ସମାଧାନ ହୋଇଛି। ଆଗକୁ ଏହାକୁ ୫୦ ପ୍ରତିଶତରୁ ଅଧିକ କରାଯିବ। ଯେଉଁ ସରକାରୀ ପଦବୀ ଖାଲିପଡ଼ିଛି ସେଗୁଡ଼ିକ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତି ବଦ୍ଧ। ୧ ଲକ୍ଷ ୩୨ ହଜାର ୩୬୫ ସରକାରୀ ପଦବୀ ଆଗାମୀ ଦିନରେ ପୂରଣ କରାଯିବ। ଏମ୍‌ଏଲ୍‌ଏ କଲୋନିରେ ବିଧାୟକଙ୍କ କ୍ୱାର୍ଟର୍ସ ଉନ୍ନତୀକରଣ ପାଇଁ ୧ ଲକ୍ଷ ଟଙ୍କା ବଦଳରେ ୧୦ ଲକ୍ଷ ଦେବାକୁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି। ଆମ ସରକାର ସମୟରେ ଭିଜିଲାନ୍ସ ବିଭାଗ ୪୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ପୂର୍ବ ସରକାର ସମୟରେ ଭିଜିଲାନ୍ସ ବିଭାଗ କେରାଣ୍ଡି ଧରୁଥିଲେ, ଆମ ସରକାର ସମୟରେ ବାଳିଆ,ରୋହି ଓ ଭାକୁର ଧରୁଛନ୍ତି। ବିରୋଧୀ ଦଳ ନେତା ମଦ ମୃତ୍ୟୁକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ସରକାର ମଦକୁ ପ୍ରୋତ୍ସାହନ ଓ ପ୍ରଶ୍ରୟ ଦେଇଥିଲେ। ବାଲେଶ୍ୱର ସାମ୍ପ୍ରଦାୟିକ ହିଂସାକୁ ଆମେ ସମ୍ପୂର୍ଣ୍ଣ ସଫଳତାର ସହ ସମାଧାନ କରିଛୁ। ଖୋର୍ଦ୍ଧା ଘଟଣାକୁ ସାମ୍ପ୍ରଦାୟିକ କହିବା ବଡ଼ ନିନ୍ଦନୀୟ କଥା। ଦୁଇ ପରିବାର କଳି କେବେ ସାମ୍ପ୍ରଦାୟିକ ହିଂସା ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। -ଶ୍ରୀଅରବିନ୍ଦ



# ନୂଆ ପଥରେ ସମସ୍ୟା



## ଆକାର ପଟେଲ

ଆପଣଙ୍କ ମଧ୍ୟରୁ ଅନେକଙ୍କ ପରି ମୁଁ 'ରାଇଟ୍ ୱିଙ୍ଗ୍ ଇନ୍‌ଫ୍ଲୁଏନ୍‌ସର୍ସ' (ପ୍ରଭାବ ପକାଉଥିବା ଦକ୍ଷିଣପନ୍ଥୀ ଚିନ୍ତାଧାରାର ବ୍ୟକ୍ତିମାନେ) ଦ୍ୱାରା ପ୍ରସ୍ତୁତ ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ) ବିଷୟବସ୍ତୁରୁ ଦୂରେଇ ରହିଛି। କଥିତ ଭାଷାରେ ଏହି ବ୍ୟକ୍ତିମାନଙ୍କୁ 'ଭକ୍ତ' କିମ୍ବା ଅନ୍ୟ ଅର୍ଥରେ ଅନୁଗାମୀ କୁହାଯାଏ। ଏହି ସ୍ତମ୍ଭରେ ସେମାନଙ୍କୁ ସଂକ୍ଷେପରେ ଆର୍‌ଡବ୍ଲ୍ୟୁଆଇଏସ୍ ଭାବେ ସୂଚିତ କରାଯାଇଛି। ୨୦୧୪ ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଏପରି ବିଷୟବସ୍ତୁ ପ୍ରସ୍ତୁତ କରିବାର କୌଣସି ସୁଯୋଗ ନ ଥିଲା, କାରଣ ଆମ ପାଖରେ ଥିବା ସରକାର ତାଙ୍କ ନିଜର ପ୍ରଶଂସା ନିଜେ ହିଁ କରିଆସୁଥିଲେ। କିନ୍ତୁ ଭାରତୀୟ ଜନତା ପାର୍ଟି(ଭାଜପା) ୪ ଜୁନ୍‌ରେ ସଂଖ୍ୟାଗରିଷ୍ଠତା ହରାଇବା ପରେ ମୁଁ ଅନୁଭବ କଲି ଯେ ପ୍ରଧାନମନ୍ତ୍ରୀଙ୍କ ଉତ୍ସର୍ଗୀକୃତ ଦୂତମାନେ କିପରି ଅଛନ୍ତି ତାହା ପରୀକ୍ଷା କରିବା ଉଚିତ। ଗତ ସପ୍ତାହର ଅଧିକାଂଶ ସମୟ ଏହିସବୁ ବିଷୟବସ୍ତୁ ଦେଖିବାରେ ମୋ ସମୟ ଅତିବାହିତ ହୋଇଛି ଏବଂ ଏହା ଉପରେ ସଂଗୃହୀତ ପ୍ରତିକ୍ରିୟାଗୁଡ଼ିକ ନିମ୍ନରେ ଦର୍ଶାଉଛି। ପ୍ରଥମରେ, ସେମାନଙ୍କ ମଧ୍ୟରେ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଅଧିକ ନୁହେଁ ଓ ଅନେକଙ୍କୁ ଲୋକେ ଜାଣନ୍ତି ନାହିଁ ଏବଂ ସେମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବ୍ୟକ୍ତି ପ୍ରାୟତଃ ରବିଶ କୁମାର ଏବଂ ଧ୍ରୁବ ରାଠୀଙ୍କ ଦୃଷ୍ଟିକୋଣକୁ କିଛି ମାତ୍ରାରେ ଆପଣାଇବାକୁ ସଂଘର୍ଷ କରନ୍ତି। ମୋ ମତରେ ଏହାର ଦୁଇଟି କାରଣ ଅଛି। ଗୋଟିଏ, ମୂଳତଃ ସେମାନେ ସରକାରଙ୍କ ଦାବିକୁ ପୁନରାବୃତ୍ତି କରନ୍ତି, ତେଣୁ ସେମାନଙ୍କର ମୂଳ ଦର୍ଶକ ସୀମିତ। ଅନ୍ୟଟି ହେଉଛି, ସେମାନେ ସର୍ବଦା କ୍ରୋଧିତ କିମ୍ବା ଅସୁଖୀ ଏବଂ ଦେଖିବା ଭଳି ବିଷୟବସ୍ତୁ ପ୍ରସ୍ତୁତ କରିପାରନ୍ତି ନାହିଁ। ଦ୍ୱିତୀୟ ବିଷୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଶେଷକରି ଆର୍‌ଡବ୍ଲ୍ୟୁଆଇଏସ୍ ଏପରିକି ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମଧ୍ୟ ୪ ଜୁନ୍‌ର ଫଳାଫଳକୁ ନେଇ ସମ୍ପୂର୍ଣ୍ଣ ଦୁଃଖିତ। ମୁନିବ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ରଖିବା ଆବଶ୍ୟକ ବୋଲି ସେମାନେ ଚାହାନ୍ତି। କିନ୍ତୁ ସେମାନେ ଫଳାଫଳକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି ଏବଂ ଏହାକୁ ବୁଝିବାକୁ ଅକ୍ଷମ। କାରଣ ସବୁ 'ନୂଆ ଭାରତ' ଓ ଅବଶିଷ୍ଟ କାର୍ଯ୍ୟକ୍ରମ ରାତାରାତି ଅପସରିଯାଇଛି।

ତୃତୀୟ ବିଷୟ ହେଉଛି ଆର୍‌ଡବ୍ଲ୍ୟୁଆଇଏସ୍ ଭଲ ଭାବେ ବୁଝିଛନ୍ତି ଯେ, ବିରୋଧୀଦଳର ସୋସିଆଲ ମିଡିଆ ଷଡ଼ଯନ୍ତ୍ର ଦ୍ୱାରା ଭାଜପା ସଂଖ୍ୟାଗରିଷ୍ଠତା ପାଇଲା ନାହିଁ। ବିଶେଷ ଭାବରେ ଦୁଇଟି ବିଷୟ ମିଥ୍ୟା ଖବର ଭାବରେ ପ୍ରସାର କରାଯାଇଥିଲା। ତାହା ହେଲା ଭାଜପା ସଂରକ୍ଷଣ ବନ୍ଦ କରିବ ଏବଂ ସମ୍ବିଧାନ ବଦଳାଇଦେବ। ମନେରଖିବା ଉଚିତ ଯେ, ଏହି କଣ୍ଟେଣ୍ଟ କ୍ରିଏଟରମାନେ ସଂରକ୍ଷଣ ବିରୋଧୀ। କାରଣ ଏମାନେ ସହରାଞ୍ଚଳର ଉଚ୍ଚବର୍ଗର ଲୋକ ଓ ସେମାନଙ୍କ ବର୍ଗର ସ୍ୱାର୍ଥ ରକ୍ଷା କରୁଛନ୍ତି। ସେମାନେ ଘଟଣା ସମ୍ପର୍କରେ ସଚେତନ ଥିବା କିମ୍ବା ମୋଦିଙ୍କ ଭକ୍ତ ବୋଲି ଜଣାପଡୁନାହିଁ। ସେମାନେ କ୍ରୋଧରେ ସଂରକ୍ଷଣ ବିରୋଧରେ କହୁଛନ୍ତି, ଯାହା ଭୋଟରମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଜଣାପଡ଼େ, ସେମାନଙ୍କ ମାନସିକତା ଭାଜପାର ସୋସିଆଲ ମିଡିଆ ଚଳାଉଥିବା ଅମିତ ମାଲବ୍ୟଙ୍କ ବିରୋଧୀ। କିନ୍ତୁ ମୁଁ ବୁଝିପାରିଲି ନାହିଁ ସେମାନେ କାହିଁକି ତାଙ୍କ ଉପରେ ରାଗିଗଲେ।

ଚତୁର୍ଥ କଥା ହେଉଛି ମହାରାଷ୍ଟ୍ର ପରି ରାଜ୍ୟରେ ଭାଜପା ମେଣ୍ଟ ପରିବର୍ତ୍ତନକୁ ନେଇ ସେମାନେ ଅସନ୍ତୁଷ୍ଟ। ଏଠାରେ ସେମାନଙ୍କ ସହ ଯେକେହି ସହମତ ହେବେ ଯେ ଏହା ଭାଜପାର କ୍ଷତି ଘଟାଇଛି। ଅସନ୍ତୁଷ୍ଟର ଅନ୍ୟ ଏକ ଦିଗ ସହ ସମ୍ପର୍କ ରହିଛି। ସେମାନେ ଭାଜପା ଦ୍ୱାରା ଅନ୍ତର୍ଭୁକ୍ତୀକରଣ ଏବଂ ଧର୍ମନିରପେକ୍ଷତା ବିଷୟରେ କୌଣସି ଆଲୋଚନାକୁ ଘୃଣା କରନ୍ତି। ପଞ୍ଚମ ବିଷୟ ହେଉଛି, ନିର୍ବାଚନ ଫଳାଫଳ ପରେ ମୋଦି ସରକାର ନେଇଥିବା ସମସ୍ତ ୟୁ-ଟର୍ନରେ ଆର୍‌ଡବ୍ଲ୍ୟୁଆଇଏସ୍ ଅପମାନିତ ହେଇଥିବା ଜଣାପଡୁଛି। ଦଶନ୍ଧି ଧରି ସରକାରରେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ନିଷ୍ପତ୍ତି ନିଆଯିବାର ଯୁଗ ଶେଷ ହୋଇଛି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଏକ ନୂତନ ପ୍ରକାର କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେମାନେ ଏଯାବତ ସ୍ୱୀକାର କରିନାହାନ୍ତି। ୱକଫ ବିଲ୍ ଏବଂ ଲାଟେରାଲ ଏଣ୍ଟ୍ରି ପରି ପ୍ରସଙ୍ଗରେ ସେମାନେ ବିଶେଷ ଭାବେ କ୍ରୋଧିତ ହୋଇପଡ଼ିଛନ୍ତି। ଷଷ୍ଠ କଥା ହେଉଛି ମୋଦିଙ୍କ ଭାବମୂର୍ତ୍ତି ସେମାନଙ୍କ ଦୃଷ୍ଟିରେ ଅକ୍ଷୁର୍ଣ୍ଣ ରହିଛି। ବୋଧହୁଏ ସେମାନେ ଦଳର ବିପର୍ଯ୍ୟୟକୁ ଏକ ସାମୟିକ ଘଟଣା ଭାବରେ ଦେଖୁଛନ୍ତି। ଏପରିକି ସେମାନଙ୍କ ବିଷୟବସ୍ତୁର ଘଣ୍ଟା ଘଣ୍ଟା ଅନୁଧ୍ୟାନ କରିବା ପରେ ବି ପ୍ରଧାନମନ୍ତ୍ରୀଙ୍କର କିମ୍ବା ତାଙ୍କ କାର୍ଯ୍ୟଶୈଳୀ ଉପରେ କୌଣସି ସମାଲୋଚନା ଦେଖିବା କଷ୍ଟକର। ନିଯୁକ୍ତି କିମ୍ବା ମୁଦ୍ରାସ୍ଫୀତି ପରି ପ୍ରକୃତ ପ୍ରସଙ୍ଗଗୁଡ଼ିକ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମନେହୁଏ ନାହିଁ। ଶାସନରେ ଭାଜପା ଭିତରେ ଥିବା ସମ୍ପର୍କବାଦକୁ ଆର୍‌ଡବ୍ଲ୍ୟୁଆଇଏସ୍ ଗ୍ରହଣ ନ କରିବା ଏବଂ ମୋଦିଙ୍କୁ ଭୋଟରଙ୍କ ପ୍ରତ୍ୟାଖ୍ୟାନ ଥିଲା ନିର୍ବାଚନ ପରିଣାମ ବୋଲି ଭାବିବା ଓ ମୋଦିଙ୍କ ପ୍ରଦର୍ଶନ ତଥା ଗ୍ୟାରେଣ୍ଟି ସେମାନଙ୍କ ମନକୁ ନ ଛୁଇଁବା ଦ୍ୱନ୍ଦ୍ୱର ଏକ କାରଣ। ସପ୍ତମ ଏବଂ ଅନ୍ତିମ କଥା ହେଉଛି, ସେମାନେ ଅତ୍ୟଧିକ ରାଗିଛନ୍ତି। କେବଳ ଦୃଷ୍ଟିକୋଣରୁ ନୁହେଁ ବରଂ ସେମାନଙ୍କର ଶବ୍ଦରୁ ଏହା ଜଣାପଡୁଛି। ସେମାନେ ସଂଖ୍ୟାଲଘୁ, ବଞ୍ଚିତ ସମୁଦାୟ ଏବଂ ଏଭଳି ଅନେକଙ୍କ ଉପରେ ବ୍ୟବହାର କରୁଥିବା ଭାଷା ଅତ୍ୟନ୍ତ ଖରାପ। ସେମାନଙ୍କର ବୈଶ୍ୱିକ ଦୃଷ୍ଟିକୋଣ ଅସ୍ୱଚ୍ଛ ଏବଂ ବୁଝାମଣା ସମାଧାନ କିମ୍ବା ମଧ୍ୟସ୍ଥତାର ସ୍ଥାନ ନାହିଁ।

ବୌଦ୍ଧିକ ଭାବରେ, ଆର୍‌ଡବ୍ଲ୍ୟୁଆଇଏସ୍‌ଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ଅବିକଶିତ ଓ ଦର୍ଶକ କିମ୍ବା ପାଠକଙ୍କୁ ନିର୍ଦ୍ଦିଷ୍ଟ ଭାବେ କିଛି ଉପଯୋଗୀ ବିଷୟ ପ୍ରଦାନ କରେନାହିଁ। ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ନେଇ ଶାସନ ଚଳାଇବାକୁ ଏକ ନୂଆ ପଥ ଆପଣାଉଥିବାବେଳେ ଏହା ତାଙ୍କୁ ସମର୍ଥନ କରୁନାହିଁ ଏବଂ କରିବାକୁ ସକ୍ଷମ ମଧ୍ୟ ହେବନାହିଁ। ପ୍ରକୃତରେ ତାଙ୍କ ସମର୍ଥକମାନେ ଅତିକ୍ରାନ୍ତ ହୋଇଯାଇଥିବା ଏକ ଯୁଗକୁ ଅଧିକ ବ୍ୟଥିତ ଥିବା ସହ ତାହାକୁ ପୁଣି ଚାହୁଁଛନ୍ତି। ଏଥିପାଇଁ ମୋଦି କିଛି ନୂଆ କରିବାକୁ ଚେଷ୍ଟା କରୁଥିବାବେଳେ ଆର୍‌ଡବ୍ଲ୍ୟୁଆଇଏସ୍ ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବା ସମ୍ଭାବନା ରହିଛି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| 8 | | 7 | | | 1 | 4 | 6 | |
| 3 | | | 5 | | | | | |
| 4 | | | | 8 | | 7 | | 5 |
| | | | 2 | | | | 1 | |
| | | | | 3 | 6 | | | 4 |
| | | 8 | | | | | 7 | |
| | 6 | | | | 3 | | | |
| | | | | 7 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 3 | 6 | 2 | 9 | 1 | 8 |
| 1 | 3 | 8 | 7 | 9 | 5 | 2 | 4 | 6 |
| 2 | 6 | 9 | 1 | 4 | 8 | 7 | 5 | 3 |
| 3 | 2 | 1 | 8 | 7 | 4 | 5 | 6 | 9 |
| 6 | 4 | 7 | 9 | 5 | 3 | 1 | 8 | 2 |
| 8 | 9 | 5 | 2 | 1 | 6 | 4 | 3 | 7 |
| 7 | 1 | 6 | 4 | 3 | 9 | 8 | 2 | 5 |
| 9 | 8 | 3 | 5 | 2 | 1 | 6 | 7 | 4 |
| 4 | 5 | 2 | 6 | 8 | 7 | 3 | 9 | 1 |

ଗତକାଲିର ଉତ୍ତର

# ନିନ୍ଦିତ ଈଶ୍ୱରଙ୍କ ସମ୍ପର୍କରେ



ଚିତ୍ର ଚରିତ୍ର

## ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଈଶ୍ୱର ପୁଣି ନିନ୍ଦିତ! ସକଳ ନିନ୍ଦା ପ୍ରଶଂସାର ଊର୍ଦ୍ଧ୍ୱରେ ବୋଲି ତ ତାଙ୍କ ନାମ ଈଶ୍ୱର। ମଣିଷ ସିନା ପ୍ରଶଂସାରେ ଉଲ୍ଲସିତ ହୁଏ ଓ ନିନ୍ଦାରେ ହୁଏ ମର୍ମାହତ ; ମାତ୍ର ଈଶ୍ୱରଙ୍କୁ ପ୍ରଶଂସା କଲେ ଅବା ଗଳା ଫଟାଇ ତାଙ୍କର ନିନ୍ଦା କଲେ ତାଙ୍କ ଈଶ୍ୱରତ୍ୱର ମାନ ବଢ଼ିଯାଏ ନାହିଁ କି କମିଯାଏ ନାହିଁ। ନିନ୍ଦା ପ୍ରଶଂସା, ଶତ୍ରୁ ମିତ୍ର ବା ଧନୀ ଗରିବ ନିର୍ବିଶେଷରେ ସମଗ୍ର ସୃଷ୍ଟିର ସମସ୍ତ ଅଧିବାସୀଙ୍କୁ ସମାନ ଭାବରେ ଦେଖୁଥିବା ଭଳି ଦିବ୍ୟ ଗୁଣର ଅଧିକାରୀଙ୍କ ଅନ୍ୟ ନାମ ଈଶ୍ୱର। ତାଙ୍କ ସ୍ଥିତିକୁ ସ୍ୱୀକାର କରୁଥିବା ଅବା ତାଙ୍କ ଅସ୍ତିତ୍ୱକୁ ଅବଜ୍ଞା କରୁଥିବା ସମସ୍ତଙ୍କ ପାଇଁ ସେ ସର୍ବତୋଭାବେ ସମାନ। ତେବେ କିଏ ଏହି ନିନ୍ଦିତ ଈଶ୍ୱର!

ଏ ଈଶ୍ୱର ସ୍ୱର୍ଗରେ ଅବା ଦେବଲୋକରେ ନ ଥାନ୍ତି। ଏଇଠି ଅନ୍ୟମାନଙ୍କ ଗହଣରେ ଏମାନେ ଆତଯାତ ହୁଅନ୍ତି ଓ ନିଜ ନିଜର କର୍ତ୍ତବ୍ୟ ପରିସରରେ ଅନନ୍ୟତା ହାସଲ କରିଥିବାର ସାଧାରଣ ମଣିଷର ସୀମା ସରହଦ ଡେଇଁ ଈଶ୍ୱର ପଦବାଚ୍ୟ ହୋଇଯାଆନ୍ତି। ଆମ ସମାଜରେ ମୁଖ୍ୟତଃ ଦୁଇଟି ବୃତ୍ତିରେ ନିୟୋଜିତ ବୃତ୍ତିଧାରୀମାନେ ସଚରାଚର ଈଶ୍ୱର ଭାବେ ମାନ୍ୟତା ଅର୍ଜନ କରିଥା'ନ୍ତି। ଏମାନେ ହେଲେ ଡାକ୍ତର ଓ ଶିକ୍ଷକ। ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର କୁହାଯାଏ। ଈଶ୍ୱର ସିନା ଶରୀରଟିଏ ସୃଷ୍ଟି କରି ସଂସାରକୁ ପଠାଇଥା'ନ୍ତି, ମାତ୍ର ସେଇ ଶରୀରର ସୁଷମ ପରିପୁଷ୍ଟିର ଦାୟିତ୍ୱ ଯେଉଁ ବିଶାରଦମାନଙ୍କର, ସେମାନେ ଈଶ୍ୱରଙ୍କଠୁଁ କମ୍ ମହାନ୍ ନୁହନ୍ତି। ନାନା ରୋଗ ବ୍ୟାଧି, ଶାରୀରିକ ଘାତ ପ୍ରତିଘାତରେ ଘାଣ୍ଟି ହୋଇ ମାନବ ଶରୀର ଯେତେବେଳେ ରୋଗ ଜ୍ୱାଳାରେ ଜଳୁଥାଏ, ସେତେବେଳେ ତହିଁରେ ନିଜ ଧନ୍ୱନ୍ତରୀ ହାତର ଶୀତଳ ଚନ୍ଦନ ବୋଳି ଜ୍ୱଳନମୁକ୍ତ କରୁଥିବା ଡାକ୍ତରମାନେ ପାଲଟିଯା'ନ୍ତି ଜଣେ ଜଣେ ଦ୍ୱିତୀୟ ଈଶ୍ୱର। ଡାକ୍ତରଙ୍କ ଦେୟ କୁହାଯାଉଥିବା ସାମାନ୍ୟ କିଛି ଅର୍ଥ ବିନିମୟରେ ଏଇ ଈଶ୍ୱରତ୍ୱ କମାଯାଏ ବୋଲି ଉପରକୁ ପ୍ରତୀୟମାନ ହୁଏ ସିନା, ବାସ୍ତବରେ ବ୍ୟାଧିମୁକ୍ତ ମଣିଷର କୃତଜ୍ଞ ଅନ୍ତରରୁ ଯେଉଁ ମୁଗ୍ଧ ଆଶ୍ୱସ୍ତି ଟିକକ ଝରିପଡ଼େ ଓଠରେ ଓ ଆଖିର ଲୁହ ହୋଇ ; ତାହା ହିଁ ଏଇ ଈଶ୍ୱରଙ୍କ ପାଇଁ ପ୍ରକୃତ ଭକ୍ତି ନୈବେଦ୍ୟ।

ଅଥଚ ବିଡ଼ମ୍ବନାର ବିଷୟ ଏହା ଯେ, ଏହି ଈଶ୍ୱରମାନଙ୍କ ମଧ୍ୟରୁ ବେଶ୍ କେତେକ ସେମାନଙ୍କ ଦିବ୍ୟ ଈଶ୍ୱରତ୍ୱକୁ ଛୁଟିରେ ପଠାଇ ପାଲଟି ଯା'ନ୍ତି ରାକ୍ଷସଠୁଁ ବଳି ଆହୁରି ଇତର, ଆହୁରି ପାମର। ପୁଳାଏ ଅର୍ଥ ଅର୍ଜନ କରିବାର ଅଭିଳାଷ ଏମାନଙ୍କୁ ଏମିତି ଉଚ୍ଚାଟ କରେ ଯେ ନିଜ ଅଜାଣତରେ ଏମାନେ ଅର୍ଥମୋହ ଭଳି ଏକ ବିଚିତ୍ର ବ୍ୟାଧିରେ ଆକ୍ରାନ୍ତ ହୋଇପଡ଼ନ୍ତି। ପରିଣାମ ହୁଏ ଅତ୍ୟନ୍ତ ଭୟାବହ। ବହୁ କଠୋର ସାଧନାର ସିଦ୍ଧି ସ୍ୱରୂପ ଯେଉଁ ଈଶ୍ୱରତ୍ୱ ଉପଲବ୍ଧ ହୋଇଥାଏ, ଅର୍ଥମୋହର ଆକ୍ରମଣରେ ସେଇ ଦିବ୍ୟ ଉପଲବ୍ଧି ଅକାଳରେ ଅପସରିଯାଏ। ବଦଳରେ ନିଜ ଭିତରେ ଥିବା ମୂଳ ମଣିଷଟିକୁ ନିକାଲି ଦେଇ କାୟା ବିସ୍ତାର କରେ ଅର୍ଥଲୋଲୁପ ଭୟଙ୍କର ଅସୁରଟିଏ, ଯିଏ ଗରିବ ରୋଗୀଟି ପାଖରୁ ପାଉଣା ନ ପାଇଲେ ଲେଖିଥିବା ପ୍ରେସ୍କ୍ରିପ୍‌ସନକୁ ଚିରିପକାଏ ଓ ଅପରେଶନ ଅଧା ରଖି ବାକି ଟଙ୍କା ଜମା ନ ଦେଲେ ଅବଶିଷ୍ଟ ଅପରେଶନ ହେବ ନାହିଁ ବୋଲି ଶୁଣାଇଦିଏ।



କାହାକୁ ରୋଗ ହେଲେ ଯେଉଁଠି କିଛି ଡାକ୍ତରଙ୍କୁ ଶୋଷଣ କରିବାର ଏକ ସୁବର୍ଣ୍ଣ ସୁଯୋଗ ମିଳିଥାଏ, ଯେଉଁଠି ମୃତ୍ୟୁର ଭୟ ଦେଖାଇ ଜୀବନକୁ ସବୁମତେ ଲୁଣ୍ଠନ କରାଯାଏ କେବଳ ପରୀକ୍ଷାଗାରରୁ ମୋଟା ଅଙ୍କର କମିଶନ ପାଇବା ପାଇଁ ଆବଶ୍ୟକତା ନ ଥାଇ ମଧ୍ୟ ଦୁଇଟା ଜାଗାରେ ବାରଟା ଅନାବଶ୍ୟକ ପରୀକ୍ଷା କରିବାକୁ ବାଧ୍ୟ କରାଯାଏ। ପୁଣି ରୋଗୀ ସୁସ୍ଥ ହୋଇଗଲା ପରେ ମଧ୍ୟ ଅଧିକ ରୋଜଗାର ପାଇଁ ରୋଗୀକୁ ଡିସ୍‌ଚାର୍ଜ କରାଯାଏ ନାହିଁ ଏବଂ ସର୍ବୋପରି ରୋଗୀ ମରିଗଲା ପରେ ବି ମୋଟା ଅଙ୍କର ବିଲ୍ ପରିଶୋଧ ନ କରିବା ଯାଏଁ ଶବକୁ ଅଟକାଇ ରଖାଯାଏ, ଯେଉଁଥିପାଇଁ ସବୁଦିନ ଲାଗି ସଂସାରକୁ ପିଠି କରି ବାହୁଡ଼ି ଯାଉଥିବା ଲୋକର ଶବ ଉପରେ ଟିକିଏ ମୁଣ୍ଡ କୋଡ଼ି କାନ୍ଦିବାକୁ ଜ୍ଞାତି ପରିଜନଙ୍କୁ ସୁଯୋଗ ମିଳେନାହିଁ; ସେଠି ଡାକ୍ତରଙ୍କୁ ମଣିଷ କହିବାକୁ ବି କଷ୍ଟ ଲାଗିବ, ଈଶ୍ୱର କହିବା ତ ଦୂରର କଥା। ଯେଉଁଠି କେବଳ ପୁଳାଏ ଟଙ୍କା ରୋଜଗାର କରିବାକୁ ଆପେଣ୍ଡିସାଇଟିସ୍ ଭଳି ମାମୁଲି ଅପରେଶନ କରିବାକୁ ଆସିଥିବା ରୋଗୀର ଅଣ୍ଟା ଚିରି କିଡ୍‌ନୀ କାଢ଼ି ନିଆଯାଏ, ସେଠି ଡାକ୍ତରଙ୍କୁ ଈଶ୍ୱର କହିଲେ କେବଳ ଈଶ୍ୱରଙ୍କର ଅସମ୍ମାନ ହେବନାହିଁ, ବରଂ ଈଶ୍ୱର ଭଳି ଏକ ଦିବ୍ୟ ଶବ୍ଦର ମଧ୍ୟ ଅପମାନ ହେବ।

କେବଳ ଅର୍ଥମୋହ ନୁହେଁ, ନାରୀମୋହରେ ବି ଆକ୍ରାନ୍ତ କେତେକ ତଥାକଥିତ ଦ୍ୱିତୀୟ ଈଶ୍ୱର, ଯାହାର ପ୍ରମାଣ ମିଳିଥିଲା ଅଳ୍ପଦିନ ତଳେ ଓଡ଼ିଶାର ସବୁଠୁ ନିର୍ଭରଯୋଗ୍ୟ ବଡ଼ ଡାକ୍ତରଖାନାରେ। ଚିକିତ୍ସା କରିବା ନାଁରେ ନିମ୍ନତମ ନୈତିକତାକୁ ପାସୋରି ପକାଇଥିବା ଏହି ଦ୍ୱିତୀୟ ଈଶ୍ୱରମାନଙ୍କୁ କେବଳ ଚାକିରିରୁ ବହିଷ୍କାର କରିବା ଯଥେଷ୍ଟ ନୁହେଁ, ସେମାନଙ୍କୁ ଏମିତି ଦଣ୍ଡିତ କରିବା ସମୀଚୀନ ହେବ, ଯାହାଙ୍କୁ ଦେଖି ରୋଗୀର ଶରୀର କଷ୍ଟ ନିବାରଣ କରିବା ପାଇଁ ସମର୍ପିତ ଏଇ ଦ୍ୱିତୀୟ ଈଶ୍ୱରମାନେ ନିଜ ଶରୀରର କ୍ଷୁଧା ନିବାରଣ କରିବା ଭଳି ଅସୁରଟିଏ ହେବାକୁ ଭୟ କରିବେ।

ମର୍ତ୍ତ୍ୟର ଈଶ୍ୱର ବୋଲାଉଥିବା ଆଉ ଏକ ବୃତ୍ତିଧାରୀ ହେଲେ ଶିକ୍ଷକ, ଯାହାଙ୍କୁ ଡାକ୍ତରଙ୍କ ଭଳି 'ଦ୍ୱିତୀୟ ଈଶ୍ୱର' ନାମ ନ ଦେଇ ଆମ ଶାସ୍ତ୍ରକାରମାନେ ତାଙ୍କୁ 'ସାକ୍ଷାତ୍ ଈଶ୍ୱର'ର ମର୍ଯ୍ୟାଦା ଦେଇଛନ୍ତି। କେବଳ ଭାରତବର୍ଷ ଭଳି ଏକ ସଂସ୍କାରସିଦ୍ଧ ଦେଶ ନୁହେଁ, ବିଶ୍ୱର ପ୍ରତ୍ୟେକ ଭୂଖଣ୍ଡରେ ଶିକ୍ଷକଙ୍କୁ ଈଶ୍ୱରଙ୍କ ସମତୁଲ ଭାବେ ବିବେଚନା କରାଯାଇଛି। ପ୍ରାଚୀନ ପରମ୍ପରାର ଗୁରୁକୁଳ ଆଶ୍ରମଠୁ ଆରମ୍ଭ କରି ଆଧୁନିକ ଯୁଗର ବିଶ୍ୱବିଦ୍ୟାଳୟ ଯାଏ, ସବୁଠି ସବୁକାଳରେ ନିଜ ଜୀବନ ଗଠନର ପ୍ରସ୍ତୁତିପର୍ବରେ ନିୟୋଜିତ ଥିବା ବିଦ୍ୟାର୍ଥୀର ହାତ ଧରି ବାଟ କଢ଼ାଇ ନେଉଥିବା ମାର୍ଗଦର୍ଶକଙ୍କ ନାମ ଶିକ୍ଷକ ବା ଆଚାର୍ଯ୍ୟ। ଜଣେ ଛାତ୍ର ବା ଛାତ୍ରୀଙ୍କ ଜୀବନରେ ତା' ମାତାପିତାଙ୍କ ପରେ କେବଳ ଶିକ୍ଷକ ହିଁ ଏକମାତ୍ର ବ୍ୟକ୍ତି, ଯାହାଙ୍କୁ ସେ ଈଶ୍ୱରଙ୍କ ସାକ୍ଷାତ୍ ରୂପ ବୋଲି ମାନିନିଏ ଓ ତାଙ୍କ ମୁହଁର ବାଣୀକୁ ବେଦବାକ୍ୟ ବୋଲି ବିବେଚନା କରେ। ଏଥିପାଇଁ ବୋଧହୁଏ ସେଦିନ ପାଶ୍ଚାତ୍ୟ ଜଗତର ବିଶିଷ୍ଟ ଦାର୍ଶନିକ ବର୍ଟ୍ରେଣ୍ଡ ରସେଲ୍ କହିଲେ, ''ସମସ୍ତେ ସ୍ୱର୍ଗ ସ୍ୱର୍ଗ ବୋଲି କହନ୍ତି, ମାତ୍ର ଏ ସଂସାରର କେହି ଜଣେ ବି ସ୍ୱର୍ଗର ଠିକଣା ଜାଣିନାହାନ୍ତି। କିନ୍ତୁ ମୁଁ ଏମିତି ଏକ ସମ୍ପ୍ରଦାୟକୁ ଜାଣେ, ଯିଏ ତୁମକୁ ସ୍ୱର୍ଗର ନିକଟବର୍ତ୍ତୀ ସ୍ଥାନକୁ ନେଇ ଯାଇପାରିବେ। ଏବଂ ସେମାନେ ହେଉଛନ୍ତି- ତୁମ ଶିକ୍ଷକ।''

ନିକଟ ଅତୀତରେ ଟିଭି ସମାଚାରରେ ଏମିତି ଜଣେ ସ୍ୱର୍ଗଦ୍ରଷ୍ଟା ଶିକ୍ଷକଙ୍କ ଅପୂର୍ବ ଅବସରକାଳୀନ ଶୋଭାଯାତ୍ରା ଦେଖି ଲାଗୁଥିଲା ଦାର୍ଶନିକ ରସେଲ୍ କିଛି ଭୁଲ୍ କହିନାହାନ୍ତି। ପ୍ରାୟ ଚାଳିଶ ବର୍ଷ ଶିକ୍ଷାଦାନ କରି ଅବସର ନେଇଥିବା ଏହି ଯଶସ୍ୱୀ ଶିକ୍ଷକଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ପଟୁଆର କରି ତାଙ୍କ ଘରକୁ ନେଇଥିଲେ ପ୍ରାୟ ପାଞ୍ଚଶହ ଲୋକ। କୌଣସି ରାଜନେତାଙ୍କ ବିଜୟ ଶୋଭାଯାତ୍ରାଠୁ କୌଣସି ଗୁଣରେ କମ୍ ନ ଥିଲା ଏହି ବର୍ଣ୍ଣାଢ୍ୟ ପଟୁଆର। କେବଳ ଫରକ ଥିଲା ଏତିକି, ପଟୁଆରରେ ସାମିଲ ଥିଲେ ଜେଜେ, ତାଙ୍କ ପୁଅ ଓ ତାଙ୍କ ନାତି ଭଳି ତିନି ପିଢ଼ିର ଛାତ୍ର, ଯେଉଁମାନଙ୍କୁ ଶିକ୍ଷାଦାନ କରିଥିଲେ ସେଇ ଅବସରପ୍ରାପ୍ତ ଶିକ୍ଷକ। ସମସ୍ତଙ୍କ ମୁହଁଟିମାନ ଥିଲା ବିଷାଦଗ୍ରସ୍ତ, ଯେମିତିକି କେହି ଅନ୍ତରଙ୍ଗ ଆତ୍ମୀୟ ବୃତ୍ତିଚ୍ୟୁତ ନୁହେଁ, ସଂସାରଚ୍ୟୁତ ହୋଇ ଆର ପୁରକୁ ଯାଉଛନ୍ତି! ଈଶ୍ୱର ବୋଲାଇବାର ସାର୍ଥକତା ଆଉ କାହାକୁ କହନ୍ତି କି!

ଅଥଚ ଭାବିଲେ କଷ୍ଟ ଲାଗେ, ଏଇ ଐଶ୍ୱରୀୟ ଅବତାରୀଙ୍କ ମଧ୍ୟରୁ କେତେଜଣ ବାଟ ଭାଙ୍ଗି କେମିତି ନର୍କ ଆଡ଼କୁ ଦ୍ରୁତଗତିରେ ମାଡ଼ି ଚାଲିଛନ୍ତି। ସେଇ ଟିଭିରୁ ବି ଦେଖିବାକୁ ମିଳିଥିଲା କେତେଜଣ ନିନ୍ଦିତ ଈଶ୍ୱରଙ୍କ ନର୍କଯାତ୍ରାର ଅଭିନବ ଦୃଶ୍ୟ। କେଉଁଠି ବିଦ୍ୟାଳୟର ଏକ ଶ୍ରେଣୀକକ୍ଷ ମଧ୍ୟରେ ପ୍ରଚୁର ମଦ୍ୟପାନ କରି ନିଜର ଚେତା ହରାଇଥିବା ଶିକ୍ଷକଙ୍କୁ ହଲାଇ ହଲାଇ ତାଙ୍କ ଚେତା ଫେରାଇ ଆଣିବାକୁ ଉଦ୍ୟମ କରୁଛନ୍ତି ଟିକିଟିକି ବିଦ୍ୟାର୍ଥୀବୃନ୍ଦ ତ ଅନ୍ୟ କେଉଁଠି ନିଜ କିଶୋରୀ ଛାତ୍ରୀକୁ ଯୌନ ନିର୍ଯାତନା ଦେଉଥିବା ଶିକ୍ଷକଙ୍କ ଚୁଟି ଟାଣି ମାଡ଼ ଦେଉଛନ୍ତି ଛାତ୍ରୀଟିର ମା'ବାପା। ମଧ୍ୟାହ୍ନଭୋଜନ ଅନୁଦାନରୁ କିଛି ଭିଡ଼ିଆଣି ପକେଟ୍‌ରେ ପୂରାଉଥିବା ଶିକ୍ଷକ, ମଦ ପିଇ ରାସ୍ତାରେ ଗଡୁଥିବା ଶିକ୍ଷକ ବା ଉଚ୍ଚାରଣରେ ଚରିତ୍ରବତ୍ତା କଥା କହି ଆଚରଣରେ ବିପରୀତ କରୁଥିବା ଶିକ୍ଷକ- ଏମାନେ କ'ଣ ବର୍ଟ୍ରାଣ୍ଡ ରସେଲ୍ ଚିହ୍ନାଇଥିବା ସେଇ ଶିକ୍ଷକ, ଯେଉଁମାନେ ଈଶ୍ୱର ସାଜି ସ୍ୱର୍ଗ ଆଡ଼କୁ ବାଟ କଢ଼ାଇନେବେ! କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଭ୍ରମଣବିଳାସୀ ବ୍ୟାଖ୍ୟାକାର

ବିଶ୍ୱ ସାହିତ୍ୟ କ୍ଷେତ୍ରରେ ୱେସ୍‌ଟନ୍ ଇଣ୍ଟରନ୍ୟାଶନାଲ ଆୱାର୍ଡ ଏକ ପରିଚିତ ପୁରସ୍କାର। ଏହି କାନାଡୀୟ ସାହିତ୍ୟ ସମ୍ମାନ ପ୍ରତିବର୍ଷ ଅଣକାଳ୍ପନିକ (ନନ୍‌ଫିକ୍ସନ) ଲେଖାରେ ଶ୍ରେଷ୍ଠ ପୁସ୍ତକ ରଚନା କରିଥିବା ଲେଖକଙ୍କୁ ପ୍ରଦାନ କରାଯାଇଥାଏ। ୧୯୯୭ରେ ଏହା ରାଇଟର୍ସ ଟ୍ରଷ୍ଟ ଅଫ୍ କାନାଡା ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ କାନାଡୀୟ ବ୍ୟବସାୟୀ, ଲେଖକ, ଜନହିତକର ମହିଳା ତଥା ଅଣ୍ଟାରିଓର ଲ୍ୟୁଟ୍‌ନାଣ୍ଟ ଗର୍ଭନର ହିଲାରୀ ୱେସ୍‌ଟନ୍ ଏହି ପୁରସ୍କାରର ପ୍ରାୟୋଜକ ହେବା ପରେ ତାଙ୍କ ନାମରେ ଏହା ନାମିତ ହୋଇଛି। ପୁରସ୍କାର ପାଇଁ ଯୋଗ୍ୟ ହେବାକୁ ହେଲେ ସମ୍ପୃକ୍ତ ଲେଖକଙ୍କର ଅତିକମ୍‌ରେ ଉଚ୍ଚକୋଟୀର ୩ଟି ନନ୍‌ଫିକ୍ସନ ପୁସ୍ତକ ଥିବା ଆବଶ୍ୟକ। ସେଗୁଡ଼ିକ ଇଂଲିଶ୍ ଭାଷା କିମ୍ବା ବହୁଳ ଭାବେ ଅନୁବାଦିତ ହୋଇଥିବା ପୁସ୍ତକ ହେବା ବାଞ୍ଛନୀୟ। ୨୦୨୪ ପାଇଁ ଭାରତୀୟ ଲେଖକ ପଙ୍କଜ ମିଶ୍ର ଏହି ସମ୍ମାନ ପାଇବେ। 'ଗ୍ଲୋବାଲ ସାଉଥ୍, ୱେଷ୍ଟର୍ନ ଇମ୍ପେରିଆଲିଜମ୍ ଇନ୍ ଏସିଆ ଆଣ୍ଡ୍ କଣ୍ଟେମ୍ପୋରାରି ସ୍ପିରିଚୁଆଲିଟି' ପାଇଁ ତାଙ୍କୁ ୭୫ ହଜାର ଆମେରିକୀୟ ଡଲାର ପୁରସ୍କାର ମିଳିବ। ସେପ୍ଟେମ୍ବର ୧୬ରେ କାନାଡାର ରୟାଲ ଅଣ୍ଟାରିଓ ମ୍ୟୁଜିୟମ୍‌ରେ ତାଙ୍କୁ ସମ୍ମାନିତ କରାଯିବ।



ବ୍ୟକ୍ତିତ୍ୱ
ପଙ୍କଜ ମିଶ୍ର

ଉତ୍ତରପ୍ରଦେଶର ଝାନ୍ସିରେ ୯ ଫେବୃଆରୀ ୧୯୬୯ରେ ପଙ୍କଜ ଜନ୍ମ ଲାଭ କରିଥିଲେ। ତାଙ୍କ ପିତା ଜଣେ ରେଳ ଶ୍ରମିକ ଥିଲେ। ସେ ଶ୍ରମିକ ସଂଘ ସହ ମଧ୍ୟ ଜଡ଼ିତ ଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ହୋଇଥିବା ଜମି ପୁନଃବଣ୍ଟନ ଯୋଗୁ ତାଙ୍କ ପରିବାର ଦାରିଦ୍ର୍ୟ ଭିତରକୁ ଚାଲିଯାଇଥିଲା। ଅଭାବ ଅନଟନ ଦେଇ ଗତି କରୁଥିଲେ ମଧ୍ୟ ପିତା ପଙ୍କଜଙ୍କ ପଢ଼ାକୁ ଗୁରୁତ୍ୱ ଦେଇଥିଲେ। ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ପଙ୍କଜ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରୁ ଇଂଲିଶ୍ ସାହିତ୍ୟରେ ସ୍ନାତକୋତ୍ତର କରିଥିଲେ। ଅର୍ଥଚିନ୍ତା ପରିବାରକୁ ଘାରିଥିବା ବେଳେ ସେ ୧୯୯୨ରେ ହିମାଚଳ ପ୍ରଦେଶର ଶିମ୍‌ଲା ଜିଲା ଅନ୍ତର୍ଗତ ମାଶୋବ୍ରା ଚାଲିଯାଇଥିଲେ। ସେଠାରେ ରହି ସେ 'ଦି ଇଣ୍ଡିଆନ୍ ରିଭ୍ୟୁ ଅଫ୍ ବୁକ୍ସ', 'ଦି ଇଣ୍ଡିଆନ୍ ମାଗାଜିନ୍' ଏବଂ ଇଂଲିଶ୍ ଖବରକାଗଜ 'ଦି ପାଓନିୟର'ରେ ସାହିତ୍ୟ ସମୀକ୍ଷା କରିବା ସହ ସେଗୁଡ଼ିକ ପାଇଁ ଲେଖାଲେଖି କରିଥିଲେ। ତାଙ୍କ ସୃଜନଶୀଳତା ଉଚ୍ଚପ୍ରଶଂସିତ ହେବା ପରେ ସେ ପୁସ୍ତକ ଲେଖିବାରେ ମନୋନିବେଶ କଲେ। ୧୯୯୫ରେ ତାଙ୍କ ପ୍ରଥମ ପୁସ୍ତକ 'ବଟର ଚିକେନ୍ ଇନ୍ ଲୁଧିଆନା: ଟ୍ରାଭେଲ୍ସ ଇନ୍ ସ୍ମଲ୍ ଟାଉନ ଇଣ୍ଡିଆ' ପ୍ରକାଶ ପାଇଥିଲା। ଏହା ଏକ ଭ୍ରମଣ ସାହିତ୍ୟ ଥିଲା, ଯେଉଁଥିରେ ସେ ଜଗତୀକରଣ ପରିପ୍ରେକ୍ଷୀରେ ଭାରତର ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନକୁ ଦର୍ଶାଇଥିଲେ। ୨୦୦୦ ମସିହାରେ ପଙ୍କଜଙ୍କ ଉପନ୍ୟାସ 'ରୋମାନ୍‌ଟିକ୍ସ' ବଜାରକୁ ଆସିଥିଲା। ଏଥିରେ ଲୋକେ ସେମାନଙ୍କ ନିଜ ଅଭିଳାଷ ଅପେକ୍ଷା ସାଂସ୍କୃତିକ ପୂର୍ଣ୍ଣତା ସକାଶେ ଅଭୀପ୍ସା ରଖିଥିବାର ଏକ ବକ୍ରୋକ୍ତି ପ୍ରୟୋଗାତ୍ମକ କାହାଣୀ ବାଢ଼ି ସେ ପାଠକୀୟ ଆଦୃତି ପାଇଥିଲେ। ମୁଖ୍ୟ ଚରିତ୍ର ୧୯ ବର୍ଷୀୟ ସମର ଆଲ୍ଲାହାବାଦରୁ ବାରାଣସୀ ଆସିଛନ୍ତି। ଉପନ୍ୟାସର ବହୁଳାଂଶ ଏପରିକି ଶେଷ ଯାଏ ବାରାଣସୀକୁ କେନ୍ଦ୍ରିତ କରାଯାଇଛି। ଶେଷରେ ସମର ଅନୁଭବ କରୁଛନ୍ତି ସେହି ସହର ରହସ୍ୟରେ ପରିପୂର୍ଣ୍ଣ। ଉକ୍ତ ଉପନ୍ୟାସ ୧୧ଟି ୟୁରୋପୀୟ ଭାଷାରେ ପ୍ରକାଶ ପାଇଥିଲା ଓ ଫିକ୍ସନ୍ ବର୍ଗରେ ଲସ୍ ଏଞ୍ଜେଲ୍ସ ଟାଇମ୍ସ ଆର୍ଟ ସେଇଡେନ୍‌ବଉମ୍ ପୁରସ୍କାର ଜିତିଥିଲା। ୨୦୦୪ରେ 'ଆନ୍ ଏଣ୍ଡ ଟୁ ସଫରିଂ: ଦି ବୁଦ୍ଧ ଇନ୍ ଦି ୱାର୍ଲଡ' ପ୍ରକାଶ ପାଇଥିଲା। ସେଥିରେ ବୁଦ୍ଧଙ୍କ ଇତିହାସ, ସ୍ମୃତି, ଦର୍ଶନକୁ ଗଭୀର ଅନ୍ୱେଷଣ କରିବା ସହ ଆଜିର ସମୟରେ ତାଙ୍କ ପ୍ରାସଙ୍ଗିକତାକୁ ପଙ୍କଜ ଉଲ୍ଲେଖ କରିଛନ୍ତି। ୨୦୦୬ରେ 'ଟେମ୍ପ୍‌ଟେଶନ ଅଫ୍ ଦି ୱେଷ୍ଟ: ହାଓ ଟୁ ବି ମଡର୍ନ ଇନ୍ ଇଣ୍ଡିଆ, ପାକିସ୍ତାନ ଆଣ୍ଡ ବିୟଣ୍ଡ' ବହିରେ ସେ କଶ୍ମୀରଠାରୁ ଆରମ୍ଭ କରି ଆଫଗାନିସ୍ତାନ, ତିବ୍ବତ, ନେପାଳ ଏବଂ ଦକ୍ଷିଣ ଓ ମଧ୍ୟଏସିଆର ବିଭିନ୍ନ ସ୍ଥାନକୁ କରିଥିବା ଭ୍ରମଣକୁ ସ୍ଥାନ ଦେବା ସହ ବଲିଉଡ୍‌କୁ ମଧ୍ୟ ସେଥିରେ ଯୋଡ଼ିଛନ୍ତି। 'ଏଜ୍ ଅଫ୍ ଏଙ୍ଗର', 'ଫ୍ରମ୍ ଦି ରୁଇନ୍ସ ଅଫ୍ ଏମ୍ପାୟାର'କୁ ମିଶାଇଲେ ପଙ୍କଜ ୮ଟି ନନ୍‌ଫିକ୍ସନ୍ ଲେଖିଥିବା ବେଳେ 'ରୋମାଣ୍ଟିକ୍ସ' ଓ 'ରନ୍ ଆଣ୍ଡ ହାଇଡ୍' ନାମରେ ଦୁଇଟି ଉପନ୍ୟାସ ଲେଖି ଚର୍ଚ୍ଚିତ ହୋଇଛନ୍ତି। ସାହିତ୍ୟ ରଚନା ସହ ସେ 'ଦି ଗାର୍ଡିଆନ୍', 'ଦି ନ୍ୟୁୟର୍କ ଟାଇମ୍ସ', 'ଦି ନ୍ୟୁୟର୍କର' ଆଦି ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ସ୍ତମ୍ଭ ଲେଖି ସୁଖ୍ୟାତି ଅର୍ଜନ କରିଛନ୍ତି। ପୁସ୍ତକ ଓ ସ୍ତମ୍ଭ ରଚନାରେ ସିଦ୍ଧହସ୍ତ ପଙ୍କଜ କ୍ରସ୍‌ୱାର୍ଡ ବୁକ୍ ଆୱାର୍ଡ, ଲିପ୍‌ଜିଗ୍ ବୁକ୍ ଆୱାର୍ଡଠାରୁ ଆରମ୍ଭ କରି ବହୁ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ପଙ୍କଜ ତାଙ୍କ ସମୟକୁ ଲଣ୍ଡନ ଓ ମାଶୋବ୍ରା ମଧ୍ୟରେ ଭାଗ କରିଚାଲିଛନ୍ତି। ଏକ ଗରିବ ପରିବାରୁ ଆସିଥିବା ପଙ୍କଜଙ୍କ ସଫଳତା ପଛରେ ରହିଛି ନିଷ୍ଠା ଓ ଅଧ୍ୟବସାୟ। ଲଣ୍ଡନଭିତ୍ତିକ ସମ୍ପାଦକ ମେରୀ ମାଉଣ୍ଟଙ୍କୁ ସେ ୨୦୦୫ରେ ବିବାହ କରିଛନ୍ତି। ମେରୀ ହେଉଛନ୍ତି ଲେଖକ ସାର୍ ଫର୍ଡିନାଣ୍ଡ ମାଉଣ୍ଟଙ୍କ କନ୍ୟା ତଥା ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୁନ୍‌ଙ୍କ ସମ୍ପର୍କୀୟ।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କର୍ଣ୍ଣାଟକ ଚିକମାଗାଲୁରର ବି.ଜି.ସୀତାରାମନ, ବିନୟ କୁମାର ଏବଂ ରାଜୀବ ଦୀକ୍ଷିତ। ସେମାନେ ବର୍ଜ୍ୟ କାଗଜ ଓ କୃଷି ବର୍ଜ୍ୟର ପୁନଃ ବିନିଯୋଗ କରି ସେଥିରୁ କାଗଜ କପ୍, ଟେଟ୍ରା ପ୍ୟାକ ଓ ଟିସ୍ୟୁ ପେପର ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ପରିବେଶ ଅନେକାଂଶରେ ପ୍ରଦୂଷଣମୁକ୍ତ ହୋଇପାରୁଛି। ସେମାନେ ଏହି ପରିବେଶ ଉପଯୋଗୀ ବିଜ୍‌ନେସ୍ ଆରମ୍ଭ କରିବା ପଛରେ ସୀତାରାମନଙ୍କ ପ୍ରେରଣା ରହିଛି। ସୀତାରାମନ ଜଣେ ମେକାନିକାଲ ଇଞ୍ଜିନିୟର। ତାଙ୍କର ଏକ ପେପର୍ ମିଲ୍ ଥିଲା। କିନ୍ତୁ ତାହା କୋଭିଡ୍ ସମୟରେ ବନ୍ଦ ହୋଇଯିବା ପରେ କାଗଜ ବର୍ଜ୍ୟର ପୁନଃ ବିନିଯୋଗ କଥା ଚିନ୍ତା କରିଥିଲେ। ପରେ ସେ ସୋସିଆଲ ଏଣ୍ଟରପ୍ରିନ୍ୟୁର ବିନୟ କୁମାର ଓ ଗ୍ରୀନ୍ କେମିକାଲ ଏକ୍ସପର୍ଟ ରାଜୀବ ଦୀକ୍ଷିତଙ୍କ ସହ ଆଲୋଚନା କରି ଏକ ନୂଆ ମେଶିନ ନିର୍ମାଣ କରିବାକୁ ପ୍ରସ୍ତାବ ରଖିଥିଲେ। ସେମାନେ ବହୁ ଚେଷ୍ଟା ପରେ ସେମାନଙ୍କ ଦ୍ୱାରା ଇଣ୍ଡିକ୍ ଇନିସିଏଟିଭସ୍ ଷ୍ଟାର୍ଟଅପ୍ ଦ୍ୱାରା ୨୦୨୨ରେ ୱେଷ୍ଟ ପେପର ରିସାଇକେଲର୍ ନିର୍ମାଣ କରିବାକୁ ସକ୍ଷମ ହୋଇଥିଲେ। ପରେ ସେଥିରେ ବର୍ଜ୍ୟ କାଗଜର ରିସାଇକେଲିଂ ଆରମ୍ଭ କରିଥିଲେ। ଏଥିରେ ପ୍ରତିମାସରେ ୩୦୦୦ କେଜି ବର୍ଜକାଗଜର ପୁନଃ ବିନିଯୋଗ କରାଯାଇ ପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୭୫

- ଟିମର ଦ୍ୱୀପରେ ଗୃହଯୁଦ୍ଧ ବନ୍ଦ କରି ସେଠାରେ ଏକ ଆନ୍ତର୍ଜାତିକ ଶାନ୍ତିରକ୍ଷାକାରୀ ସଂଗଠନ ପ୍ରତିଷ୍ଠା ପ୍ରସ୍ତାବକୁ ପର୍ତ୍ତୁଗାଲ ନୀତିଗତ ଭାବରେ ଗ୍ରହଣ କରିଛି।
- ଆୟର୍ଲାଣ୍ଡର ପୂର୍ବତନ ରାଷ୍ଟ୍ରପତି ୟେମନ ଡି ଭାଲେରାଙ୍କ ୯୨ ବର୍ଷ ବୟସରେ ପରଲୋକ।

# ପାଠକ ଶ୍ରେଷ୍ଠ ବିଚାରକ

## ଜାତୀୟତାବାଦ ଜାଗରଣ ଜାରି ରହୁ

ମହାଶୟ,

ସ୍ୱାଧୀନତା ପୂର୍ବରୁ ଦେଶବାସୀଙ୍କ ମଧ୍ୟରେ ଜାତୀୟତାବାଦ ଜାଗରଣ କରିବାରେ ଆଞ୍ଚଳିକ ଭାଷା ଖବରକାଗଜଗୁଡ଼ିକର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ଆଞ୍ଚଳିକ ଭାଷା ଖବରକାଗଜଗୁଡ଼ିକ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ସେତେବେଳେ ଦେଶରେ ପ୍ରକାଶ ପାଉଥିବା ଖବରକାଗଜରୁ ଅର୍ଦ୍ଧାଧିକ ଆଞ୍ଚଳିକ ଭାଷାର ଖବରକାଗଜ ଏହି ଜାତୀୟତାବାଦ ଜାଗରଣରେ ସାମିଲ ହୋଇଥିଲେ। ବିଶେଷକରି ପୂର୍ବ ଭାରତରେ 'ଉତ୍କଳ ଦୀପିକା' ଓ 'ସମ୍ବାଦବାହିକା' ଏହି ଜାତୀୟତାବାଦ ଆନ୍ଦୋଳନକୁ ଆଗକୁ ନେବାରେ ମୁଖ୍ୟ ଆୟୁଧ ସାଜିଥିଲେ। ଏଥିସହିତ 'ବେଙ୍ଗଲୀ', 'ହିନ୍ଦୁ ପାଟ୍ରିଅଟ୍', 'ଇଣ୍ଡିଆନ ମିରର', 'ଆନନ୍ଦ ବଜାର ପତ୍ରିକା', 'ଦି ହିନ୍ଦୁ' ପ୍ରକାଶ ପାଇ ଜାତୀୟତାବାଦ ସ୍ୱରକୁ ପ୍ରତିଫଳିତ କରିଥିଲେ। ଜାତୀୟତାବାଦ ଚିନ୍ତାଧାରା ନେଇ ପ୍ରକାଶ ପାଉଥିବା ଖବରକାଗଜଗୁଡ଼ିକ ଶିକ୍ଷିତଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଭାବ ପକାଉଥିଲା। କେବଳ ସେତିକି ନୁହେଁ, ବ୍ରିଟିଶ ସରକାରଙ୍କୁ ଏହି ଖବରକାଗଜଗୁଡ଼ିକ ଅନେକ ସମୟରେ ଚେତାବନୀ ଦେଉଥିଲେ। ମାତ୍ର ଏବେ ଶହ ଶହ ସଂଖ୍ୟାରେ ଆଞ୍ଚଳିକ ଖବରକାଗଜ ପ୍ରକାଶ ପାଉଥିଲେ ମଧ୍ୟ ସରକାରଙ୍କୁ ଚେତାବନୀ ଦେବା ପାଇଁ ସକ୍ଷମ ହୋଇପାରୁନାହାନ୍ତି। ଖବରକାଗଜରେ ଜାତୀୟତାବାଦ ଜାଗରଣ ଜାରି ରହିବା ଆବଶ୍ୟକ।

**– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ପୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ।
(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମହିଳାଙ୍କୁ ଧରାଇଦେଲେ ମିଳିବ ୨୫,୦୦୦ ଡଲାର



ସିଣ୍ଡି ରୋଡ୍ରିଗୁଏଜ୍ ସିଂ

**ୱାଶିଂଟନ୍**

ସିଣ୍ଡି ରୋଡ୍ରିଗୁଏଜ୍ ସିଂଙ୍କୁ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଖୋଜୁଛି। ସେ ୨୦୨୩ ମାର୍ଚ୍ଚରୁ ନିଜ ସ୍ୱାମୀ ଅର୍ଶଦୀପ ସିଂ ଓ ୬ ଝିଅପୁଅଙ୍କ ସହ ଭାରତକୁ ଫେରାର ହୋଇଥିବା ଏଫ୍‌ବିଆଇ ଜାଣିବାକୁ ପାଇଛି। ଏହି ୩୯ ବର୍ଷୀୟା ମହିଳାଙ୍କୁ ଧରାଇଦେଲେ ସମ୍ପୃକ୍ତ ସୂଚନାଦାତାଙ୍କୁ ୨୫,୦୦୦ ଡଲାର ପୁରସ୍କାର ଦିଆଯିବ ବୋଲି ସଂଘୀୟ ତଦନ୍ତକାରୀ ସଂସ୍ଥା ଘୋଷଣା କରିଛି। ସିଣ୍ଡି ଟେକ୍ସାସ୍‌ରେ ଥିବାବେଳେ ନିଜ ୬ ବର୍ଷୀୟ ପୁଅ ନୋଏଲ୍ ଅଲଭାରେଜ୍‌ଙ୍କୁ ହତ୍ୟା କରିଥିବା ଅଭିଯୋଗ ରହିଛି। ଗତବର୍ଷ ମାର୍ଚ୍ଚରେ ଏଭରମ୍ୟାନ୍ ପୋଲିସ ଅଫିସରମାନେ ଟେକ୍ସାସ୍ ପରିବାର ଓ ସୁରକ୍ଷା ସେବା ବିଭାଗଠାରୁ ଗୁପ୍ତ ସୂଚନା ପାଇ ସିଣ୍ଡିଙ୍କ ଘର ଯାଞ୍ଚ କରିବାକୁ ଯାଇଥିଲେ। ତଲାସି ବେଳେ ସେମାନେ ନୋଏଲଙ୍କୁ ପାଇ ନ ଥିଲେ। ନୋଏଲଙ୍କ ବିଷୟରେ ସିଣ୍ଡିଙ୍କୁ ପଚାରିବାରୁ ସେ କହିଥିଲେ, ୨୦୨୨ ନଭେମ୍ବର ପରଠୁ ନିଜ ଜୈବିକ ପିତାଙ୍କ ସହ ମେକ୍ସିକୋରେ ରହୁଛନ୍ତି। ୨୦୨୩ ଅକ୍ଟୋବରରେ ଫର୍ଟ ଓର୍ଥସ୍ଥିତ ଟରଣ୍ଟ କାଉଣ୍ଟି ଜିଲା କୋର୍ଟ ସିଣ୍ଡିଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛନ୍ତି। ସେହିବର୍ଷ ନଭେମ୍ବର ୨ରେ ତାଙ୍କ ନାମରେ ଗିରଫଦାରି ୱାରେଣ୍ଟ ଜାରି କରାଯାଇଛି। ୧୯୮୫ରେ ଟେକ୍ସାସ୍‌ର ଡୋଲ୍ଲାସରେ ଜନ୍ମିତ ସିଣ୍ଡିଙ୍କ ଉଚ୍ଚତା ୫ ଫୁଟ୍ ୧ ଇଞ୍ଚରୁ ୩ ଇଞ୍ଚ ମଧ୍ୟରେ ହେବ। ତାଙ୍କ ଓଜନ ୧୨୦-୧୪୦ ପାଉଣ୍ଡ। ସିଣ୍ଡିଙ୍କ ଆଖି ଓ କେଶର ରଙ୍ଗ ଧୂସର ହୋଇଥିବାବେଳେ ଦେହର ବିଭିନ୍ନ ଭାଗରେ ଟାଟୁ ରହିଥିବା ଲୁକ୍‌ଆଉଟ୍ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

# ରାମନାଥ 'କୋଭିଡ୍' ପ୍ରଥମ ଦଳିତ ରାଷ୍ଟ୍ରପତି: କଙ୍ଗନା



**ନୂଆଦିଲ୍ଲୀ**

ଅଭିନେତ୍ରୀରୁ ନେତ୍ରୀ ପାଲଟିଥିବା କଙ୍ଗନା ରାଣାୱତ୍ ହିମାଚଳ ପ୍ରଦେଶର ମଣ୍ଡି ଆସନରୁ ଭାଜପା ଏମ୍‌ପି ହେବା ପରଠୁ ନିଜ ମନ୍ତବ୍ୟକୁ ନେଇ ଅଧିକ ଚର୍ଚ୍ଚା ସାଉଁଟିବାରେ ଲାଗିଛନ୍ତି। ଏକ ୱେବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କଙ୍ଗନା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାମନାଥ କୋଭିଡ୍ ବୋଲି କହିଛନ୍ତି। କଙ୍ଗନାଙ୍କ ମତରେ ରାମନାଥ ଭାରତର ପ୍ରଥମ ଦଳିତ ରାଷ୍ଟ୍ରପତି। କିନ୍ତୁ ପ୍ରକୃତରେ ଆର୍.କେ. ନାରାୟଣନ୍ ପ୍ରଥମ ଦଳିତ ରାଷ୍ଟ୍ରପତି ଥିଲେ। କଙ୍ଗନା ନିଜ ଭୁଲ୍ ବୁଝିପାରିବା ପରେ କ୍ଷମା ମାଗିଥିଲେ। ତେବେ ରାମନାଥଙ୍କୁ କୋଭିଡ୍ କହିବା ନେଇ ସୋସିଆଲ ମିଡିଆରେ କଙ୍ଗନାଙ୍କୁ ଟ୍ରୋଲ୍ କରାଯାଉଛି। କୁଇନ୍ ଆକ୍ଟ୍ରେସ୍‌ଙ୍କ ଆଇକ୍ୟୁ ଏତେ ନିମ୍ନ ବୋଲି ଅନେକ ୟୁଜର୍ସ ସମାଲୋଚନା କରିଛନ୍ତି।

# ୫୦ କୋଟି କ୍ଷତିପୂରଣ ମାଗିଲେ ରିମି ସେନ୍

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ରିମି ସେନ୍ ୨୦୨୦ରେ ସତୀଶ ମୋଟର୍ସ ପ୍ରାଇଭେଟ୍ ଲିଃରୁ ୯୨ ଲକ୍ଷ ଟଙ୍କାରେ ଏକ ଜାଗୁଆର ଲ୍ୟାଣ୍ଡ୍ ରୋଭର କିଣିଥିଲେ। ଉକ୍ତ କାର୍‌ର ୱରେଣ୍ଟି ଅବଧି ୨୦୨୩ ଜାନୁଆରୀ ପର୍ଯ୍ୟନ୍ତ ରହିଥିଲା। ତେବେ କୋଭିଡ୍-୧୯ ମହାମାରୀ ବେଳେ ଲକ୍‌ଡାଉନ୍ ଯୋଗୁ କାର୍ ବ୍ୟବହୃତ ନ ହୋଇ ପଡ଼ିରହିଥିଲା। କଟକଣା ହଟିବା ପରେ ଅଭିନେତ୍ରୀ ଏହାକୁ ବ୍ୟବହାର କରିଥିଲେ। କାର୍‌ର ସନ୍‌ରୁଫ୍, ସାଉଣ୍ଡ୍ ସିଷ୍ଟମ୍ ଓ ରିଅର-ଏଣ୍ଡ୍ କ୍ୟାମେରାରେ ଅସୁବିଧା ଦେଖାଦେଇଥିଲା। ରିଅର୍-ଏଣ୍ଡ୍ କ୍ୟାମେରାରେ ତ୍ରୁଟି ଯୋଗୁ ୨୦୨୨ ଅଗଷ୍ଟ ୨୫ରେ କାର୍ ଏକ ପିଲାକୁ ଧକ୍କା ଦେଇଥିଲା। ଏବେ ସେହି କାର୍ ମରାମତି ବେଳେ ତାଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ଆଣି ରିମି ଲ୍ୟାଣ୍ଡ୍ ରୋଭର କମ୍ପାନୀଠାରୁ ୫୦ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ରିମି କହିଛନ୍ତି, ଏହି ସବୁ ଅସୁବିଧା ସମ୍ପର୍କରେ ଡିଲରଙ୍କୁ ଅବଗତ କରାଇବା ସତ୍ତ୍ୱେ

## ମାନସିକ ଯନ୍ତ୍ରଣା ଦେଉଛି ଲ୍ୟାଣ୍ଡ୍ ରୋଭର



ସେମାନେ ଶୁଣୁନାହାନ୍ତି। ଓଲଟା ପୂର୍ବ ଅଭିଯୋଗର ପ୍ରମାଣ ମାଗୁଛନ୍ତି। କାର୍ ମାନୁଫାକ୍ଚରିଂରେ ଡିଫେକ୍ଟ ଥିବାରୁ ଗୋଟିଏ ତ୍ରୁଟି ସୁଧାରିବା ପରେ ଆଉ ଗୋଟିଏ ଅସୁବିଧା ବାହାରୁଛି। ତେଣୁ ମାନସିକ ନିର୍ଯାତନା ପାଇଁ ୫୦ କୋଟି ଏବଂ ଆଇନଗତ ଖର୍ଚ୍ଚ ପାଇଁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ଦାବି କରିଛନ୍ତି। ଏଥିସହ ତ୍ରୁଟିଯୁକ୍ତ କାର୍ ଫେରାଇ ନେଇ ନୂଆ ଲ୍ୟାଣ୍ଡ୍ ରୋଭର ଦେବାକୁ ରିମି ଦାବି କରିଛନ୍ତି।

# ୱାର୍ଲ୍ଡ ଟୁର୍‌ରେ ପାକିସ୍ତାନୀ ମୋଟରସାଇକେଲ ଗର୍ଲ

**ଲାହୋର**

## ବାପାଙ୍କ ଇଚ୍ଛା ପୂରଣ କରିବେ



ଜେନିଥ୍ ଇରଫାନ

ସ୍ୱର୍ଗତ ବାପାଙ୍କ ରହିଯାଇଥିବା ଇଚ୍ଛାକୁ ପୂରଣ କରିବା ପାଇଁ ପାକିସ୍ତାନର ଲାହୋରରେ ରହୁଥିବା ଜେନିଥ୍ ଇର୍‌ଫାନ(୨୪) ନାମ୍ନୀ ଜଣେ ଯୁବତୀ ମୋଟରସାଇକେଲରେ ୱାର୍ଲ୍ଡ ଟୁର୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାପାଙ୍କ ମୃତ୍ୟୁ ପରେ ତାଙ୍କର ରହିଥିବା ଅସମାପ୍ତ ସ୍ୱପ୍ନ ବିଷୟରେ ଜେନିଥ୍ ଜାଣିବାକୁ ପାଇଥିଲେ। ସାରା ବିଶ୍ୱରେ ମୋଟରସାଇକେଲ ଯାତ୍ରା କରିବା ପାଇଁ ଜେନିଥ୍‌ଙ୍କ ବାପା ସ୍ୱପ୍ନ ଦେଖିଥିଲେ। ବାପା ପୂରଣ କରିପାରି ନ ଥିବା ଉକ୍ତ ସ୍ୱପ୍ନକୁ ସମ୍ମାନ ଜଣାଇ ଜେନିଥ୍ ପ୍ରଥମେ ପାକିସ୍ତାନରେ ମୋଟରସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ଖରା, ବର୍ଷା, ଶୀତ, କାକର ଆଦି ମଧ୍ୟରେ ସେ ଦେଶବ୍ୟାପୀ ନିଜର ମୋଟରସାଇକେଲ ଯାତ୍ରା ଜାରି ରଖି ଏହାକୁ ସଫଳତାର ସହ ଶେଷ କରିଥିଲେ। ଏହି ସଫଳତା ପାଇବା ପରେ ଜେନିଥ ପାକିସ୍ତାନରେ 'ମୋଟରସାଇକେଲ ଗର୍ଲ'ର ଆଖ୍ୟା ପାଇଥିଲେ। ତାଙ୍କର ଉକ୍ତ ଯାତ୍ରା ପାକିସ୍ତାନର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଥିଲା। ଏବେ ଜେନିଥ୍ ନିଜ ସ୍ୱର୍ଗତ ବାପାଙ୍କ ଇଚ୍ଛାକୁ ପୂରଣ କରିବା ଦିଗରେ ମୋଟରସାଇକେଲରେ ୱାର୍ଲ୍ଡ ଟୁର୍ କରିବାକୁ ନିଷ୍ପତ୍ତି ନେଇଛନ୍ତି।

**DISTRICT EDUCATION OFFICE, NUAPADA**
No.6054/PM Poshan-13/2024 Date: 29.08.2024
**CORRIGENDUM NOTICE**
The date for submission and opening of bids has been extended for "**TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25**" issued vide this office notice No. 5560 dt.: 08.08.2024.
The revised scheduled is as follows:-

| | |
|---|---|
| Last date for submission of Bids/Tenders | Dt: 13.09.2024 up to 05.00 PM |
| Date of Opening of Bids/ Tenders | To be informed |

**Sd./- Collector, Nuapada**

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.MCSW-Scrap-Dis-24-25-21
**କାର୍ଯ୍ୟର ନାମ:** ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱରର ପଲିକ୍ରାକ୍ (Polycrack) ୟୁନିଟ୍‌ର ପଛ ପାଖରେ ଥିବା ଏରିଆରେ ଶୂନ୍ୟ(Zero) ମୂଲ୍ୟ/କମ୍ (Low)ମୂଲ୍ୟ ସ୍କ୍ରାପ୍‌ର ପୃଥକୀକରଣ (Segregation) ଏବଂ ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ରେଳବାଇ ପରିସର ବାହାରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁମୋଦିତ ଅଳିଆଗଦା (Dump yard)ଠାରେ ସେଗୁଡ଼ିକର ଅପସାରଣ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 36,91,477.90, EMD (ଟଙ୍କାରେ): 73,800/-, ଶେଷ ହେବା ଅବଧି: 06 ମାସ।
ବିଡ୍ ଆରମ୍ଭ ହେବା ତାରିଖ: ତା.02.09.2024ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.16.09.2024ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର **www.ireps.gov.in** ରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(ଉତ୍ପାଦନ), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-476/P/24-25

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लोहरदगा**
**शुद्धि पत्र**
एतद् द्वारा सूचित किया जाता है कि कार्यपालक अभियंता, ग्रामीण विकास विशेष प्रमण्डल, लोहरदगा अन्तर्गत आमंत्रित ई–निविदा आमंत्रण सूचना संख्या–RDD/SD/LOHARDAGA/E-03/2024-25(2nd call) PR No. 333981 (Lohardaga) 24-25(D) द्वारा प्रकाशित है, जिसमें निविदा खोलने की तिथि 11.09.2024 को 12.09.2024 पढ़ा जाय।
निविदा सूचना की शेष शर्त्तें यथावत रहेंगी।
कार्यपालक अभियंता
ग्रामीण विकास विशेष प्रमंडल,
लोहरदगा ।
PR.NO.334297 Lohardaga(24-25):D

**ଓଡ଼ିଶା ସରକାର** No.T–
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା02.09.2024ରିଖ ବିଧାନସଭା ଅଧିବେଶନ ଥିବାରୁ ଏବଂ ସୋମବାର ଇଂରାଜୀ ତା09.09.2024ରିଖ ଏବଂ ସୋମବାର ଇଂରାଜୀ ତା16.09.2024ରିଖ ଦିନ ସରକାରୀ ଛୁଟି ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR–09014/11/0020/2425

**कार्यपालक अभियंता का कार्यालय ग्रामीण विकास विशेष प्रमंडल, गोड्डा**
अल्पकालीन ई–निविदा आमंत्रण सूचना
अल्पकालीन ई– निविदा सूचना संख्या – RWD/SD/GODDA/06/2024-25RE2
1.कार्य की विस्तृत विवरणी:

| क्रम / ग्रुप सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 2 | गोड्डा जिला के बोआरीजोर प्रखण्ड के राजाभिट्ठा पंचायत के ग्राम नारायणपुर चरका के पास सुन्दर नदी में पुल निर्माण। | 2,94,48,000.00 | 5,89,000.00 | 10,000.00 | 18 माह |

2.वेबसाइट में निविदा प्रकाशन की तिथि – 04.09.2024
3.ई–निविदा प्राप्ति की तिथि एवं समय – दिनांक 04.09.2024 से दिनांक 13.09.2024 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गोड्डा।
5.ई–निविदा खोलने की तिथि एवं समय – 18.09.2024 अपराह्न 2:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गोड्डा।
7.ई–निविदा प्रकोष्ठ का दूरभाष सं० – 8340110173
8.परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,
गोड्डा
PR 334265 (Rural Development)24-25*D

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking
** କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ୍ ସ୍କୋୟାର୍ ନିକଟ, ବ୍ରହ୍ମପୁର - ୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)
(ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧))
ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋସାଣିନୂଆଗାଁ** ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଗୋସାଣିନୂଆଗାଁ ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ କୈଳାଶ ଚୌଧୁରୀ,** ପିତା: ⩗ ନରସିଂହ ଚୌଧୁରୀ, **୨) ଶ୍ରୀମତୀ ସତ୍ୟଭମା ଚୌଧୁରୀ,** ସ୍ୱାମୀ: ⩗ ନରସିଂହ ଚୌଧୁରୀ, ଉଭୟଙ୍କ ଠିକଣା ସା: ନେହେରୁ ନଗର, ୮ମ ଲେନ୍, ଗୋସାଣିନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା - ୭୬୦୦୦୩/ **ଜାମିନ୍‌ଦାର: ଶ୍ରୀ ପ୍ରତାପ କୁମାର ପାଣିଗ୍ରାହୀ,** ପିତା: କିଶୋର ଚନ୍ଦ୍ର ପାଣିଗ୍ରାହୀ, ସା: ନେହେରୁ ନଗର, ୮ମ ଲେନ୍, ଗୋସାଣିନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା - ୭୬୦୦୦୩ | ୧୮.୧୧.୨୦୨୩ ସୁଦ୍ଧା ଟ.୫,୫୨,୦୬୦/- ଏବଂ ସେବାବଦ ସୁଧ | ୧୮.୧୧.୨୦୨୩ / ୨୮.୦୮.୨୦୨୪ | ଶ୍ରୀମତୀ ସତ୍ୟଭାମା ଚୌଧୁରୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୭୫/୧୧୪, ପ୍ଲଟ୍ ନଂ.: ୧୪୮୮/୨୯୬୮, କ୍ଷେତ୍ର: ଏକର୦.୦୦୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୮୭/୨୯୬୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି, ମୌଜା: ଗୋପବନ୍ଧୁ ନଗର, ତହସିଲ: ବ୍ରହ୍ମପୁର, ବ୍ରହ୍ମପୁର ମ୍ୟୁନିସିପାଲିଟୀ କର୍ପୋରେସନ୍, ଏହାର ଚଉପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଲେନ୍, ଉତ୍ତର: ଗୋବିନ୍ଦ ଚୌଧୁରୀଙ୍କ ଜମି, ଦକ୍ଷିଣ: ଗୋବିନ୍ଦ ଚୌଧୁରୀଙ୍କ ଜମି |

ସ୍ଥାନ: ବ୍ରହ୍ମପୁର
ତାରିଖ: ୩୧.୦୮.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**
**ई–प्रोक्योरमेंट सूचना (1st Call)**
ई–निविदा प्रसंग संख्या - RCD/DEOGHAR/1601//2024-25 (1st Call)
Date :-28.08.2024

| | | |
|---|---|---|
| 1. | कार्य का नाम | पथ प्रमण्डल, देवघर अन्तर्गत "महजोरी से मारगोमुण्डा पथ (कुल लम्बाई–2.271 कि0मी0) का पुनर्निर्माण कार्य"। |
| 2. | प्राक्कलित राशि (रुपये में) | रुपये **5,37,05,830.00** (पाँच करोड़ सैतीस लाख पाँच हजार आठ सौ तीस रुपये मात्र)। |
| 3. | कार्य समाप्ति की अवधि | 04 (चार) माह। |
| 4. | निविदा प्राप्ति की अंतिम तिथि एवं समय | 24.09.2024 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 04.09.2024 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –
निविदा की राशि घट–बढ़ सकती है।
अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।
कार्यपालक अभियंता,
PR 334171 Road(24-25)#D पथ निर्माण विभाग, पथ प्रमण्डल, देवघर।

JAPIT
Jharkhand Agency for Promotion of Information Technology
**(An Autonomous body under Department of Information Technology & e-Governance,Govt of Jharkhand)**
**Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand**
**Phone. 0651-2401044, 2401047 email:japit_doit@rediffmail.com**
**Notice Inviting Tender**

| # | Item | Description |
|---|---|---|
| 1 | Project Title | Empanelment of Software Development Firms for Development & Implementation of e-Governance Projects in Government of Jharkhand. |
| 2 | Name of Purchaser | Jharkhand Agency for Promotion of Information Technology (JAP-IT) |
| 3 | Contact Person, Address and Email | The CEO, JAP-IT, Ground Floor, Engineers hostel 1, Near Golchakkar, Dhurwa, Ranchi-834004. Tel: 0651-2401044, Email: japit_doit@rediffmail.com |
| 4 | Selection Method | • Tenders for this contract will be assessed in accordance with technical & financial qualification. • Technical bid of those bidders shall be opened who qualify in Pre-Qualification Bid. • Financial bid of those bidders who qualify in Technical Bid by scoring above 70% shall be opened. • Bidders matching the Least Cost under the tier they bid for as per the procedure laid down in the Clouse 6.4 of this RFP will be empaneled under the respective tier. • Joint Venture or Sub-Contracting or Consortium is not allowed. |
| 5 | Date of download of tender document | 31/08/2024 at 10.30 AM |
| 6 | Date for sending Pre-Bid Query as per RFP format | 08/09/2024 till 6.00 PM |
| 7 | Pre-Bid Meeting onsite at JAP-IT | 9/09/2024 at 2.30 PM |
| 8 | Start Date for Submission of Bids online | 19/09/2024 from 03:00 PM |
| 9 | Last Date for Submission of Bids online | 25/09/2024 up to 3:00 PM |
| 10 | Date of Opening of Technical Bid | 27/09/2024 at 3:30 PM |
| 11 | Date of Commercial Bid opening | To be Informed Later |
| 12 | Bid Validity Period | 180 Days |
| 13 | Total empanelment period | 3 Years |
| 14 | Cost of Tender Document | **Rs. 5,000/-** (Rs. Five Thousand only) non-refundable through online e-Procurement System |
| 15 | EMD | **Rs. 25,000/-** (Rs. Twenty-Five Thousand only) refundable through online e-Procurement System |

*Note:*
1. JAPIT reserves the right to change any schedule of bidding process. Please visit Procurement website https://jharkhandtenders.gov.in regularly for the same.
2. Proposals must be received as per time, date and venue mentioned in the Fact Sheet. Proposals received after due date and time WILL NOT be considered in this procurement process.
3. The Bidders are advised to submit the Bids well in advance as JAPIT/GoJ will not be responsible for non-submission of the bids because of any technical glitches or any problems in connectivity services used by the Bidder.
SD/-
PR 334206 Information Technology(24-25).D (OSD, JAP-IT)

**झारखण्ड सरकार**
**ग्रामीण कार्य विभाग कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**
ई–अल्पकालिन निविदा आमंत्रण सूचना
ई–अल्पकालिन निविदा संख्या:- **07/2024-25/RI/STPKG/RWD/EE/JSR** दिनांक :- 30.08.2024
कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलितराशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/ STPKG/05/ 2024-25 | बिरघा से कानिकोला तक पथ का सुदृढ़ीकरण कार्य। (लम्बाई–4.300 कि0मी0) | 2,49,59,800.00 | दो करोड़ उन्चास लाख उन्सठ हजार आठ सौ रू0 मात्र | 15 माह | द्वितीय |
| | | नेगा से केन्दमुरी तक पथ का सुदृढ़ीकरण कार्य। (लम्बाई–1.930 कि0मी0) | 95,27,200.00 | पन्चानवे लाख सताईस हजार दो सौ रू0 मात्र | | |
| | | L121 हल्दीपोखर तिरिंग मेन रोड से नागो तक पथ का सुदृढ़ीकरण कार्य। (लम्बाई–2.600 कि0मी0) | 1,28,77,500.00 | एक करोड़ अठाईस लाख सतहत्तर हजार पाँच सौ रू0 मात्र | | |
| | | मुदासासाई से ततलडीह तक पथ का सुदृढ़ीकरण कार्य। (लम्बाई–0.950 कि0मी0) | 50,22,700.00 | पचास लाख बाईस हजार सात सौ रू0 मात्र | | |
| | | L105 से सुफलडीह तक पथ का सुदृढ़ीकरण कार्य। (लम्बाई–6.820 कि0मी0) | 3,87,52,400.00 | तीन करोड़ सत्तासी लाख बावन हजार चार सौ रू0 मात्र | | |
| | | हाता–जादुगोड़ा रोड से मोधासाई तक पथ का सुदृढ़ीकरण कार्य। (लम्बाई–1.325 कि0मी0) | 71,34,100.00 | एकहत्तर लाख चौंतीस हजार एक सौ रू0 मात्र | | |
| | | पोराडीहा से पोखरिया तक पथ का सुदृढ़ीकरण कार्य। (लम्बाई–2.500 कि0मी0) | 1,92,08,400.00 | एक करोड़ बानवे लाख आठ हजार चार सौ रू0 मात्र | | |
| | | बालीडीह से बुरूहातु तक पथ का सुदृढ़ीकरण कार्य। (लम्बाई–2.500 कि0मी0) | 98,66,000.00 | अन्ठानवे लाख छियासठ हजार रू0 मात्र | | |
| | | L035-L034 से झरियागुट्टू तक पथ का सुदृढ़ीकरण कार्य। (लम्बाई–2.485 कि0मी0) | 1,82,38,500.00 | एक करोड़ बिरासी लाख अड़तीस हजार पाँच सौ रू0 मात्र | | |
| | | कुल | 14,55,86,600.00 | चौदह करोड़ पचपन लाख छियासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथि:– 03.09.2024।
3. ई–निविदा प्राप्ति की अंतिम तिथि एवं समय:– 16.09.2024 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 18.09.2024 पूर्वाह्न 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर
PR.NO.334343 REO (24-25):D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, पाकुड**
*email :- eercdpakur-jhr@nic.in, Phone & Fax No. 06435-220592*
अल्पकालिन ई0–प्रोक्यूरमेन्ट सूचना
(प्रथम आमंत्रण सूचना)
निविदा सूचना सं0– **RCD /PAKUR/530/2024-25** दिनांक : **28.08.2024**

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत लिट्टीपाड़ा–कुजबौना पथ के कि0मी0 0.00 से 13.00 कि0मी0 (कुल लंबाई–13.00 कि0मी0) में राईडिंग क्वालिटी में सुधार **(Improvement of Riding Quality)** कार्य। (योजना मद) वित्तीय वर्ष 2024–25 |
| 2. | प्राक्कलित राषि (रू0) | रू0 7,70,85,872/–(रू0 सात करोड़ सत्तर लाख पचासी हजार आठ सौ बहत्तर मात्र) |
| 3. | कार्य पूर्ण करने की अवधि | 03 (तीन) माह |
| 4. | ई०–निविदा प्राप्त करने की अंतिम तिथि एवं समय | 18.09.2024 के पूर्वाह्न 12.00 बजे तक |
| 5. | ई०–निविदा का बेबसाईट पर प्रकाषन की तिथि एवं समय | 05.09.2024 के पूर्वाह्न 10.30 बजे से |
| 6. | ई०–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 06435–220592 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

प्राक्कलित राशि घट–बढ़ सकती है।
विशेष जानकारी *http://jharkhandtenders.gov.in* पर देखी जा सकती है।
कार्यपालक अभियंता
पथ प्रमण्डल, पाकुड़।
PR.NO.334136 Road(24-25):D

# ଚିନ୍ତା ବଢ଼ାଉଛନ୍ତି ବାଳ ଅପରାଧୀ

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ)



ଯେଉଁ ବୟସରେ ପାଠ ପଢ଼ି ସଫଳ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା କଥା, ସେହି ସମୟରେ ଅପରାଧ ଜଗତରେ ପାଦ ଦେଉଛନ୍ତି ନାବାଳକ। ହତ୍ୟା, ନିଶା କାରବାର, ଚୋରି, ଲୁଟ୍, ସଂଘବଦ୍ଧ ଆକ୍ରମଣ ଆଦି ଘଟଣାରେ ସାମିଲ ହୋଇ ଅପରାଧୀ ସାଜୁଛନ୍ତି। ତେବେ କଅଁଳ ମନ ଏତେ ନିଷ୍ଠୁର ହେଉଛି କାହିଁକି? ନାବାଳକଙ୍କ ମଧ୍ୟରେ ଅପରାଧ ପ୍ରବଣତା ବଢୁଛି କାହିଁକି? ଏମିତି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଥିବାବେଳେ ବିଶେଷକରି ମା'ବାପା ଓ ବୁଦ୍ଧିଜୀବୀଙ୍କ ଚିନ୍ତା ବଢ଼ାଇଦେଇଛି। ଏଥିପାଇଁ ପରିବର୍ତ୍ତିତ ସାମାଜିକ ତଥା ପାରିବାରିକ ପରିବେଶ, ସଂସ୍କାର ଓ ଯତ୍ନର ଅଭାବ, ଢିଲା ଆଇନ, ଶିଶୁ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି, ନିଶାସେବନ, କୁସଙ୍ଗ, ପ୍ରେମ ଆଦି ବିଭିନ୍ନ କାରଣକୁ ଏଥିପାଇଁ ଦାୟୀ କରାଯାଉଛି।

ଏକତରଫା ପ୍ରେମକୁ ନେଇ ୨୮ ତାରିଖ ମଧ୍ୟରାତିରେ ଭୁବନେଶ୍ୱରରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ସମ୍ପୃକ୍ତ ଥିଲେ ୨ ନାବାଳକ। ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥ ନଗର ଶୁକବିହାର ଅଞ୍ଚଳରେ ଜଗତ ମଲ୍ଲିକଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିବା ସମ୍ପୃକ୍ତ ନାବାଳକଦ୍ୱୟ ଏବେ ବାଳସୁଧାର ଗୃହରେ। ଏହାର କିଛିଦିନ ପୂର୍ବରୁ ଭୁବନେଶ୍ୱର କୋର୍ଟରେ ପୂର୍ବତନ ଏସ୍‌ଡିଜେଏମ୍ ତଥା ବର୍ତ୍ତମାନ ପୁରୀ ଦେବୋତ୍ତର ବିଭାଗର ସହକାରୀ ଆୟୁକ୍ତ ବିଚାରପତି ଶିଶିର କୁମାର ସାହୁଙ୍କ ବଡ଼ଗଡ଼ ବିଜେବି ନଗରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚୋରି ହୋଇଥିଲା। ଏହି ଘଟଣାରେ ଧରାପଡିଥିବା ୧୨ଜଣଙ୍କ ମଧ୍ୟରୁ ୫ଜଣ ହେଉଛନ୍ତି ନାବାଳକ। ପୁରୀ ହାଡ଼ଗୋଡ଼ିଆ ସାହିରେ ଅଗଷ୍ଟ ୮ରେ ଯୁବ ଖଜା ବ୍ୟବସାୟୀ ଦିନେଶ ଖୁଣ୍ଟିଆଙ୍କୁ ୫ଜଣ ନାବାଳକ ଗୋଡାଇ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଅଗଷ୍ଟ ୧୯ରେ ପୁଣି ଏକ ହତ୍ୟାକାଣ୍ଡ ଘଟିଥିଲା। ସେହି ସାହିରେ ଖଜା ବ୍ୟବସାୟୀ ହରିହର ସାହୁଙ୍କୁ ଗୋଟିଏ ପରିବାର ଓ ଅନ୍ୟମାନେ ହତ୍ୟା କରିଥିଲେ। ଏଥିରେ ମଧ୍ୟ ୭ ନାବାଳକ ସମ୍ପୃକ୍ତ ଥିଲେ। ଗତବର୍ଷ ଜୁଲାଇ ୪ରେ ଭୁବନେଶ୍ୱର ମହର୍ଷି କଲେଜ ଗଣ୍ଡଗୋଳ ଘଟଣାରେ ପୋଲିସ ୫ଜଣ ଏବଂ ଜାନୁଆରୀ ୪ରେ ବିଜେବି କଲେଜର ଆପରାଧିକ ମାମଲାରେ ୩ ନାବାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଜୁନ୍ ତୃତୀୟ ସପ୍ତାହରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଗଣିଜାଙ୍ଗ ଅଞ୍ଚଳରେ ଜଣେ ୧୫ବର୍ଷୀୟ ନାବାଳକ ୨୦ଟଙ୍କା ପାଇଁ ନିଜ ଆଈଙ୍କୁ ମାରିଦେବା ପରେ ଜଣେ ମହିଳା ଓ ତାଙ୍କ ଶିଶୁକନ୍ୟାକୁ ନିର୍ମମ ଭାବେ ହତ୍ୟା କରିଥିଲେ। କେବଳ ଭୁବନେଶ୍ୱର, ପୁରୀ କିମ୍ବା ଭଦ୍ରକରେ ନୁହେଁ, ସାରା ରାଜ୍ୟରେ ଘଟୁଥିବା ବିଭିନ୍ନ ଅପରାଧରେ ନାବାଳକଙ୍କ ସମ୍ପୃକ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

## ଏନ୍‌ସିଆର୍‌ବି ରିପୋର୍ଟ ଉଦ୍‌ବେଗଜନକ

ଅପରାଧରେ ନାବାଳକଙ୍କ ସମ୍ପୃକ୍ତିକୁ ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ମଧ୍ୟ ଉଦ୍‌ବେଗଜନକ ରହିଛି। ତଥ୍ୟ ଅନୁଯାୟୀ, ୨୦୨୨ରେ ରାଜ୍ୟର ୧୧୬୩ ଆପରାଧିକ ମାମଲାରେ ନାବାଳକଙ୍କ ସମ୍ପୃକ୍ତ ରହିଥିଲା। ୧୨୯୦ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ୧୨୩୯ ଜଣଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ସେହିପରି ୨୦୨୧ରେ ୧୩୩୪ ମାମଲାରେ ନାବାଳକଙ୍କ ସମ୍ପୃକ୍ତ ରହିଥିଲା। ୧୬୧୦ ନାବାଳକ ପୋଲିସ ହାତରେ ଧରାପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୩୯ ଜଣଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ୨୦୨୦ରେ ମଧ୍ୟ ୧୦୯୫ ମାମଲାରେ ନାବାଳକଙ୍କ ସମ୍ପୃକ୍ତି ରହିଥିଲା।

## ପରିବାର, ଶିକ୍ଷାନୁଷ୍ଠାନ, ଶିଶୁ ସୁରକ୍ଷା ବ୍ୟବସ୍ଥାରେ ରହିଛି ସମସ୍ୟା



ଅପରାଧରେ ପିଲାମାନଙ୍କ ସମ୍ପୃକ୍ତି ବଢ଼ିଚାଲିଥିବା ବେଳେ ଏଥିପାଇଁ ୩ଟି ସ୍ଥାନରେ ସମସ୍ୟା ରହିଛି। ଏଗୁଡିକ ହେଲା ପରିବାର, ଶିକ୍ଷାନୁଷ୍ଠାନ ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥା। ପରିବାରରେ ପୂର୍ବରୁ ଯେଉଁଭଳି ଯତ୍ନ ଓ ସୁରକ୍ଷା ଥିଲା ତାହା ଏବେ କମିଯାଇଛି। ପିଲାମାନେ ଭଲପାଇବାରୁ ବଞ୍ଚିତ ହୋଇ ଅପରାଧରେ ପାଦ ଥାପନ୍ତି। ସେହିପରି ବିଦ୍ୟାଳୟରେ ପିଲାମାନଙ୍କ ଉପରେ ଚାପ ବଢ଼ିଚାଲିଛି। ଅଧିକ ପାଠ ଲଦି ଦିଆଯାଉଥିବାବେଳେ ପାଠ ପଢ଼ିବାକୁ ପରିବାର ଲୋକେ ମୋବାଇଲ ଧରାଇ ଦେଉଛନ୍ତି। ହେଲେ ମୋବାଇଲରେ ପିଲାମାନେ କ'ଣ ଶିଖୁଛନ୍ତି ତାହା ଉପରେ ନଜର ଦେଉନାହାନ୍ତି। ପିଲାମାନେ ଛୋଟ ଅପରାଧ କରି ବାଳସୁଧାର ଗୃହକୁ ଯାଆନ୍ତି। ହେଲେ ସେଠାରେ ପିଲାମାନଙ୍କ ଚରିତ୍ରରେ ସୁଧାର ଅଣାଯାଇପାରୁନାହିଁ। ସୁଧାର ଗୃହରେ ନିୟମିତ କାଉନ୍‌ସେଲିଂ, ଭଲ ବ୍ୟବହାର ଶିଖାଇବା ଓ ପାଠ ପଢ଼ାଇବା ଆଦି ପଦକ୍ଷେପ ନେବାକୁ ବ୍ୟବସ୍ଥା ଥିଲେ ମଧ ଏଥିରେ ଅବହେଳା ହେଉଛି। ପିଲାମାନଙ୍କ ଭିତରେ ଅପରାଧ ପ୍ରବଣତା କମାଇବା ପାଇଁ ବହୁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ପିଲାମାନଙ୍କୁ ଅଭିଭାବକମାନେ ଅଧିକ ସମୟ ଦେଇ ଖୁସିରେ ରଖିବା ଦରକାର। ଚାପମୁକ୍ତ କରାଇ ଶିଖାଇବା ଦରକାର। ଏପରିକି ସୁଧାର ଗୃହର ପରିସ୍ଥିତିକୁ ବଦଳାଇବା ଦରକାର। ଏଥିସହ ସୁଧାର ଗୃହରୁ ଫେରିଥିବା ପିଲାମାନଙ୍କୁ ସିଡବ୍ଲ୍ୟୁସି ମାଧ୍ୟମରେ ଘରକୁ ପଠାଇବା ଦରକାର। ସିଡବ୍ଲ୍ୟୁସି କାଉନ୍‌ସେଲିଂ କରି ନାବାଳକଙ୍କୁ ଭଲମଣିଷ ଭାବେ ଗଢ଼ିବାର ଆବଶ୍ୟକତା ରହିଛି।

-ବେଣୁଧର ସେନାପତି, ଶିଶୁ ସୁରକ୍ଷା ଅଧିକାର କର୍ମୀ

## ପିଲାଙ୍କ ଉପରେ ନଜର ରଖୁ ପରିବାର



ନାବାଳକ, କିଶୋର ଓ କମ୍ ବୟସ୍କଙ୍କ ଭିତରେ ଦିନକୁ ଦିନ ଅପରାଧ ପ୍ରବଣତା ବୃଦ୍ଧି ପାଉଛି। ଏଥିପାଇଁ ନିଶା, ସାମାଜିକ ଗଣମାଧ୍ୟମର ଅଶ୍ଳୀଳତା, କାମୋଦ୍ଦୀପକ, ନଗ୍ନ, ଦୁଃସାହସିକ ତଥା ଆପରାଧିକ ଚିତ୍ର ସମ୍ବଳିତ ବିଜ୍ଞାପନ ଅନେକାଂଶରେ ଦାୟୀ। ପରିବାର ଲୋକେ ମଧ ବିଭିନ୍ନ କାରଣରୁ ପିଲାଙ୍କ ପ୍ରତି ଗୁରୁତର ଅବହେଳା କରୁଛନ୍ତି। ଅଭିଭାବକମାନେ ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ଗତିବିଧି ଓ ଚାଲିଚଳନ ଉପରେ ନଜର ରଖିବା ସହ ସେମାନଙ୍କୁ ବେଳହୁଁ ଆକଟ, ତାଗିଦ, ସଚେତନ ଓ ଠିକ୍ କାଉନସେଲିଂ କରିବା ଦରକାର। ସୁସ୍ଥ ମଣିଷ ଅପେକ୍ଷା ନିଶାସକ୍ତ ବ୍ୟକ୍ତି ଅଧିକ ଅପରାଧ ସହ ସମ୍ପୃକ୍ତ। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା, ସିଗାରେଟ, ମଦ ସହ ନିଶା ଯେପରି ଆଦୌ ଉପଲବ୍ଧ ନ ହେବ, ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯିବା ଉଚିତ।

-ପ୍ରସନ୍ନ ବିଷୋୟୀ, କାର୍ଯ୍ୟକାରୀ ସଭାପତି, ଓଡିଶା ଅଭିଭାବକ ମହାସଂଘ

# ଭିଜିଲାନ୍ସ ଟିମ୍‌କୁ ଦେଖି କନିଷ୍ଠ ଯନ୍ତ୍ରୀ ବେହୋସ

## ୭ ଲକ୍ଷ ଟଙ୍କା କାମ ପାଇଁ ୨୫ ହଜାର ନେଉଥିଲେ ଲାଞ୍ଚ

ରାୟଗଡ଼ା,୩୧।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ରାୟଗଡ଼ା ସହରର ନିଜ ଘରେ ମାଣ୍ଡିବିସି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ବିଲ୍ କରିବା ପାଇଁ ମେଟ୍ କ୍ଷେତ୍ର ମାଝୀଙ୍କଠାରୁ ୨୫ ହଜାର ଲାଞ୍ଚ ନେବାବେଳେ ଶନିବାର ସନ୍ଧ୍ୟାରେ ଭିଜିଲାନ୍ସ ଟିମ୍ ପୂର୍ଣ୍ଣଙ୍କୁ ଧରିଛି। ରାୟଗଡ଼ା ରାଣୀଗୁଡ଼ାସ୍ଥିତ ଘରେ ଟଙ୍କା ସହ ଭିଜିଲାନ୍ସ ଧରିବା ପରେ ସେ ବେହୋସ ହୋଇପଡ଼ିଥିଲେ, ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଜିଲାନ୍ସ ଟିମ୍ ଭର୍ତ୍ତି କରିଥିଲେ। ଘଟଣାର ଅଧିକ ତଦନ୍ତ କରୁଛନ୍ତି ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ ଓ ଇନ୍ସପେକ୍ଟର ତରୁଲତା ବେହେରା। ତାଙ୍କ ଘରେ ଭିଜିଲାନ୍ସର ୧୫ ଜଣିଆ ଟିମ୍ ଜଗି ରହିଛନ୍ତି। ସେ ସୁସ୍ଥ ହେବାପରେ ଅନ୍ୟାନ୍ୟ ସମ୍ପତ୍ତି ଆକଳନ କରାଯିବ ବୋଲି ଅତିରିକ୍ତ ଏସ୍‌ପି ନାୟକ ସୂଚନା ଦେଇଛନ୍ତି। ତେବେ ଚୌଧୁରୀଙ୍କ ନାମରେ ପୂର୍ବରୁ ମଧ କଲ୍ୟାଣସିଂହପୁର ବ୍ଲକ୍ ଥିବା ବେଳେ ଅଭିଯୋଗ ରହିଥିଲା।

# ଜେଲ ଗଲେ କୋଟିପତି କନିଷ୍ଠ କିରାଣି

ବାଲେଶ୍ୱର, ୩୧।୮ (ବାଞ୍ଛାନିଧି ଦେ)

## ଆୟଠାରୁ ୧୪୩ ପ୍ରତିଶତ ଅଧିକ ସମ୍ପତ୍ତି



କନିଷ୍ଠ କିରାଣି ପ୍ରଦୀପ କୁମାର ଦାସ।

ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ପ୍ରଦୀପ କୁମାର ଦାସଙ୍କୁ ଶନିବାର ଗିରଫ କରିଛି ଭିଜିଲାନ୍ସ ପୋଲିସ। ଏ ସମ୍ପର୍କରେ ଏକ ମାମଲା (ନଂ.୧୧/୨୪) ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଜାମିନ ନାମଞ୍ଜୁର ହେବାରୁ ଗିରଫ କିରାଣିଙ୍କୁ କୋର୍ଟଚାଲାଣ କରାଯାଇଛି। ଆୟଠାରୁ ୧୪୩ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟ ଦୁର୍ନୀତି ବିଭାଗ ନିକଟରେ ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହେବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ୬ଟି ଟିମ୍ ପକ୍ଷରୁ ଶୁକ୍ରବାର ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆସ୍ଥିତ ତିନିମହଲା କୋଠା ସମେତ ଏକକାଳୀନ ୬ଟି ସ୍ଥାନରେ ଚଢାଉ କରାଯାଇଥିଲା। ଅଙ୍ଗାରଗଡ଼ିଆ ଘର, ଖନ୍ତାପଡ଼ାର ଭୂଇଁପଡ଼ାରେ ଥିବା ପୈତୃକ ଘର, ଭୂଇଁପଡ଼ାରେ ସମ୍ପର୍କୀୟଙ୍କ ଘର, କାହାଳିଆରେ ଥିବା ସମ୍ପର୍କୀୟଙ୍କ ଘର, ଶେରଗଡ଼ରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ କାର୍ଯ୍ୟାଳୟରେ ଚଢାଉ ହୋଇଥିଲା। ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଡିଶନାଲ ଏସ୍‌ପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୭ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅଙ୍ଗାରଗଡ଼ିଆରେ ୩ ମହଲା ବିଶିଷ୍ଟ ଘର ପ୍ରାୟ ୩୭୦୦ ସ୍କୋୟାରଫୁଟ୍, ଶେରଗଡ଼ ବଜାରରେ ଥିବା ୧କୋଟି ୯ଲକ୍ଷ ଟଙ୍କାର ଦୁଇମହଲା ବିଶିଷ୍ଟ ୨୦ଟି ଦୋକାନ ଘର ଥିବା ମାର୍କେଟ କମ୍ପ୍ଲେକ୍ସ, ସହର ତଥା ନିକଟବର୍ତ୍ତୀ ଅଞ୍ଚଳରେ ତାଙ୍କର ୬ଟି ମୂଲ୍ୟବାନ ପ୍ଲଟ, ୧୧ଲକ୍ଷ ୩୭ହଜାର ୯୯୭ ଟଙ୍କାର ବ୍ୟାଙ୍କ, ବୀମା ଓ ପୋଷ୍ଟାଲ ଜମା, ୨ଟି ବାଇକ୍ ଏବଂ ୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି। କନିଷ୍ଠ କିରାଣିଙ୍କୁ ଭିଜିଲାନ୍ସ ଅଫିସରେ ଅଟକ ରଖାଯାଇ ଠୁଳ କରିଥିବା ପୁଳା ପୁଳା ସମ୍ପତ୍ତି ବାବଦରେ ପଚରାଉଚରା କରିଥିଲା ଭିଜିଲାନ୍ସ। ଏ ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ।

# ୬ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଏଏସ୍‌ଆଇ

ବାରିପଦା, ୩୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



୬ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାର ଏଏସ୍‌ଆଇ ରାମଚନ୍ଦ୍ର ସୋରେନ। ଟାଉନ ଥାନାରେ ଥିବା ଏକ ମାମଲାରୁ ନାମ କାଟିବା ପାଇଁ ସେ ଏହି ଲାଞ୍ଚ ନେଉଥିଲେ।

ସୂଚନା ଅନୁଯାୟୀ, ବାରିପଦାର ଶୁଭ୍ରାଂଶୁ ଶେଖର ଦତ୍ତଙ୍କ ଏକ ପାରିବାରକ କଳହ ମାମଲା ବହୁ ଦିନ ହେବ ଥାନାରେ ରହିଥିଲା। ଉକ୍ତ ମାମଲାର ତଦନ୍ତକାରୀ ଅଫିସର ଭାବେ ରାମଚନ୍ଦ୍ର ସୋରେନ ରହିଥିଲେ। ମାମଲାରୁ ଶୁଭ୍ରାଂଶୁଙ୍କ ନାମ କାଟିବା ପାଇଁ ଏଏସଆଇ ସୋରେନ ପ୍ରଥମେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ୬ହଜାର ଟଙ୍କାରେ ମୂଲଚାଲ ହୋଇଥିଲା। ଏନେଇ ଶୁଭ୍ରାଂଶୁ ଅସହାୟ ହୋଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଓ ଯୋଜନାକୁ ନେଇ ଏଏସ୍‌ଆଇଙ୍କ ବାରୁଣିସ୍ଥିତ ଭଡ଼ାଘରେ ଲାଞ୍ଚ ନେବା ସମୟରେ ବାରିପଦା ଭିଜିଲାନ୍ସ ବିଭାଗ ମାଡ଼ିବସିଥିଲା। ତାଙ୍କ ନିକଟରୁ କେମିକାଲ ବୋଳା ୬ହଜାର ଲାଞ୍ଚ ଟଙ୍କାକୁ ଭିଜିଲାନ୍ସ ଜବତ କରିଛି। ଏଥିପରେ ଟାଉନ ଥାନା ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରି ଯାଞ୍ଚ କରାଯାଉଛି।

# ୨ଗୋରୁ ଚାଲାଣକାରୀ ଗିରଫ, ୧୦ ଗାଈ ଉଦ୍ଧାର

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା): ବିଭିନ୍ନ ସ୍ଥାନରୁ ଗାଈ ଚୋରିକରି ଗାଡ଼ିରେ ଚାଲାଣ କରୁଥିବାବେଳେ ତମାଣ୍ଡୋ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଏହାସହ ଗାଈ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ଅନ୍‌ସର ଅଲ୍ଲି ଏବଂ ସମୀର୍ ଖାନ୍। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ଦ୍ରୁତଗତିରେ ଗାଡ଼ି ଚଳାଇ ଆସୁଥିବାବେଳେ ତମାଣ୍ଡୋ ଥାନା ହ୍ୟୁଣ୍ଡାଇ ଶୋ'ରୁମ ନିକଟରେ ପାଟ୍ରୋଲିଂ କରୁଥିବା ପିସିଆର ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ଅଭିଯୁକ୍ତଦ୍ୱୟ ଗାଡ଼ି ଅଟକାଇବା ବଦଳରେ ବେଗକୁ ବଢ଼ାଇ ଖସିଯିବାକୁ ଉଦ୍ୟମ କରିଥିଲେ। ଏହାପରେ ପିସିଆର୍ କର୍ମୀ ସେମାନଙ୍କୁ ପିଛା କରି କାବୁ କରିଥିଲେ। ସନ୍ଦେହ ହେବାରୁ ପିସିଆର କର୍ମଚାରୀ ଗାଡି ଯାଞ୍ଚବେଳେ ୧୦ ଗାଈକୁ ବନ୍ଧା ଅବସ୍ଥାରେ ଦେଖିବାକୁ ପାଇ ସେଗୁଡିକୁ ଉଦ୍ଧାର କରିଥିଲେ। ପଚରାଉଚରା କରିବାରୁ ଗାଈଗୁଡିକୁ ଚୋରିକରି ଚାଲାଣ ହେଉଥିବା ପୋଲିସ ଆଗରେ ଅଭିଯୁକ୍ତଦ୍ୱୟ ସ୍ୱୀକାର କରିବାରୁ ସେମାନଙ୍କୁ ଗିରଫ କରିଥିଲା।

# ଛତ୍ରପୁର ବିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଛତ୍ରପୁର,୩୧।୮
(ଦିଲୀପ ସାମଲ/ ସନ୍ତୋଷ ପାଢ଼ୀ)

- ୩ କୋଠା, ଗୋଟିଏ ପ୍ଲଟ୍ ଠାବ
- ୬.୫୦ ଲକ୍ଷ ନଗଦ ଜବତ
- ୩୫ ଲକ୍ଷ ଟଙ୍କାର ବ୍ୟାଙ୍କ, ବୀମା ଜମା





ବିଇଓଙ୍କ ବାସଭବନ ଓ ଜବତ ଟଙ୍କା।

ଆୟ ବହିର୍ଭିତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ସୀତାରାମ ପାତ୍ରଙ୍କ ବାସଭବନ, କାର୍ଯ୍ୟାଳୟ ସମେତ ୬ଟି ସ୍ଥାନରେ ଶନିବାର ଭୋରରୁ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ସକାଳୁ ଭିଜିଲାନ୍ସ ଟିମ୍ ଛତ୍ରପୁର ଅଭିମୁଖେ ଆସି ବିଇଓ ପାତ୍ରଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ତାଙ୍କୁ ବିଭିନ୍ନ ବିଷୟରେ ପଚାରଉଚରା କରାଯାଇଥିଲା। ଏହି ସମୟରେ କୌଣସି ଲୋକଙ୍କୁ ତାଙ୍କ ଚାମ୍ବରକୁ ଯିବା ଲାଗି ଅନୁମତି ମିଳି ନ ଥିଲା। ଚଢ଼ାଉରୁ ମିଳିଥିବା ସମ୍ପତ୍ତି ଓ କାଗଜପତ୍ର ମଧ୍ୟରେ ତାଙ୍କର ବ୍ରହ୍ମପୁରସ୍ଥିତ ଖୋଡ଼ାସିଙ୍ଗି ନିକଟସ୍ଥ ରାମକୃଷ୍ଣନଗର ସପ୍ତମ ଲେନ୍‌ରେ ଥିବା ୩୫୦୦ ବର୍ଗଫୁଟର ୨ମହଲା କୋଠା, ପୋଲସରା କୋଲିସାହିରେ ଥିବା ୧୬୦୦ ବର୍ଗଫୁଟର ୨ ମହଲା କୋଠା ଓ କୋଲିସାହିର ଆଉ ଗୋଟିଏ କୋଠା, ବ୍ରହ୍ମପୁର ଖୋଡ଼ାସିଙ୍ଗିରେ ୨ ହଜାର ବର୍ଗ ମିଟରର ଏକ ପ୍ଲଟ୍ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହାର ମୂଲ୍ୟ ଭିଜିଲାନ୍ସର ବୈଷୟିକ ଟିମ୍ ଆକଳନ କରୁଛି। ଏଥିସହ ବିଇଓ ପାତ୍ରଙ୍କ ଘରୁ ୬ ଲକ୍ଷ ୫୦ ହଜାର ନଗଦ ଟଙ୍କା, ଗୋଟିଏ କାର୍, ୨ଟି ଦୁଇଚକିଆ ଯାନ, ୩୫ ଲକ୍ଷ ୬୧ ହଜାର ୧୫୭ ଟଙ୍କା, ବ୍ୟାଙ୍କ ଓ ବୀମା ଜମା ସମ୍ପର୍କିତ କାଗଜପତ୍ର ଭିଜିଲାନ୍ସ ଟିମ୍ ହାତରେ ପଡ଼ିଛି। ଏହାକୁ ନେଇ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହେବ ବୋଲି ଜଣାପଡ଼ିଛି।

ବିଇଓ ପାତ୍ରଙ୍କ ବ୍ରହ୍ମପୁର ଖୋଡ଼ାସିଙ୍ଗି ନିକଟସ୍ଥ ରାମକୃଷ୍ଣନଗର ସପ୍ତମ ଲେନ୍‌ରେ ଥିବା ଦୁଇମହଲା କୋଠା, ପୋଲସରା କୋଲିସାହିରେ ଥିବା ୨ଟି କୋଠା, ବ୍ରହ୍ମପୁର କଳିଙ୍ଗନଗରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ଏବଂ ଛତ୍ରପୁର ବିଇଓଙ୍କ କାର୍ଯ୍ୟାଳୟରେ ଏକକାଳୀନ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ମିଳିଥିବା ପାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ, ବୀମା ଜମା ନେଇ ଯାଞ୍ଚ ହେବ। ଯାଞ୍ଚ ପରେ ତାଙ୍କର ଏହି ସମ୍ପତ୍ତି ଆୟ ବହିର୍ଭୂତ କି ନାହିଁ ସ୍ପଷ୍ଟ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ରାଜ୍ୟ ଭିଜିଲାନ୍ସ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ୬ଟି ଟିମ୍ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ୫ ଡିଏସ୍‌ପି, ୪ ଇନ୍ସପେକ୍ଟର, ୫ ଏସ୍‌ଆଇ /ଏଏସ୍‌ଆଇ ଓ ଅନ୍ୟ ବିଭାଗର କର୍ମଚାରୀ ସାମିଲ ଥିଲେ।



ବିଇଓ ସୀତାରାମ ପାତ୍ର।

ଅନ୍ୟପକ୍ଷରେ ଏହି ଯାଞ୍ଚ ପାଇଁ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ ସ୍ପେଶାଲ ଜଜ୍ ୱାରେଣ୍ଟ ଜାରି କରିଥିଲେ। ତେବେ ଶାଳୀଙ୍କ ଘର ନିର୍ମାଣ ଲାଗି ସେ ଉକ୍ତ ଟଙ୍କା ମୋ ଘରେ ରଖିଥିଲେ। ଗ୍ରାମର ଘର ପୈତୃକ ସମ୍ପତ୍ତି ବୋଲି ବିଇଓ ପାତ୍ର କହିଛନ୍ତି। ବିଇଓ ପାତ୍ର ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଛତ୍ରପୁର ବିଇଓ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୮୯ରୁ ସରକାରୀ ଚାକିରି କରୁଛନ୍ତି ଏବଂ ମାସିକ ୯୨ ହଜାର ଟଙ୍କା ଦରମା ପାଉଥିଲେ ବୋଲି ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ବିଇଓଙ୍କ ବିରୋଧରେ ବିଭିନ୍ନ ଶିକ୍ଷକ ସଂଘ ଅଭିଯୋଗ କରି ଆସୁଥିଲେ। ଏହାର ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ଟିମ୍ ସୂଚନା ଦେଇଛନ୍ତି।

# ଟୁଇନ୍ ସିଟିରେ ୮ ମାସରେ ୧୨୨ ମାମଲା, ୨୧୧ ଗିରଫ

## ନିଶାଦ୍ରବ୍ୟ କାରବାର

ଭୁବନେଶ୍ୱର,୩୧।୮ (ସତ୍ୟଜିତ ରାଉତ)

କଟକ ଓ ଭୁବନେଶ୍ୱରରେ ନିଶାଦ୍ରବ୍ୟ କାରବାର ବଢ଼ିଚାଲିଛି। କମିଶନରେଟ୍ ପୋଲିସ ପକ୍ଷରୁ ଏନେଇ ବ୍ୟାପକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହି କାରବାରରେ ରୋକ୍ ଲାଗିପାରୁନାହିଁ। ଗତ ୮ ମାସରେ ଟୁଇନ୍ ସିଟିରେ ପୋଲିସ ପକ୍ଷରୁ ୧୭ କୁଇଣ୍ଟାଲ ୮୮ କେଜି ଗଞ୍ଜେଇ ଓ ୨ କେଜି ବ୍ରାଉନସୁଗାର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୧୨୨ ମାମଲା ରୁଜୁ କରାଯାଇଥିବା ବେଳେ ୨୧୧ ଜଣ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଥିବା ପୋଲିସ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ଗତ ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ବିଭିନ୍ନ ଥାନା ପକ୍ଷରୁ ମୋଟ ୫୮୪ କେଜି ଗଞ୍ଜେଇ ଓ ୫୬୮ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୮୫ମାମଲା ରୁଜୁ କରାଯାଇ ୧୫୯ ଜଣଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର ପୋଲିସ ପକ୍ଷରୁ ନିଶାଦ୍ରବ୍ୟ ଚୋରାଚାଲାଣରେ ବ୍ୟବହୃତ ୪୦ଟି ଗାଡ଼ିକୁ ଜବତ କରାଯାଇଛି। ସେହିପରି କଟକ ସହରାଞ୍ଚଳ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ୫୯୧ କେଜି ଗଞ୍ଜେଇ ଓ ୬୨୭ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବାବେଳେ ୩୦ଟି ମାମଲା ମାମଲା ରୁଜୁ କରାଯାଇ ୩୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଉଇଙ୍ଗ୍ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ମଧ୍ୟ ଏ ଦିଗରେ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ସ୍ପେଶାଲ କ୍ରାଇମ୍ ୟୁନିଟ ପକ୍ଷରୁ ୬୧୩ କେଜି ଗଞ୍ଜେଇ ଓ ୮୦୮ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ୭ ମାମଲା ରୁଜୁ କରାଯାଇ ୨୧ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଚାଲାଣରେ ବ୍ୟବହୃତ ୧୦ଟି ଗାଡ଼ି ଜବତ କରାଯାଇଛି। ତେବେ ଟୁଇନ୍ ସିଟିରେ ନିଶାଦ୍ରବ୍ୟ ଚାଲାଣ ରୋକିବାକୁ ଆଗକୁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

# କୋଲକାତା ଚାଲାଣ ବେଳେ ୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଭୁବନେଶ୍ୱର, ୩୧।୮ (ସତ୍ୟଜିତ ରାଉତ)

## ସ୍ପେଶାଲ କ୍ରାଇମ ୟୁନିଟ୍‌ର ଚଢ଼ାଉ, ୫ ଗିରଫ



ଭୁବନେଶ୍ୱରରୁ କୋଲକାତାକୁ ଗଞ୍ଜେଇ ଚାଲାଣବେଳେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେଇଛି। ଦୁଇଟି କାର୍‌କୁ କାବୁ କରିବା ସହ ସେଥିରେ ଥିବା ୧ କୁଇଣ୍ଟାଲ ୩୦କେଜି ଗଞ୍ଜେଇ ଜବତ ହୋଇଛି। ଏହି ମାମଲାରେ ଓଡ଼ିଶାର ୩ଜଣ ଏବଂ ପଶ୍ଚିମବଙ୍ଗର ୨ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ପୁଷ୍ପକ ଶ୍ରୀଚନ୍ଦନ ଓରଫ ଜିତୁ(୨୫), ମିଳନ ନାୟକ ଓରଫ ଲିପୁ (୨୩), ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ଏସ୍‌କେ ଜମିରଉଲ୍ଲା ଓରଫ ଜମିର୍ (୩୬), ପଶ୍ଚିମବଙ୍ଗର ଆଜମେର ସୈଖ୍ (୨୮) ଓ ଏସ୍‌କେ ସମୀର୍ (୩୯)। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏହି ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ହେଲେ ପୁଷ୍ପକ। ୨ମାସ ହେଲା କନ୍ଧମାଳର ଫିରିଙ୍ଗିଆ ଅଞ୍ଚଳରୁ ପୁଷ୍ପକ ଏବଂ ତାଙ୍କ ସହଯୋଗୀମାନେ ଗଞ୍ଜେଇ କିଣି ଖୋର୍ଦ୍ଧାର ଏକ ସ୍ଥାନରେ ରଖୁଥିଲେ। ପରେ ସେମାନେ ଉକ୍ତ ଗଞ୍ଜେଇକୁ ପୁଣି କାର୍‌ରେ ଆଣି ଭୁବନେଶ୍ୱର ବମିଖାଲର ଏକ ସ୍ଥାନରେ ରଖୁଥିଲେ। ବିଭିନ୍ନ ସମୟରେ କୋଲ୍‌କାତାରୁ ଭୁବନେଶ୍ୱରକୁ ବେପାରି ଆସି ଗଞ୍ଜେଇ ନେଉଥିଲେ। ଅଧିକାଂଶ ସମୟରେ ପୁଷ୍ପକ ଓ ତାଙ୍କ ସହଯୋଗୀମାନେ ଉକ୍ତ ଗଞ୍ଜେଇକୁ ମଧ କୋଲ୍‌କାତାରେ ନେଇ ଦେଉଥିଲେ। ତେବେ କନ୍ଧମାଳରୁ ସିଧାସଳଖ କୋଲ୍‌କାତାରେ ଗଞ୍ଜେଇ ପହଞ୍ଚାଇବା ପାଇଁ ପୁଷ୍ପକ ୧ ଲକ୍ଷ ଟଙ୍କା ନେଉଥିଲେ। କୋଲ୍‌କାତା ଲୋକ ଓଡ଼ିଶା ଆସି ଗଞ୍ଜେଇ ନେବାବେଳେ ଅଭିଯୁକ୍ତମାନେ ଏସକର୍ଟ କରାଇବା ପାଇଁ ୬୦ ହଜାର ଟଙ୍କା ନେଉଥିଲେ। ଶୁକ୍ରବାର ପଶ୍ଚିମବଙ୍ଗର ୨ ଅଭିଯୁକ୍ତ ଗଞ୍ଜେଇ ନେବାବେଳେ ପୁଷ୍ପକ ଓ ତାଙ୍କ ସହଯୋଗୀମାନେ ଏସକର୍ଟ କରୁଥିଲେ। ଏନେଇ ଖବର ପାଇ ପୋଲିସ ଟିମ୍ ବମିଖାଲରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

## ଗଞ୍ଜେଇ କାରବାର ଟଙ୍କାରେ ମଡେଲଙ୍କ ସହ ରିଲ୍ସ

ମୁଖ୍ୟ ଅଭିଯୁକ୍ତ ପୁଷ୍ପକ ଗଞ୍ଜେଇ ଚାଲାଣ ଟଙ୍କାରେ ମଡେଲ୍‌ଙ୍କୁ ଆଣି ରିଲ୍ସ କରୁଥିଲେ। ତାଙ୍କ ମୋବାଇଲରୁ ଏସବୁ ପ୍ରମାଣ ମିଳିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ପୁଷ୍ପକ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ଷ୍ଟ୍ରିମ୍‌ରେ ବି.ଟେକ୍ କରିଛନ୍ତି। ହେଲେ ସହଜରେ ଟଙ୍କା ରୋଜଗାର କରିବାକୁ ସେ ଗଞ୍ଜେଇ ଚାଲାଣର ତରିକା ବାଛିଥିଲେ। ଗତ ୨ମାସରେ ସେ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା ପୋଲିସ ପଚରାଉଚରାରୁ ଜାଣିବାକୁ ପାଇଛି।

# ODISHA PUBLIC SERVICE COMMISSION
# CUTTACK

## NOTICE

**No. 4839/ PSC Dt.31.08.2024**

No. D-: It is for information of all 1367 (493-W) provisionally qualified candidates of OCS (Main) Examination-2022 that, the **Document Verification & Personality Test** of Odisha Civil Services, 2022, pursuant to Advt. No. 17 of 2022-23 will be held from **10.09.2024 to 06.10.2024 (except 16.09.2024, 22.09.2024 & 02.10.2024)** in the Office of Commission, at 19, Dr. P.K. Parija Road, Cuttack - 753001 as per the programme detailed below.

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test | Team |
|---|---|---|---|---|
| 1 | 2 | 3 | 4 | 5 |
| 1 | 100289, 100349, 100389, 100609, 100679, 100772, 100997, 101202, 101385, 101497 = **10 Candidates** | 10.09.2024 | Forenoon Session | Team - I |
| | 101522, 101603, 101733, 101829, 101940, 102064, 102556, 102828, 102863 = **09 Candidates** | | Afternoon Session | |
| | 102895, 103548, 103722, 103728, 104176, 104194, 104297, 104427, 104637, 104768 = **10 Candidates** | 10.09.2024 | Forenoon Session | Team - II |
| | 104792, 105166, 105218, 105282, 105407, 105689, 105759, 105825, 105879 = **09 Candidates** | | Afternoon Session | |
| | 107126, 107241, 107258, 107295, 107415, 107536, 107558, 107583, 107666, 107844 = **10 Candidates** | 10.09.2024 | Forenoon Session | Team - III |
| | 107992, 108320, 108459, 108548, 200161, 200323, 200458, 200475, 200527 = **09 Candidates** | | Afternoon Session | |
| 2 | 200542, 200555, 200684, 200837, 200905, 201018, 201204, 201271, 201521, 201564 = **10 Candidates** | 11.09.2024 | Forenoon Session | Team - I |
| | 201605, 202034, 202147, 202250, 202350, 202708, 202788, 202811, 202854 = **09 Candidates** | | Afternoon Session | |
| | 202887, 203138, 203272, 203366, 203446, 203555, 203610, 203615, 203636, 204028 = **10 Candidates** | 11.09.2024 | Forenoon Session | Team - II |
| | 204149, 204293, 204356, 204403, 204653, 204772, 205380, 205462, 205467 = **09 Candidates** | | Afternoon Session | |
| | 205474, 205477, 205492, 205553, 205791, 206107, 206109, 206152, 206337, 206711 = **10 Candidates** | 11.09.2024 | Forenoon Session | Team - III |
| | 206733, 206900, 207043, 207326, 207410, 207639, 207720, 207810, 208063 = **09 Candidates** | | Afternoon Session | |
| 3 | 208089, 208439, 300005, 300009, 300034, 300103, 300146, 300208, 300211, 300240 = **10 Candidates** | 12.09.2024 | Forenoon Session | Team - I |
| | 300256, 300266, 300319, 300564, 300581, 300616, 300659, 300699, 300850 = **09 Candidates** | | Afternoon Session | |
| | 300869, 300897, 300901, 300921, 300926, 300950, 300955, 300958, 300981, 301017 = **10 Candidates** | 12.09.2024 | Forenoon Session | Team - II |
| | 301018, 301084, 301119, 301185, 301187, 301212, 301326, 301327, 301345 = **09 Candidates** | | Afternoon Session | |
| | 301407, 301411, 301454, 301455, 301588, 301589, 301597, 301604, 301623, 301628 = **10 Candidates** | 12.09.2024 | Forenoon Session | Team - III |
| | 301647, 301649, 301757, 301910, 301917, 301965, 302043, 302074, 302099 = **09 Candidates** | | Afternoon Session | |
| 4 | 302103, 302161, 302216, 302279, 302296, 302302, 302311, 302518, 302548, 302592 = **10 Candidates** | 13.09.2024 | Forenoon Session | Team - I |
| | 302602, 302628, 302718, 302742, 302788, 302859, 302948, 302956, 303018 = **09 Candidates** | | Afternoon Session | |
| | 303026, 303082, 303100, 303152, 303154, 303157, 303162, 303177, 303202, 303285 = **10 Candidates** | 13.09.2024 | Forenoon Session | Team - II |
| | 303294, 303399, 303566, 303583, 303728, 303752, 303770, 303813, 303870 = **09 Candidates** | | Afternoon Session | |
| | 303877, 303914, 303923, 303964, 304007, 304077, 304081, 304226, 304303, 304326 = **10 Candidates** | 13.09.2024 | Forenoon Session | Team - III |
| | 304354, 304367, 304380, 304509, 304572, 304573, 304606, 304617, 304633 = **09 Candidates** | | Afternoon Session | |
| 5 | 304640, 304649, 304666, 304672, 304676, 304707, 304728, 304771, 304790, 304826 = **10 Candidates** | 14.09.2024 | Forenoon Session | Team - I |
| | 304836, 304852, 304933, 304983, 304989, 305075, 305079, 305245, 305280 = **09 Candidates** | | Afternoon Session | |
| | 305299, 305308, 305340, 305489, 305632, 305633, 305693, 305710, 305869, 305925 = **10 Candidates** | 14.09.2024 | Forenoon Session | Team - II |
| | 306006, 306019, 306069, 306108, 306114, 306117, 306173, 306197, 306209 = **09 Candidates** | | Afternoon Session | |
| | 306405, 306433, 306434, 306479, 306576, 306601, 306670, 306706, 306819, 306908 = **10 Candidates** | 14.09.2024 | Forenoon Session | Team - III |
| | 306957, 307019, 307035, 307061, 307067, 307091, 307105, 307155, 307203 = **09 Candidates** | | Afternoon Session | |
| 6 | 307211, 307221, 307290, 307320, 307381, 307480, 307529, 307539, 307545, 307573 = **10 Candidates** | 15.09.2024 | Forenoon Session | Team - I |
| | 307634, 307636, 307638, 307676, 307685, 307713, 307849, 308025, 308096 = **09 Candidates** | | Afternoon Session | |
| | 308101, 308217, 308263, 308300, 308315, 308357, 308405, 308458, 308502, 308588 = **10 Candidates** | 15.09.2024 | Forenoon Session | Team - II |
| | 308593, 308677, 308766, 308775, 308779, 308823, 308842, 308844, 308891 = **09 Candidates** | | Afternoon Session | |
| | 308913, 308974, 309029, 309045, 309062, 309066, 309068, 309090, 309217, 309290 = **10 Candidates** | 15.09.2024 | Forenoon Session | Team - III |
| | 309351, 309359, 309382, 309479, 309547, 309651, 309775, 309912, 309927 = **09 Candidates** | | Afternoon Session | |
| 7 | 309956, 310037, 310073, 310133, 310158, 310160, 310202, 310207, 310221, 310244 = **10 Candidates** | 17.09.2024 | Forenoon Session | Team - I |
| | 310333, 310356, 310412, 310459, 310497, 310501, 310635, 310638, 310642 = **09 Candidates** | | Afternoon Session | |
| | 310662, 310666, 310693, 310747, 310775, 310795, 310796, 310833, 310941, 311015 = **10 Candidates** | 17.09.2024 | Forenoon Session | Team - II |
| | 311053, 311056, 311140, 311147, 311182, 311219, 311244, 311267, 311269 = **09 Candidates** | | Afternoon Session | |
| | 311337, 311395, 311409, 311476, 311484, 311501, 311544, 311545, 311576, 311610 = **10 Candidates** | 17.09.2024 | Forenoon Session | Team - III |
| | 311686, 311719, 311722, 311738, 311763, 311809, 311858, 311915, 311939 = **09 Candidates** | | Afternoon Session | |
| 8 | 311988, 311995, 312031, 312036, 312067, 312070, 312284, 312363, 312500, 312538 = **10 Candidates** | 18.09.2024 | Forenoon Session | Team - I |
| | 312567, 312664, 312671, 312696, 312780, 312798, 312897, 312968, 313035 = **09 Candidates** | | Afternoon Session | |
| | 313044, 313078, 313199, 313205, 313319, 313320, 313359, 313375, 313382, 313478 = **10 Candidates** | 18.09.2024 | Forenoon Session | Team - II |
| | 313575, 313598, 313627, 313633, 313634, 313679, 313724, 313736, 313833 = **09 Candidates** | | Afternoon Session | |
| | 313954, 313979, 313982, 313985, 314127, 314210, 314302, 314317, 314326, 314370 = **10 Candidates** | 18.09.2024 | Forenoon Session | Team - III |
| | 314535, 314554, 314561, 314604, 314694, 314776, 315062, 315087, 315219 = **09 Candidates** | | Afternoon Session | |
| 9 | 315294, 315298, 315325, 315437, 315445, 315451, 315603, 315712, 315716, 315736 = **10 Candidates** | 19.09.2024 | Forenoon Session | Team - I |
| | 315793, 315870, 315886, 315971, 315973, 316255, 316273, 316429, 316474 = **09 Candidates** | | Afternoon Session | |
| 9 | 316476, 316488, 316520, 316522, 316526, 316557, 316573, 316575, 316606, 316629 = **10 Candidates** | 19.09.2024 | Forenoon Session | Team - II |
| | 316708, 316752, 316842, 316907, 316913, 317022, 317078, 317326, 317361 = **09 Candidates** | | Afternoon Session | |
| | 317503, 317512, 317541, 317630, 317650, 317684, 317725, 317760, 317827, 317829 = **10 Candidates** | 19.09.2024 | Forenoon Session | Team - III |
| | 317838, 317844, 317869, 317880, 317898, 317972, 317974, 318068, 318072 = **09 Candidates** | | Afternoon Session | |
| 10 | 318196, 318246, 318256, 318361, 318400, 318412, 318450, 318480, 318741, 318743 = **10 Candidates** | 20.09.2024 | Forenoon Session | Team - I |
| | 318796, 318905, 318971, 318973, 318999, 319043, 319058, 319078, 319344 = **09 Candidates** | | Afternoon Session | |
| | 319351, 319390, 319473, 319545, 319597, 319627, 319645, 319674, 319742, 319783 = **10 Candidates** | 20.09.2024 | Forenoon Session | Team - II |
| | 320022, 320032, 320112, 320176, 320178, 320213, 320223, 320231, 320232 = **09 Candidates** | | Afternoon Session | |
| | 320267, 320324, 320339, 320474, 320523, 320556, 320641, 320665, 320689, 320708 = **10 Candidates** | 20.09.2024 | Forenoon Session | Team - III |
| | 320717, 320725, 320759, 320837, 320840, 320844, 320867, 321051, 321065 = **09 Candidates** | | Afternoon Session | |
| 11 | 321089, 321191, 321215, 321218, 321360, 321398, 321529, 321609, 321626, 321643 = **10 Candidates** | 21.09.2024 | Forenoon Session | Team - I |
| | 321644, 321663, 321731, 321742, 321766, 321803, 321935, 321947, 321964 = **09 Candidates** | | Afternoon Session | |
| | 322102, 322170, 322215, 322224, 322247, 322302, 322320, 322333, 322348, 322482 = **10 Candidates** | 21.09.2024 | Forenoon Session | Team - II |
| | 322513, 322557, 322569, 322599, 322640, 322655, 322680, 322880, 322899 = **09 Candidates** | | Afternoon Session | |
| | 322926, 323071, 323137, 323380, 323386, 323397, 323406, 323418, 323506, 323529 = **10 Candidates** | 21.09.2024 | Forenoon Session | Team - III |
| | 323536, 323607, 323668, 323692, 323821, 323822, 323836, 323912, 323945 = **09 Candidates** | | Afternoon Session | |
| 12 | 324021, 324148, 324170, 324181, 324196, 324197, 324205, 324210, 324214, 324216 = **10 Candidates** | 23.09.2024 | Forenoon Session | Team - I |
| | 324270, 324295, 324300, 324336, 324413, 324645, 324788, 324789, 324818 = **09 Candidates** | | Afternoon Session | |
| | 324927, 324931, 324955, 324986, 325039, 325071, 325085, 325094, 325128, 325260 = **10 Candidates** | 23.09.2024 | Forenoon Session | Team - II |
| | 325287, 325469, 325496, 325552, 325662, 325687, 325742, 325777, 325796 = **09 Candidates** | | Afternoon Session | |
| | 325833, 325879, 325964, 326247, 326264, 326364, 326449, 326523, 326537, 326546 = **10 Candidates** | 23.09.2024 | Forenoon Session | Team - III |
| | 326553, 326595, 326598, 326875, 327010, 327076, 327096, 327109, 327180 = **09 Candidates** | | Afternoon Session | |
| 13 | 327245, 327311, 327331, 327337, 327470, 327669, 327754, 327763, 327774, 327821 = **10 Candidates** | 24.09.2024 | Forenoon Session | Team - I |
| | 327836, 327859, 327897, 327907, 327915, 327931, 327954, 327972, 328024 = **09 Candidates** | | Afternoon Session | |
| | 328077, 328085, 328138, 328143, 328170, 328292, 328318, 328352, 328638, 328917 = **10 Candidates** | 24.09.2024 | Forenoon Session | Team - II |
| | 328937, 329180, 329206, 329240, 329261, 329331, 329349, 329415, 329479 = **09 Candidates** | | Afternoon Session | |
| | 329629, 329767, 329807, 329880, 329966, 330039, 330138, 330158, 330177, 330364 = **10 Candidates** | 24.09.2024 | Forenoon Session | Team - III |
| | 330404, 330410, 330542, 330565, 330769, 330770, 330997, 331038, 331122 = **09 Candidates** | | Afternoon Session | |
| 14 | 331179, 331190, 331206, 331231, 331376, 331383, 331498, 331507, 331524, 331561 = **10 Candidates** | 25.09.2024 | Forenoon Session | Team - I |
| | 331639, 331684, 331695, 331700, 331704, 331715, 331772, 331831, 331844 = **09 Candidates** | | Afternoon Session | |
| | 331854, 331922, 331949, 331975, 331991, 332027, 332028, 332094, 332137, 332141 = **10 Candidates** | 25.09.2024 | Forenoon Session | Team - II |
| | 332180, 332184, 332312, 332328, 332383, 332409, 332410, 332419, 332432 = **09 Candidates** | | Afternoon Session | |
| | 332734, 332748, 332752, 332786, 332787, 332863, 332870, 332877, 332928, 332975 = **10 Candidates** | 25.09.2024 | Forenoon Session | Team - III |
| | 332976, 333008, 333034, 333058, 333185, 333219, 333250, 333293, 333426 = **09 Candidates** | | Afternoon Session | |
| 15 | 333428, 333433, 333711, 333811, 333828, 333858, 333880, 333882, 333885, 333900 = **10 Candidates** | 26.09.2024 | Forenoon Session | Team - I |
| | 333925, 334059, 334080, 334086, 334114, 334127, 334146, 334172, 334187 = **09 Candidates** | | Afternoon Session | |
| | 334197, 334221, 334477, 334506, 334510, 334543, 334563, 334564, 334566, 334704 = **10 Candidates** | 26.09.2024 | Forenoon Session | Team - II |
| | 334715, 334786, 334804, 334810, 334817, 334843, 334889, 334894, 334926 = **09 Candidates** | | Afternoon Session | |
| | 334927, 334946, 334992, 335018, 335026, 335091, 335120, 335133, 335158, 335162 = **10 Candidates** | 26.09.2024 | Forenoon Session | Team - III |
| | 335175, 335200, 335211, 335268, 335282, 335340, 335383, 335416, 335422 = **09 Candidates** | | Afternoon Session | |
| 16 | 335423, 335529, 335564, 335593, 335669, 335673, 335701, 335709, 335718, 335742 = **10 Candidates** | 27.09.2024 | Forenoon Session | Team - I |
| | 335744, 335762, 335790, 335792, 335798, 335808, 335946, 335985, 336011 = **09 Candidates** | | Afternoon Session | |
| | 336045, 336054, 336149, 336201, 336419, 336461, 336483, 336486, 336499, 336603 = **10 Candidates** | 27.09.2024 | Forenoon Session | Team - II |
| | 336694, 336766, 336773, 336835, 336871, 336918, 336920, 336931, 336933 = **09 Candidates** | | Afternoon Session | |
| | 336943, 337017, 337156, 337258, 337271, 337360, 337361, 337365, 337476, 337481 = **10 Candidates** | 27.09.2024 | Forenoon Session | Team - III |
| | 337554, 337636, 337672, 337765, 337774, 337794, 337844, 337902, 337904 = **09 Candidates** | | Afternoon Session | |
| 17 | 337914, 337941, 337965, 337981, 338006, 338012, 338045, 338069, 338125, 338153 = **10 Candidates** | 28.09.2024 | Forenoon Session | Team - I |
| | 338335, 338376, 338397, 338470, 338481, 338626, 338632, 338679, 338682 = **09 Candidates** | | Afternoon Session | |
| | 338709, 338813, 338882, 338910, 338920, 338932, 338933, 338995, 339004, 339007 = **10 Candidates** | 28.09.2024 | Forenoon Session | Team - II |
| | 339149, 339241, 339267, 339281, 339311, 339385, 339488, 339572, 339574 = **09 Candidates** | | Afternoon Session | |
| | 339575, 339697, 339711, 339803, 339811, 339851, 339868, 339882, 339941, 340012 = **10 Candidates** | 28.09.2024 | Forenoon Session | Team - III |
| | 340017, 340039, 340045, 340057, 340067, 340647, 340675, 340686, 340716 = **09 Candidates** | | Afternoon Session | |
| 18 | 340804, 340838, 340858, 340891, 340895, 340920, 340979, 341114, 341203, 341223 = **10 Candidates** | 29.09.2024 | Forenoon Session | Team - I |
| | 341226, 341259, 341302, 341318, 341353, 341364, 341461, 341527, 341633 = **09 Candidates** | | Afternoon Session | |
| | 341658, 341750, 341765, 341824, 341842, 341876, 341901, 341914, 342059, 342094 = **10 Candidates** | 29.09.2024 | Forenoon Session | Team - II |
| | 342131, 342139, 342141, 342230, 342249, 342277, 342310, 342317, 342382 = **09 Candidates** | | Afternoon Session | |
| | 342596, 342673, 342689, 342826, 343018, 343035, 343068, 343128, 343144, 343158 = **10 Candidates** | 29.09.2024 | Forenoon Session | Team - III |
| | 343203, 343291, 343297, 343329, 343355, 343396, 343482, 343505, 343535 = **09 Candidates** | | Afternoon Session | |
| 19 | 343542, 343562, 343574, 343646, 343678, 343748, 343750, 343915, 343964, 344035 = **10 Candidates** | 30.09.2024 | Forenoon Session | Team - I |
| | 344054, 344060, 344138, 344202, 344246, 344339, 344345, 344357, 344358 = **09 Candidates** | | Afternoon Session | |
| | 344381, 344469, 344532, 344592, 344616, 344653, 344772, 344785, 344823, 344826 = **10 Candidates** | 30.09.2024 | Forenoon Session | Team - II |
| | 344833, 400111, 400168, 400193, 400248, 400276, 400400, 400401, 400467 = **09 Candidates** | | Afternoon Session | |
| | 400479, 400529, 400574, 400587, 400668, 400704, 400894, 400903, 400921, 400983 = **10 Candidates** | 30.09.2024 | Forenoon Session | Team - III |
| | 401003, 401016, 401023, 401085, 401196, 401264, 401323, 401348, 401489 = **09 Candidates** | | Afternoon Session | |
| 20 | 401516, 401677, 401779, 401808, 401818, 401882, 402106, 402222, 402265, 402309 = **10 Candidates** | 01.10.2024 | Forenoon Session | Team - I |
| | 402534, 402558, 402567, 402711, 402858, 402959, 403045, 403085, 403168 = **09 Candidates** | | Afternoon Session | |
| | 403232, 403265, 403326, 403410, 403456, 403529, 403530, 403582, 403760, 403774 = **10 Candidates** | 01.10.2024 | Forenoon Session | Team - II |
| | 403907, 403918, 403923, 404065, 404132, 404351, 404361, 404593, 404622 = **09 Candidates** | | Afternoon Session | |
| | 404886, 404901, 404926, 404968, 404973, 405010, 405041, 405055, 405351, 405355 = **10 Candidates** | 01.10.2024 | Forenoon Session | Team - III |
| | 405391, 405399, 405460, 405559, 405571, 405646, 405707, 405844, 406144 = **09 Candidates** | | Afternoon Session | |
| 21 | 406173, 406647, 406662, 406812, 406878, 406997, 407076, 407167, 407199, 407218 = **10 Candidates** | 03.10.2024 | Forenoon Session | Team - I |
| | 407220, 407236, 407250, 407303, 407304, 407423, 407453, 407473, 407480 = **09 Candidates** | | Afternoon Session | |
| | 407524, 407566, 407656, 407742, 407747, 407838, 407878, 407882, 407902, 407948 = **10 Candidates** | 03.10.2024 | Forenoon Session | Team - II |
| | 408092, 408108, 408238, 408292, 408416, 408467, 408572, 408729, 408817 = **09 Candidates** | | Afternoon Session | |
| | 408830, 408869, 408905, 409039, 409253, 409262, 409474, 409516, 409589, 409652 = **10 Candidates** | 03.10.2024 | Forenoon Session | Team - III |
| | 409654, 409778, 409867, 410093, 410431, 410500, 410652, 410692, 410807 = **09 Candidates** | | Afternoon Session | |
| 22 | 410974, 410983, 410995, 411049, 411059, 411074, 411207, 411237, 411342, 411417 = **10 Candidates** | 04.10.2024 | Forenoon Session | Team - I |
| | 411443, 411446, 411470, 411485, 411550, 411654, 411684, 411708, 411712 = **09 Candidates** | | Afternoon Session | |
| | 411725, 411860, 411941, 411946, 412000, 412004, 412009, 412088, 412201, 412286 = **10 Candidates** | 04.10.2024 | Forenoon Session | Team - II |
| | 412313, 412680, 412835, 412888, 412969, 413037, 413257, 413403, 413405 = **09 Candidates** | | Afternoon Session | |
| | 413453, 413515, 413550, 413572, 413589, 413661, 413696, 413786, 413838, 413852 = **10 Candidates** | 04.10.2024 | Forenoon Session | Team - III |
| | 500024, 500271, 500506, 500625, 500687, 500712, 500729, 500815, 501292 = **09 Candidates** | | Afternoon Session | |
| 23 | 501385, 501413, 501442, 501459, 501667, 501687, 501692, 502012, 502018, 502137 = **10 Candidates** | 05.10.2024 | Forenoon Session | Team - I |
| | 502210, 502479, 502651, 502687, 502689, 502770, 502887, 502898, 502900 = **09 Candidates** | | Afternoon Session | |
| | 502901, 502978, 503007, 503249, 503508, 503850, 503870, 503877, 504052, 504059 = **10 Candidates** | 05.10.2024 | Forenoon Session | Team - II |
| | 504088, 504292, 504333, 504383, 504908, 504998, 505118, 505350, 505795 = **09 Candidates** | | Afternoon Session | |
| | 505876, 506192, 506882, 507190, 507357, 507385, 507603, 507695, 507932, 508262 = **10 Candidates** | 05.10.2024 | Forenoon Session | Team - III |
| | 508283, 508483, 508652, 508789, 508812, 508814, 508888, 508943, 508950 = **09 Candidates** | | Afternoon Session | |
| 24 | 508976, 508980, 509520, 509689, 509837, 509988, 510081, 510190, 510221, 510252 = **10 Candidates** | 06.10.2024 | Forenoon Session | Team - I |
| | 510272, 510657, 511084, 511472, 511649, 511782, 511830, 511964, 511969 = **09 Candidates** | | Afternoon Session | |
| | 512066, 512106, 512139, 512230, 512315, 512667, 512947, 513123, 513162, 513202 = **10 Candidates** | 06.10.2024 | Forenoon Session | Team - II |
| | 513421, 513511, 513613, 513661, 513697, 513799, 513856, 513931, 513956 = **09 Candidates** | | Afternoon Session | |
| | 513963, 514021, 514203, 514256, 514643, 515134, 515213, 515511, 515631, 515671 = **10 Candidates** | 06.10.2024 | Forenoon Session | Team - III |
| | 515710, 515861, 515977, 515999, 516114, 516161, 516222, 516253 = **08 Candidates** | | Afternoon Session | |

**N.B.-I:-** The time of reporting, time of Document Verification & time of Personality Test in respect of Forenoon and Afternoon session are mentioned below:

| Session | Time of Reporting | Time of Document Verification | Time of Personality Test |
|---|---|---|---|
| Forenoon Session | 08.00 A.M. | 08.30 A.M. | 10.30 A.M. |
| Afternoon Session | 12.00 P.M. | 12.30 P.M. | 2.30 P.M. |

The candidates are required to produce the following original documents along with a set of self-attested photocopies of all certificates/documents at the time of Document Verification failing which their candidature will be rejected.

1. Hard copy of online application form duly signed in.
2. Attestation Form, Bio Data form.
   (To be downloaded from the website of the Commission)
3. H.S.C. Or equivalent certificate in support of declaration of age.
4. Intermediate/+ 2 examination certificate issued by the concerned Board/ Council.
5. Bachelor's Degree Certificate issued by the concerned University. If any candidate claims to possess qualification, equivalent to the prescribed qualifications, the rule/ authority (with number & date) under which it is so treated must be furnished.
6. Odia Test Pass Certificate.
7. Caste Certificate by Birth in support of claim as SC/ST/SEBC issued by the competent authority within the closing date of online application.
8. Sports Certificate issued by Director of Sports, Odisha, if any.
9. Permanent Disability Certificate (including Percentage of disability i.e 40% or more) issued by the concerned Medical Board, wherever applicable.
10. Discharge Certificate issued by the Commanding Officer of the Unit last served in case of Ex-servicemen candidates.
    (i) The Ex-Servicemen candidates are required to furnish an Affidavit in original indicating that- "I have not got any appointment as an Ex-Servicemen against Civil Post against the Quota available for the said category".
11. A declaration regarding the number of attempts exercised by the candidates in the OCS examination in the format annexed at Annexure-A.
12. Three recent passport size photographs, which have been uploaded with an online application form.
13. No objection Certificate (in case of in-service candidates), wherever applicable.
14. Any document in support of identity. (Aadhaar/DL/PAN Card/ Voter ID Card).

**N.B.-II:-The candidates those having UPSC (Main) Examination-2024 clashing on their date of Personality Test** are required to submit representation along with a copy of UPSC (Main) Admission Certificate by **06.09.2024** positively by OPSC mail **(ID- opsc@nic.in)** for rescheduling of their Personality Test.

Receipt of representation from the candidates after the stipulated date will not be entertained under any circumstance.

**OIPR-12002/11/0072/2425** **Sd./- Secretary (I/C)**

# ବେଳାଭୂମିରେ ପର୍ଯ୍ୟଟକଙ୍କୁ ମଦ ବିକ୍ରି ନିଷ୍ପତ୍ତିକୁ ବିରୋଧ

■ ପୁରୀ ବିଚ୍‌କୁ ଗୋଆ ସହ ତୁଳନା କରା ନ ଯାଉ
■ ତୀର୍ଥକ୍ଷେତ୍ରର ପବିତ୍ରତା ରକ୍ଷା କରାଯାଉ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମିରେ ଛୋଟ ଛୋଟ ଷ୍ଟଲ୍ କରାଯାଇ ବେଳାଭୂମିରେ ବିଚ୍ ସାକ୍ସ ମାଧ୍ୟମରେ ପର୍ଯ୍ୟଟକଙ୍କୁ ମଦ ବିକ୍ରି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ବିରୋଧ ହେଉଥିବା ଦେଖିବାକୁ ମିଳିଛି।

ସେବାୟତ, ବୁଦ୍ଧିଜୀବୀଙ୍କ ସହ ପୁରୀ ବାସିନ୍ଦା ଏହି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ପୁରୀ ବେଳାଭୂମିରେ ମଦ ବିକ୍ରିକୁ କେବେବି ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି। ପୁରୀର ପଞ୍ଚତୀର୍ଥ ମଧ୍ୟରେ ମହୋଦଧି ହେଉଛି ଅନ୍ୟତମ ପବିତ୍ର ସ୍ଥାନ। ସମୁଦ୍ରକୁ ତୀର୍ଥରାଜ ବୋଲି କୁହାଯାଇଥାଏ। ଏଠାରେ ମହାପ୍ରଭୁଙ୍କର ଅନେକ ନୀତିକାନ୍ତି ଅନୁଷ୍ଠିତ ହେଉଥିବା ବେଳେ ଭକ୍ତମାନେ ମଧ୍ୟ ଏଠାକୁ ଆସି ଅସ୍ଥି ବିସର୍ଜନ ସହିତ ମହୋଦଧିରେ ସ୍ନାନକରି ନିଜକୁ ପବିତ୍ର ମନେକରିଥାନ୍ତି। ପୁରୀ ଏକ ତୀର୍ଥକ୍ଷେତ୍ର ହୋଇଥିବା ବେଳେ ବହୁହଜାର ଭକ୍ତ ପ୍ରତିଦିନ ବେଳାଭୂମିକୁ ଆସିଥାନ୍ତି। ତେଣୁ ବେଳାଭୂମିରେ ମଦ ଦୋକାନ ଖୋଲିଲେ ଏହାର ପବିତ୍ରତା ନଷ୍ଟ ହେବା ସହ ଅନେକ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ମତପ୍ରକାଶ ପାଇଛି।

ଏନେଇ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହଛନ୍ତି ଶୁକ୍ରବାର ରାଜ୍ୟ ସରକାର ବେଳାଭୂମିରେ କୁଟିର କରି ମଦ ବିକ୍ରି କରିବେ। ଯାହାକୁ ପୂର୍ବ ସରକାର ମଧ୍ୟ ଚେଷ୍ଟା କରିଥିଲେ। ଜଗତ୍‌ଗୁରୁ ଅତୀତରେ କ୍ଷୋଭ ପ୍ରକାଶ କରି ତପଭୂମିକୁ ସରକାର ଭୋଗସ୍ଥଳୀରେ ପରିଣତ ନ କରିବା ପାଇଁ କହିଥିଲେ। ପୁରୀ ବେଳାଭୂମି ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡ଼ିତ, ଧାର୍ମିକ ଭାବନା ରହିଛି। ପୁରୀ ବେଳାଭୂମିରେ ଏପରି କାର୍ଯ୍ୟକୁ ବିରୋଧ କରାଯିବ। ଅନ୍ୟ ସ୍ଥାନରେ ରାଜ୍ୟ ସରକାର କରନ୍ତୁ, ମାତ୍ର ପୁରୀ ବେଳାଭୂମିରେ ଏପରି କାର୍ଯ୍ୟ ନକରନ୍ତୁ। ପୁରୀକୁ ଗୋଆ ସହ ତୁଳନା କରି ରାଜ୍ୟ ସରକାର ଯେଉଁ ମଦ ବିକ୍ରି ପାଇଁ ନିଷ୍ପତ୍ତି ନେଇଛନ୍ତି ତାହା ଉଚିତ୍ ନୁହେଁ। ଏହାଦ୍ୱାରା ପୁରୀ ଭଳି ତୀର୍ଥକ୍ଷେତ୍ରରେ ଅରାଜକତା ବୃଦ୍ଧି ପାଇବା ସହ ବେଳାଭୂମିକୁ ବୁଲିବାକୁ ଆସୁଥିବା ମହିଳାଙ୍କ ସୁରକ୍ଷା ମଧ୍ୟ ବିପନ୍ନ ହେବ। ତୁରନ୍ତ ଏହି ନିଷ୍ପତ୍ତିକୁ ରାଜ୍ୟ ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଜଗନ୍ନାଥ ଧାମ ଚାରି ଧାମରେ ଶ୍ରେଷ୍ଠ ଧାମ। ଏଠାରେ ପଞ୍ଚତୀର୍ଥରେ ମହୋଦଧି ଅଛି। ମହୋଦଧିରେ ଭକ୍ତମାନେ ସ୍ନାନ କରନ୍ତି ଓ ଅସ୍ଥି ବିସର୍ଜନ କରନ୍ତି। ଏଭଳି ପବିତ୍ର ସ୍ଥାନରେ ମଦ ଦୋକାନ ଖୋଲିବା ଠିକ୍ ନୁହେଁ। ଓଡ଼ିଶାରେ ଅନେକ ବେଳାଭୂମି ରହିଛି, ପୁରୀକୁ ବାଦ୍‌ଦେଇ ଅନ୍ୟ ସ୍ଥାନରେ ଏହା କରାଯାଉ।

ଏନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଛନ୍ତି। ସରକାର ନେଇଥିବା ପ୍ରସ୍ତାବକୁ ପ୍ରତ୍ୟାହାର କରନ୍ତୁ ଏବଂ ଏହାର ଧାର୍ମିକ ତଥା ସାଂସ୍କୃତିକ ମୂଲ୍ୟବୋଧକୁ ରକ୍ଷା କରି ପୁରୀର ପବିତ୍ରତା ଉପରେ ଧ୍ୟାନ ଦିଅନ୍ତୁ ବୋଲି ଦାସ ଉଲେଖ କରିଛନ୍ତି।

## ସଂକ୍ଷେପରେ

### ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରୀ ମନ୍ଦିର ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘର ବାର୍ଷିକ ଉତ୍ସବ ଓ ଗୁରୁ ଦିବସ ସମାରୋହ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ଉତ୍ସବରେ ଜିଲାର ୯ଜଣ କୃତୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯିବ। ପ୍ରଧାପକ ମନୋଜ କୁମାର ସାମନ୍ତରାୟ, କୃଷ୍ଣ ମୋହନ ମହାନ୍ତି, ଶରତ କୁମାର ସାମନ୍ତରାୟ, ଶାନ୍ତିଲତା ଶତପଥୀ, ଜଗନ୍ନାଥ ବାରିକ୍ ଓ ପ୍ରଫୁଲ ସୁବୁଦ୍ଧିଙ୍କ ସମେତ ଲକ୍ଷ୍ମୀଧର କର ସ୍ମୃତି ସମ୍ମାନ, ସ୍ୱପ୍ନେଶ୍ୱର ସ୍ମୃତି ସମ୍ମାନ ଓ ସତ୍ୟବାଦୀ ସ୍ମୃତି ସମ୍ମାନ ଯଥାକ୍ରମେ ଗୀତା କୁମାରୀ ମିଶ୍ର, ଅଳି ରଥ, ପାଣ୍ଡବ ସାହୁଙ୍କୁ ଦିଆଯିବ ବୋଲି ବୈଠକରେ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ପ୍ରଦାନ କରିଛନ୍ତି।

### ଆଲ୍ଲା ହଜରତଙ୍କ ଉର୍ସ ପାଳିତ

ନୟାହାଟ,୩୧।୮ (ମହମ୍ମଦ ସମସୁଲ ଆରେଫିନ)

ଧୁମାଳ ଗ୍ରାମ ପଞ୍ଚାୟତ ରଙ୍ଗତୋଟା ବସ୍ତିରେ ଜନାବ ଆଲ୍ଲା ହଜରତଙ୍କ ଉର୍ସ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ସକାଳ ୯ଟା ପରେ ସମୂହ ପବିତ୍ର କୋରାନ ପାଠ ଓ ମିଲାଦ ନାତ୍ ପାକ ପଢା ଯାଇଥିଲା। ଅପରାହ୍ନ ୨ଟା ୩୮ ମିନିଟ୍‌ରେ ବସ୍ତିର ସମୂହ ଲୋକଙ୍କୁ ନେଇ ଦୁଆ କରାଯାଇ ଥିଲା। ଉକ୍ତ ଉତ୍ସବରେ ଫାତେହା ସିରିନି ପ୍ରତ୍ୟେକ ପରିବାରକୁ ବଣ୍ଟା ଯାଇଥିଲା। ବସ୍ତିର ପରିଚାଳନା କମିଟି ମୁଖ୍ୟ ଶେଖ ଗୋଲାମ ମୁସ୍ତଫା, ଶେଖ ୟାହୁଦ, ଜବାର ଖାଁ, ଜାହିର ଖାଁ, ଶେଖ ପାଣ୍ଡିଆନ, ସେକ ବାକର, ମହମ୍ମଦ କାଲା, ଶେଖ ଅତାଉଲ୍ଲା, ଶେଖ ଆରିଫଙ୍କ ସମେତ ହବିବି କ୍ଲବ ସଭାପତି ଶେଖ ସିକନ, ଶେଖ ସାବି, ଶେଖ ବେଲାଲ ଅନ୍ୟାନ୍ୟ ଯୁବକ ସହଯୋଗ କରି ଉତ୍ସବ ପାଳନ କରିଥିଲେ।

### ପାଲା କଳାକାରଙ୍କ ବିୟୋଗରେ ସ୍ମୃତିସଭା

ସାକ୍ଷୀଗୋପାଳ,୩୧।୮ (ଭରତ ରାଉତ)

ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ପ୍ରମୁଖ ସଦସ୍ୟ ଚନ୍ଦ୍ରଶେଖର ପରିଡ଼ା(ଶିଖରା)ଙ୍କ ବିୟୋଗରେ ମଣ୍ଡଳ ସଦସ୍ୟଙ୍କ ଦ୍ୱାରା ଶନିବାର ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ନଡ଼ିଆ ଫାର୍ମ ପରିସରସ୍ଥିତ ଚଣ୍ଡୀ ମନ୍ଦିରଠାରେ ଅନୁଷ୍ଠିତ ଏହି ସଭାରେ ଉପଦେଷ୍ଟା ଦେବୀପ୍ରସାଦ ମହାପାତ୍ର, ସଭାପତି ବିଶ୍ୱନାଥ ବିଶ୍ୱାଳ, ସମ୍ପାଦକ ରମେଶ ଚନ୍ଦ୍ର ପଲେଇ, ସହ-ସମ୍ପାଦକ ବିଜୟ ଚନ୍ଦ୍ର ସାମନ୍ତରାୟ, ବରିଷ୍ଠ ଗାୟକ ପ୍ରଭାକର ବିଶ୍ୱାଳ, ସଦାଶିବ ବରାଳ, ଧୁରନ୍ଧର ପ୍ରଧାନ, ଜୟୀରାମ ପରିଡ଼ା, ବିଜୟ ସାଇଁ ଓ ଭରତ ଜେନା ପ୍ରମୁଖ ସ୍ୱର୍ଗତ ପରିଡ଼ାଙ୍କ ଗୁଣାବଳୀ ଆଲୋଚନା କରିଥିଲେ। ସ୍ୱର୍ଗତ ପରିଡ଼ା ନିଜର ସୁଦୀର୍ଘ କଳାକାର ଜୀବନ ମଧ୍ୟରେ ସତ୍ୟବାଦୀର ପ୍ରସିଦ୍ଧ ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର ଓ ଗାୟକ ବଳିଆ ସ୍ୱର୍ଗତ ମାଧବ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟ ଗାୟକଙ୍କ ମେଳରେ ଉଚ୍ଚକୋଟୀର ପାଲା ପରିବେଷଣ କରି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲେ।

## 'ବାଳିକା ପଞ୍ଚାୟତ ସ୍ୱାଧୀନତା, ଅଧିକାର ପାଇଁ ଏକ ଦାବି'



ପେଣ୍ଠକଟାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀଠାରେ ଆୟୋଜିତ ବାଳିକାଙ୍କ ସ୍ୱାଧୀନତା ଓ ଅଧିକାରୀ କାର୍ଯ୍ୟକ୍ରମ ।

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ପେଣ୍ଠକଟାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ସ୍ଥାନୀୟ କିଶୋରୀ ବାଳିକାମାନଙ୍କୁ ନେଇ ପ୍ରଥମ ଥର ପାଇଁ ବାଳିକା ପଞ୍ଚାୟତ ସ୍ୱାଧୀନତା ଓ ଅଧିକାର ପାଇଁ ଏକ ଦାବି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ଦେବସ୍ମିତା ମହାପାତ୍ର, ସମଗ୍ର ଶିକ୍ଷାରୁ ବାଳିକା ଶିକ୍ଷା ସଂଯୋଜକ କମଳ କାନ୍ତ ରଥ, ଟ୍ୱିଟର୍ ଆକ୍ଟିଭିଷ୍ଟ ବିପିନ ମହାନ୍ତି, ସାମାଜିକ କର୍ମୀ ଓ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଗାରିମା ପ୍ରକଳ୍ପର ସହସଂଯୋଜକ ରାମଚନ୍ଦ୍ର ସାମଲ, ଗୋପବନ୍ଧୁ ସେବା ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣା ଓ ଜିଲା ସଂଯୋଜିକା ଏଲିନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶୁଭସ୍ମିତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଏଲିନା ମିଶ୍ର ଅନୁଷ୍ଠାନ ଦ୍ୱାରା ପ୍ରକଳ୍ପ ମାଧ୍ୟମରେ ପୂର୍ବରୁ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ପେଣ୍ଠକଟା ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ପ୍ରଦର୍ଶିତ କରିବା ପାଇଁ ବାଳିକାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ବିସ୍ମୟ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ନିବେଦିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୨ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦା କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

କିଛି ବର୍ଷ ହେବ ସରକାରୀ କର୍ମଚାରୀଙ୍କ ଥଇଥାନ କେନ୍ଦ୍ର ପାଲଟିଥିଲା ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ। ଅନେକ ସମୟରେ ଦେଖିବାକୁ ମିଳୁଥିଲା ଅବସର ନେବା ପରେ ଅନେକ ଅଧିକାରୀମାନଙ୍କୁ ଶ୍ରୀନ୍ଦିର କାର୍ଯ୍ୟାଳୟରେ ନିଯୁକ୍ତି ମିଳୁଥିଲା। ଏପରିକି ଜିଲାରୁ ବଦଳି ହୋଇଥିବା ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ଶ୍ରୀମନ୍ଦିରର ବିଭିନ୍ନ ପୋଷ୍ଟରେ ଥଇଥାନ କରାଯାଉଥିବା ଦେଖିବାକୁ ମିଳୁଥିଲା। ଶ୍ରୀମନ୍ଦିର ପ୍ରଶାସନ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଉଚ୍ଚ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ କ୍ଷେତ୍ର ସହ ରାଜସ୍ୱ କ୍ଷେତ୍ରରେ ଅବସର ନେଇଥିବା ୩୨ଜଣ କର୍ମଚାରୀଙ୍କୁ ବିଦା କରିଦିଆଯାଇଛି ବୋଲି ସୂଚନା ମିଳିଛି। ଗତ ୧୦ବର୍ଷ ଭିତରେ ଅନେକ ଅଧିକାରୀ ଅବସର ନେବା ପରେ ତାଙ୍କୁ ଓଏସ୍‌ଡି ଭାବରେ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କୁ ଅବସର ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।





ସେଲ୍ଫ ଡିଫେନ୍ସ ଏକାଡେମୀ ପକ୍ଷରୁ ୨୫ତମ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ ଉତ୍ସବରେ ଅତିଥିମାନେ ।

## ୧୪ଜଣଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ

**ରୌପ୍ୟ ଜୟନ୍ତୀରେ କ୍ରୀଡ଼ା ସମ୍ମାନ ଉତ୍ସବ**

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ସେଲ୍ଫ ଡିଫେନ୍ସ ଏକାଡେମୀ ପକ୍ଷରୁ ୨୫ତମ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ ଉତ୍ସବ ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱ କ୍ରାଭ୍ ମାଗା ସଂଘ ସଭାପତି ତଥା ମୁଖ୍ୟ ପ୍ରଶିକ୍ଷକ ସିହ୍ନା ବିଜୟ ସ୍ୱ, ଭାରତୀୟ ଜିମ୍ନାଷ୍ଟିକ୍ ସଂଘର ମୁଖ୍ୟ କୋଚ୍ ଅଶୋକ କୁମାର ମିଶ୍ର, ସାମ୍ବାଦିକ ପୀତବାସ ନାୟକ, ଜଗନ୍ନାଥ ବସ୍ତିଆ, ବରିଷ୍ଠ ସମାଜସେବୀ ଚକ୍ରଧର ମହାପାତ୍ର, ବରିଷ୍ଠ ସେବାୟତ ଭଗବାନ ସୁଆର, ପ୍ରାକ୍ତନ୍ ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୪ଜଣଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କୃତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜୀବନବ୍ୟାପୀ ଅବଦାନ ପାଇଁ ରାମଚନ୍ଦ୍ର ପାଢ଼ୀ, କ୍ରୀଡ଼ା ସଂଗଠକ ଭାବେ ଭଗବାନ ସୁଆର, କ୍ରୀଡ଼ା ଉନ୍ନତି ପାଇଁ ନରସିଂହ ତିଆଡ଼ି, ପ୍ରଶିକ୍ଷକ ଭାବେ ଅକ୍ଷୟ କୁମାର ବ୍ରହ୍ମା (ଜୁଡୋ), ରନ ରେଡି (ଜିମ୍ନାଷ୍ଟିକ୍), ରଶ୍ମି ରଞ୍ଜନ ତ୍ରିପାଠୀ(ହ୍ୟାଣ୍ଡ ବଲ୍) ଓ ରମେଶ ଚନ୍ଦ୍ର ପରିଡ଼ା, ସାମ୍ବାଦିକ ସତ୍ୟନାରାୟଣ ରାଉତରାୟ, କାର୍ତ୍ତିକ ସେନାପତିଙ୍କ ସହ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ୟାମ ପ୍ରକାଶ ସେନାପତି ସଭା ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ପାତ୍ର, ଉମାକାନ୍ତ ବେହେରା, କଳ୍ପତରୁ ମହାନ୍ତି ଓ ରାମଚନ୍ଦ୍ର ମେକାପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜୟକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଳିସ ଗ୍ରାମର ଅଗ୍ନି ବିପନ୍ନଙ୍କୁ ସହାୟତା

ସାକ୍ଷୀଗୋପାଳ,୩୧।୮ (ଭରତ ରାଉତ)

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ପକ୍ଷରୁ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଧୀନ ଆଳିସ ଗ୍ରାମର ସମସ୍ତ ଅଗ୍ନି ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସହିତ ମହିଳା ଓ ପୁରୁଷଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ସତ୍ୟଭାମା ବିଶ୍ୱାଳଙ୍କୁ ଏବଂ ଅଗ୍ନିକାଣ୍ଡରେ ଆହତ ହୋଇଥିବା ଗୁଣନିଧି ବିଶ୍ୱାଳଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଭାରତ ବିକାଶ ପରିଷଦ, ଓଡ଼ିଶା ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ, ଓଡ଼ିଶା ପୂର୍ବପ୍ରାନ୍ତ ମିଡିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ବରିଷ୍ଠ ଉପଦେଷ୍ଟା ଡ. ଜୟଶ୍ରୀ ମହାପାତ୍ର, ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ

**ଆଇନ ସଚେତନତା ଶିବିର**

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟା ତଥା ଜିଲା ଓ ଦୌରାଜଜ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସୁପ୍ରିମକୋର୍ଟ ଜଜ୍‌ମେଣ୍ଟର ଅନୁବାଦ ଆର୍ଟିଫିସିୟାଲ ଇଣ୍ଟେଲିଜେନ୍ସ ଦ୍ୱାରା ଇଂରାଜୀ ଭାଷାରୁ ଆଞ୍ଚଳିକ ଭାଷାକୁ ଅନୁବାଦ କରିବା ସଫ୍ଟୱେୟାର ଏବଂ ହାଇକୋର୍ଟର ଭିଡିଓ କନଫରେନ୍ସିଂ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆଇନ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଚିବ ଅମିତ୍ କୁମାର ବାରିକ କହିଥିଲେ ଯେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା, ଲୋକ ଅଦାଲତ ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ ଚିନ୍ମୟ କୁମାର ମିଶ୍ର ଯୋଗଦାନ କରି ବିଷୟ ବସ୍ତୁ ଉପରେ ଆଲୋଚନା କରିବା ସହ ଓକିଲମାନଙ୍କୁ ବିଭିନ୍ନ ଆଇନ ବିଷୟରେ ଅବଗତ କରାଇଥିଲେ। ପ୍ରାଧିକରଣର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପରିମଳ, ସ୍ୱଚ୍ଛତା ଏକ ଚ୍ୟାଲେଞ୍ଜ

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ**

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)



ଶନିବାର ସନ୍ଧ୍ୟାରେ ପୁରୀ ଟାଉନ ହଲ୍ ଠାରେ ସ୍ୱାୟତ୍ତ ଶାସନ ଦିବସରେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଓ ଅନ୍ୟମାନେ ।

ଜିଲାସ୍ତରୀୟ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଶନିବାର ସନ୍ଧ୍ୟାରେ ପୁରୀ ଟାଉନ୍ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ମହାପ୍ରଭୁଙ୍କ କ୍ଷେତ୍ର ଓ ପର୍ଯ୍ୟଟନ ପାଇଁ ପୌରପାଳିକା ହିସାବରେ ପୁରୀ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ପୁରୀର ନାଗରିକଙ୍କ ସହ ଦୈନିକ ବହୁହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏଠାକୁ ଆସୁଥିବାରୁ ପରିମଳ ଓ ସ୍ୱଚ୍ଛତା ଏକ ଚ୍ୟାଲେଞ୍ଜ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ପ୍ରଧାନ ଓ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ, ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପୂର୍ବତନ କାଉନସିଲର ଓ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଦେଇଥିଲେ।

## ୨୮୬ ଜଣଙ୍କୁ ଜମିପଟ୍ଟା ବଣ୍ଟନ

**ଆଭାସୀ ମାଧ୍ୟମରେ ୬ ପ୍ରକଳ୍ପର ଉଦ୍‌ଘାଟନ**

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ପୌର ପରିଷଦ ପକ୍ଷରୁ ଶନିବାର ୨୮୬ ଜଣ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି। ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ବିଧାୟକ ସୁନୀଲ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୌରପାଳିକାର ସମସ୍ତ ଅଧିକାରୀ ଓ କର୍ମଚାରୀ ଲୋକଙ୍କ ମୌଳିକ ସୁବିଧା ଗୁଡ଼ିକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଅତିଥିମାନେ ମତଦେବା ସହ ନାଗରିକମାନେ ମଧ୍ୟ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ଅନୁରୋଧ କରିଥିଲେ।

ଏହି ଅବସରରେ ସର୍ବୋଦୟନଗର ଠାରେ ସହରାଞ୍ଚଳ ବାସହୀନଙ୍କ ପାଇଁ ଆଶ୍ରୟସ୍ଥଳ, ବିଶ୍ୱନାଥନଗରଠାରେ ମାଇକ୍ରୋ ଆକ୍ଟିଭିଟି କେନ୍ଦ୍ର ଓ ଏକ ପାର୍କ, ବଳିଆପଣ୍ଡା ଅଙ୍ଗନୱାଡି କେନ୍ଦ୍ର ନିକଟସ୍ଥ ଖୋଲା ସ୍ଥାନର ଉନ୍ନତୀକରଣ, ଚୈତନ୍ୟ ସାରସ୍ୱତ ମଠଠାରେ ପାର୍କିଂ ବ୍ୟବସ୍ଥା, ଓ ପାରା ନୋଳିଆ ସାହି ଜାଗାର ଉନ୍ନତୀକରଣ ଭଳି ୬ଗୋଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ସାଂସଦ ଓ ବିଧାୟକ ବଳିଆପଣ୍ଡାସ୍ଥିତ ବିଜୟନଗର ଠାରେ ୨୮୬ଜଣ ବସ୍ତିବାସିନ୍ଦାଙ୍କ ପାଇଁ ଉର୍ଦ୍ଦିଷ୍ଟ ଜମିପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ତହସିଲଦାର ଅଭିଷେକ ଦାଶ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ଏନ୍‌ଫୋର୍ସମେଣ୍ଟ ଅଫିସର ଦେବାଶିଷ ନାୟକ, ପୂର୍ବତନ କାଉନସିଲର ସୁପ୍ରିୟା ପାତ୍ର ଓ ଜମ୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।





ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉପସ୍ଥିତ ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ସୁନୀଲ ମହାନ୍ତି ଓ ଅନ୍ୟମାନେ ।

## ଗୁପ୍ତ ତଦନ୍ତକୁ ନେଇ ଉଠିଲା ପ୍ରଶ୍ନ

■ କେନାଲରେ ଚାଉଳ ଫିଙ୍ଗିବା ଘଟଣା ୧୧ ଦିନ ବିତିଲା
■ ଦୋଷ ଲୁଚାଇବା ଓ ବଞ୍ଚିବା ଲାଗି ମିଥ୍ୟା ତଦନ୍ତ

ଗୋପ,୩୧।୮ (ଭାରତୀ ଭୂଷଣ ଉପାଧ୍ୟାୟ)

କେନାଲରେ ଚାଉଳ ଫିଙ୍ଗିବା ଘଟଣାର ୧୧ ଦିନ ପରେ ଜିଲାପାଳଙ୍କୁ ଏକ ତଦନ୍ତ ରିପୋର୍ଟ ଦିଆଯାଇଥିବା ଜଣାପଡ଼ିଛି। ଜିଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ଏହି ରିପୋର୍ଟ ଦେଇଥିବା କହିଥିବା ବେଳେ ସ୍ଥାନୀୟ ଲୋକମାନେ ଏପରି ଏକ ତଦନ୍ତ ସମ୍ପର୍କରେ କେମିତି ଜାଣି ପାରିଲେ ନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିନ୍ତୁ କାହିଁକି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତଦନ୍ତ ଲୁଚେଇ କରାଗଲା ତାହା ମଧ୍ୟ ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ କେମିତି ଜିଲାପାଳ ଜାଣିପାରୁନାହାନ୍ତି ନା ଜିଲାପାଳଙ୍କୁ ମିଥ୍ୟା ତଦନ୍ତ ରିପୋର୍ଟ ଦିଆଯାଇଛି ସେ ସମ୍ପର୍କରେ ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ଲୋକମାନେ କହିଛନ୍ତି।

ପ୍ରକାଶ ଯେ ଅଗଷ୍ଟ ୨୧ ତାରିଖ ମଧ୍ୟାହ୍ନରେ ଏକ ମିନିଟ୍ରକ ଯୋଗେ ବହୁ କୁଇଣ୍ଟାଲ ଚାଉଳକୁ ଗୋପ ଶାଖା କେନାଲରେ ଫିଙ୍ଗାଯାଇଥିବା ବେଳେ ସ୍ଥାନୀୟ ଲୋକମାନେ ଏହା ଦେଖିଥିଲେ। ପରେ ଲୋକମାନେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନାଦେବାରୁ ସଙ୍ଗେ ସଙ୍ଗେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାରୁ ଆଉ ଗୋଟିଏ ଚାଉଳ ଭର୍ତ୍ତି ମିନିଟ୍ରକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଚାଉଳ ଫିଙ୍ଗୁଥିବା ମିନିଟ୍ରକଟି ପଳାଇଯାଇଥିଲା। ଏହା ଅର୍ପଣ ଚାଉଳ ସହିତ ବିପିଏଲ ଚାଉଳ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାଉଳ ଫିଙ୍ଗିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ ବୋଲି ସୂଚନା ଦେଇଥିବା ବେଳେ ତଦନ୍ତ ହେବା ପ୍ରଶ୍ନରେ ନୀରବ ରହିଥିଲେ। ଗୋପ ବ୍ଲକ ପକ୍ଷରୁ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଅର୍ପଣ ଚାଉଳ ଯେତେବେଳେ ମଗା ଯାଇଥିଲା ସେତେବେଳେ ଗାଁ ଗହଳିର ଜଗନ୍ନାଥପ୍ରେମୀମାନେ ଭକ୍ତିର ସହିତ ଚାଉଳ, ଟଙ୍କା, ଧୂପକାଠି, ନଡ଼ିଆ ଆଦି ସ୍ୱତଃପ୍ରବୃତ୍ତ ଭାବେ ଦେଇଥିବା ବେଳେ ଏହି ଚାଉଳ କେନାଲରେ ଫିଙ୍ଗାଯିବା ଜଣାପଡ଼ିବା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଏଠାରେ ପ୍ରଶ୍ନ ଉଠେ ଯଦିଓ ଜିଲା ପ୍ରଶାସନ , ରାଜ୍ୟ ସରକାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଘଟଣାକୁ ନେଇ ନୀରବ ରହିଲେ, ତା' ହେଲେ କାହିଁକି ଗୁପ୍ତ ତଦନ୍ତ କରାଗଲା ନା ଏହି ତଦନ୍ତର ମିଥ୍ୟା ରିପୋର୍ଟ ଦିଆଯାଇଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି ବୋଲି ଜଗନ୍ନାଥପ୍ରେମୀମାନେ ପ୍ରଶ୍ନ ଉଠାଇଛନ୍ତି।



ଗୋପ ଶାଖା କେନାଲକୁ ଫିଙ୍ଗା ଯାଇଥିବା ଚାଉଳ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତା: ଯୁବକଙ୍କ ମୁଣ୍ଡକୁ ହାତୁଡ଼ିରେ ଛେଚିଦେଲେ

ଭୁବନେଶ୍ୱର,୩୧।୮(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ତୋଷାଳୀ ଭବନ ସାମ୍ନାରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି।କେତେଜଣ ଯୁବକ ତାଙ୍କୁ ଏକ ହାତୁଡ଼ିରେ ଛେଚି ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ଯୁବକ ହେଲେ ଶାନ୍ତି ନଗର ଅଞ୍ଚଳର ଏସ୍‌କେ ସୈଫବୁଲ ଇସ୍‌ଲାମ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସୂଚନା ମିଳିଛି। ରାତିପ୍ରାୟ ୧୦ଟା ବେଳେ ଏକ ଦୋକାନ ସାମ୍ନାରେ ଏହି ଘଟଣା ଘଟିଥିଲା। ରବିବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

### ଚେକିଂ ବେଳେ ମହିଳା ପୋଲିସଙ୍କୁ ଦୁର୍ବ୍ୟବହାର, ୨ଗିରଫ

ଭୁବନେଶ୍ୱର,୩୧।୮(ସୂର୍ଯ୍ୟକାନ୍ତ ବେହେରା): ବାରମ୍ବାର ଚଢ଼ାଉ ସତ୍ତ୍ୱେ ବି ମାନୁନାହାନ୍ତି ମଦ୍ୟପ ଯୁବକ। ନିଶାରେ ଚୂର ହୋଇ ରାସ୍ତାରେ ମଦ୍ୟପାନ କରି ଗାଡ଼ି ଚଳାଉଛନ୍ତି। ପୋଲିସ ଅଟକାଇଲେ ଓଲଟା ଗାଳିଗୁଲଜ କରୁଛନ୍ତି। ବ୍ଲକିଂ ଓ ଚେକିଂବେଳେ ଜଣେ ମହିଳା ଅଧିକାରିଣୀଙ୍କୁ ଗାଳିଗୁଲଜ ଏବଂ ଦୁର୍ବ୍ୟବହାର କରିବା ଅଭିଯୋଗରେ ଖାରବେଳ ନଗର ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ମଡେଲ ପୋଲିସ ଷ୍ଟେଶନ ଅଞ୍ଚଳର ସତୀଶ ବେହେରା ଓ ସୁମନ ମହାପାତ୍ର। ସୂଚନାନୁସାରେ ଖାରବେଳନଗର ଥାନା ତରଫରୁ ରାମ ମନ୍ଦିର ଛକ ନିକଟରେ ନାଇଟ ବ୍ଲକିଂ ତଥା ଚେକିଂ ଚାଲୁ ରହିଥିବାବେଳେ, ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀମାନେ ଏକ କଳାରଙ୍ଗର କାର୍‌କୁ ବାଣୀବିହାର ପାର୍ଶ୍ୱରୁ ରାମମନ୍ଦିର ଛକ ଅଭିମୁଖେ ଦ୍ରୁତଗତିରେ ତଥା ବିପଦଜ୍ଜନକ ଭାବେ ଆସୁଥିବା ଦେଖିବାକୁ ପାଇଥିଲେ। ଉପସ୍ଥିତ ପୋଲିସ କର୍ମଚାରୀମାନେ ଉକ୍ତ ଗାଡ଼ିର ଗତିକୁ ଧିର କରିବା ଲାଗି ସଙ୍କେତ ଦେଇଥିଲେ ମଧ୍ୟ ଗାଡ଼ିଚାଳକ ଜଣକ ବେଖାତିର କରି ରାସ୍ତାରେ ରଖାଯାଇଥିବା ବ୍ୟାରିକେଡକୁ ଜୋରରେ ଧକ୍କା ଦେଇଥିଲେ। ଫଳରେ କିଛି ପୋଲିସ କର୍ମଚାରୀ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଯାଞ୍ଚ ସମୟରେ ଉକ୍ତ କାର୍‌ଚାଳକ ଜଣକ ନିଶାସକ୍ତ ଅବସ୍ଥାରେ ଥିବା ଜଣା ପଡ଼ିବାରୁ ଆଇନ ଅନୁଯାୟୀ ତାଙ୍କ ଗାଡ଼ି ପିଆର୍ କରିବାକୁ ପଡ଼ିବ ବୋଲି ଉପସ୍ଥିତ ଥିବା ଜଣେ ମହିଳା ଅଧିକାରିଣୀ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସମ୍ପୃକ୍ତ କାର ଚାଳକ ଏବଂ ଭିତରେ ବସିଥିବା ଅନ୍ୟ ଜଣେ ଯୁବକ ଉକ୍ତ ପୋଲିସ ଅଧିକାରିଣୀଙ୍କୁ ଗାଳି କରିବା ସହିତ ଠେଲାପେଲା ମଧ୍ୟ କରିଥିଲେ।

# ଭୁବନେଶ୍ୱର ଆମର ଅସ୍ମିତା

## ବିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ଭୁବନେଶ୍ୱର କଳେବର ଦିନକୁ ଦିନ ବୃଦ୍ଧି ପାଉଛି। ରାଜନୀତିର ଊର୍ଦ୍ଧ୍ୱରେ ରହି ସମସ୍ତେ ଲୋକଙ୍କ ପାଇଁ କାମ କରିବା ଦରକାର। ବିଏମ୍‌ସି ଆମର ପରିଚୟ। ରାଜଧାନୀ ଭୁବନେଶ୍ୱର ହେଉଛି ଆମ ଅସ୍ମିତା। ଓଡ଼ିଶାର ରାଜଧାନୀକୁ ୧ନଂ. କରିବା ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବା। ଏଥିସହ ସହରର ବିକାଶ ପାଇଁ ଏହାକୁ ଜବରଦଖଲମୁକ୍ତ କରିବା ଏବଂ ବସ୍ତିବାସିନ୍ଦାଙ୍କୁ ସହରାଞ୍ଚଳ

### ୧୪ ପ୍ରକଳ୍ପ ଉଦ୍‌ଘାଟିତ

ଆବାସ ଯୋଜନାରେ ଥଇଥାନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ବିଏମ୍‌ସି ପକ୍ଷରୁ ଶନିବାର ସୂଚନା ଭବନଠାରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଇସ୍କନ ମନ୍ଦିର ସମ୍ମୁଖରେ ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପ୍ରକଳ୍ପ ପ୍ରସ୍ତୁତି ହୋଇସାରିଛି। ଯଥାଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ। ଏହାକୁ ମଡେଲ ସିଟିରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି କହିଥିଲେ।



ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ଅପରାଜିତା ଷଡଙ୍ଗୀ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଲେ, ସହଭାଗିତା ମାଧ୍ୟମରେ ପ୍ରଗତି ବିଏମ୍‌ସିର ଫଳବତୀ ହୋଇଛି। ମେୟରଙ୍କ ସହ ଟିମ୍ ବିଏମ୍‌ସି ବହୁ ଉନ୍ନତିମୂଳକ କାମ କରୁଛି। ବିଏମ୍‌ସି ମଡେଲ ଏମ୍‌ସିସିର ଉଚ୍ଚ ପ୍ରଶଂସା କରିବା ସହ ସହରରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଯୋଜନା ଚାଲିଛି। ଆଗାମୀ ଦିନରେ ଯାହା କେନ୍ଦ୍ରୀୟ ସହାୟତା ଦରକାର ତାହା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ମେୟର ସୁଲୋଚନା ଦାସ କହିଲେ, କର୍ପୋରେଟର ଓ ଟିମ୍ ବିଏମ୍‌ସି ସମର୍ପିତ ଭାବେ କାମ କରୁଛନ୍ତି। ୧୯୪୮ରୁ ସଫା ହୋଇ ନ ଥିବା କଞ୍ଜରଭେନ୍ସି ଲେନ୍‌ଗୁଡ଼ିକୁ ଏବେ ପେଭରବ୍ଲକ କରାଯାଇଛି। ଇ-ଯାନ ବ୍ୟବହାର ସହ ସୌରଶକ୍ତିର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ଦୟାୱେଷ୍ଟ କେନାଲ ଓ ଗଙ୍ଗୁଆର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇବାକୁ ମେୟର ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ କମିଶନର ରାଜେଶ ପ୍ରଭାକର ପାଟିଲ୍ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସକାଳେ ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ପରେ ମେୟର ବିଏମ୍‌ସି ଆର୍କାଇଭ୍‌କୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ପରିସରରେ ୨୮କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୪ଟି ପ୍ରକଳ୍ପର ଉଦ୍‌ଘାଟିତ ହୋଇଥିଲା। ସେହିପରି ସହରରେ ସବୁଜିମା ସୃଷ୍ଟି ପାଇଁ ଜୟକୃଷ୍ଣ ରଥ, ମମତା ଲେଙ୍କା, ରୁଦ୍ର ପ୍ରସାଦ ମହାପାତ୍ର, ପାବ ପଞ୍ଚଦେବ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏନ୍‌ଏସ୍‌ଏସ୍ ୱିଙ୍ଗ ଏବଂ ମଧୁସୂଦନ ପାର୍କ ମର୍ନିଂ ଆସୋସିଏଶନକୁ 'ନଗର ବନ୍ଧୁ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ମାଟ୍ରିକ ଓ ଦ୍ୱାଦଶ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜରଙ୍କୁ ମିଳିଲାନି ସମ୍ମାନ

ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଦିବସରେ ପ୍ରତି ଜୋନ୍‌ର ୱାର୍ଡ ଅଫିସରଙ୍କ ମଧ୍ୟରୁ ଜଣଙ୍କୁ 'ବେଷ୍ଟ ୱାର୍ଡ ଅଫିସର' ଏବଂ ଜଣେ ଲେଖାଏ କମ୍ୟୁନିଟି ଅର୍ଗାନାଇଜରଙ୍କୁ ସମ୍ବର୍ଦ୍ଧିତ କରାଯାଏ। ମାତ୍ର ଚଳିତବର୍ଷ ସେପରି ହୋଇନାହିଁ। ଆବର୍ଜନା ତଦାରଖଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାର ପ୍ରଣୟନ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ୱାର୍ଡ ଅଫିସରଙ୍କୁ ନିୟୋଜିତ କରାଯାଉଥିବାବେଳେ ଏଥର ସେମାନଙ୍କୁ ପ୍ରୋତ୍ସାହିତ କରାଯାଇନାହିଁ, ଯାହାକୁ ନେଇ ୱାର୍ଡ ଅଫିସର ଓ କମ୍ୟୁନିଟି ଅର୍ଗାନାଇଜରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ପୂର୍ବରୁ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଭଲ ନମ୍ବର ରଖିଥିବା ୱାର୍ଡଅଫିସର ଏବଂ କର୍ମଚାରୀଙ୍କ ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାବେଳେ ଏଥର କେବଳ ଅଫିସରଙ୍କ ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା କେତେଜଣ ୱାର୍ଡ ଅଫିସର ଅଭିଯୋଗ କରିଛନ୍ତି।

## ପ୍ରକୃତ କବି ନିଜ ଭିତରର ପ୍ରେରଣାକୁ ଅନୁସରଣ କରିଥାଏ

### ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ'

ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

କବିତା ଆତ୍ମାର ଅନ୍ତରଙ୍ଗ ଉଚ୍ଚାରଣ। ଜୀବନ ଯେମିତି କବିତା ସେମିତି। କବିତା ମାଧ୍ୟମରେ ନିଜକୁ ପରଖି ହୁଏ ବୋଲି କବି ମମତା ଦାଶ ମତବ୍ୟକ୍ତ କରିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ କବି ଦାଶ ଏହା କହିଛନ୍ତି। କବି ସୌଭାଗ୍ୟ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। 'ମୋ ସୃଜନ, ମୋ ଜୀବନ' ପ୍ରସଙ୍ଗରେ କବି ଦାଶ କହିଲେ, ପ୍ରକୃତ କବି ନିଜ ଭିତରର ପ୍ରେରଣାକୁ ଅନୁସରଣ କରିଥାଏ। 'ଏ ମାସର କବି' ଭାବରେ ଐଶର୍ଯ୍ୟା ରାଉତ ସ୍ୱରଚିତ କବିତା ପାଠ କରିଥିଲେ। ଅଭୟ ନାରାୟଣ ନାୟକ ଓ ମିନତୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଧୂଭୂଷଣ ତ୍ରିପାଠୀ, ଅଲେଖ ଚରଣ ରାଉତ, କୁମୁଦିନୀ ଜୀ, ଶଶିପ୍ରଭା ଦାସ, ପବିତ୍ର ମୋହନ ବାରିକ, ପ୍ରଣତି ପରିଡ଼ା, ନିରୁପମା ରଥ, ଅଶୋକ ସିଂହ, ପବିତ୍ର ମୋହନ କର କବିତା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ସମାଜ ଦାୟିତ୍ୱବାନ୍ ହେବା ଜରୁରୀ



ସଂଗ୍ରାମୀ ଯୁବ ଛାତ୍ର ସଙ୍ଗଠନର ଦ୍ୱିତୀୟ ବାର୍ଷିକ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

### ସଂଗ୍ରାମୀ ଯୁବ ଛାତ୍ର ସଙ୍ଗଠନର ଦ୍ୱିତୀୟ ବାର୍ଷିକ ସମାରୋହ

ସଂଗ୍ରାମୀ ଯୁବ ଛାତ୍ର ସଂଗଠନର ଦ୍ୱିତୀୟ ବାର୍ଷିକ ଉତ୍ସବ ଶନିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ଚିତ୍ରକୋଣ୍ଡାର ବିଧାୟକ ମଙ୍ଗୁ ଖିଲ, ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର, ସମାଜସେବୀ ନିବେଦିତା ଶତପଥୀ, ଏସ୍.କେ. ଅବଦୁଲ ସାବିଦ ଓ ବିନୋଦ କୁମାର ରାଉତ ଯୋଗଦେଇଥିଲେ। ଦେଶ ଓ ଜାତିର ସ୍ୱାର୍ଥ ଦୃଷ୍ଟିରେ ଯୁବ ସମାଜ ଦାୟିତ୍ୱବାନ ହେବା ଏକାନ୍ତ ଜରୁରୀ। ପରିତାପର ବିଷୟ ଯେ, ଆଜିର ଯୁବ ସମାଜ ନିଜର ଅଧିକାର ପାଇବା ପାଇଁ ଯେତେ ସଚେତନ, ନିଜ ଦାୟିତ୍ୱ ନିର୍ବାହ କରିବା ପାଇଁ ସେତେଟା ସଚେତନ ନୁହନ୍ତି। ଦେଶ ଓ ଜାତିର ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଯୁବ ସମାଜ ନିଜ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରିବା ଓ ନିଶାଠାରୁ ନିଜକୁ ଦୂରେଇ ରଖିବା ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ବିଶ୍ୱମୋହନ ଜେନା, ଡ. ସୁଧାଂଶୁବାଳା ସାହୁ, ରଘୁନାଥ ମଣ୍ଡଳ, ଦେବେନ୍ଦ୍ର ଆଚାର୍ଯ୍ୟ, ବିଷ୍ଣୁ ପ୍ରସାଦ ସାହୁ, ପ୍ରଦୀପ ବେହେରା, ସ୍ମୃତିକିରଣ ପଣ୍ଡା, କଲ୍ୟାଣୀ ବିଶ୍ୱାଳ, ତାପସ ଦେ, ରାଜ୍ୟପ୍ରୀୟ ଦାସଙ୍କ ସହ ରେଲ ବିହାର ଯୁବ ପରିଷଦ ପ୍ରମୁଖଙ୍କୁ ବଳିଷ୍ଠ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୀର ଅହମ୍ମଦ ଅଲ୍ଲୀ, ଭାଗ୍ୟଶ୍ରୀ ମହାନ୍ତି, ସଞ୍ଚିତା ମହାପାତ୍ର, ସେକ୍ ସଲିମ ଉଦ୍ଦିନ, ଦିଲୀପ ବେହେରା, ଅମର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ବିଏମ୍‌ସି ହସ୍ପିଟାଲର ସମସ୍ୟା ସମାଧାନ ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୩୧।୮(ସୁବାସ ଚନ୍ଦ୍ର ପ୍ରଧାନ): ଓଲ୍ଡ ଟାଉନସ୍ଥିତ ବିଏମ୍‌ସି ହସ୍ପିଟାଲରେ ଚିକିତ୍ସା ପାଇଁ ଥିବା ବହୁ ଯନ୍ତ୍ରପାତି ଅଚଳ ହୋଇପଡ଼ିଥିବା ବେଳେ କାର୍ଯ୍ୟକ୍ଷମ ଥିବା ମେସିନ୍ ଚଳାଇବା ପାଇଁ ଡାକ୍ତର ନାହାନ୍ତି। ଏଭଳି ବିଭିନ୍ନ ସମସ୍ୟା ଦେଇ ହସ୍ପିଟାଲ ଗତି କରୁଥିବାବେଳେ ଶନିବାର ଆମ ଚିକିତ୍ସାଳୟ ସୁଧାର ଅଭିଯାନ ଆରମ୍ଭ କରିଛି ଏକାମ୍ର ଜନଜାଗରଣ ମଞ୍ଚ। ଏଥିରେ ସଂଯୋଜକ ଭାବେ ଗଣେଶ ପାଲ୍ ଏବଂ ସହସଂଯୋଜକ ଭାବେ ମନୋରଞ୍ଜନ ବସୁଙ୍କୁ ମନୋନୀତ କରାଯାଇଛି। ଅପରାହ୍ନରେ ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା କମିଟିରେ ଉକ୍ତ ହସ୍ପିଟାଲକୁ 'ମଲ୍ଟିସ୍ପେଶାଲିଷ୍ଟ' ଡାକ୍ତରଖାନାରେ ପରିଣତ କରାଇବା ପାଇଁ ଦାବି ହୋଇଛି। ରୋଗୀ ସେବାକୁ ତ୍ୱରାନ୍ୱିତ କରାଇବା ସହ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର କର୍ତ୍ତୃପକ୍ଷଙ୍କୁ ପଠାଯାଇଥିବା ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ସୂଚନା ଦେଇଛନ୍ତି। ବରିଷ୍ଠ ସେବାୟତ ନରସିଂହ ଖୁଣ୍ଟିଆ, ଅଶୋକ କୁମାର ଆଚାର୍ଯ୍ୟ, ଚନ୍ଦ୍ରଶେଖର ପାଲ, ଅତୁଲ୍ୟ ମହାପାତ୍ର, ଭୂପେଷ ନାୟକ, ସୌମ୍ୟରଞ୍ଜନ ପଣ୍ଡା, ଜନ୍ମେଜୟ କର, ହିମାଂଶୁ ଶେଖର ଦାସ, ନୀଳମଣି ମିଶ୍ର, ଶିବନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଝାରପଡ଼ା ଜେଲରୁ ମିଳିଲା ମୋବାଇଲ

ଭୁବନେଶ୍ୱର,୩୧।୮(ସତ୍ୟଜିତ୍ ରାଉତ)

ଝାରପଡା ଜେଲରୁ ଶନିବାର ଏକ ମୋବାଇଲ ଫୋନ୍ ମିଳିଛି। ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ସୌଦାମିନି ସିଂ ଅପରାହ୍ନରେ ଜେଲକୁ ପରିଦର୍ଶନରେ ଯାଇଥିବାବେଳେ ଏହି ମୋବାଇଲ ପାଇଛନ୍ତି। ଜେଲର ଏକ ସେଲ୍‌ରେ ଏହି ମୋବାଇଲକୁ ଲୁଚାଯାଇଥିବା ବେଳେ ଜଣେ କଏଦୀ ଏହାକୁ ଦେଇଥିଲେ। ତେବେ ଜେଲରଙ୍କ ପକ୍ଷରୁ ଉକ୍ତ ମୋବାଇଲକୁ ଲକ୍ଷ୍ମୀସାଗର ଥାନାକୁ ହସ୍ତାନ୍ତର କରାଯାଇଛି। ଏନେଇ ହୋଇଥିବା ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ହେବ ବୋଲି ଲକ୍ଷ୍ମୀସାଗର ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି। ଅନ୍ୟପକ୍ଷରେ ଜେଲ ଭିତରୁ ମୋବାଇଲ ମିଳିବା ପରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ମାର୍ଚ୍ଚରେ ମଧ୍ୟ ଜେଲ ଭିତରୁ କମିଶନରେଟ୍ ପୋଲିସ ବହୁ ନିଶା ସାମଗ୍ରୀ ଜବତ କରିଥିଲା।

### ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ: ଶାଶୁ, ଜ୍ୱାଇଁ ଗିରଫ

ବାଣପୁର,୩୧।୮(ଦିଲୀପ କୁମାର ସ୍ୱାଇଁ)

୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ବାଣପୁର ଥାନା ପୋଲିସ ଶନିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବେଲଢ଼ିହ ଗ୍ରାମର ବିଷ୍ଣୁପ୍ରିୟା ଜଗଦ୍ଦେବ ଏବଂ ତାଙ୍କ ଜ୍ୱାଇଁ ଶଶାଙ୍କ ମାର୍ଥା। ଅଭିଯୋଗ ମୁତାବକ, ବାଣପୁର ବ୍ଲକ ଅନ୍ତର୍ଗତ ଦାମିଆ ବରବାରା ଓ ନୀଳାଦ୍ରି ପ୍ରସାଦ ଅଞ୍ଚଳର କେତେଜଣ ମହିଳାଙ୍କୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଲୋନ୍ କରାଇଦେବାକୁ ବିଷ୍ଣୁପ୍ରିୟା କହିଥିଲେ। ଏହାପରେ ବିଷ୍ଣୁପ୍ରିୟା ଉକ୍ତ ସଂସ୍ଥା ମାଧ୍ୟମରେ ଜଣେ ମହିଳାଙ୍କ ପିଛା ୫୦ହଜାର ଟଙ୍କା ଲୋନ୍ କରାଇଦେଇ ସେମାନଙ୍କୁ କିଛି ଟଙ୍କା ଦେଇ ବାକି ଟଙ୍କା ହଡ଼ପ କରିଥିଲେ। କିଛିଦିନ ପରେ ସଂସ୍ଥାର ଅଧିକାରୀ ଗ୍ରାମକୁ ଆସି ଋଣର କିସ୍ତି ଶୁଝିବା ପାଇଁ କହିବା ପରେ ମହିଳାମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ମହିଳାମାନେ ଶନିବାର ଏନେଇ ଥାନା ଆଗରେ ପ୍ରତିବାଦ କରିବା ସହ ଅଭିଯୋଗ କରିଥିଲେ।

# ସୂଚନା ଭବନ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସୂଚନା ଭବନର ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା କେନ୍ଦ୍ରର ଉପ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ଅବସରଗ୍ରହଣ କରିଛନ୍ତି। ଶନିବାର ସୂଚନା ଭବନଠାରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମସ୍ତ କର୍ମଚାରୀଙ୍କ ସହ ନବନିଯୁକ୍ତ ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ। ସୂର୍ଯ୍ୟରଞ୍ଜନ ଜଣେ କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ମିଷ୍ଟଭାଷୀ ଅଧିକାରୀ ଥିଲେ। ୨୦୨୦ରୁ ସୂଚନା ଭବନରେ ତାଙ୍କର ଉପସ୍ଥାନ ଓ କାର୍ଯ୍ୟଧାରା ବେଶ ପ୍ରଶଂସନୀୟ ତଥା ଲୋକାଭିମୁଖୀ ଥିଲା ବୋଲି କର୍ମଚାରୀମାନେ କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସଚ୍ଚିଦାନନ୍ଦ ରାଉତ, ଦୀପ୍ତି ରଞ୍ଜନ ପରିଡା, ରବି ପଟ୍ଟନାୟକ, ରବୀନ୍ଦ୍ର ନାଥ ମହାରଣା, ସରସ୍ୱତୀ ଦେବୀ, ସତ୍ୟ ନାରାୟଣ ମିଶ୍ର, ଗିରିଶ ପୂଜାପଣ୍ଡା ପ୍ରମୁଖ ଆଉଟସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗୀତଗୋବିନ୍ଦ ସଦନସ୍ଥିତ ପାଠାଗାରର ବିଦ୍ୟାର୍ଥୀମାନେ ତାଙ୍କ ସମ୍ମାନାର୍ଥେ ଏକ ସଭା ଆୟୋଜନ କରିଥିଲେ। ଉକ୍ତ ସଭାରେ ସୂଚନା ଭବନ ପରିଚାଳକ ସରୋଜ କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଶାସକ ପ୍ରଣବ ଦେଓ ଓ ଗ୍ରନ୍ଥାଗାରିକ ଦୀପାଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଅବସର ନେଇଥିବା ସୂଚନା ଭବନ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବଡ଼ଗଡ଼ରେ ପୂଜାପାଇବେ ଲାଲ୍‌ବାଗ୍ ଗଣେଶ

ପୁରୁଣା ଭୁବନେଶ୍ୱର,୩୧।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଆଉ ଦିନ କେଇଟା ପରେ ଧରାପୃଷ୍ଠରେ ଅବତରଣ କରିବେ ଶ୍ରୀଗଣେଶ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ଗଡ଼ ଗ୍ରାମରେ ପୂଜାପାଇବେ ବଡ଼ ଗଣେଶ। ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏଶନ ଏବଂ ବଡ଼ଗଡ଼ ଗଣେଶ ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଏହି ପୂଜା ଅନୁଷ୍ଠିତ ହେବ। ୫୭ଫୁଟ ଉଚ୍ଚର ମହାରାଷ୍ଟ୍ରର ଲାଲ୍‌ବାଗ ପ୍ରତିକୃତିର ଗଣେଶଙ୍କ ହାତରେ ଶୋଭାପାଇବ ୫୭କେଜି ଓଜନର ଲଡ୍ଡୁ। କାରିଗର ମନୋଜ କାଣ୍ଡିଙ୍କ ସମେତ ୧୨ଜଣ ସହ କାରିଗର ଏହି ମୂର୍ତ୍ତିକୁ ନିର୍ମାଣ କରୁଛନ୍ତି। ୧୯୮୫ମସିହାରୁ ବଡ଼ଗଡ଼ ଗ୍ରାମରେ ଗଣେଶ ମୂର୍ତ୍ତି ପାଇଁ ଟଙ୍କପାଣି, ବଡ଼ଗଡ଼ ଆଦି ନିକଟ ଗହିରରୁ ମାଟି ଆସୁଥିଲା। ରାଜଧାନୀ ଭୁବନେଶ୍ୱରରେ ଜନବସତି ବଢ଼ିବା ଏବଂ ଜବରଦଖଲ ନେଇ ଏଠାକାର ପ୍ରାୟ ସମସ୍ତ ସରକାରୀ ଜମି ଏବଂ ଗହିର ନିଶ୍ଚିହ୍ନ ହୋଇଯାଇଛି। ତେଣୁ କିଛି ବର୍ଷ ହେବ ଗଣେଶ ନିର୍ମାଣ ପାଇଁ କଟକ ତ୍ରିଶୁଳିଆରୁ ମାଟି ଆସୁଛି।

### ଭସାଣିରେ ଡିଜେକୁ ବାରଣ

୫୭ଫୁଟ ଉଚ୍ଚତା ସହ ମାତ୍ରାଧିକ ଓଜନର ବୃହତ୍ତକାୟ ପ୍ରତିମୂର୍ତ୍ତି କୌଣସି ଗାଡ଼ିରେ ନଦୀକୁ ନେଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ଅସମ୍ଭବ। ତେଣୁ ଟ୍ୟାଙ୍କର ଯୋଗେ ଶ୍ରୀଗଣେଶଙ୍କ ମୂର୍ତ୍ତିକୁ ପାଣି ସିଞ୍ଚନ ପୂର୍ବକ ବିସର୍ଜନ କରାଯିବା ପାଇଁ କମିଟି ସ୍ଥିର କରିଛି। ମଣ୍ଡପରେ ପୂଜା ପାଉଥିବା ଛୋଟ ଗଣେଶଙ୍କୁ ଚଳନ୍ତି ପ୍ରତିମାଭାବେ ବିସର୍ଜନ କରାଯିବ। ସେହିଭଳି ଭସାଣିରେ ଡିଜେ ବାଜିବ ନାହିଁ। ଡିଜେ ସାଉଣ୍ଡ ବରିଷ୍ଠ ନାଗରିକ ଏବଂ ପିଲାମାନଙ୍କ ପାଇଁ ବପଦ ସୃଷ୍ଟି କରୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି।

### ଟାଇଟାନିକ୍ ଆକୃତିର ଆଲୋକ ତୋରଣ

ଗଣେଶ ପୂଜା ମଣ୍ଡପ, ଗ୍ରାମ ଛକରୁ କଳ୍ପନା ଛକ ଯାଏ ଉଭୟ ପଟର ରାସ୍ତା ଆଲୋକମାଳାରେ ଝଲସିବ। କଳ୍ପନା ଛକ, ଶ୍ରୀଦେବୀ ଛକ, ପାରାମାଉଣ୍ଟ ଛକ, ବଡ଼ଗଡ଼ ହାଟ ଛକ, ଗ୍ରାମ ପ୍ରବେଶ ତୋରଣ, ବଡ଼ଗଡ଼ ବ୍ରିଟ୍ କଲୋନୀ ଛକରେ ବିଭିନ୍ନ ଲାଇଟ ଗେଟରେ ଆଲୋକିତ ହେବ। ପୂଜା ମଣ୍ଡପର ସାଜସଜ୍ଜା ମଧ୍ୟ ଚିତ୍ତାକର୍ଷକ ହେବା ସହ ବଡ଼ଗଡ଼ ହାଟ ସମ୍ମୁଖରେ ଟାଇଟାନିକ୍ ଆକୃତିର ଆଲୋକ ତୋରଣ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଛି।

**ନିୟୋଜିତ ହେବେ ୧୦୦ ଭଲ୍ୟୁଣ୍ଟିଅର**

ଟ୍ରାଫିକ୍ ନିୟନ୍ତ୍ରଣ, ପୂଜା ମଣ୍ଡପରେ ଆଇନ ଶୃଙ୍ଖଳା ଏବଂ ଲୁଟେରାଙ୍କ ଉପରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରା ଖଞ୍ଜାଯିବ। କମିଶନରେଟ ପୋଲିସ୍ ପକ୍ଷରୁ ସ୍ପେଶାଲ ପୋଲିସ୍ ଫୋର୍ସ ମୁତୟନ ହେବେ। ଆୟୋଜକଙ୍କ ମଧ୍ୟରୁ ୧୦୦ଜଣ ଭଲ୍ୟୁଣ୍ଟିଅର ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି।



**ଶୋଭାପାଇବ ଗଣେଶଙ୍କ ହାତରେ ୫୭କେଜି ଲଡ୍ଡୁ**

### ୧୦କେଜି ରୁପା ପାଦୁକା ଦର୍ଶନ

ଚଳିତବର୍ଷ ଶ୍ରୀଗଣେଶଙ୍କ ପାଇଁ ୧୦କେଜି ଓଜନର ରୌପ୍ୟ ନିର୍ମିତ ପାଦୁକା କଟକରୁ କରିଗରଙ୍କଠାରୁ ଅଣାଯାଇଛି। ଏହି ରୁପା ପାଦୁକାକୁ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ବ୍ୟବସ୍ଥାରେ ଯାଇ ଦର୍ଶନ କରିବେ। ମିନି ପାଗୋଡ଼ା ଭିତରେ ଏକ ପୋଲିସ୍ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ବଡ଼ଗଡ଼ ବ୍ରିଟ୍ କଲୋନୀରୁ ବଡ଼ଗଡ଼ ଗଣେଶ ମହୋତ୍ସବକୁ ଯାଇଥିବା ରାସ୍ତାରେ ଦ୍ୱିତୀୟ ମିନି ପାଗୋଡ଼ା ଭିତରେ ପୋଲିସ୍ କଣ୍ଟ୍ରୋଲ ରୁମ ଖୋଲାଯିବାର ବ୍ୟବସ୍ଥା କରାଯାଇଛି।

# ଜଳବନ୍ଦୀ ମୁକ୍ତ ପାଇଁ କରାଯିବ ମାଷ୍ଟର ଡ୍ରେନେଜ ପ୍ଲାନ୍

**ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)**



ସମାରୋହରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ୬୫ତମ ସ୍ୱାୟତ୍ତ ଶାସନ ଦିବସ ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ କହିଥିଲେ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ସହ ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟର ପ୍ରତୀକଭାବେ ପ୍ରସ୍ତାବିତ ସ୍ମାରକୀ ଖୋର୍ଦ୍ଧା ମାଟିର ଗୌରବ ବୃଦ୍ଧି କରିବ। ବରୁଣେଇ ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟନକ୍ଷେତ୍ରର ବିକାଶ କରାଯିବ। ଖୋର୍ଦ୍ଧା ସହରକୁ ଏକ ସ୍ମାର୍ଟ ସହର ଭାବେ ଗଢ଼ିବାକୁ ଯୋଜନା ରହିଛି।

ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ସ୍ୱାଗତ ଭାଷଣରେ ଖୋର୍ଦ୍ଧାର ଗୌରବମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ କହିଥିଲେ। ପୌରାଞ୍ଚଳରେ ସ୍ୱଚ୍ଛତା ପାଇଁ ୨୩୨ଜଣ ସଫେଇ କର୍ମଚାରୀ ନିୟୋଜିତ ଅଛନ୍ତି। ସହରରୁ ଦୈନିକ ୧୮ମେଟ୍ରିକ ଟନ୍ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଛି। ଏଥିରୁ ଜୈବ ଖତ ପ୍ରସ୍ତୁତ କରାଯାଇ ବିଭିନ୍ନ ସଂସ୍ଥା, ଚାଷୀଙ୍କୁ କେଜି ପିଛା ୧୦ଟଙ୍କାରେ ବିକ୍ରି କରାଯାଉଛି। ଆହର ଯୋଜନାରେ ମେଡିକାଲରେ ଥିବା କେନ୍ଦ୍ରରେ ଦୈନିକ ସକାଳ ୫ଶହ ଏବଂ ରାତିରେ ୧୫୦ମିଲ୍ ୫ଟଙ୍କାରେ ଦିଆଯାଉଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ଏନ୍ଏଫଏସ୍‌ରେ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ୧୩୧୮ଜଣ ହିତାଧିକାରୀଙ୍କୁ ଚୟନ କରାଯାଇ ଭୂମି ଅଧିକାର ପ୍ରମାଣପତ୍ର ଦିଆଯାଇଛି। ୨୫.୮୪ବର୍ଗ କିମି ପରିସୀମା ବିଶିଷ୍ଟ ଖୋର୍ଦ୍ଧା ପୌରାଞ୍ଚଳରେ ୨୨ଟି ୱାର୍ଡରେ ୪୭୪୮ ଲାଇଟ ପଏଣ୍ଟକୁ ଏଲ୍ଇଡି ମାଧ୍ୟମରେ ଆଲୋକୀକରଣ କରାଯାଇଛି। ଜାତୀୟ ସହରାଞ୍ଚଳ ଜୀବିକା ମିଶନ ମାଧ୍ୟମରେ ୩୬ଜଣଙ୍କୁ ବ୍ୟକ୍ତିଗତ ଓ ୩ଟି ସମିତିକୁ ଗୋଷ୍ଠୀ ଋଣ ଦିଆଯାଇଛି। ୧୭୫ ମହିଳା ଗୋଷ୍ଠୀଙ୍କ ଦକ୍ଷତା ତାଲିମ ଦିଆଯାଇଛି।

**୬୫ତମ ସ୍ୱାୟତ୍ତ ଶାସନ ଦିବସ ସମାରୋହ**

- **୨୦୨୩-୨୪ ଆର୍ଥିକ ବର୍ଷରେ ୧୩୪.୨୨ ଲକ୍ଷ ଟଙ୍କା ଟିକସ ଆଦାୟ**
- **୧୩୧୮ ହିତାଧିକାରୀଙ୍କୁ ମିଳିଛି ଭୂ-ପ୍ରମାଣପତ୍ର**

ପରିଷଦ ଅଧୀନରେ ୧୮ଟି ଆଞ୍ଚଳିକ ମହିଳା ମହାସଂଘ ଗଠନ କରାଯାଇ ୬ଟି ପଞ୍ଜୀକରଣ କରାଯାଇଛି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୩୯୦୦ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା, ବିକଳାଙ୍ଗ ଓ ଅବିବାହିତ ମହିଳାଙ୍କୁ ଭତ୍ତା ଦିଆଯାଉଛି। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଖୋର୍ଦ୍ଧା ପରିଷଦ ୨୦୨୩-୨୪ ଆର୍ଥିକ ବର୍ଷରେ ବାର୍ଷିକ ଟିକସ ୧୮୦ଲକ୍ଷ ଟଙ୍କା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବେଳେ ୧୩୪.୨୨ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ସହରରେ ପେଭର ବ୍ଲକ ରାସ୍ତା ପାଇଁ ୩୨କୋଟି ଟଙ୍କାରୁ ୧୫.୨୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧୩.୧୪୦ କିମି ରାସ୍ତା ସମ୍ପୂର୍ଣ୍ଣ କରାଯାଇଛି। ୨କୋଟି ବ୍ୟୟ ଅଟକଳରେ ୪ଟି ଆସପିରେଶନାଲ ଶୌଚାଳୟ ନିର୍ମାଣ କରାଯାଇଛି। ଟଏଲ୍‌ସି ରୋଡରେ ୪କୋଟି ୫୯ଲକ୍ଷ ଟଙ୍କା ବିନିଯୋଗରେ ଭେଣ୍ଡିଂ ଜୋନ ନିର୍ମାଣ ଚାଲିଛି। ସହରକୁ ଜଳବନ୍ଦୀ ମୁକ୍ତ ପାଇଁ ମାଷ୍ଟର ଡ୍ରେନେଜ ପ୍ଲାନ ପ୍ରସ୍ତୁତ ଚାଲିଛି। ମୁକ୍ତା ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୮କୋଟି ୫୪ ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ପାଇଛି। ସଭାପତିତ୍ୱ ଭାଷଣରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଥିଲେ, ସହରର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ହାତକୁ ନିଆଯାଇଛି। ସହରରେ ରହିଥିବା ବିଭିନ୍ନ ସମସ୍ୟାକୁ ପର୍ଯ୍ୟାୟକ୍ରମେ ସମାଧାନ କରିବାକୁ ଚେଷ୍ଟା ଜାରି ରହିଛି। ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର, ସମାଜସେବା, ସାମ୍ବାଦିକତା, କଳା, ସଂସ୍କୃତି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରୁଣେଇ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସକାଳ ୮ଟାରେ ପୌର ପରିଷଦ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। ପରେ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ, ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ଏବଂ କାର୍ଯ୍ୟାଦେଶ ବଣ୍ଟନ ସହ ପରିଷଦ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି।

## ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

**ଜଟଣୀ, ୩୧।୮ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌର ପରିଷଦର ୫୨ତମ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରାଞ୍ଚଳରେ ପ୍ରତ୍ୟୁଷରେ ରାମଧୂନ ସହିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପୌରାଧକ୍ଷ ଅନନ୍ତ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। ପୌର କାର୍ଯ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଉପାସରେ ଫେରିଲେ ଅନେକ ମହିଳା**

ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ସତୀଶ ଶର୍ମା, ଉପାଧକ୍ଷା ଆରତୀ ରାଉତ, ନଗରପାଳ ଅନନ୍ତ ବେହେରାଙ୍କ ସମେତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜିଲାପାଳ ଚଞ୍ଚଳ ରାଣା ଏବଂ ଏମ୍‌ପିଙ୍କ ନାମ କାର୍ଯ୍ୟକ୍ରମର ନିମନ୍ତ୍ରଣପତ୍ରରେ ଉଲ୍ଲେଖ ରହିଥିବା ବେଳେ ସେମାନଙ୍କ ଅନୁପସ୍ଥିତିକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ଭୋଜିରେ ଖାଦ୍ୟ ଅଭାବ ଏବଂ ଅବ୍ୟବସ୍ଥାକୁ ନେଇ କାର୍ଯ୍ୟାଳୟ ପରିସରରେ ଆମନ୍ତ୍ରିତ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଠେଲାପେଲା ଯୋଗୁ ନ ଖାଇ ଘରକୁ ଫେରିଥିବା ଜଣାପଡ଼ିଛି।

**ସଂକ୍ଷେପରେ**

## ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ

**କଳାପଥର,୩୧।୮ (ଗଙ୍ଗାଧର ସାହୁ)**

ବାଙ୍କୀ ଥାନା କାର୍ଯ୍ୟାଳୟ ପରିସରରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା, ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ପୋଲିସ ଅଧିକାରୀ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଆମ ପୋଲିସର କାର୍ଯ୍ୟ ପ୍ରଣାଳୀ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରାଯାଇଥିଲା। ବାଙ୍କୀ ଥାନା ଅଞ୍ଚଳରେ କିପରି ଶାନ୍ତିଶୃଙ୍ଖଳା ରକ୍ଷା ଓ ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରିବ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଥାନା ପକ୍ଷରୁ ଲୋକମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରାଗଲେ ଆଇନଶୃଙ୍ଖଳା ବଜାୟ ରହିବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ସଞ୍ଜୟ ପାତ୍ର, ନୀଳମଣି ମହାପାତ୍ର, ପ୍ରଣବ କିଶୋର ମହାପାତ୍ର, ରମାକାନ୍ତ ସେଠୀ, ଚନ୍ଦନ ଗଣ୍ଡିଆ, ଆଲୋକ ରାଉତ, ସାମ୍ବାଦିକ ଅନନ୍ତ ରଣା, କାହ୍ନୁଚରଣ ବେହେରା, ମନୋଜ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶରେ ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ା



ସଭାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅତିଥିମାନେ।

**ବାଲୁଗାଁ,୩୧।୮ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରାତଃରେ ଏନ୍ଏସିର ସମସ୍ତ କର୍ମଚାରୀ ରାମଧୂନ୍ ସହ ଶୋଭାଯାତ୍ରାରେ ଯାଇ ବାଲଗାଁ ଗାନ୍ଧୀଛକ ଠାରେ ଅବସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ଅଧକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାଲୁଗାଁ ଡାକ୍ତରଖାନାରେ ରୋଗୀ ଓ ଜରାନିବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିବା ବେଳେ ଅଧକ୍ଷା ସୁକାନ୍ତି ପାଇକରାୟ, ଉପାଧକ୍ଷ ଭଗବାନ ପ୍ରଧାନଙ୍କ ସମେତ ସମସ୍ତ କାଉନ୍‌ସିଲର, କନିଷ୍ଠ ଯନ୍ତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ବାଲୁଗାଁ ସହରର ଉନ୍ନତୀକରଣ ନିମନ୍ତେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବା ବେଳେ ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ସରକାରଙ୍କ ପକ୍ଷରୁ ବହୁ ଯୋଜନା ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ଏଥିପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଆବଶ୍ୟକ। ଏହି ଅବସରରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂମି ପୂଜନ ମୁଖ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଶେଷରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଣପୁରରେ ସ୍ୱାୟତ୍ତ ଶାସନ ଦିବସ



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମିଟୁ ନାୟକ ଏବଂ ଅନ୍ୟମାନେ।

**ବାଣପୁର,୩୧।୮ (ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରେ ରାମଧୂନ୍ କରାଯିବା ସହ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧକ୍ଷ ମିଟୁ ନାୟକ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷଙ୍କ ସମେତ ସମସ୍ତ କାଉନ୍‌ସିଲର, କର୍ମଚାରୀମାନେ ବାଣପୁରର ବିଭିନ୍ନ ସ୍ଥାନରେ ଥିବା ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ବାଣପୁର ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ କିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଉନ୍ନତି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏକାଠି ହୋଇ କାର୍ଯ୍ୟ କରିବାକୁ ଅଧକ୍ଷ ନାୟକ ପରାମର୍ଶ ଦେଇଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**କୃଷ୍ଣପ୍ରସାଦ,୩୧।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ପଞ୍ଚାୟତ ରସକୁଦୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଖଟିଆକୁଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ମୁଖ୍ୟ ବକ୍ତା ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସମ୍ମାନିତ ଅତିଥିଭାବେ ସିଆର୍‌ସିସି ସତ୍ୟବାଦୀ ବିଶ୍ୱାଳ, ଦିଲୀପ ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଶ୍ରୀଚନ୍ଦନ, ବିଷ୍ଣୁ ପ୍ରିୟା ଡାକୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ କନକ ଲତା ଦାସ, ସୀମାଞ୍ଚଳ ବେହେରା, ବୁଲୁ ବେହେରା, ନିର୍ମଳ ବେହେରା, ପବିତ୍ର ବେହେରା, ମୁନା ବେହେରା, ପ୍ରଦୀପ ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଲେଇ, ପୂର୍ବତନ ଶିକ୍ଷକ ପ୍ରମୋଦ ପଣ୍ଡା, ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ କିସୁନ ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶିକ୍ଷକ ରାମଚନ୍ଦ୍ର ତରେଇ, ବିଦ୍ୟାଧର ଜାଲି, କାଳନ୍ଦୀ ଚରଣ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ରାଜପଥ ପାର୍ଶ୍ୱରୁ ହଟୁନି ଅଳିଆ



ରାଜପଥ ପାର୍ଶ୍ୱରେ ଗଦାହୋଇଥିବା ଅଳିଆ ଆବର୍ଜନା।

**ବୋଲଗଡ଼,୩୧।୮ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ୍ ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ରାଜସୁନାଖଳାଠାରେ ଉଭୟ ପାର୍ଶ୍ୱରେ କୁଢ଼କୁଢ଼ ଅଳିଆ ଆବର୍ଜନା ଜମା ହୋଇରହିଛି। ଖୋର୍ଦ୍ଧା ଓ ନୟାଗଡ଼ ଜିଲା ସୀମାନ୍ତରେ ଅବସ୍ଥିତ ରାଜସୁନାଖଳା ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ବୋଲଗଡ଼ ବ୍ଲକ୍‌ର ବଡ଼କୁମାରୀ ପଞ୍ଚାୟତ ଓ ରଣପୁର ବ୍ଲକ୍ ରାଜସୁନାଖଳା ପଞ୍ଚାୟତ ଅଧୀନରେ ଥିବା ଏହି ବ୍ୟବସାୟିକ ପେଣ୍ଠରେ ପରିବା ହାଟ, ଶୁଖୁଆ ବଜାର, ଶପିଙ୍ଗ୍ ମଲ୍, ଗ୍ୟାରେଜ୍, ତେଜରାତି ଦୋକାନ, କଲ୍ୟାଣ ମଣ୍ଡପ, ହୋଟେଲ ଓ ଜଳଖିଆ ଦୋକାନ ଆଦି ଥିବାବେଳେ ଏଥିରୁ ବାହାରୁଥିବା ବର୍ଜ୍ୟ ସବୁ ପାଇଁ ସେପରି କୌଣସି ପରିଚାଳନା ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ଉଭୟ ପଞ୍ଚାୟତର ସରପଞ୍ଚ ଭାବେ ଗୋଟିଏ ପରିବାରର ଦାଦା ଓ ପୁତୁରା କାର୍ଯ୍ୟରତ ଥିବାବେଳେ ପଞ୍ଚାୟତସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅଳିଆବୁହା ଟଲି ଓ ଅଳିଆ ଗଦାଇବା ଗୃହ କାମ କରୁନି, ବାଧ୍ୟ ହୋଇ ବ୍ୟବସାୟୀମାନେ ନିଜ ପ୍ରଚେଷ୍ଟାରେ ରାଜପଥର ପଶ୍ଚିମ ଦିଗ ପେଟ୍ରୋଲ ପମ୍ପ ଏବଂ ପୂର୍ବ ଦିଗର ବିନୋଦପଡ଼ା ମଶାଣି ନିକଟରେ ପକାଉଛନ୍ତି।

ଏହି ଆବର୍ଜନା ମଧ୍ୟରେ ପଚାଶଢ଼ା ପନିପରିବା ଠାରୁ ଆରମ୍ଭ କରି ଶୁଖୁଆଗୁଣ୍ଡ ଆଦି ପଡ଼ିରହି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ରାଜସୁନାଖଳା ଗ୍ରାମର ଅନେକ ସ୍ଥାନରେ ମଇଳା ସବୁ ଜମା ହୋଇ ରହୁଥିଲେ ମଧ୍ୟ ଦୀର୍ଘଦିନ ଧରି ତାହା ସଫେଇ ହେଉ ନ ଥିବା ଅଭିଯୋଗ ହେଉଛି। ଏହି ଗ୍ରାମ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ଥିବାବେଳେ ୨୦୧୪ ମସିହାରେ ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ ଏହାକୁ ତାଲିକାଭୁକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏଥିରୁ ବଞ୍ଚିତ ହୋଇଥିବା କହିବା ସହ ଏନ୍ଏସି ପ୍ରାପ୍ତ ହେଲେ ଏହି ଅବସ୍ଥା ସୁଧୁରି ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି।

## ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ

**କଳାପଥର,୩୧।୮ (ଗଙ୍ଗାଧର ସାହୁ)**

ଭାଜପା ପକ୍ଷରୁ ବାଙ୍କୀ ବ୍ଲକର ଜଗନ୍ନାଥପୁର, ବଳଭଦ୍ରପୁର ଓ କେନ୍ଦୁପଲ୍ଲୀ ଗ୍ରାମପଞ୍ଚାୟତରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଶନିବାର କରାଯାଇଛି। ମଣ୍ଡଳ ସଭାପତି ଆଇନଜୀବୀ ସୁଶାନ୍ତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ଦେବାଶିଷ ମାନସିଂହ ଯୋଗଦାନ କରି ଭାଜପାରେ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କୁ ସଭ୍ୟଭାବେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳସ୍ତରର ବହୁ ଭାଜପା କର୍ମୀ ଯୋଗଦାନ କରି ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ।

## 'ଗଛ ବିନା ଜୀବଜଗତ ତିଷ୍ଠି ରହିବା ଅସମ୍ଭବ'

**ବେଗୁନିଆ,୩୧।୮ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଶନିବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ଓ ଯୁବ ରେଡକ୍ରସ ବିଭାଗର ମିଳିତ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ସଭା ହୋଇଥିଲା। ଅଧକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ସୋମନାଥ ବିଶୋୟୀ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ପଙ୍କଜ କୁମାର କର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟୁଭୂଷଣ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ.ସତ୍ୟଜିତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ସ୍ମୃତିମୟୀ ବସନ୍ତିଆ, କର୍ମଚାରୀ ଆଦିତ୍ୟ କୁମାର ସେନାପତି, ସଂଗ୍ରାମ ଜୟସିଂହ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପରିବେଶ ଏବେ ବିପର୍ଯ୍ୟସ୍ତ। ମାତ୍ରାଧିକ ଗଛ କାଟି ଜଙ୍ଗଲ ଧ୍ୱଂସଆଡକୁ ଗତି କରୁଛି। ଏଥିଯୋଗୁ ପ୍ରକୃତିର ବିବର୍ତ୍ତନ ଦେଖାଦେବା ସହିତ ପରିବେଶ ସନ୍ତୁଳନରେ ବାଧା ଉପୁଜିଲାଣି। ଏହି ପରିସ୍ଥିତିରେ ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ପାଇଁ ସଭିଏଁ ସଙ୍କଳ୍ପ ନେବା ଜରୁରୀ ବୋଲି ଅତିଥି ସେଠୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ୫ଜଣ ମା'ଙ୍କୁ ଗଛଟିଏ ଦେଇ ସମ୍ମାନିତ କରାଯାଇଥିଲା। ବାସନ୍ତୀ ପୃଷ୍ଟି, ମନୋରମା ମହାପାତ୍ର, ସସ୍ମିତା ସାହୁ, ସଞ୍ଜୁକ୍ତା ଦାସ, ଉତ୍କଳିକା ସାହୁ, ନିରୁପମା ବାରିକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଶେଷରେ ଅଧ୍ୟାପକ ଉମେଶ କୁମାର ମହନ୍ତ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ

**ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)**




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସଙ୍ଗଠିତ ହିନ୍ଦୁ ସମାଜ ପକ୍ଷରୁ ବିକ୍ଷୋଭ କରାଯାଉଛି।

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କୁ ଗତ ରବିବାର ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାକୁ ନେଇ ହିଂସା ଘଟିଥିଲା। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଅସମାଜିକ ଯୁବକମାନେ ମୁକୁନ୍ଦପ୍ରସାଦର ପୋଡ଼ାସାହି, ଦଧିବାମନସାହି, ବଉଳସାହି ଓ ମାଳିସାହିରେ ବାଇକ୍ ଭଙ୍ଗାରୁଜା, ପୋଡ଼ାଜଳା କରିବା ସହ ଲୋକଙ୍କୁ ଆକ୍ରମଣ କରିଥିଲେ। ଏପରିକି ଗୋଶାଳାରେ ପଶି ଆସବାବପତ୍ର ଭଙ୍ଗାରୁଜା ସହ ଗୋରୁଗାଈଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସଙ୍ଗଠିତ ହିନ୍ଦୁ ସମାଜ ଏହାର ତୀବ୍ର ବିରୋଧ କରିଛି। ଶନିବାର ଏହାର ପ୍ରତିବାଦରେ ଶତାଧିକ ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଏବଂ ୧୨ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। କ୍ଷୟକ୍ଷତି ଆକଳନ କରାଯାଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଠାରୁ ଆଦାୟ କରାଯିବାକୁ ଦାବି ହୋଇଛି। ଏଥିସହିତ ଗୋସେବା କେନ୍ଦ୍ର ଏବଂ ମନ୍ଦିର ପୁନରୁଦ୍ଧାର କରାଯିବା ସହ ଭବିଷ୍ୟତରେ ସୁରକ୍ଷା ନିଶ୍ଚିତ କରାଯାଉ। ହିନ୍ଦୁ ଜାଗରଣ ମଞ୍ଚ ରାଜ୍ୟ ସଂଯୋଜକ ଆଶିଷ ବିଭୂରେନ୍ଦ୍ର କହିଥିଲେ, ବ୍ୟକ୍ତିଗତ ଶତ୍ରୁତାରୁ ମୁକୁନ୍ଦପ୍ରସାଦରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସଂଘବଦ୍ଧ ଭାବେ ଆକ୍ରମଣ କରିବା କାର୍ଯ୍ୟକୁ ନିନ୍ଦା କରୁଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟ କଲେ, ଏହାର ଉଚିତ ଜବାବ ଦିଆଯିବ। ବରିଷ୍ଠ ଆଇନଜୀବୀ ଅଜିତ ପଟ୍ଟନାୟକ ଏବଂ ପ୍ରଭାତ ଦାସ କହିଥିଲେ, ମୁକୁନ୍ଦପ୍ରସାଦ ଅଞ୍ଚଳରେ ଶାନ୍ତି କମିଟିକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଗୋଷ୍ଠୀ ଯୁବକ ଶାନ୍ତି ଭଙ୍ଗ କରୁଛନ୍ତି। ବାଂଲାଦେଶ ଭଳି ଘଟଣା କରିବାକୁ ଚେଷ୍ଟା କଲେ, ଏହାର ଜବାବ ଦିଆଯିବ।

**ମୁକୁନ୍ଦପ୍ରସାଦରେ ହିଂସା ଘଟଣା**

- **ସଙ୍ଗଠିତ ହିନ୍ଦୁ ସମାଜ ପକ୍ଷରୁ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ**

**ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶୋରନଗର ମଣ୍ଡଳରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଆୟୋଜିତ ହୋଇଯାଇଛି। ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ପୌରୋହିତ୍ୟର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଦଳର ସମସ୍ତ ସମର୍ଥକ ସଦସ୍ୟତା ଅଭିଯାନରେ ସାମିଲ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ସଂଯୋଜକ ରଞ୍ଜିତ୍ ପଣ୍ଡା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଏହି କର୍ମଶାଳାରେ କଟକ ସଦର ବ୍ଲକ୍‌ର ପୂର୍ବତନ ଅଧକ୍ଷ ସାଧୁ ଜେନା, ରମା ବିଶ୍ୱାଳ, କେଲୁଚରଣ ମହାଳି, ରଞ୍ଜନ ନନ୍ଦ, ବିମଳ ପଣ୍ଡା, ବିରଞ୍ଚି କୁମାର ପଣ୍ଡା, ସଞ୍ଜୟ ସାହୁ ଉପସ୍ଥିତ ଥିଲେ। ଧରଣୀଧର ଜେନା ଧନ୍ୟବାଦ ଦେଇଥିଲେ।

# ଟିକସ ଦେବା ନାଗରିକଙ୍କ କର୍ତ୍ତବ୍ୟ



ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ଲେସ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ଆର୍ଟ ଗ୍ୟାଲେରିରେ ପ୍ରଦର୍ଶିତ ଚିତ୍ରକଳାକୁ ମହିଳାମାନେ ଦେଖୁଛନ୍ତି।

କଟକ, ୩୧।୮ (କାର୍ତ୍ତିକ ସାହୁ)

**ସିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ**

ଗଣତନ୍ତ୍ରର ମୂଳଭିତ୍ତି ହେଉଛି ସ୍ୱାୟତ୍ତ ଶାସନ। ପୌରସଂସ୍ଥା ପରିଚାଳନାରେ ସରକାରଙ୍କ ସହଯୋଗ ଆବଶ୍ୟକ। ଏବେ ଟିକସ ହ୍ରାସ ପାଇବା ଚିନ୍ତାଜନକ। ସେବା ବଦଳରେ ଟିକସ ଦେବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଏଥିପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ଲେସ୍‌ଠାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଏହି ମତବ୍ୟକ୍ତ କରିଛନ୍ତି।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ଅତିଥି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଥିଲେ, କଟକର ବିକାଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ଏକାଧିକ ବିକାଶ ସହରର ଚେହେରା ବଦଳାଇଦେଇଛି। ସେହିପରି ବିଧାୟିକା ସୋଫିଆ ଫିର୍ଦୋସ କହିଥିଲେ, କଟକର ବିକାଶ ନିମନ୍ତେ ଆଖିଦୃଶିଆ କାର୍ଯ୍ୟ ପାଇଁ ନୂଆ ସରକାର ପଦକ୍ଷେପ ନେବେ। ସମ୍ମାନିତ ଅତିଥି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ ଦାଶ, କଟକ ମହାନଗର ନିଗମ ମେହେନ୍ତର ସଂଘ ସଭାପତି ପ୍ରଭାତ ତ୍ରିପାଠୀ ପ୍ରମୁଖ ସହର ଉନ୍ନତି ଦିଗରେ ସିଏମ୍‌ସି ପକ୍ଷରୁ କରାଯାଉଥିବା କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ମେୟର ସିଂ କହିଥିଲେ, ବହୁ ଘାତ ପ୍ରତିଘାତ ଭିତରେ ବକ୍ସଡ୍ରେନ, ନେତାଜୀ ବସ୍ ଟର୍ମିନାଲ, ବୋଟ୍ କ୍ଲବ୍, ତାଳଦଣ୍ଡା କେନାଲ ଉନ୍ନତୀକରଣ ଆଦି କାର୍ଯ୍ୟ ସମ୍ଭବ ହୋଇପାରିଛି। ସହରକୁ ସ୍ୱଚ୍ଛ, ସବୁଜ, ସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ସହରବାସୀଙ୍କ ସହଯୋଗ ଆବଶ୍ୟକ। ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଏମ୍‌ସିର ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ, ଅଧକ୍ଷଙ୍କ ସମେତ କର୍ପୋରେଟରମାନେ ଯୋଗଦେଇଥିଲେ।

## ୪ ପ୍ରକଳ୍ପ ଉଦ୍‌ଘାଟିତ

ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକରେ ୪ଟି ପ୍ରକଳ୍ପର ଉଦ୍‌ଘାଟିତ ହୋଇଯାଇଛି। ଖାନ୍‌ନଗର ଶ୍ମଶାନରେ ଗେଲ୍ ଇଣ୍ଡିଆ ସହଯୋଗରେ ନୂତନ ସିଏନ୍‌ଜି ଗ୍ୟାସ୍ ଚୁଲା, ବକ୍ସିବଜାରଠାରେ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି, ପୁରୁଣା ଜେଲ ପରିସରରେ ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଏବଂ ଟାଉନ୍ ହଲ୍ ନିକଟରେ ଏକ ବୃହତ ଆର୍ଟ ଗ୍ୟାଲେରୀକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

## ପିଏମ୍ ସ୍ୱନିଧି ଯୋଜନାରେ ପୁରସ୍କୃତ

ପିଏମ୍ ସ୍ୱନିଧି ଯୋଜନାରେ ଉଠାଦୋକାନୀଙ୍କୁ ଋଣ ପ୍ରଦାନ ଓ ପରିଶୋଧ କରିବା ପ୍ରକ୍ରିୟାରେ ସିଏମ୍‌ସିର ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ସିଏମ୍‌ସିକୁ ପୁରସ୍କୃତ କରିଛନ୍ତି। ଆୟୋଜିତ ସଭାରେ ମେୟର ସିଂ ଏନେଇ ଘୋଷଣା କରିଥିଲେ। ଏଥିସହ ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା।

## ସାହସିକତା ପାଇଁ ୨ ଯୁବକ ସମ୍ବର୍ଦ୍ଧିତ

ପୁରୀଘାଟସ୍ଥିତ ତ୍ରିଶା ହସ୍ପିଟାଲରେ ୨ ମାସ ତଳେ ନିଆଁ ଲାଗିଥିବାବେଳେ ରୋଗୀଙ୍କୁ ଉଦ୍ଧାର କରିଥିବା ୨ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସାମାଜିକ କର୍ମୀ ସେକ୍ ୱାସିମ୍ ଓ କାଳିଆ ବେହେରା। ସେମାନେ ନିଜ ଜୀବନକୁ ବିପଦରେ ପକାଇ ଏଭଳି ସାହାସିକତା ଦେଖାଇଥିବାରୁ ସେମାନଙ୍କୁ ପ୍ରଶଂସା କରାଯାଇଛି।

# ସ୍ୱାୟତ୍ତ ଶାସନ ଦିବସ ପାଳିତ

ଚୌଦ୍ୱାର,୩୧।୮ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାରେ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ପୌରପାଳିକା ପକ୍ଷରୁ ଚୌଦ୍ୱାରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପୌର କାର୍ଯ୍ୟାଳୟ ପରିସରରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ପୌର କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପର ଭାଇଜରଙ୍କୁ ୟୁନିଫର୍ମ ଓ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। ପରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ପୌରପାଳିକାରେ ଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ନଗରପାଳ ଶୁଭେନ୍ଦୁ ସାମଲ, ବରିଷ୍ଠ ନେତା ପ୍ରେମଚାନ୍ଦ ନାୟକ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରା, ସଞ୍ଜୟ ସାମଲଙ୍କ ସମେତ ବହୁ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୧୭ନଂ. ୱାର୍ଡସ୍ଥିତ ଦୁରାରୋଗୀ ବସ୍ତି ଓ ଚୌଦ୍ୱାର ରାଜ୍ୟ କର୍ମଚାରୀ ବୀମା ଚିକିତ୍ସାଳୟରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ଅନ୍ୟମାନେ।

# ଆମ ପୋଲିସ କାର୍ଯ୍ୟକ୍ରମ

କଟକ ସଦର,୩୧।୮ (ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇବର ଅପରାଧ, ମୋବାଇଲ ଫୋନ୍ ଅପବ୍ୟବହାର, ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଥାନା ଅଧିକାରୀ ସୁମନ୍ତ କିଶାନଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାଛଡା ଦୀର୍ଘଦିନ ଧରି ଥାନାରେ ଅଚଳ ଥିବା ସିସିଟିଭି ମରାମତି ପାଇଁ କୁହାଯାଇଥିଲା। ଆସନ୍ତା ଗଣେଶ ପୂଜା, ଦଶହରା ଓ କାର୍ତ୍ତିକେଶ୍ୱର ପୂଜା ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୋଲିସ ପକ୍ଷରୁ ୧୯ଟି ପଞ୍ଚାୟତର ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ସସ୍ମିତା ପରିଡ଼ାଙ୍କ ସମେତ ସରପଞ୍ଚ, ଜନ ପ୍ରତିନିଧି ଯୋଗଦେଇଥିଲେ।

# ହରିଣ ମାଂସ ଜବତ, ୨ ଅଭିଯୁକ୍ତ ଗିରଫ

ବଡ଼ମ୍ବା,୩୧।୮ (ମାୟାଧର ମଲିକ)

ବଡ଼ମ୍ବା ବନବିଭାଗ କର୍ମଚାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇ ବଡ଼ମ୍ବା ବ୍ଲକ ଅଞ୍ଚଳରୁ ୨କେଜି ହରିଣ ମାଂସ ସହ ବ୍ୟବହୃତ କିଲୋପଲା ଓ ବଟକରା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ବନବିଭାଗ ଗିରଫ କରିଛି। ସେମାନେ ହେଲେ, ମାଣିଆବନ୍ଧ ଥାନା ଅନ୍ତର୍ଗତ କଙ୍କ ଗ୍ରାମର ସନ୍ତୋଷ ବସ୍ତି (୪୪) ଓ ଅମିର ଦେହୁରୀ (୪୫)। ଅଭିଯୁକ୍ତ ଦ୍ୱୟ ହରିଣ ମାଂସକୁ କଙ୍କ ଗ୍ରାମ ଜଗନ୍ନାଥ ସାହିର ରାସ୍ତାକଡ଼ରେ ବିକ୍ରି କରୁଥିଲେ। ଖବରପାଇ ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର ରାଉତ, ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁ, ମନୋଜ କୁମାର ନାୟକ, ବନରକ୍ଷୀ ଉତ୍କଳ କେଶରୀ ରାଉଳ, ସୋନାଲି ପୃଷ୍ଟି, ସାବିତ୍ରୀ ନାୟକ ଓ ସ୍କ୍ୱାଡ୍ ପହଞ୍ଚି ମାଂସ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ.ଓଆର ୫୬/୨୦୨୪) ରୁଜୁ କରାଯାଇ ତଦନ୍ତ ଚାଲିଛି।




ଜାତୀୟ କ୍ରୀଡ଼ା ଦିବସ ପାଳନ ଉପଲକ୍ଷେ କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡା. ସାଗରିକା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅତିଥିବୃନ୍ଦ।

# ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ସାଲେପୁର,୩୧।୮ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ସ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ମ୍ୟାନେଜର ଶିବପ୍ରସାଦ ଦାସଙ୍କ ସମେତ ଷ୍ଟେଟ୍ ବ୍ୟାଙ୍କ, କାନାଡ଼ା ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ୍ ସମେତ ବିଭିନ୍ନ ବ୍ୟାଙ୍କ୍‌ର ଅଧିକାରୀମାନେ ଉପସ୍ଥିତ ରହି ସୁଭଦ୍ରା ଯୋଜନାରେ ବିଭିନ୍ନ ହିତାଧିକାରୀଙ୍କ ଆକାଉଣ୍ଟକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଅର୍ଥକୁ ସରଳୀକରଣ କରାଯାଇ କିପରି ସେମାନଙ୍କୁ ପ୍ରଦାନ କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ଜନସେବା କେନ୍ଦ୍ରର ସ୍ୱାଧିକାରୀ, ବ୍ୟାଙ୍କ ମିତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ୍ କର୍ମଚାରୀମାନେ ଉପସ୍ଥିତ ଥିଲେ।




# ରକ୍ତଦାନ ଶିବିର

ଚୌଦ୍ୱାର,୩୧।୮ (ଆଶୁତୋଷ ଦାସ)

ମଙ୍ଗୁଳିସ୍ଥିତ ଜନସେବକ ହସ୍ପିଟାଲ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲର ମୁଖ୍ୟ ଡ. ଅକ୍ତର ହୋସେନ୍ ଖାନ୍‌ଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ସ୍ଥାନୀୟ ଅଞ୍ଚଳର ୩୫ଜଣ ଯୁବତୀଯୁବକ ରକ୍ତଦାନ କରିଥିଲେ। କଟକ ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ। ଡା. ଦୀପକ ସ୍ୱାଇଁ, ଡା. ବିପ୍ଳବୀ ଦାସ, ସୀତାରା ବେଗମ୍, ସେକ୍ ରେହାନ୍, ରଫିକ୍ ଖାନ୍, ସଫିକ୍ ଖାନ୍, ଇଦ୍ରିଶ ବେଗ୍, ସୁଭାଶିଷ ସାହୁ ପ୍ରମୁଖ ଶିବିର ପରିଚଳନା କରିଥିଲେ।

# କାଗଜରେ ଗଣେଶ ମୂର୍ତ୍ତି

କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ଆଇଟିଆଇ ଛାତ୍ର ଅମିତାଭଙ୍କ ନିଆରା କଳାକୃତି**

ପାଖେଇ ଆସୁଛି ଗଣେଶପୂଜା। ପୂଜା ମଣ୍ଡପ ଚଳଚଞ୍ଚଳ ହୋଇଥିବାବେଳେ ପୂଜା କମିଟି ଓ କ୍ଲବ୍ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଏହାକୁ ଦୃଷ୍ଟିରେ ରଖି କଟକ ରାଜେନ୍ଦ୍ରନଗର ଅଞ୍ଚଳର ଆଇଟିଆଇ ଛାତ୍ର ଅମିତାଭ ସଂଘମିତ୍ରା ବ୍ୟବହୃତ କାଗଜରେ ଗଣେଶ ମୂର୍ତ୍ତି ତିଆରି କରିଛନ୍ତି। ସତ୍ୟଜିତ୍ ଦାସ ଓ ସଂଘମିତ୍ରା ସାହୁଙ୍କ ପୁଅ ଅମିତାଭ ଖପୁରିଆସ୍ଥିତ ସରକାରୀ ଆଇଟିଆଇର ପ୍ରଥମ ବର୍ଷ ଛାତ୍ର। ତାଙ୍କୁ ଏହି ମୂର୍ତ୍ତି ତିଆରି କରିବା ପାଇଁ ୪ ଦିନ ସମୟ ଲାଗିଥିବାବେଳେ ୧୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ମୂର୍ତ୍ତିର ଉଚ୍ଚତା ୩ ଫୁଟ ରହିଛି। ଏହି ମୂର୍ତ୍ତିରେ ଲାଗିଥିବା ଅଳଙ୍କାର କାଗଜରେ ତିଆରି ହୋଇଥିବାବେଳେ ଏହାକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଇଛି। ଏନେଇ ଅମିତାଭ କହିଛନ୍ତି, ଗଣେଶ ପୂଜା ଦିନ ଏହି ମୂର୍ତ୍ତି ପୂଜାର୍ଚ୍ଚନା କରାଯିବ। ପ୍ଲାଷ୍ଟିକ୍‌ମୁକ୍ତ ସହର ସଚେତନ ବାର୍ତ୍ତା ଦେବା ଲକ୍ଷ୍ୟରେ କାଗଜରେ ଏହି ମୂର୍ତ୍ତି ତିଆରି କରିଛି। ଏହି ମୂର୍ତ୍ତି ବିସର୍ଜନ କଲେ ଜଳ ପ୍ରଦୂଷିତ ହେବ ନାହିଁ।



ଅମିତାଭ କାଗଜରେ ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି।

# 'ପରିବେଶ ବିଜ୍ଞାନ କ୍ଷେତ୍ରରେ ଅଧିକ ଗବେଷଣା ଆବଶ୍ୟକ'

କଟକ, ୩୧।୮ (କାର୍ତ୍ତିକ ସାହୁ)

**ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ**

ସାମ୍ପ୍ରତିକ ସ୍ଥିତିରେ ଉଦ୍ଭିଦ ଓ ପରିବେଶ ବିଜ୍ଞାନ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ପରିବେଶ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ ଡ. ହରିହର ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ। ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳିସାହିସ୍ଥିତ ମା' ସାରଳା ସଦନଠାରେ ବୈଜ୍ଞାନିକ ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକରେ ବିଶିଷ୍ଟ ବ୍ୟକ୍ତି ଏହି ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ହେମେନ୍ଦ୍ର ନାରାୟଣ ଦାସ ଓ ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଡ. ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ ଅଧକ୍ଷତା କରି ଡ. ପଟ୍ଟନାୟକ ଉଦ୍ଭିଦ ବିଜ୍ଞାନର ପ୍ରବାଦ ପୁରୁଷ ବୋଲି କହିଥିଲେ। ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ସର୍ବାଧିକାରୀ ସୁରେଶ ଚନ୍ଦ୍ର ସାହୁ, ବିଦ୍ୟୁତ୍ କୁମାରୀ ଲାଲା, ବିଚିତ୍ରାନନ୍ଦ ମିଶ୍ର, ଜାଡ଼ି ମଙ୍ଗଳା ସାହିତ୍ୟ ସଂସଦ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ସ୍ୱର୍ଗତ ପଟ୍ଟନାୟକଙ୍କ ପୁତ୍ର ଆଇନୀଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭୁବନାନନ୍ଦ ମହାନ୍ତି ପ୍ରାରମ୍ଭିକ ସୂଚନା, ଡ. ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# 'ସାହିତ୍ୟିକ ସ୍ୱାଭିମାନୀ ହୁଅନ୍ତୁ'

କଟକ,୩୧।୮ (କାର୍ତ୍ତିକ ସାହୁ)

ସାହିତ୍ୟିକମାନେ ସ୍ୱାଭିମାନୀ ହୁଅନ୍ତୁ। ସାହିତ୍ୟିକ ଶାସନର ତ୍ରୁଟିବିଚ୍ୟୁତି ଲୋକଲୋଚନକୁ ଆଣିଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ ବୋଲି ଖୋଲାଝର୍କାର ମାସିକ ସାହିତ୍ୟ ଆସରରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ମତବ୍ୟକ୍ତ କରିଛନ୍ତି। କଟକ ମହାନଦୀ ବିହାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଭୂୟାଁ ଅଧକ୍ଷତା କରି ଗଳ୍ପରେ ସମାଜର ରାଜନୀତିକୁ ସଜାଡ଼ିବା ପାଇଁ ଗଳ୍ପ ଲେଖକମାନେ ଅଧିକ ଦାୟିତ୍ୱସମ୍ପନ୍ନ ହେବାକୁ ପରାମର୍ଶ ଦେଇଛନ୍ତି। ପ୍ରାବନ୍ଧିକ ଡ. ଅର୍ଜୁନ ଚରଣ ମଲ୍ଲିକ ସ୍ୱରଚିତ ପ୍ରବନ୍ଧ ଯଶସ୍ୱିନୀ ଯଶୋଦା: ଏକ ଅନ୍ତରଙ୍ଗ ଆଲେଖ୍ୟ ପାଠ କରିଥିଲେ। ଖୋଲାଝର୍କାର ଆଜୀବନ ସଦସ୍ୟା ଗାଳ୍ପିକା ସସ୍ମିତା ମହାନ୍ତିଙ୍କ ରଚିତ କଥା କୋଲାଜ ଗଳ୍ପ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଗାଳ୍ପିକା ନିଜ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଇଂ. ଗୋପାଳକୃଷ୍ଣ ବେହେରା, ଗୌରହରି ମହାନ୍ତି, ପ୍ରମୋଦ କୁମାର ମିଶ୍ର, ଇଂ. ମୁରଲୀଧର ହୋତା, ସୁବାସ ଶତପଥୀ, ଶିଶିର ମହାପାତ୍ର, ଜ୍ୟୋତିରଞ୍ଜନ ମହାନ୍ତି, ବିମ୍ବାଧର ଶତପଥୀ ପ୍ରମୁଖ ପ୍ରବନ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିମା ଶତପଥୀଙ୍କ ସଂଯୋଜନାରେ ସୁଷମା ଦେବୀ, ସ୍ନେହଲତା ଦ୍ୱିବେଦୀ, ମୀନାକ୍ଷୀ ପଣ୍ଡା, ଆଦିତ୍ୟ ପ୍ରତାପ ଧଳ, ଡ. ଶାନ୍ତିଲତା ବେହେରା, ନିବେଦିତା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ମହାନଦୀ ବିହାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ଉପ ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଡେଲାଙ୍ଗ,୩୧।୮ (ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ସରକାରୀ ରାଧାକାନ୍ତ ବିଦ୍ୟାପୀଠରେ ଶନିବାର ଉପ ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୩୦ ଓ ୩୧ ତାରିଖ ୨ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଭୋଇ, ଡେଲାଙ୍ଗ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡ଼ା ସମ୍ପାଦକ ସୂର୍ଯ୍ୟନାରାୟଣ ଜେନା, ପୂର୍ବତନ ଛାତ୍ର ସୌଭାଗ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠ, ସର୍ବପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟ, ଶ୍ରୀପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ, ଗଡେଶ୍ୱର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଛପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାନାମ୍ବର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚଣ୍ଡେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷା ନିକେତନ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରମୁଖ ବିଦ୍ୟାଳୟରୁ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଖେଳାଳିଙ୍କ ମଧ୍ୟରେ ହ୍ୟାଣ୍ଡବଲ, କବାଡ଼ି, ଖୋ ଖୋ ଓ ଭଲିବଲ ଆଦି ଖେଳର ପ୍ରତିଯୋଗିତା କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ନଟବର ସେଠୀ, ଲକ୍ଷ୍ମୀନାରାୟଣ ଜେନା, ଜିତେନ୍ଦ୍ର ନାଥ ଦାସ, ବଂଶୀଧର ମହାପାତ୍ର, ଶ୍ୟାମ ଧାରୁଆ, ନନ୍ଦିତା ବେହେରା, ରୋଜାଲିନ ପରିଡ଼ା, କବିତା ବରାଳ, କୃଷ୍ଣପ୍ରିୟା ପରିଡ଼ା ପ୍ରମୁଖ ଶାରୀରିକ ଶିକ୍ଷା ଶିକ୍ଷକମାନେ କ୍ରୀଡ଼ା ପରିଚାଳନା କରିଥିଲେ।

# ସଙ୍ଗଠିତ କାର୍ଯ୍ୟ ସହ ଏକ ଲକ୍ଷ ସଭ୍ୟ ସଂଗ୍ରହ ପାଇଁ ପରାମର୍ଶ

**ସାକ୍ଷୀଗୋପାଳ/ନିମାପଡ଼ା,୩୧।୮ (ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ ଭରତ ରାଉତ/ ବିଚିତ୍ରାନନ୍ଦ ସାହୁ)**

### ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସତ୍ୟବାଦୀ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସତ୍ୟବାଦୀରୁ ଅନ୍ୟୁନ ଏକ ଲକ୍ଷରୁ ଊର୍ଦ୍ଧ୍ୱ ସଭ୍ୟ ସଂଗ୍ରହ ନିମନ୍ତେ ଉପସ୍ଥିତ ନେତା ଓ କର୍ମୀଙ୍କୁ ବିଧାୟକ ମିଶ୍ର ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଡବଲ ଇଞ୍ଜିନ ସରକାର ବିକାଶ ପାଇଁ ନେଉଥିବା ଏକାଧିକ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ବିଜେଡି ଓ କଂଗ୍ରେସ ଉଭୟଙ୍କ ଅସଲ ଚରିତ୍ର ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ସଂଗଠିତ ଭାବେ କାର୍ଯ୍ୟ କରିବାକୁ ବିଧାୟକ ମିଶ୍ର ପ୍ରକାଶ କରିଥିଲେ। ପୁରୀ ଜିଲା ଭାଜପା ସମ୍ପାଦକ ଅଭୟ ନାଥ, ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀ, ନେତା ରଞ୍ଜନ ବରାଳ, ତ୍ରିଲୋଚନ ରଥ, ଅଶୋକ ରାଉତରାୟ, ଶ୍ରୀଧର ବିଶ୍ୱାଳ, ଘନଶ୍ୟାମ ସାହୁ, ଶଙ୍କର୍ଷଣ ପ୍ରଧାନ, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, କମଳାକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାଶ ପ୍ରମୁଖ କର୍ମଶାଳା ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ପେଣ୍ଠପଡ଼ା ପଞ୍ଚାୟତ ସରପଞ୍ଚ ଚିନ୍ମୟ କୁମାର ରାଉତଙ୍କ ସମେତ ଉପସ୍ଥିତ ୱାର୍ଡ ସଭ୍ୟାସଭ୍ୟ ସତ୍ୟବାଦୀ ବିଧାୟକ ମିଶ୍ରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ସହ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଆନୁଷ୍ଠାନିକ ଭାବରେ ଯୋଗ ଦେଇଥିଲେ।



ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳାରେ ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

ସେହିପରି ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ନିମାପଡ଼ା ଗ୍ରୀନଲ୍ୟାଣ୍ଡ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦଳର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଭାଜପା ନେତା ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଭାଜପା ବରିଷ୍ଠ ନେତା ଜୀବନାନନ୍ଦ ମହାପାତ୍ର, ସୁଧିର ରଞ୍ଜନ ଦାଶ, ଅଶୋକ ସାହୁ, ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଏହି ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ତୃଣମୂଳ ବୁଥସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜବୁତ୍, ଶକ୍ତିଶାଳୀ, କ୍ରିୟାଶୀଳ କରାଯିବା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଗରିବ କଲ୍ୟାଣକାରୀ ବିକାଶମୂଳକ ଯୋଜନାକୁ ପ୍ରତ୍ୟକ ଗାଁ ଗଣ୍ଡାର ଲୋକମାନଙ୍କ ପାଖରେ ପହଞ୍ଚାଇବା ଦିଗରେ ଦଳର କାର୍ଯ୍ୟକର୍ତ୍ତା, ନେତୃବୃନ୍ଦମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅଭିଯାନ ପରିପ୍ରେକ୍ଷୀରେ ନିମାପଡ଼ା-ଗୋପ ନିର୍ବାଚନ ମଣ୍ଡଳୀର ୪୬ଟି ଗ୍ରାମ ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡରେ ମୋଟରେ ୫୦ ହଜାର ସଭ୍ୟ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଦଳର ବରିଷ୍ଠ ନେତା ଦାଶ ଆୟୋଜିତ ବୈଠକରେ ସୂଚନା ଦେଇଥିଲେ। କର୍ମଶାଳାରେ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ଏନ୍‌ଏସି କାଉନସିଲର, ମହିଳା, ଯୁବକ, ଦଳର କାର୍ଯ୍ୟକର୍ତ୍ତା, ନେତୃବୃନ୍ଦଙ୍କ ସମେତ ପ୍ରାୟ ୫ଶହ ବ୍ୟକ୍ତି ଯୋଗଦେଇଥିଲେ।



କର୍ମଶାଳାରେ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହ ଅନ୍ୟମାନେ।

## ୧୭ ବର୍ଷ ପରେ ମଧ୍ୟ ଆୟୁଷ ଡାକ୍ତର ଅବହେଳିତ

**କଣାସ,୩୧।୮ (ବିଭୂତି ଭୂଷଣ ତ୍ରିପାଠୀ)**

ରାଜ୍ୟରେ ଏନ୍.ଏଚ୍.ଏମ୍ ଅଧୀନରେ କାର୍ଯ୍ୟ କରୁଥିବା ଶତାଧିକ ଆୟୁଷ ଡାକ୍ତରମାନଙ୍କ ଚାକିରି ୧୭ବର୍ଷ ପରେ ମଧ୍ୟ ଅବହେଳିତ ଓ ଅସ୍ଥାୟୀ ଅବସ୍ଥାରେ ରହିଛି। ବାରମ୍ବାର ସରକାରଙ୍କ ନିକଟରେ ଦାବି କରାଯାଉଥିଲେ ମଧ୍ୟ ବିଗତ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ବର୍ତ୍ତମାନର ସରକାର ବିଭାଗୀୟ ମନ୍ତ୍ରୀଙ୍କ ମାଧ୍ୟମରେ ଏ ବିଷୟରେ ଓଡ଼ିଶା ଆୟୁଷ ଚିକିତ୍ସକ ମହାସଂଘ ତରଫରୁ ସ୍ୱତନ୍ତ୍ର ଭାବେ ଅବଗତ କରାଯାଇଛି। ଆଶା କରାଯାଉଛି ବିଭାଗୀୟ ମନ୍ତ୍ରୀ ଏ ବିଷୟକୁ ଗୁରୁତ୍ୱର ସହ ବିଚାର କରି ଯଥାଶୀଘ୍ର ବର୍ଦ୍ଧିତ ଦରମା ଓ ଚାକିରି ସ୍ଥାୟୀ କରିବା ପାଇଁ ପଦକ୍ଷେପ ନେବେ। ଓଡ଼ିଶା ଆୟୁଷ ଚିକିତ୍ସା ମହାସଂଘର ରାଜ୍ୟ ସଭାପତି ଡାକ୍ତର ବିଶ୍ୱରଞ୍ଜନ ଜେନା, ରାଜ୍ୟ ସମ୍ପାଦକ ଡାକ୍ତର ପ୍ରଦୀପ କୁମାର ଚମ୍ପତି, ଆବାହକ ଡାକ୍ତର ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ସରକାରଙ୍କ ନିକଟରେ ପୁନର୍ବାର ଅନୁରୋଧ ରଖିବା ସହ ଆଗାମୀ ଦିନରେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମୂହରେ ଆୟୁଷ ଚିକିତ୍ସା ନିରବଚ୍ଛିନ୍ନ ସହଭାଗିତା ଓ ସହଯୋଗକୁ ସୁନିଶ୍ଚିତ କରିଛନ୍ତି।

## ଧାନ, ପନିପରିବା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ଡେଲାଙ୍ଗ,୩୧।୮ (ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ଧାନ ଓ ପନିପରିବା ଚାଷ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନୀଳାଚଳ କୃଷକ ମହାସଂଘର ସହଯୋଗୀ ମହିଳା ବିକାଶ ସଙ୍ଗଠନ ଓ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ବୈଜ୍ଞାନିକ ସୁକାନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ନୀଳାଚଳ କୃଷକ ମହାସଂଘ ଉପ ସଭାପତି ପ୍ରକାଶ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ଶେଷଦେବ ବାରିକ୍, ମହିଳା ବିକାଶ ସଙ୍ଗଠନ ରାଜ୍ୟ ସମ୍ପାଦିକା ମଧୁସ୍ମିତା ସେନାପତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା କୃଷକଙ୍କୁ ମାନପତ୍ର ସହିତ ବିଭିନ୍ନ ପ୍ରକାରର ପନିପରିବା ମଞ୍ଜି ପ୍ରଦାନ କରାଯାଇଥିଲା। ମହାସଂଘ, ଡେଲାଙ୍ଗ ବ୍ଲକ ସମ୍ପାଦକ ଉଲ୍ଲାସ ଚନ୍ଦ୍ର ନାୟକ ସଭା ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ।



ଶିବିରରେ ଉପସ୍ଥିତ ବୈଜ୍ଞାନିକ, ଖବରଦାତା ଓ ମହିଳା କୃଷକ।

# ଡିଜିଟାଲ ସର୍ଭେ ଦ୍ୱାରା ସମୃଦ୍ଧ ହେବେ ଚାଷୀ

**ଅସ୍ତରଙ୍ଗ,୩୧।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

### ଫସଲ ସର୍ବେକ୍ଷଣ ତାଲିମ ଶିବିର

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଡିଜିଟାଲ ଫସଲ ସର୍ବେକ୍ଷଣ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଞ୍ଚଳରେ କେତେ ପ୍ଲଟ ସର୍ଭେ ହେବ, ଜମିର ଫଟୋ ଉଠାଇ ଅପ୍‌ଲୋଡ୍ ହୋଇଥିବା ଚାଷ, ଫସଲ ସମ୍ବନ୍ଧରେ ସୁପରଭାଇଜର୍‌ଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେପ୍ଟେମ୍ବର ୧୫ ଯାଏ ଫିଲ୍ଡକୁ ଯାଇ ସର୍ବେକ୍ଷଣ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ ଜ୍ଞାନରଞ୍ଜନ ପାଣିଗ୍ରାହୀ କହିଛନ୍ତି।

ଏହି ଶିବିରରେ ବ୍ଲକ କୃଷି ଅଧିକାରୀ ଜ୍ଞାନରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ମୁଖ୍ୟବକ୍ତା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼, ଅନ୍ୟତମ ଅତିଥି ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡକ୍ଟର ରାଜେଶ ମହାପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ଯୁଗଳ କିଶୋର ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ସୁପରଭାଇଜର୍ କାମ, ଡିଜିଟାଲ ଫଟୋ, ଅପଲୋଡ୍ ସହ ତଥ୍ୟ ସଂଲଗ୍ନ କିଭଳି କରାଯିବ ବୁଝାଇଥିଲେ। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହାକୁଡ଼ କହିଛନ୍ତି ଡିଜିଟାଲ କ୍ରପ ସର୍ଭେର ମୂଳ ଉଦ୍ଦେଶ୍ୟ ହେଉଛି ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ସୁବିଧା ଉପଲବ୍ଧ କରାଯିବ। ଫସଲ ଋଣ ଲାଗି ଟ୍ୟାଗ କରିହେବ। ଏଥିରେ ପଞ୍ଜିକୃତ ହେବା ଲାଗି ଚାଷୀଙ୍କୁ ନିଜ ନାମ, ଗ୍ରାମ, ଜମିପଟ୍ଟା, ଫସଲ, ଆଧାରକାର୍ଡର ଠିକ୍ ବିବରଣୀ ଦେବାକୁ ପଡ଼ିବ। ଭାଗଚାଷୀମାନେ ଜମି ମାଲିକଙ୍କଠୁ ଅନୁମତିପତ୍ର ଆଣି ନାମ ପଞ୍ଜୀକରଣ କରାଇପାରିବେ। ଅସ୍ତରଙ୍ଗ ବ୍ଲକ୍‌ରେ ୯୫,୬୦୬ଟି ପ୍ଲଟ୍‌ର ଡିଜିଟାଲ ସର୍ଭେ କରାଯାଇ ସେପ୍ଟେମ୍ବର ୧୫ ସୁଦ୍ଧା ସରିବ। ଏହି ଶିବିରରେ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗ କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ସହ ସୁପରଭାଇଜର୍‌ମାନେ ଯୋଗଦେଇଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ରାସ୍ତାରେ ଜମୁଛି ବର୍ଷାଜଳ, ଦୁର୍ଦ୍ଦଶାରେ ଡିହସାହି ବାସିନ୍ଦା

**ଚାରିଛକ,୩୧।୮ (ଶିଶିର ସ୍ୱାଇଁ)**

ସାମାନ୍ୟ ବର୍ଷାରେ ଚାରିଛକ ଅଧୀନ ଡିହ ସାହି ରାସ୍ତାରେ ବର୍ଷାଜଳ ଜମି ରହୁଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ କିଛି ଦିନ ହେବ ଛଣିଜଙ୍ଗଠାରୁ ବାହରଣା ମୁଖ୍ୟରାସ୍ତା ଉପରେ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ସରି ଯାଇଛି। ଫଳରେ ରାସ୍ତା ଉଚ୍ଚା ହେବାରୁ ଡିହ ସାହି ରାସ୍ତାରୁ ଆଉ ପାଣି ନିଷ୍କାସନ ହୋଇ ନ ପାରି ୩ ଫୁଟ ଉଚ୍ଚରେ ବର୍ଷା ଜଳ ଜମି ରହୁଛି। ବହୁ ଦିନ ଧରି ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ବର୍ଷା ହେବା ମାତ୍ରେ ବର୍ଷା ଜଳ ନିଷ୍କାସନ ନ ହୋଇ ରାସ୍ତା ଉପରେ ଜମି ରହିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବ ଚାଲିଛି। ଗ୍ରାମରେ ଥିବା ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟକୁ ବହୁ ଛାତ୍ରୀଛାତ୍ର ଅଧ୍ୟୟନ ଲାଗି ଯିବାକୁ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣା ବାବଦରେ ଦୃଷ୍ଟି ଦେବାକୁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହିଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆ ଯାଉ ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବର୍ଷାଜଳ ନିଷ୍କାସନ ଲାଗି ପଦକ୍ଷେପ ନିଆ ନ ଗଲେ, ଜନ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନୂଆବେତଣ୍ଡାରେ ବଢୁଛି ବ୍ରାଉନ୍‌ସୁଗାର, ଗଞ୍ଜେଇ କାରବାର

**ଯୋଗେଶରପୁର,୩୧।୮ (ରଶ୍ମିରଞ୍ଜନ ସାହୁ)**

ନୟାହାଟ ଅଞ୍ଚଳର ନୂଆବେତଣ୍ଡା ଠାରେ ଗଞ୍ଜେଇ ଓ ବ୍ରାଉନସୁଗାରର ଅବାଧ କାରବାର ଚାଲିଛି। ଗତ କେତେମାସ ତଳେ ନୂଆବେତଣ୍ଡା ଗ୍ରାମରୁ ଦୁଇଜଣ ଚୋରା ଗଞ୍ଜେଇ ବେପାରୀଙ୍କ ଠାରୁ ଅବକାରୀ ବିଭାଗ ଚଢ଼ାଉ କରି ୫୬କେଜି ଗଞ୍ଜେଇ ଜବତ କରିଥିଲା। ସେମାନେ ଜେଲ୍‌ରେ ୬ମାସ ରହିବା ପରେ ଆସି ପୁଣି ଗଞ୍ଜେଇ ବେପାର ଜୋରଦାର ଆରମ୍ଭ କରିଛନ୍ତି। ତାଙ୍କ ଠାରୁ ଖୁଚୁରା ବ୍ୟବସାୟୀ ନୟାହାଟ, ଚାରିଛକ ଓ ନିଆଳି ଅଞ୍ଚଳରେ ବିକ୍ରି କରିବା ପାଇଁ ନେଇଥାନ୍ତି। ସକାଳ ଓ ସନ୍ଧ୍ୟାରେ ଦୁଇଚକିଆ ଯାନ ଭିଡ଼ ଜମିଥାଏ। ନୂଆବେତଣ୍ଡା ଗ୍ରାମର କିଛି ଯୁବକ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତି ଥାଇ ଯୋଗେଶ୍ୱରପୁର ଓ ନୟାହାଟ ଅଞ୍ଚଳରେ ଆସି ବିକ୍ରି କରୁଥିବା ସୂଚନା ମିଳିଛି। ଏହାକୁ ସେବନ କରିବା ପାଇଁ କେତେକ ଯୁବଗୋଷ୍ଠୀ ଚୋରି, ଗଣ୍ଡଗୋଳ କରିବାକୁ ପଛାଇ ନାହାନ୍ତି। ଫଳରେ ପରିବାରରେ ଅଶାନ୍ତି ସୃଷ୍ଟି କରିବା ସହ ବାପା ମା'ଙ୍କ ଉପରେ ପଇସା ପାଇଁ ଜୁଲମ କରିବାକୁ ପଛାଉ ନାହାନ୍ତି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେଇ ବ୍ରାଉନସୁଗାର ଓ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି।


**FARMERS PRODUCERS ORGANIZATION, NABARANGPUR**

To fill the post of CEO (Chief Executive Officer) and Accountant of the Farmers Producers Organisation on contractual basis.

The details of the post are as follows:

| Name of the Post | Total Number of Post |
|---|---|
| CEO (Chief Executive Officer) | 08 |
| Accountant | 06 |

1. For details of the advertisement, eligibility criteria, selection procedure, application form please visit the district web portal i.e. **https://nabarangpur.odisha.gov.in**.
2. The BoDs of the FPOs reserves the right to cancel/ vary the vacancies without assigning reason thereof.

**Chairperson**
**M/S Mata Dongri FPO**


## ଖବରଦାତାଙ୍କ ପତ୍ନୀ ବିୟୋଗ

**ଅସ୍ତରଙ୍ଗ,୩୧।୮ (ମମତା ଜେନା)**

କାକଟପୁରର ଅଞ୍ଚଳର ଖବରଦାତା ତଥା କାକଟପୁର ପ୍ରେସ କ୍ଲବର ସଭ୍ୟ ପ୍ରକାଶ କୁମାର ଦାଶଙ୍କ ଧର୍ମପତ୍ନୀ ବ୍ରହ୍ମମୟୀ ଦାଶଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶନିବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସାରା କାକଟପୁର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ପ୍ରକାଶ, ଏକମାତ୍ର ପୁତ୍ର ଅଲବ୍ୟ ଅନୁରାଗ, ଭଉଣୀ, ଭିଣୋଇ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ମର ଶରୀର କାକଟପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ ଜେନା, ମାନସ ଦୀକ୍ଷିତ, ଆଦିତ୍ୟ କୁମାର ରାଉତ, ଭାଗବତ ସ୍ୱାଇଁ, ସୁଭଦର୍ଶନ ମିଶ୍ର, ଅକ୍ଷୟ ପ୍ରସାଦ ମହାନ୍ତି, ନିରଞ୍ଜନ ଦାସ ଓ କାକଟପୁରର ବିଭିନ୍ନ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଶେଷ ଦର୍ଶନ କରିଥିଲେ। ବ୍ରହ୍ମମୟୀ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।


No.E-254

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar - 751012
Advertisement Reference No. 3161, dated 29/08/2024

**TRAINING OF GOVERNMENT DOCTORS**

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2024-25. The candidates applying for the above courses must not have completed/ undergone any PG degree, Diploma, DNB course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma / NBE etc.

| Name of the Training | Duration | Training Organizing institute | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st August'2024. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. **Last date for receipt of application is 25th September 2024.** No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha)
Bhubaneswar.

OIPR-10003/11/0066/2425



**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum-District Mission Director, NHM,
Mayurbhanj, Odisha, 757001

**Advt. No. 2842/NHM/2024-25** **Dt.29.08.2024**

**Request for Proposal for Outsourcing of Housekeeping Services at Government Health Institutions under Nirmal Scheme**

No.E-259 : Sealed proposals as per prescribed RFP document are invited from interested eligible bidders for the **Outsourcing of Housekeeping Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o : CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 PM** of **23.09.2024** through Regd/Speed Post & Courier and the same will be opened on **24.09.2024** at **11.00 AM** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer
OIPR-10020/11/0007/2425 Mayurbhanj



**GOVERNMENT OF ODISHA**
**OFFICE OF THE PANCHAYAT SAMITI, BANGRIPOSI, MAYURBHANJ**
Email - ori-bangriposi@nic.in
**Bid Identification No. : 01/2024-25/BANGRIPOSI BLOCK**

No.i-104 : The **OFFICE OF THE PANCHAYAT SAMITI, BANGRIPOSI, MAYURBHANJ**, **Odisha** on behalf of Governor of Odisha invites **Percentage Rate Bids** through in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in **Panchayat Samiti, Bangriposi**. The bid should be submitted Off-line only in Panchayat Samiti Bangriposi by eligible class of contractors.

| | | |
|---|---|---|
| 1 | Name of the Works | Construction of Additional Class room at-Elementary & Secondary School |
| 2 | No. of Works | 24 |
| 3 | Estimated Cost (in Rs.) | 15.47 lakhs to 16.92 lakhs |
| 4 | Period of Completion | 90 Days |
| 5 | Date and Time of availability of Bid Documents in the Panchayat Samiti, Bangriposi | 29.08.2024 from 10 AM to 10.09.2024 up to 5 PM |
| 6 | Last Date / Time of receipt of Bids in the Panchayat Samiti, Bangriposi | 10.09.2024 up to 5 PM |
| 7 | Date of Opening of Bids | 12.09.2024, 11 AM onwards |
| 8 | Name and Address of the OIT | Office of the Panchayat Samiti Bangriposi |

**Sd./- Block Development Officer**
**Bangriposi**
OIPR-19078/11/0001/2425

# ମଞ୍ଚରେ ଚୌକି ନ ମିଳିବାରୁ ଫେରିଆସିଲେ ମେୟର

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ଭୁବନେଶ୍ୱର ମେୟରଙ୍କୁ କୋଣଠେସା କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମେୟର ସୁଲୋଚନା ଦାସଙ୍କୁ ଯୋଗଦେବାକୁ ନିମନ୍ତ୍ରଣ ମିଳିଥିଲା। ମେୟର ଓ ବିଜେଡି କର୍ପୋରେଟରମାନେ କାର୍ଯ୍ୟକ୍ରମରେ ଯୋଗଦେବାକୁ ପହଞ୍ଚିଥିଲେ ମଧ୍ୟ ବସିବାକୁ ଚୌକି ଦିଆଯାଇ ନ ଥିଲା। ଏପରିକି ମେୟରଙ୍କ ପାଇଁ ମଞ୍ଚରେ ଚୌକି ନ ଥିଲା। ଫଳରେ ମେୟର ଦାସଙ୍କ ସମେତ ସେଠାକୁ ଯାଇଥିବା ସମସ୍ତ ବିଜେଡି କର୍ପୋରେଟର କାର୍ଯ୍ୟକ୍ରମକୁ ବର୍ଜନ କରି ଫେରି ଆସିଥିଲେ। ମେୟର ପଦବୀ କୌଣସି ଦଳର ନୁହେଁ, ଲୋକେ ତାଙ୍କୁ ଭୋଟ୍ ଦେଇ ବାଛିଛନ୍ତି। ସେହିପରି ଚେୟାର କୌଣସି ଦଳର ନୁହେଁ, ଚେୟାର ହେଉଛି ଲୋକଙ୍କର। ତେଣୁ ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଏଭଳି ଅପମାନ କରିବା କେତେଦୂର ଯଥାର୍ଥ ବୋଲି ମେୟର ପ୍ରଶ୍ନ କରିଛନ୍ତି। ସେହିପରି ଘଟଣାକୁ ନେଇ ବିଜେଡି କର୍ପୋରେଟରମାନେ ମଧ୍ୟ ନିଜ ଅସନ୍ତୋଷ ଝାଡିଛନ୍ତି। ଭାଜପା ସରକାର କେବେ ବି ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ଦିଅନ୍ତି ନାହିଁ। ମେୟର ଓ କର୍ପୋରେଟରଙ୍କୁ ଅସମ୍ମାନ ଅର୍ଥ ପୂରା ଭୁବନେଶ୍ୱରବାସୀଙ୍କୁ ଅପମାନ। ରାଜ୍ୟ ସରକାର ମେୟର ତଥା ମହିଳାଙ୍କୁ ଅପମାନ ଦେଇଛନ୍ତି ବୋଲି କର୍ପୋରେଟରମାନେ ଅଭିଯୋଗ କରିଛନ୍ତି।

## ଘଟଣାକୁ ଭୁଲ୍ ଅର୍ଥରେ ନେବା ଉଚିତ ନୁହେଁ: ବାବୁ ସିଂ

ଅପରପକ୍ଷେ ଘଟଣାକୁ ନେଇ ଭାଜପା ବିଧାୟକ ବାବୁ ସିଂ ନିଜ ପ୍ରତିକ୍ରିୟା ରଖିଛନ୍ତି। ଏହା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଏଥିରେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଯୋଗଦେବାର ଥିଲା। ଏହା କେବଳ ଭୁବନେଶ୍ୱରର କାର୍ଯ୍ୟକ୍ରମ ନ ଥିଲା। ତେଣୁ ମେୟର ଏଥିରେ ଅସନ୍ତୋଷ ପ୍ରକାଶ କରିବା କିମ୍ବା ଅଭିଯୋଗ କରିବା ଠିକ୍ ନୁହେଁ। ନିମନ୍ତ୍ରଣ କାର୍ଡରେ ମେୟରଙ୍କ ନାଁ ନ ଥିଲା, ଏପରିକି ମୋ ନାଁ ମଧ୍ୟ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚ ଉପରେ ଥିବାରୁ ମୋତେ ମଞ୍ଚରେ ବସିବାକୁ କୁହାଯାଇଥିଲା। ପୂର୍ବ ସରକାର ମଧ୍ୟ ଜାଣିଶୁଣି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ କାର୍ଯ୍ୟକ୍ରମକୁ ଡାକୁ ନ ଥିଲେ। ମାତ୍ର ଆମର ସେଭଳି କୌଣସି ଆଭିମୁଖ୍ୟ ନାହିଁ। ତେଣୁ ଏହାକୁ ଭୁଲ୍ ଅର୍ଥରେ ନେବା ଉଚିତ ନୁହେଁ ବୋଲି ସିଂ କହିଛନ୍ତି। ଅପରପକ୍ଷେ ଏ ପ୍ରସଙ୍ଗରେ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହେବେ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

# ଡମଣଭୂମିରେ ହାତୀ ମୃତ୍ୟୁ ଘଟଣା, ଜଣେ ଅଟକ

ନିରାକାରପୁର, ୩୧।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଓଳସିଂ ପଞ୍ଚାୟତର ଡମଣଭୂମି ସ୍ଥିତ ଭଣ୍ଡାରିଝର ନିକଟ ଜଣେ ବ୍ୟକ୍ତିଙ୍କ ବାରି ପଛପଟୁ ଶୁକ୍ରବାର ଏକ ହାତୀର ମୃତଦେହ ବନ ବିଭାଗ ଜବତ କରିଥିଲା। ତେବେ ହାତୀର ମୃତଦେହ ନିକଟରେ ବିଦ୍ୟୁତ୍ ତାର ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରି ଶନିବାର ବନ ବିଭାଗ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ଗିରଫ ଭୟରେ କେତେଜଣ ବ୍ୟକ୍ତି ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୩୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସୁନ୍ଦରପଦାର କୁଚିଲା ଫୁଟସ୍ଥିତ ଟାଟା-ୱାଟ୍‌କୋ ପ୍ରୋଜେକ୍ଟ ପରିସରରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇ ୪୦ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ପଞ୍ଜୀକରଣ ପ୍ରକ୍ରିୟା ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ବୋର୍ଡ ମାଧ୍ୟମରେ ଯୋଗ୍ୟ ଅଣସଂଗଠିତ ଶ୍ରମିକଙ୍କ ପଞ୍ଜୀକରଣ ତଥା ସହାୟତା ପାଇଁ ଏକ ଅନ୍‌ଲାଇନ ପୋର୍ଟାଲ, ବିଭାଗର ପରିଶ୍ରମ ପୋର୍ଟାଲରେ ଅନ୍‌ଲାଇନ ସେବା ଏବଂ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ନିର୍ମାଣ ଶ୍ରମିକ ପୋର୍ଟାଲ ମାଧ୍ୟମରେ ଅନଲାଇନ ସେସ୍ ଆଦାୟ ମଡ୍ୟୁଲ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଶ୍ରମିକଙ୍କ ନିମନ୍ତେ ବିଭିନ୍ନ ପ୍ରକାର ସହାୟତା ଓ ସେବା ସହଜରେ ଉପଲବ୍ଧ ହୋଇ ପାରିବ। ଏଥିସହିତ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ମଧ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ଅଣସଂଗଠିତ ଶ୍ରମିକଙ୍କ ପାଇଁ ଚିକିତ୍ସା ସହାୟତାଠାରୁ ଆରମ୍ଭ କରି ଦୁର୍ଘଟଣାଜନିତ ଅକ୍ଷମତା ପାଇଁ ସହାୟତା ଏବଂ ମୃତ୍ୟୁକାଳୀନ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡକୁ ବାର୍ଷିକ ଅଂଶଦାନକାରୀ କର୍ମଚାରୀଙ୍କ ପିଲାମାନେ ନିର୍ଦ୍ଧାରିତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ, ସେମାନଙ୍କୁ ମେଧାବୀ ଛାତ୍ର ବୃତ୍ତି ବାବଦରେ ୧ ଲକ୍ଷ ଟଙ୍କା ବୃତ୍ତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନ୍ ମାଧ୍ୟମରେ www.nirmanshramik.odisha.gov.in ପୋର୍ଟାଲରେ ଲଗ୍ ଇନ୍ କରି ଦରଖାସ୍ତ କରିପାରିବେ ଏବଂ ଉକ୍ତ ସେବା ଥିବା ସମସ୍ତ 'ଜନସେବା କେନ୍ଦ୍ର'ରେ ଆବେଦନ କରିପାରିବେ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ପ୍ରକୃତ ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରି ଶ୍ରମିକ କଲ୍ୟାଣ ବୋର୍ଡ଼ରେ ପଞ୍ଜୀକୃତ କରି ସେଠାରେ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିବା ପାଇଁ ଓଡ଼ିଶାର ସମସ୍ତ ଜିଲା ଶ୍ରମ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରକାର ସହାୟତା ରାଶି ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଶ୍ରମ ଆୟୁକ୍ତ ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ଥିଲେ।

# ଗଙ୍ଗାଧର ପାଇକରାୟଙ୍କ ସ୍ମୃତି ସମାରୋହ




ସମାରୋହରେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୩୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ନେତା ଗଙ୍ଗାଧର ପାଇକରାୟଙ୍କ ସ୍ମୃତି ସମାରୋହ ଶନିବାର ଗଙ୍ଗାଧର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅମୀୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. କେଦାରନାଥ, ସମ୍ମାନିତ ଅତିଥି ଭାବେ ସିପିଆଇ ସମ୍ପାଦକ ମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର, ସୁରେଶ ପାଣିଗ୍ରାହୀ ଓ ସ୍ମୃତି କମିଟି ସମ୍ପାଦକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ସମାଜରେ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ, ନିରପେକ୍ଷ ବ୍ୟକ୍ତିମାନଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସତୀଶ ମିଶ୍ର ଧନ୍ୟବାଦ ଦେଇଥିଲେ। କମ୍ୟୁନିଷ୍ଟ ନେତା ସୁର ଜେନା, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ଲଳିତ ମିଶ୍ର, ଗାନ୍ଧୀବାଦୀ ନେତା ପ୍ରହ୍ଲାଦ ସିଂ, ବସନ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ରବିବାର ୪୨ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ପରିପ୍ରେକ୍ଷୀରେ ବିଡିଏ କୋଠାକୁ ଆଲୋକରେ ସଜାଯାଇଛି।

# ସିଆର୍‌ପିଏଫ୍ ଯବାନଙ୍କ ଦ୍ୱାରା ଚାରାରୋପଣ

ବାଲିପାଟଣା,୩୧।୮ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଲୋଇ ଗ୍ରାମରେ ଭୁବନେଶ୍ୱର ସିଆର୍‌ପିଏଫ ଯବାନମାନେ ଚାରାରୋପଣ କରିଛନ୍ତି। ଡିଆଇଜି ଭାରତ ଭୂଷଣ ସେଠୀଙ୍କ ନେତୃତ୍ୱରେ ୭୦ଜଣ ଯବାନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସରକାରୀ ନିର୍ଦ୍ଦେଶ ମୁତାବକ ତହସିଲଦାର ଚିହ୍ନଟ କରିଥିବା ଆଲୋଇ ଗ୍ରାମର ପ୍ରାୟ ଅଢ଼େଇ ଏକର ଜମିରେ ଏକ ହଜାରରୁ ଅଧିକ ବିଭିନ୍ନ କିସମର ଚାରା ଲଗାଯାଇଥିଲା। ଶୁଭେନ୍ଦୁ ସାହୁ, ସନ୍ତୋଷ ରଥ, ଅର୍ଜୁନ ମହାନ୍ତି, ସୋମନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଷଡଙ୍ଗୀ, ସ୍ଥାନୀୟ ଜନସାଧାରଣ ସେମାନଙ୍କୁ ସହଯୋଗ କରିଥିଲେ।

# କାର୍ଯ୍ୟରେ ଯୋଗଦେଲେ ବିଡିଏ ଉପାଧ୍ୟକ୍ଷ ଏନ୍. ଥିରୁମାଲା ନାୟକ



ବିଡିଏ ଅଧିକାରୀ ଓ କର୍ମଚାରୀମାନେ ନୂତନ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ଭାବେ ଏନ୍. ଥିରୁମାଲା ନାୟକ ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବାହ୍ନରେ ବିଡିଏରେ ପହଞ୍ଚିବା ପରେ ସମସ୍ତ କର୍ମଚାରୀଙ୍କ ସହ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ କର୍ମଚାରୀ ୟୁନାଇଟେଡ୍ ଫୋରମ୍‌ର ସଂଯୋଜକ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ ଅନ୍ୟ ସଂଘର କର୍ମକର୍ତ୍ତା ଥିରୁମାଲାଙ୍କୁ କାର୍ଯ୍ୟାଳୟରେ ଭେଟି ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏଥିସହ କର୍ମଚାରୀମାନେ ଦୀର୍ଘଦିନ ଧରି ରହିଥିବା ସେମାନଙ୍କ ସମସ୍ୟା ସମ୍ପର୍କରେ ଉପାଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ସମସ୍ୟାର ସୁବିଚାର କରାଯିବା ନେଇ ସେ ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମଧ୍ୟାହ୍ନରେ ଉପାଧ୍ୟକ୍ଷ ଥିରୁମାଲା ବିଡିଏ କାର୍ଯ୍ୟାଳୟର ସମସ୍ତ ଉପବିଭାଗ ବୁଲି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅଗଷ୍ଟ ୨୧ରେ ବିଡିଏ ଉପାଧ୍ୟକ୍ଷ ଭାବେ ତାଙ୍କର ବଦଳି ହୋଇଥିଲା।

# ଟାୟାର-୧ , ୨ ସହରଗୁଡ଼ିକରେ ସେବା ପ୍ରଦାନ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)

ଦେଶର ଟାୟାର-୧ ଏବଂ ଟାୟାର-୨ସହର ଭାବେ ବିବେଚିତ ସହରଗୁଡ଼ିକରେ ସେବା ପ୍ରଦାନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସମ୍ପର୍କିତ ରାଜ୍ୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କର୍ମଶାଳାରେ ଦେଶର ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଦକ୍ଷତା, ଭିତ୍ତିଭୂମି ବିକାଶ, ବ୍ୟବସାୟ ଅନୁକୂଳ ପରିବେଶ ଏବଂ ସେବା ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଓ ନିୟାମକ ସଂସ୍କାର କ୍ଷେତ୍ରରେ ବିଭିନ୍ନ ରାଜ୍ୟ ଗ୍ରହଣ କରିଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଆଇଟି, ସେମିକଣ୍ଡକ୍ଟର, ପର୍ଯ୍ୟଟନ, ବିଏଫ୍‌ଏସ୍‌ଆଇ, ବେସାମରିକ ବିମାନ ଚଳାଚଳ, ଲଜିଷ୍ଟିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଦେଶର ୨ୟ ଓ ୩ୟ ସ୍ତରୀୟ ସହରଭାବେ ବିବେଚିତ ସହରରେ ସେବା ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ହୋଇଥିବା ନୂତନ ପଦକ୍ଷେପଗୁଡ଼ିକ ଉପରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ମତାମତ ରଖିଥିଲେ। କର୍ମଶାଳାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଟାୟାର-୧ ଏବଂ ଟାୟାର-୨ ସହର ଭାବେ ବିବେଚିତ ସହରଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସହ ଭୌଗୋଳିକ ଆବଣ୍ଟିତ ସେବା ଭିତ୍ତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କ୍ରିଷ୍ଣନ ସେବା ଅଭିବୃଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥାମାନଙ୍କ ମଧ୍ୟରେ ସମୁଚିତ ସମନ୍ୱୟ ଓ ସହଭାଗିତାର ଆବଶ୍ୟକତା ଥିବା କହିଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର-ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଦକ୍ଷ ପ୍ରତିଭାମାନଙ୍କୁ ଗୁରୁତ୍ୱବାନ୍ ହେବା, ବୈଷୟିକ ସମନ୍ୱୟ ଏବଂ ବଜାର ସୃଷ୍ଟି ଭଳି ଆହ୍ୱାନର ମାର୍ଗ ନିର୍ଦ୍ଧାରଣ ପାଇଁ ଏକ ସାମୂହିକ ଆଭିମୁଖ୍ୟ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ୍ ରାଜ୍ୟର ଭିତ୍ତିଭୂମି ଏବଂ ଦକ୍ଷତା ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରମୁଖ ନୀତିଗତ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଶେଷସୁଦ୍ଧା ହେବାକୁ ଥିବା ଚତୁର୍ଥ ଜାତୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀ ପୂର୍ବରୁ ଆୟୋଜିତ ହେଉଥିବା ଉଚ୍ଚସ୍ତରୀୟ ଆଲୋଚନାର ଏକ ଅଂଶ ଭାବେ ଏହି ପରାମର୍ଶ କର୍ମଶାଳା ଆୟୋଜନ କରାଯାଇଥିଲା।

# ରିମାଣ୍ଡ ସରିଲା, ଜେଲ ଫେରିଲେ ୩ ଅଭିଯୁକ୍ତ

## ମହମ୍ମଦ ସାଜିଦ ହତ୍ୟା ଘଟଣା

ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)

ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କ ହତ୍ୟା ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ଶିଳ୍ପାଞ୍ଚଳ ଥାନା ପୋଲିସ ଦୁଇଦିନ ରିମାଣ୍ଡରେ ନେଇଥିଲା। ଅଭିଯୁକ୍ତମାନେ ହେଲେ ମୁକୁନ୍ଦପ୍ରସାଦ ପୋଡ଼ାସାହିର ବିଶ୍ୱଜିତ୍ ମହାରଣା, ମୁକେଶ ସେଠୀ ଏବଂ ଜଗତସିଂହପୁରର ଆକାଶ ପଟ୍ଟନାୟକ। ଅବଧି ସରିବା ପରେ ଶନିବାର କଡ଼ା ସୁରକ୍ଷା ବଳୟରେ ଅଭିଯୁକ୍ତମାନଙ୍କ ମେଡିକାଲରେ ଚିକିତ୍ସା ପରେ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଇ ଦିଆଯାଇଛି।


No.E-254

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar - 751012
Advertisement Reference No. 3161, dated 29/08/2024

### TRAINING OF GOVERNMENT DOCTORS

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2024-25. The candidates applying for the above courses must not have completed/ undergone any PG degree, Diploma, DNB course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma / NBE etc.

| Name of the Training | Duration | Training Organizing institute | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st August'2024. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. **Last date for receipt of application is 25th September 2024.** No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha)
Bhubaneswar.

OIPR-10003/11/0066/2425



## FARMERS PRODUCERS ORGANIZATION, NABARANGPUR

To fill the post of CEO (Chief Executive Officer) and Accountant of the Farmers Producers Organisation on contractual basis.
The details of the post are as follows:

| Name of the Post | Total Number of Post |
|---|---|
| CEO (Chief Executive Officer) | 08 |
| Accountant | 06 |

1. For details of the advertisement, eligibility criteria, selection procedure, application form please visit the district web portal i.e. **https://nabarangpur.odisha.gov.in**.
2. The BoDs of the FPOs reserves the right to cancel/ vary the vacancies without assigning reason thereof.

**Chairperson**
**M/S Mata Dongri FPO**



## ZILLA SWASTHYA SAMITI, MAYURBHANJ

Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

**Advt. No. 2842/NHM/2024-25** **Dt.29.08.2024**

**Request for Proposal for Outsourcing of Housekeeping Services at Government Health Institutions under Nirmal Scheme**

No.E-259 : Sealed proposals as per prescribed RFP document are invited from interested eligible bidders for the **Outsourcing of Housekeeping Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o : CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 PM** of **23.09.2024** through Regd/Speed Post & Courier and the same will be opened on **24.09.2024** at **11.00 AM** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer
Mayurbhanj

OIPR-10020/11/0007/2425



## GOVERNMENT OF ODISHA
## OFFICE OF THE PANCHAYAT SAMITI, BANGRIPOSI, MAYURBHANJ

Email - ori-bangriposi@nic.in
**Bid Identification No. : 01/2024-25/BANGRIPOSI BLOCK**

No.i-104 : The **OFFICE OF THE PANCHAYAT SAMITI, BANGRIPOSI, MAYURBHANJ**, **Odisha** on behalf of Governor of Odisha invites **Percentage Rate Bids** through in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in **Panchayat Samiti, Bangriposi**. The bid should be submitted Off-line only in Panchayat Samiti Bangriposi by eligible class of contractors.

| | | |
|---|---|---|
| 1 | Name of the Works | Construction of Additional Class room at-Elementary & Secondary School |
| 2 | No. of Works | 24 |
| 3 | Estimated Cost (in Rs.) | 15.47 lakhs to 16.92 lakhs |
| 4 | Period of Completion | 90 Days |
| 5 | Date and Time of availability of Bid Documents in the Panchayat Samiti, Bangriposi | 29.08.2024 from 10 AM to 10.09.2024 up to 5 PM |
| 6 | Last Date / Time of receipt of Bids in the Panchayat Samiti, Bangriposi | 10.09.2024 up to 5 PM |
| 7 | Date of Opening of Bids | 12.09.2024, 11 AM onwards |
| 8 | Name and Address of the OIT | Office of the Panchayat Samiti Bangriposi |

**Sd./- Block Development Officer**
**Bangriposi**

OIPR-19078/11/0001/2425

## ସଂକ୍ଷେପରେ

### ଡମଣଭୂମିରେ ହାତୀ ମୃତ୍ୟୁ ଘଟଣା, ଜଣେ ଅଟକ

ନିରାକାରପୁର, ୩୧।୮(ମାନସ ଚନ୍ଦ୍ର ପଟ୍ଟନାୟକ): ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ଓଳସିଂ ପଞ୍ଚାୟତର ଡମଣଭୂମି ସ୍ଥିତ ଭଣ୍ଡାରିଝର ନିକଟ ଜଣେ ବ୍ୟକ୍ତିଙ୍କ ବାରି ପଛପଟୁ ଶୁକ୍ରବାର ଏକ ହାତୀର ମୃତଦେହ ବନ ବିଭାଗ ଜବତ କରିଥିଲା। ତେବେ ହାତୀର ମୃତଦେହ ନିକଟରେ ବିଦ୍ୟୁତ୍ ତାର ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରି ଶନିବାର ବନ ବିଭାଗ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ଗିରଫ ଭୟରେ କେତେଜଣ ବ୍ୟକ୍ତି ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ମାଲୁଦ ବିଦ୍ୟାଳୟରୁ ଚୋରି

କୃଷ୍ଣପ୍ରସାଦ,୩୧।୮(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଆକ୍ୱା ମେଶିନ ମଟର ଏବଂ ରୋଷେଇ ଗ୍ୟାସ ଟାଙ୍କି ନେଇଯାଇଛନ୍ତି। ଏନେଇ ଶନିବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଜେନା କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଚଳାଇଥିବା ବେଳେ ଉକ୍ତ ବିଦ୍ୟାଳୟରୁ ଏଥରକୁ ମିଶାଇ ମୋଟ୍ ୩ଥର ଚୋରି ହୋଇଥିବା ଜଣାପଡ଼ିଛି।

### ଗରିବ, ଖଟିଖିଆଙ୍କ ନେତା ଥିଲେ ଗଙ୍ଗାଧର

ବୋଲଗଡ଼,୩୧।୮(ଦେବବ୍ରତ ହୋତା): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକ ସମାରୋହ ବୋଲଗଡ଼ ସ୍ଥିତ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିପିଆଇ ର ବୋଲଗଡ଼ ଜୋନ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦିବାକର ପାଇକରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧିବକ୍ତା ଅମିୟ ପଟ୍ଟନାୟକ, ମୁଖ୍ୟ ବକ୍ତା ଶିକ୍ଷକ ନେତା ସୁମନ୍ତ ଛୋଟରାୟ ଏବଂ ସମ୍ମାନିତ ଅତିଥିଭାବେ ଐତିହାସିକ ରବୀନ୍ଦ୍ର ପରିଡ଼ା, ଆଦିବାସୀ ନେତା ଗଗନ ନାୟକ, ଜୋନ୍ କମିଟି ସମ୍ପାଦକ ଲକ୍ଷ୍ମଣ ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ହରିବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଜୋନ କମିଟିର ଅନ୍ୟତମ ସମ୍ପାଦକ ଶିକ୍ଷାବିତ୍ ପ୍ରଫୁଲ୍ଲ ମହାପାତ୍ର ଅତିଥି ପରିଚୟ ଓ ବସନ୍ତ ମଞ୍ଜରୀ ପରମଗୁରୁ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସମସ୍ତ ଅତିଥି ଏବଂ ସେଠାରେ ଉପସ୍ଥିତ ଶିକ୍ଷକ ନେତା ବୈକୁଣ୍ଠ ମହାରଣା, ପୂର୍ବତନ ବିଇଓ ପୁରେନ୍ଦ୍ର ବେହେରା, ରଘୁନାଥ ଦଳବେହେରା, ଭକ୍ତବଲ୍ଲଭ ପଟ୍ଟନାୟକ, ଅର୍ଜୁନ ମହାନ୍ତି, ବୈକୁଣ୍ଠ ଖୁଣ୍ଟିଆ ପ୍ରମୁଖ ସ୍ମୃତିଚାରଣ କରି ଗଙ୍ଗାଧର ଗରିବ ଖଟିଖିଆଙ୍କ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଦୁର୍ଯ୍ୟୋଧନ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

### ସୁଭଦ୍ରା ଯୋଜନା ପାଇଁ ପ୍ରଶିକ୍ଷଣ ଶିବିର

ନିରାକାରପୁର, ୩୧।୮ (ମାନସ ଚନ୍ଦ୍ର ପଟ୍ଟନାୟକ): ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନା ହିତାଧିକାରୀମାନେ କିଭଳି ସୁଚାରଭାବେ ଆବେଦନ କରିପାରିବେ ଏବଂ ଆବେଦନ କରିବା ପାଇଁ ଫର୍ମ ଯୋଗାଇଦିଆଯିବ ସେନେଇ ଦୁଇଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମୋସେବା ଓ ଜନସେବା କେନ୍ଦ୍ରର ସାଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଏହି ଯୋଜନା ସମ୍ପର୍କରେ ବୁଝାଯାଇଥିଲା। ଏହି ଫର୍ମ ମାଗଣାରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ। ଏହି କାଯ୍ୟକ୍ରମରେ ବିଡିଓ ରେଶ୍ମା ଟେଟେ, ମୋସେବା କେନ୍ଦ୍ର ଡିଷ୍ଟ୍ରିକ ମ୍ୟାନେଜର ବିକାଶ କୁମାର ବରା, ଜନସେବା କେନ୍ଦ୍ରର ଡିଷ୍ଟ୍ରିକ ମ୍ୟାନେଜର ସୁଶାନ୍ତ ସ୍ୱାଇଁ, ସିଡିପିଓ, ଅଧିକାରୀମାନଙ୍କ ସହିତ ଟାଙ୍ଗୀ ବ୍ଲକ ୨୬ଟି ପଞ୍ଚାୟତର ସମସ୍ତ ଏମଏସକେ ଓ ସିଏସସି କେନ୍ଦ୍ରର କର୍ମୀମାନେ ଉପସ୍ଥିତ ଥିଲେ।

# ନୂଆଁଖାଇରେ ଠାକୁରଙ୍କୁ ଲାଗି ହୁଏ ଚୂଡ଼ାଘଷା

**କୁଦିଆରୀ ବଜାର ବ୍ୟବସାୟୀ ସଂଘ ପୂଜା କମିଟି**

- ପୂଜା ପାଇବେ ୮ଫୁଟ ଉଚ୍ଚର ଗଜାନନ
- ତିରୁପତି ବାଲାଜୀ ମନ୍ଦିର ଆକୃତି ୬୦ଫୁଟର ଲାଇଟ ଗେଟ୍ ଶୋଭାପାଇବ

ଜଟଣୀ,୩୧।୮(ରବୀନ୍ଦ୍ରନାଥ ମହାକୁଡ଼)



ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର କୁଦିଆରୀ ବଜାର ବ୍ୟବସାୟୀ ସଂଘ ପୂଜା କମିଟି ମଧ୍ୟ ଜୋରଦାର ପ୍ରସ୍ତୁତି ଚଳାଇଛି।

ଦେଶ ସ୍ୱାଧୀନତା ପୂର୍ବରୁ ଏହି ଅଞ୍ଚଳର ବାଜ ସାହୁ ଗଣେଶପୂଜା ଆରମ୍ଭ କରିଥିଲେ। ପରେ ସ୍ଥାନୀୟ ବ୍ୟବସାୟୀ ଦୈତାରୀ ସାହୁ, ଅପର୍ତ୍ତି ସାହୁ, କ୍ଷେତ୍ରବାସୀ ସାହୁ, ପୂର୍ଣ୍ଣ ବରାଳ, ବାବାଜି ସାହୁ, ଫଗୁଆ ସାହୁ, ବୈକୁଣ୍ଠ ସାହୁ, ଉଦ୍ଧବ ସାହୁ, ବଳରାମ ସାହୁ, ନଟବର ସାହୁ, ମୋହନ ସାହୁ ପ୍ରମୁଖ ମିଳିତଭାବେ ସାର୍ବଜନୀନ ପୂଜା ଆରମ୍ଭ କରିଥିଲେ। ୧୯୮୩ ମସିହାରେ ଉକ୍ତ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାୟୀ ପୂଜା ପଣ୍ଡପ ନିର୍ମାଣ କରାଯାଇ ଆଡ଼ମ୍ବରରେ ଶ୍ରୀଗଣେଶ, ଦେବୀ ସରସ୍ୱତୀ ଏବଂ ମା'ଲକ୍ଷ୍ମୀଙ୍କୁ ପୂଜା କରାଯାଇଆସୁଛି। ୯୦ଦଶକରେ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଦର୍ଶନ ସୁନ୍ଦରାୟ, ମନା ରାଓ, ଚନ୍ଦ୍ରଶେଖର ମହାନ୍ତି, ରାମଚନ୍ଦ୍ର ବଳିୟାରସିଂଙ୍କ ସମେତ ଅନ୍ୟ କେତେଜଣ ବ୍ୟବସାୟୀ ପୂଜାର ଦାୟିତ୍ୱ ନେଇ କୁଦିଆରୀ ବଜାର ପୂଜା କମିଟିକୁ ଜଟଣୀ ଗଣେଶପୂଜାରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ପୂଜା ସମୟରେ ୧୧ଦିନ ବ୍ୟାପୀ ଠାକୁରଙ୍କ ନିକଟରେ କମିଟି ପକ୍ଷରୁ ବିଭିନ୍ନ ପ୍ରକାର ଭୋଗ ଲାଗି ହେଉଥିବା ବେଳେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଦିନ ଠାକୁରଙ୍କ ନିକଟରେ ନୂଆଧାନରେ ପ୍ରସ୍ତୁତ ଚୂଡ଼ାରେ ଚୂଡ଼ାଘଷା ଭୋଗ ଲାଗି କରିବା ପରମ୍ପରା ରହିଆସିଛି ବୋଲି କମିଟି ଉପସଭାପତି ଶଶାଙ୍କ ଶେଖର ରାୟ କହିଛନ୍ତି। ଚଳିତବର୍ଷ ମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ସ୍ଥିର ହୋଇଛି। ୮ଫୁଟ ଉଚ୍ଚର ଗଜାନନଙ୍କ ସହିତ ମା'ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ ପୂଜା ପାଇବେ। ୬୦ଫୁଟ ଉଚ୍ଚର ତିରୁପତି ବାଲାଜୀ ମନ୍ଦିର ଆକୃତି ଡିଜିଟାଲ ଏଲ୍ଇଡି ଗେଟ୍, ୪୦ ଫୁଟର ଏକ ଏଲ୍ଇଡି ଲାଇଟ୍ ଗେଟ୍ ସହିତ ବହୁ ମେକାନିକାଲ ଲାଇଟ୍ ଶୋଭାପାଇବ ବୋଲି କମିଟିର ଯୁଗ୍ମ ସମ୍ପାଦକ ମନୋଜ କୁମାର ସ୍ୱାଇଁ କହିଛନ୍ତି। ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟ, ନୃତ୍ୟରେ ଭସାଣି ଉତ୍ସବ ପାଇଁ ନିଷ୍ପତ୍ତି ହୋଇଛି। ପୂଜା ଆୟୋଜନରେ ଜାଗାର ଅଭାବ ଏବଂ ପେଣ୍ଡାଲ ପାଇଁ ଅସୁବିଧା ହେଉଥିଲେ ମଧ୍ୟ ସୀମିତ ସ୍ଥାନରେ ପୂଜା କରାଯାଉଛି। ପୂଜା ସମୟରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନା ପାଇଁ କମିଶନରେଟ ପୋଲିସ ସହିତ କମିଟି ପକ୍ଷରୁ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ।

**ଏମାନେ ଯାହା କୁହନ୍ତି...**



"ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିବର୍ଷ ଗଣେଶପୂଜାରେ କମିଟି ପକ୍ଷରୁ କିଛି ନୂଆ କରିବା ପାଇଁ ଚେଷ୍ଟା କରାଯାଇଥାଏ। ପୂଜା ସମୟରେ ଏହି ମଣ୍ଡପରେ ଲୋକଙ୍କ ପ୍ରବଳ ଗହଳି ହାଇଥାଏ। ଓଭରବ୍ରିଜ ନିର୍ମାଣ ଶେଷ ହୋଇଥିଲେ ମଧ ମଣ୍ଡପ ନିକଟରେ ଅଳିଆ ଆବର୍ଜନା, କଂକ୍ରିଟ ଖଣ୍ଡ ପଡ଼ିରହିଛି। ଏଠାରୁ ହଟାଇବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ା।

**-ସୁଦର୍ଶନ ସୁନ୍ଦରାୟ, ସଭାପତି, କୁଦିଆରୀ ବଜାର ବ୍ୟବସାୟୀ ସଂଘ**



"ମଣ୍ଡପରେ ପୂଜା ସମୟରେ ଠାକୁରଙ୍କ ନିକଟରେ ମାନସିକ ରଖିଲେ ମାନସିକ ପୂରଣ ହେଉଥିବା ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ମାନସିକ ପୂରଣ ପରେ ମାନସିକଧାରି ଠାକୁରଙ୍କୁ ମାନସିକ ଅନୁସାରେ ବିଭିନ୍ନ ଦ୍ରବ୍ୟ, ବସ୍ତୁ ଆଦି ଦାନ କରିଥାନ୍ତି। ଏଥର ପୂଜାକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ବ୍ୟବସାୟୀଙ୍କ ସହଯୋଗ ରହିଛି। ବ୍ରିଜ ନିର୍ମାଣରେ ବ୍ୟବହୃତ କଂକ୍ରିଟ ଢଳାଇ ଖଣ୍ଡ ଠିକା ସଂସ୍ଥା କାର୍ଯ୍ୟ ସରିବା ପରେ ଉଠାଉ ନ ଥିବାରୁ ରାସ୍ତାରେ ପଡି ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରୁଛି।

**-ପ୍ରଦୀପ୍ତ କୁମାର ବଳିୟାରସିଂ, ସମ୍ପାଦକ, କୁଦିଆରୀ ବଜାର ବ୍ୟବସାୟୀ ସଂଘ**

# ରିମାଣ୍ଡ ସରିଲା, ଜେଲ ଗଲେ ୩ ଅଭିଯୁକ୍ତ



**ମୁକୁନ୍ଦପ୍ରସାଦର ମହମ୍ମଦ ସାଜିଦଙ୍କୁ ହତ୍ୟା ଘଟଣା**

ଖୋର୍ଦ୍ଧା,୩୧।୮(ପ୍ରଭାତ ପାଣିଗ୍ରାହୀ)

ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କ ହତ୍ୟା ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ଶିଳ୍ପାଞ୍ଚଳ ଥାନା ପୋଲିସ ଦୁଇଦିନ ରିମାଣ୍ଡରେ ନେଇଥିଲା। ଅଭିଯୁକ୍ତମାନେ ହେଲେ ମୁକୁନ୍ଦପ୍ରସାଦ ପୋଡ଼ାସାହିର ବିଶ୍ୱଜିତ୍ ମହାରଣା, ମୁକେଶ ସେଠୀ ଏବଂ ଜଗତସିଂହପୁରର ଆକାଶ ପଟ୍ଟନାୟକ। ଅବଧି ସରିବା ପରେ ଶନିବାର କଡ଼ା ସୁରକ୍ଷା ବଳୟରେ ଅଭିଯୁକ୍ତମାନଙ୍କ ମେଡିକାଲରେ ଚିକିତ୍ସା ପରେ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ପୋଲିସ ଅଭିଯୁକ୍ତମାନଙ୍କୁ ଜେରା କରିଥିବା ବେଳେ ଶୁକ୍ରବାର ଘଟଣାସ୍ଥଳରେ ସିନ୍ ରି କ୍ରିଏଶନ ମଧ୍ୟ କରିଥିଲା। କିପରି ହତ୍ୟା କରିଥିଲେ, ଅଭିଯୁକ୍ତମାନେ ଡେମୋ ଦେଖାଇଥିଲେ। ଏହି ହତ୍ୟା ଘଟଣା ପଛରେ ବ୍ୟବସାୟିକ ଶତ୍ରୁତା ନା ଅନ୍ୟ କୌଣସି କାରଣ ରହିଛି, ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ପୋଲିସ ଖୋଳତାଡ଼ କରିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି।

# ମୁକୁନ୍ଦପ୍ରସାଦରେ ହିଂସା ଘଟଣା, ଗିରଫ ସଂଖ୍ୟା ୧୧କୁ ବୃଦ୍ଧି

ଖୋର୍ଦ୍ଧା,୩୧।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଗତ ରବିବାର ହୋଇଥିବା ହିଂସା ଘଟଣାରେ ଶନିବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୁକୁନ୍ଦପ୍ରସାଦ ଅଞ୍ଚଳର ମୋହଦ୍ଦିନ ଖାନ(୩୩), ଅବିଦ ଖାନ(୨୦), ଅଲ୍ଲିବୁଲା ଖାନ(୨୪), କୁଲୁ ଖାନ(୨୮) ଏବଂ ଅବଦୁଲ୍ଲ ମୁବାରକ(୨୨)। ତେବେ ଏହି ହିଂସା ଘଟଣାରେ ପୂର୍ବରୁ ୬ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି। ପ୍ରକାଶ ଯେ, ଏହି ଥାନା ଅଧୀନ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କୁ ଗତ ରବିବାର ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାକୁ ନେଇ ହିଂସା ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ମୁକୁନ୍ଦପ୍ରସାଦର ପୋଡ଼ାସାହି, ଦଧିବାମନସାହି, ବଉଳସାହି ଓ ମାଳିସାହିରେ ବାଇକ୍ ଭଙ୍ଗାରୁଜା, ପୋଡ଼ାଜଳା କରିବା ସହ ଲୋକଙ୍କୁ ଆକ୍ରମଣ କରିଥିଲେ। ଏନେଇ ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି କମିଟି ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଗତ ୨୯ତାରିଖରେ ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୧୬୩ ଧାରା ବଳବତ୍ତର ରହିଥିବା ବେଳେ ୧୫ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

# ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ: ଶାଶୁ, ଜ୍ୱାଇଁ ଗିରଫ



ଥାନା ଆଗରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

ବାଣପୁର,୩୧।୮(ଦିଲୀପ କୁମାର ସ୍ୱାଇଁ)

୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ଶନିବାର ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବେଲଡ଼ିହ ଗ୍ରାମର ବିଷ୍ଣୁପ୍ରିୟା ଜଗଦ୍ଦେବ ଏବଂ ତାଙ୍କ ଜ୍ୱାଇଁ ଶଶାଙ୍କ ମାର୍ଥା। ଅଭିଯୋଗ ମୁତାବକ, ବାଣପୁର ବ୍ଲକ ଅନ୍ତର୍ଗତ ଦାମିଆ ବରବାରା ଓ ନୀଳାଦ୍ରି ପ୍ରସାଦ ଅଞ୍ଚଳର କେତେଜଣ ମହିଳାଙ୍କୁ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରୁ ଲୋନ କରାଇଦେବାକୁ ବିଷ୍ଣୁପ୍ରିୟା କହିଥିଲେ। ଏହା ପରେ ବିଷ୍ଣୁପ୍ରିୟା ଉକ୍ତ ସଂସ୍ଥା ମାଧ୍ୟମରେ ଜଣେ ମହିଳାଙ୍କ ପିଛା ୫୦ହଜାର ଟଙ୍କା ଲୋନ କରାଇଦେଇ ସେମାନଙ୍କୁ କିଛି ଟଙ୍କା ଦେଇ ଆଉ ଟଙ୍କା ନିଜେ ହଡ଼ପ କରିଥିଲେ। ଏପରିକି ବିଷ୍ଣୁପ୍ରିୟା ସେମାନଙ୍କ ଋଣର କିସ୍ତି ଶୁଝୁଥିଲେ। କିଛିଦିନ ପରେ କିସ୍ତି ଟଙ୍କା ନ ମିଳିବାରୁ ସଂସ୍ଥାର ଅଧିକାରୀମାନେ ଗ୍ରାମକୁ ଆସି ଋଣର କିସ୍ତି ଶୁଝିବା ପାଇଁ କହିବା ପରେ ମହିଳାମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଠକାମିର ଶିକାର ହୋଇଥିବା ମହିଳାମାନେ ଶନିବାର ଏନେଇ ଥାନା ଆଗରେ ପ୍ରତିବାଦ କରିବା ସହ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରମେଶ କୁମାର ଦେବତା ଘଟଣାର ତଦନ୍ତ କରି ବିଷ୍ଣୁପ୍ରିୟା ଏବଂ ଉକ୍ତ ଠକେଇରେ ସମ୍ପୃକ୍ତ ଥିବାରୁ ଶଶାଙ୍କଙ୍କୁ ଗିରଫ କରିଥିଲେ।

# ସୁସ୍ଥ ପରିବେଶ ଆଣିଦିଏ ନୀରୋଗ ଜୀବନଯାପନ

ବେଗୁନିଆ,୩୧।୮(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦରମହକୁମାସ୍ଥିତ ମହାବିଦ୍ୟାଳୟ ପରିସରରେ ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସବିତାଞ୍ଜଳି ସେନାପତି ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରିଣୀ ବିଜୟଲକ୍ଷ୍ମୀ ସୁବୁଦ୍ଧି ଏବଂ ସହ ଅଧିକାରୀ ସଲିଳ କୁମାର ବଡ଼ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିପର୍ଯ୍ୟସ୍ତ ପରିବେଶକୁ ନେଇ ଏବେ ସମାଜକୁ ଚିନ୍ତା ଘାରିଛି। ସଭିଏ ମାନସିକ ସ୍ତରରେ ସ୍ୱଚ୍ଛତା ଆଣିବା। ଦୈନନ୍ଦିନ ଜୀବନଶୈଳୀରେ ପ୍ରଥମେ ସୁନ୍ଦର ପରିବେଶ ସୃଷ୍ଟି କରିବା ଆବଶ୍ୟକ। ସୁସ୍ଥ ପରିବେଶ ଆଣିଦିଏ ନୀରୋଗ ଜୀବନଯାପନ ବୋଲି ଅଧିକାରିଣୀ ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ବିଦ୍ୟୁଭୂଷଣ ରାଉତ, ସୋମନାଥ ବିଶୋୟୀ, ନବକିଶୋର ବିଶୋୟୀ ଏବଂ ଅଧ୍ୟାପିକା ନମିତା ରାଣୀ ମହାରଣା ଉପସ୍ଥିତ ଥିଲେ। ସଂଗ୍ରାମ ଜୟସିଂହଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।


## FARMERS PRODUCERS ORGANIZATION, NABARANGPUR

To fill the post of CEO (Chief Executive Officer) and Accountant of the Farmers Producers Organisation on contractual basis.
The details of the post are as follows:

| Name of the Post | Total Number of Post |
|---|---|
| CEO (Chief Executive Officer) | 08 |
| Accountant | 06 |

1. For details of the advertisement, eligibility criteria, selection procedure, application form please visit the district web portal i.e. **https://nabarangpur.odisha.gov.in**.
2. The BoDs of the FPOs reserves the right to cancel/ vary the vacancies without assigning reason thereof.

**Chairperson**
**M/S Mata Dongri FPO**

## ZILLA SWASTHYA SAMITI, MAYURBHANJ

Office of the CDM&PHO-cum-District Mission Director, NHM, Mayurbhanj, Odisha, 757001

**Advt. No. 2842/NHM/2024-25** **Dt.29.08.2024**

**Request for Proposal for Outsourcing of Housekeeping Services at Government Health Institutions under Nirmal Scheme**

No.E-259 : Sealed proposals as per prescribed RFP document are invited from interested eligible bidders for the **Outsourcing of Housekeeping Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o : CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 PM** of **23.09.2024** through Regd/Speed Post & Courier and the same will be opened on **24.09.2024** at **11.00 AM** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical & Public Health Officer**
**Mayurbhanj**
OIPR-10020/11/0007/2425

## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

No.E-254
Nayapalli, Bhubaneswar - 751012
Advertisement Reference No. 3161, dated 29/08/2024

**TRAINING OF GOVERNMENT DOCTORS**

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2024-25. The candidates applying for the above courses must not have completed/ undergone any PG degree, Diploma, DNB course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma / NBE etc.

| Name of the Training | Duration | Training Organizing institute | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st August'2024. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. **Last date for receipt of application is 25th September 2024.** No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha)
Bhubaneswar.
OIPR-10003/11/0066/2425

## GOVERNMENT OF ODISHA
## OFFICE OF THE PANCHAYAT SAMITI, BANGRIPOSI, MAYURBHANJ

Email - ori-bangriposi@nic.in
**Bid Identification No. : 01/2024-25/BANGRIPOSI BLOCK**

No.i-104 : The **OFFICE OF THE PANCHAYAT SAMITI, BANGRIPOSI, MAYURBHANJ**, **Odisha** on behalf of Governor of Odisha invites **Percentage Rate Bids** through in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in **Panchayat Samiti, Bangriposi**. The bid should be submitted Off-line only in Panchayat Samiti Bangriposi by eligible class of contractors.

| | | |
|---|---|---|
| 1 | Name of the Works | Construction of Additional Class room at-Elementary & Secondary School |
| 2 | No. of Works | 24 |
| 3 | Estimated Cost (in Rs.) | 15.47 lakhs to 16.92 lakhs |
| 4 | Period of Completion | 90 Days |
| 5 | Date and Time of availability of Bid Documents in the Panchayat Samiti, Bangriposi | 29.08.2024 from 10 AM to 10.09.2024 up to 5 PM |
| 6 | Last Date / Time of receipt of Bids in the Panchayat Samiti, Bangriposi | 10.09.2024 up to 5 PM |
| 7 | Date of Opening of Bids | 12.09.2024, 11 AM onwards |
| 8 | Name and Address of the OIT | Office of the Panchayat Samiti Bangriposi |

**Sd./- Block Development Officer**
**Bangriposi**
OIPR-19078/11/0001/2425




୩୧।୦୮।୨୦୨୪

| ୭,୪୨, ୮୦୬ ଟଙ୍କା | |
|---|---|
| ସୁନା | ୩୩.୨୨୦ ଗ୍ରାମ୍ |
| ରୁପା | ୨୬୬.୬୫୦ ଗ୍ରାମ୍ |

# ନବଜାତକଙ୍କୁ ନୂଆ ଜୀବନ ଦେଇଥାନ୍ତି ଡାକ୍ତର




ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ ସମ୍ମିଳନୀ ଉଦ୍‌ଘାଟିତ**

- ୨୦୩୦ ସୁଦ୍ଧା ନବଜାତ ଶିଶୁମୃତ୍ୟୁ ହାର ୧୦%ରୁ କମାଇବାକୁ ଲକ୍ଷ୍ୟ
- ଡା. ଏସ୍.ଏନ୍. ପରିଡା ଏବଂ ଡା. ଗିରିଶ ଗୁପ୍ତାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ମାନବ ସମାଜକୁ ଈଶ୍ୱରଙ୍କ ସବୁଠାରୁ ବଡ଼ ଦାନ ହେଉଛନ୍ତି ଡାକ୍ତର। ବିଶେଷକରି ନବଜାତକଙ୍କୁ ଚିକିତ୍ସା ଓ ସେବା ଯୋଗାଇଦେବା ସହ ସେମାନଙ୍କୁ ନୂଆ ଜୀବନ ପ୍ରଦାନ କ୍ଷେତ୍ରରେ ଡାକ୍ତରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ଅଚ୍ୟୁତ ସାମନ୍ତ କହିଛନ୍ତି। ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ (ଆଇଏପି ନିଓକନ୍)ର ୧୫ତମ ବାର୍ଷିକ ସମ୍ମିଳନୀ ଶନିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ ଦ୍ୱିତୀୟ ଭଗବାନ୍ କୁହାଯାଉଥିବା ଡାକ୍ତରମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆମ ଦେଶରେ ନିଓନୋଟାଲ୍ ମୋଟାଲିଟି ରେଟ୍(ଏନ୍ଏମ୍ଆର୍) ବା ନବଜାତ ଶିଶୁ ମୃତ୍ୟୁ ହାର ଭଲ ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡା. ଏସ୍.ଏନ୍. ପରିଡା ଏବଂ ଡା. ଗିରିଶ ଗୁପ୍ତାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଆଇଏପି ନିଓଚାପ୍ ଫେଲୋଶିପ୍ ଏକ୍‌ଜିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆଇଏପି ନିଓକନ୍ ୨୦୨୪ର ଚିଫ୍ ଅର୍ଗାନାଇଜିଂ ଚେୟାରପର୍ସନ ଡା. ବିଶ୍ୱଜିତ୍ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନିଓନୋଟାଲୋଜି ଚାପ୍ଟର ଅଫ୍ ଆଇଏପିର ଚେୟାରପର୍ସନ ଡା. ନବୀନ ବଜାଜ୍, ଆଇଏପି ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡା. ବି.କେ. ଭୂୟାଁ, ଡା. ଯୋଗେଶ ଏନ୍ ପାରିଖ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ (ଆଇଏପି) ଓଡ଼ିଶା ରାଜ୍ୟ ଶାଖାର ଚିଫ୍ ଅର୍ଗାନାଇଜିଂ ସେକ୍ରେଟାରୀ ଡା. ଅରିଜିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରି କହିଲେ, ଏବେ ଦେଶରେ ନବଜାତ ଶିଶୁମୃତ୍ୟୁ ୨୬ ପ୍ରତିଶତ ରହିଛି। ତେବେ ୨୦୩୦ ସୁଦ୍ଧା ଏହି ହାରକୁ କମାଇ ଏକକ ସଂଖ୍ୟା ବା ୧୦ ତଳକୁ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଡା. ମହାପାତ୍ର ସୂଚନା ଦେଇଛନ୍ତି। ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬ଶହ ଅତିଥି ଯୋଗଦେଇଥିବା ବେଳେ ୧୫୦ଜଣ ପ୍ରବକ୍ତା ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରେ ପୋଲାଣ୍ଡରୁ ଆସିଥିବା ଡା. ବୋରିସ୍ କ୍ରମେର, ୟୁଏସ୍‌ର ଡା. ବିନୟ, ଅଷ୍ଟ୍ରେଲିଆରୁ ଡା. ସଞ୍ଜୟ ପାଟୋଲଙ୍କ ସମେତ ୧୨ଜଣ ଅନ୍ତର୍ଜାତୀୟ ଶିଶୁରୋଗ ବିଶେଷଜ୍ଞ ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ 'ସାମଗ୍ରିକ ନବଜାତକ ଯତ୍ନ' ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀ ଦୁଇଦିନ ଧରି ଚାଲିବ।

## ରକ୍ତଛିଟା ପଡ଼ିବାରୁ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ କରାଯାଇଛି। ସକାଳଧୂପ ଶେଷ ହୋଇ ଭିତର କାଠ ନିକଟରେ ଦର୍ଶନ ଚାଲୁଥିବା ସମୟରେ ଧ୍ୱଜକୁଡ଼ି ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ନଜରକୁ ଆସିଥିଲା। ଫଳରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୁଆ ହୋଇ ଚୂନପାଣି ପଡ଼ିଥିଲା। ମହାପ୍ରଭୁଙ୍କ ମହାସ୍ନାନ ନୀତି ୧୨ଟା ୫୦ରେ ସମ୍ପନ୍ନ ହୋଇଥିଲା। ଏଥିପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବିତ ହୋଇଥିଲା। ମହାସ୍ନାନ ନୀତି ପରେ ଦର୍ଶନ ପୁନଃ ଆରମ୍ଭ ହୋଇଥିଲା।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ସମ୍ପନ୍ନ



ଶ୍ରୀଜୀଉଙ୍କ କୃଷ୍ଣ ଓ ବଳରାମ ବେଶ।

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ରତ୍ନସିଂହାସନରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ରୂପରେ ଏବଂ ବଡ଼ଠାକୁର ବଳଭଦ୍ର ବଳରାମ ଏବଂ ଦେବୀ ସୁଭଦ୍ରା ଭଗିନୀ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଉକ୍ତ ବେଶରେ ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ହସ୍ତରେ ସୋଲ ନିର୍ମିତ ପଦ୍ମଧାରଣ କରିଥିବା ବେଳେ ବଡ଼ଠାକୁର ଡାହାଣ ଭୁଜରେ ସିଙ୍ଗା ଏବଂ ବାମ ଭୁଜରେ ସୋଲରେ ନିର୍ମିତ ପଦ୍ମଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଓ ବଳରାମ ପଦକୁ ପଦ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥିଲେ। ଦେବୀ ସୁଭଦ୍ରା ଏକ ଛୋଟ ଖଟୁଲି ଉପରେ ପଦ୍ମାସନରେ ଚତୁର୍ଭୁଜ ହୋଇ ଉପବେଶନ ରହିଥିଲେ। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଦେବୀ ସୁଭଦ୍ରା ଚାରିଭୁଜ ଧାରଣ କରନ୍ତି। ତଳ ଦୁଇ ଭୁଜରେ ଅଭୟ ଓ ବରଦାନ ମୁଦ୍ରା ରହିଥିବା ବେଳେ ଉପର ଦୁଇଭୁଜରେ ପାଶ ଓ ଅଙ୍କୁଶ ଧାରଣ କରିଥିଲେ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଡ଼ଠାକୁର ଚୂଳ ଧାରଣ କରିଥିଲେ। ସୋଲ ନିର୍ମିତ କଦମ୍ବଫୁଲ, ମଲ୍ଲି କଢ଼ି ପ୍ରଭୃତି ଖଞ୍ଜାଯାଇଥିଲା। ତିନିଠାକୁର ସୋଲ ନିର୍ମିତ କିରୀଟ ପରିଧାନ କରିଥିଲେ। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠ ନିର୍ମିତ ଚାରୋଟି ଗାଈ ବାଛୁରୀ ସମେତ ନନ୍ଦ, ଉପନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ, ଗୋପାଳ ପ୍ରଭୃତି ରହିଥିଲେ। ଏହି ବେଶ ଦେଖିଲେ ଗୋପୀ ଗୋପାଳଙ୍କ ସହିତ କୃଷ୍ଣ ବଳରାମ ବୃନ୍ଦାବନରେ ଲୀଳା କରୁଥିଲା ଭଳି ପ୍ରତୀୟମାନ ହୁଏ। ଏହି ବେଶରେ ମହାପ୍ରଭୁଙ୍କୁ ଖୀରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥିଲା। ଏହି ବେଶ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଖଣ୍ଡସାହିର ଜମିଦାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କଥା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରୁ ଜଣାଯାଏ। ରତ୍ନସିଂହାସନସ୍ଥ ଶ୍ରୀବିଗ୍ରହମାନଙ୍କର କୃଷ୍ଣ ବଳରାମ ବେଶ ଏକ ଆକର୍ଷଣୀୟ ତଥା ମନୋରମ ବେଶ। ୧୯୪୭ ମସିହା ପରେ ଗିରିଗୋବର୍ଦ୍ଧନ ବେଶ ପରିବର୍ତ୍ତେ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହେଉଥିବା ସୂଚନା ମିଳେ।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ମହିଳାଙ୍କ ମୃତଦେହ ଜବତ

**ମହିଳାଙ୍କ ପରିଚୟ ଓ ସନ୍ଦିଗ୍ଧ ଯୁବକଙ୍କୁ ଖୋଜୁଛି ପୋଲିସ**

ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଭରତପୁର ଥାନା ପୋଲିସ ଜଣେ ମହିଳାଙ୍କ ମୃତଦେହ ଶୁକ୍ରବାର ରାତିରେ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ଜଣାପଡି ନ ଥିବା ବେଳେ ଗଞ୍ଜାମ ସୋରଡା ଅଞ୍ଚଳର ବୋଲି ଶୁଣିବାକୁ ମିଳୁଛି। ତାଙ୍କର ମୃତ୍ୟୁ କେମିତି ହେଲା ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ତେବେ ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଅନ୍ୟପଟେ ମହିଳାଙ୍କ ସହ ଜଣେ ଯୁବକ ଥିବା ଚର୍ଚ୍ଚା ହେବା ପରେ ପୋଲିସ ବସ୍‌ଷ୍ଟାଣ୍ଡରେ ଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇଛି। ମିଳିଥିବା ସୂଚନା ମୁତାବକ, ମହିଳା ଜଣକ ଗଞ୍ଜାମ ଜିଲା ସୋରଡା ଅଞ୍ଚଳକୁ ଯିବା ପାଇଁ ଶୁକ୍ରବାର ରାତି ପାଖାପାଖି ୧୧ଟା ୧୫ରେ ଟିକେଟ କରି ବରମୁଣ୍ଡା ଷ୍ଟାଣ୍ଡରେ ବସିଥିଲେ। ହେଲେ ଏହାର କିଛି ସମୟ ପରେ ଟିକେଟ କାଉଣ୍ଟର ପାଖ ବିଶ୍ରାମସ୍ଥଳରୁ ତାଙ୍କ ମୃତଦେହ ମିଳିଥିଲା। ଏହାପରେ ସେଠାରେ ଥିବା ଯାତ୍ରୀ ପୋଲିସକୁ ଖବର ଦେବାରୁ ଘଟଣା ଜଣାପଡିଥିଲା।

## ବିଲରୁ ୨ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମଗିରି,୩୧।୮ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅଧୀନ ବାଲିହରଚଣ୍ଡୀ କଠୁଆରେଡି ରାସ୍ତାର ମାଲାସହ ଶଙ୍ଖ ନିକଟସ୍ଥ ଧାନବିଲରୁ ଶନିବାର ସକାଳୁ ବ୍ରହ୍ମଗିରି ପୋଲିସ ୨ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଦ୍ୱୟ ପୁରୀ ଖଡ଼ିପଦା ଅଞ୍ଚଳର ଗଗନ ମଲ୍ଲିକ ଓ ବବୁଲ ମଲ୍ଲିକ। ମୃତଦେହ ନିକଟରୁ ଗୋଟିଏ ବାଇକ୍ ମିଳିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୁରୀ ଅଞ୍ଚଳର କେତେଜଣ ଯୁବକ ବାଲିହରଚଣ୍ଡୀରେ ଭୋଜି କରି ଫେରିଥିଲେ। ସେମାନଙ୍କ ସହ ୨ ମୃତ ଯୁବକ ସାମିଲ ଥିବା ଜଣାପଡ଼ିଛି। ଭୋଜି ସାରି ଫେରୁଥିବା ସମୟରେ ଏମାନେ ଭାରସାମ୍ୟ ହରାଇବାରୁ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ବିଲ ମଧ୍ୟକୁ ଖସି ପଡ଼ିଥିଲା। ରାତି ଯୋଗୁ ଏହି ଦୁର୍ଘଟଣା ସମ୍ପର୍କରେ କେହି ଜାଣିପାରି ନ ଥିଲେ। ସକାଳୁ ସ୍ଥାନୀୟ ଲୋକେ ବିଲରେ ମୃତ ଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବ୍ରହ୍ମଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଦୁର୍ଘଟଣା ଯୋଗୁ ଏମାନଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଥିବା ପୋଲିସ କହିଛି।

## ଡେଲାଙ୍ଗରେ ବାର୍ଡ ଫ୍ଲୁ ଚିହ୍ନଟ

**୬୪ ଫାର୍ମରୁ ମରାଯିବ କୁକୁଡ଼ା**

ଡେଲାଙ୍ଗ,୩୧।୮ (ରଶ୍ମିରଞ୍ଜନ ପ୍ରଧାନ)

ପିପିଲି ଓ ସତ୍ୟବାଦୀ ପରେ ଏବେ ଡେଲାଙ୍ଗରେ ଅଞ୍ଚଳରେ କୁକୁଡ଼ାଙ୍କଠାରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ବ୍ଲକର କେତେକ କୁକୁଡ଼ା ଫାର୍ମରୁ କୁକୁଡ଼ାଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା। ଗଡ଼ ମୋଟରୀସ୍ଥିତ ସୁମିତ୍ରା ସାମନ୍ତରାୟଙ୍କ ଫାର୍ମରୁ ପଜେଟିଭ୍ ଆସିଥିବା ପ୍ରାଣୀ ଚିକିତ୍ସକ ସୋମନାଥ ଦାଶ ସୂଚନା ଦେଇଛନ୍ତି। ସଂକ୍ରମିତ ଅଞ୍ଚଳଠାରୁ ପ୍ରାୟାତଃ ୧ କି.ମି. ପର୍ଯ୍ୟନ୍ତ ସ୍ଥାନରେ କୁକୁଡ଼ା, ବତକ ଆଦିକୁ ମରାଯାଇ ମାଟି ତଳେ ପୋତାଯିବ। ଏହି ଫାର୍ମକୁ ବିଶୋଧନ ପାଇଁ ରାପିଡ୍ ରେସପନ୍ସର ୪୦ ଜଣିଆ ସଦସ୍ୟ ବିଶିଷ୍ଟ ଟିମ୍ ଡେଲାଙ୍ଗରେ ପହଞ୍ଚିଛନ୍ତି। ରବିବାର ୬୪ଟି ଫାର୍ମରୁ କୁକୁଡ଼ା ମରାଯାଇ ବିଶୋଧନ କରାଯିବ ବୋଲି ଦାଶ କହିଛନ୍ତି।

# ୫ରୁ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ

ଭୁବନେଶ୍ୱର,୩୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)




ଖବରଦାତା ସମ୍ମିଳନୀରେ ଉତ୍ସବ ସମ୍ପର୍କରେ ଗୁରୁ ରତିକାନ୍ତ ମହାପାତ୍ର ସୂଚନା ଦେଉଛନ୍ତି।

**୪ ଶିଳ୍ପୀଙ୍କୁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ**

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସା ପକ୍ଷରୁ ବାର୍ଷିକ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୨୪ ଆସନ୍ତା ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୁରୁ ରତିକାନ୍ତ ମହାପାତ୍ର କହିଛନ୍ତି, ଚଳିତ ବର୍ଷ ଭାରତ ଓ ବିଶେଷ କରି ଓଡ଼ିଶାର ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ କ୍ଷେତ୍ରର ୪ ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ନୃତ୍ୟରେ କୁମ୍‌କୁମ୍ ଲାଲ୍, ସଙ୍ଗୀତରେ ଲକ୍ଷ୍ମୀକାନ୍ତ ପାଲିତ୍, ବାଦନରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ସିନେମା କ୍ଷେତ୍ରରେ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ୨୦୨୪ରେ ସମ୍ମାନିତ କରାଯିବା ସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥିସହ ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୪ ଜଣ ଅସାଧାରଣ ପ୍ରତିଭାବାନ କଳାକାରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୪ ପ୍ରଦାନ କରାଯିବ। ଓଡ଼ିଶୀ ନୃତ୍ୟ ପାଇଁ ପମ୍ପି ପାଲ୍ ଓ ରାଜନୀତା ମେହେର, କୁଚିପୁଡି ନୃତ୍ୟ ପାଇଁ ଅଭିଜିତ୍ ଦାସ ଏବଂ ଓଡ଼ିଶୀ ସଙ୍ଗୀତ (ମର୍ଦ୍ଦଳ) ପାଇଁ ରୋହିତା ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ପ୍ରତିବର୍ଷ ୫ ଦିନ ପାଇଁ ହେଉଥିବା ଏହି ମହୋତ୍ସବକୁ ଚଳିତ ବର୍ଷ ୭ଦିନ ପାଳନ ହେବ।

ପ୍ରଖ୍ୟାତ ଗାୟକ ଚନ୍ଦନ ଦାସଙ୍କ ଦ୍ୱାରା ଗଜଲ ଗାୟନ ସହିତ ଉଦ୍‌ଘାଟନୀ ସନ୍ଧ୍ୟା ଆରମ୍ଭ ହେବ। ଅନ୍ତିମ ସନ୍ଧ୍ୟା ସମ୍ମାନଜନକ ପୁରସ୍କାର ବିତରଣ ସମାରୋହରୁ ଆରମ୍ଭ ହେବ ଏବଂ ପରେ ରତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ସୃଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଉପସ୍ଥାପନ କରାଯିବ। ସମ୍ମିଳନୀରେ ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଉତ୍ସବର ମିଡିଆ ପାର୍ଟନର ଅଛନ୍ତି ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନୁ



@ ରୋମି



@ ପ୍ରଶାନ୍ତ



@ ଆର୍ଯ୍ୟବୀର



@ ବିଜୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହେୟାର ଷ୍ଟାଇଲିଷ୍ଟ ସଞ୍ଜୀବଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ

ବାରଙ୍ଗ,୩୧।୮ (ଲିଙ୍ଗରାଜ ରାଉତ)

ସେଲିବ୍ରିଟି ହେୟାର ଷ୍ଟାଇଲିଷ୍ଟ ସଞ୍ଜୀବ ବାରିକଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ସାଇସଙ୍ଗୀତା ଗୁରୁତର ଅଭିଯୋଗ ଆଣିଛନ୍ତି। ସ୍ୱାମୀଙ୍କ ପରକୀୟାପ୍ରୀତିକୁ ନେଇ ସେ ମୁହଁ ଖୋଲିଛନ୍ତି। ଏଥିପାଇଁ ସଞ୍ଜୀବ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଶନିବାର ନନ୍ଦନକାନନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୩୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସାଇସଙ୍ଗୀତାଙ୍କ ଅଭିଯୋଗ ଅନୁଯାୟୀ, ସେ ସଞ୍ଜୀବଙ୍କୁ ୨୦୧୫ ମସିହାରେ ବୈଦିକ ରୀତିନୀତିରେ ପ୍ରେମ ବିବାହ କରି ବାରଙ୍ଗ ଅଞ୍ଚଳର ରାନୀ ରେସିଡେନ୍ସିରେ ରହୁଥିଲେ। ଗତ ୩ ମାସ ତଳେ ସ୍ୱାମୀ ସଞ୍ଜୀବଙ୍କ ପ୍ରତି ତାଙ୍କର ସନ୍ଦେହ ହୋଇଥିଲା। ସଞ୍ଜୀବ ଜଣେ ବିବାହିତା ମହିଳାଙ୍କ ସହ ଭିଡିଓ କଲ୍ କରିବା ଓ ବହୁ ସମୟ ଧରି କଥା ହେଉଥିଲେ ମଧ୍ୟ ଏନେଇ ସ୍ତ୍ରୀ ସାଇସଙ୍ଗୀତାଙ୍କୁ ଲୁଚାଇଥିଲେ। ଏଥିସହ ସଞ୍ଜୀବ ସାଇସଙ୍ଗୀତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ମାଡ଼ ମାରିବା ଆରମ୍ଭ କରିଦେଇଥିଲେ। ଗତ ୨୫ ତାରିଖରେ ସଞ୍ଜୀବଙ୍କର ଏହି ପରକୀୟା ପ୍ରୀତିକୁ ଧରିବା ପରେ ସାଇସଙ୍ଗୀତାଙ୍କୁ ମାରଧର କରିଥିଲେ। ଏହି ବିଷୟରେ ସାଇସଙ୍ଗୀତା ପରିବାର ଲୋକଙ୍କୁ ଜଣାଇବା ପରେ ଘଟଣାର ସମାଧାନ ପାଇଁ ପରିବାର ପକ୍ଷରୁ ତାଙ୍କୁ କୁହାଯାଇଥିଲା। ସଞ୍ଜୀବ ପରିବାର ଲୋକଙ୍କୁ ଖରାପ ବ୍ୟବହାର କରିଥିଲେ। ସ୍ୱାମୀଙ୍କ ଆଚରଣରେ କୌଣସି ପରିବର୍ତ୍ତନ ନ ହେବାରୁ ବାଧ ହୋଇ ସେ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି।


ଫଟୋ: ରଏଟର୍ସ
ଗାଜାରେ ଇସ୍ରାଏଲ୍‌ର ୩ ଦିନିଆ ଅସ୍ତ୍ରବିରତି ବେଳେ ଖାନ୍ ୟୁନିସ୍ ସହରରେ ପୋଲିଓ ଟିକାକରଣ ପାଇଁ ନିଜ ପିଲାକୁ ଧରି ଯାଇଛନ୍ତି ଜଣେ ପାଲେଷ୍ଟନୀୟ ମହିଳା।

# ମଣିପୁର: ଅଲଗା ପ୍ରଶାସନ ଦାବିରେ କୁକି-ଜୋ ସମୁଦାୟର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀ ବୀରେନ୍ ସିଂଙ୍କ ଇସ୍ତଫା ଦାବି

**ଇମ୍ଫାଲ/ନୂଆଦିଲ୍ଲୀ, ୩୧।୮**

ମଣିପୁରର ବିଭିନ୍ନ ଅଞ୍ଚଳରେ ଶନିବାର କୁକି-ଜୋ ସମୁଦାୟ ପକ୍ଷରୁ ଅଲଗା ପ୍ରଶାସନର ଦାବିକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀ ଚୁରାଚାନ୍ଦପୁର ଜିଲାର ଲିସାଙ୍ଗ, କାଙ୍ଗପୋକ୍‌ପି, କିଥେଲ୍‌ମନ୍‌ବୀ, ଟେଙ୍ଗ୍ ନୌପାଲ ଆଦି ଅଞ୍ଚଳରେ ରାଲି ବାହାର କରିଛନ୍ତି। ମୋରେହସ୍ଥିତ ଭାରତ ଓ ମ୍ୟାନ୍‌ମାର ସୀମା ନିକଟରେ ମଧ୍ୟ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନ ଯୋଗୁ ଜିଲାର ସମସ୍ତ ସ୍କୁଲ ଏବଂ ବଜାରଙ୍କୁ ବନ୍ଦ କରାଯାଇଥିଲା। କୁକି-ଜୋ ସମୁଦାୟର ଲୋକଙ୍କ ପାଇଁ କେନ୍ଦ୍ର ଶାସିତ ଅଞ୍ଚଳ ଦାବି ଏବଂ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଭାଇରାଲ ଅଡିଓ କ୍ଲିପ୍ ବିରୋଧରେ ଉକ୍ତ ପ୍ରଦର୍ଶନ କରାଯାଇଛି। ଅନ୍ୟପକ୍ଷରେ, ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ମଧ୍ୟ କୁକି-ଜୋ ସମୁଦାୟର ୫୦୦ ଲୋକ କଳା ପୋଷାକ ପିନ୍ଧି ମଣିପର ମୁଖ୍ୟମନ୍ତ୍ରୀଙ୍କ କଥିତ ଅଡିଓ କ୍ଲିପ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ବୀରେନ୍ ସିଂଙ୍କ ଏକ ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା। ଗତବର୍ଷ ରାଜ୍ୟରେ ଦେଖାଦେଇଥିବା ହିଂସାରେ ତାଙ୍କର ଭୂମିକା ଥିବା ନେଇ ଏହି ଅଡିଓ କ୍ଲିପ୍‌ରେ ବୀରେନ୍ କହୁଥିବା ଦେଖିବାକୁ ମିଳିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଅଡିଓ କ୍ଲିପ୍‌କୁ ଟାମ୍ପରିଂ କରାଯାଇଛି ଓ ରାଜ୍ୟ ପୋଲିସ ଏହି ଘଟଣାର ତଦନ୍ତ କରୁଥିବାନେଇ ମଣିପୁର ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।


କୁକି-ଜୋ ସମୁଦାୟ ପାଇଁ ତତ୍କାଳ କେନ୍ଦ୍ର ଶାସିତ ଅଞ୍ଚଳ ସ୍ଥାପନ ଦାବିରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି। **(ଫଟୋ: ଚମନ ଗୌତମ)**

# ଶେଖ୍ ହାସିନାଙ୍କୁ ଫେରାଇଦିଅ

## ଭାରତ-ବାଂଲାଦେଶ ସମ୍ପର୍କରେ ନୂତନ ଆରମ୍ଭ ପାଇଁ ପ୍ରତ୍ୟର୍ପଣ ଗୁରୁତ୍ୱପୂର୍ଣ୍ଣ: ବିଏନ୍‌ପି

**ଢାକା, ୩୧।୮**

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ଦ୍ୱାରା ଭାରତ ଏବଂ ବାଂଲାଦେଶର ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟିହୋଇ ପାରିବ। ଏନେଇ ଶନିବାର ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି)ର ମହାସଚିବ ମିର୍ଜା ଫଖ୍ରୁଲୁର ଇସ୍‌ଲାମ ଆଲମଗିର ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଭାରତରେ ହାସିନାଙ୍କ ନିରନ୍ତର ଉପସ୍ଥିତି ୨ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ କ୍ଷତି ପହଞ୍ଚାଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଦେଶରେ ସଂରକ୍ଷଣ ବିରୋଧୀ ହିଂସା ସମୟରେ ବାଂଲାଦେଶବାସୀଙ୍କ ମାନସିକତାକୁ ବୁଝିବାରେ ଭାରତ ବିଫଳ ହୋଇଥିଲା। ହାସିନାଙ୍କୁ ଆଶ୍ରୟ ଦେବା କୂଟନୈତିକ ସ୍ତରରେ ଭାରତର ବିଫଳତା ବୋଲି ଆଲମଗିର କହିଛନ୍ତି। ଜନ ଆକ୍ରୋଶ ମଧ୍ୟରେ ହାସିନା ସରକାରଙ୍କ ପତନ ଘଟିଥିବା ସତ୍ତ୍ୱେ ଭାରତ ଏବେ ଯାଏ ବିଏନ୍‌ପି ସହ ଆଲୋଚନା ନ କରି ହାସିନାଙ୍କୁ ଆଶ୍ରୟ ଦେଉଛି। ତେବେ ଉକ୍ତ ପ୍ରସଙ୍ଗରେ ଚାଇନା, ଆମେରିକା, ବ୍ରିଟେନ୍ ଓ ପାକିସ୍ତାନ ବିଏନ୍‌ପି ସହ ଆଲୋଚନା କରିଛନ୍ତି ବୋଲି ଆଲମଗିର କହିଛନ୍ତି।


ଶେଖ ହାସିନା

ତେବେ ବିଏନ୍‌ପି ସର୍ବଦା ଭାରତ ସହ ମଜଭୁତ ସମ୍ପର୍କ ରଖିବାକୁ ଇଚ୍ଛୁକ ବୋଲି ଆଲମଗିର କହିଛନ୍ତି। ହାସିନାଙ୍କୁ ବାଂଲାଦେଶ ପ୍ରତ୍ୟର୍ପଣ ଦ୍ୱାରା ହିଁ ଅତୀତର ମତଭେଦ ଦୂର କରାଯାଇପାରିବ ଏବଂ ୨ ଦେଶ ପରସ୍ପରକୁ ସହଯୋଗ କରିବା ପାଇଁ ଆଗେଇ ଆସିବେ ବୋଲି ସେ କହିଛନ୍ତି। ବାଂଲାଦେଶ ମାଟିରେ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା କୌଣସି ମଧ୍ୟ କାର୍ଯ୍ୟକଳାପକୁ ବିଏନ୍‌ପି ପ୍ରଶ୍ରୟ ଦେବ ନାହିଁ ବୋଲି ସେ କହିଛନ୍ତି।

## ସେପ୍ଟେମ୍ବର ୮ରୁ ରାହୁଲଙ୍କ ଆମେରିକା ଗସ୍ତ

**ନୂଆଦିଲ୍ଲୀ, ୩୧।୮**

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସେପ୍ଟେମ୍ବର ୮ରୁ ୧୦ ଯାଏ ଆମେରିକା ଗସ୍ତରେ ରହିବେ। ଏନେଇ ଶନିବାର ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସର ଅଧ୍ୟକ୍ଷ ସାମ ପିଟ୍ରୋଡା ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୮ରେ ରାହୁଲଙ୍କର ଡଲାସରେ କାର୍ଯ୍ୟକ୍ରମ ଥିବାବେଳେ ୯ ଏବଂ ୧୦ରେ ୱାଶିଂଟନ ଡିସିରେ ରହିଛି। ନିଜ ଆମେରିକା ଗସ୍ତରେ ରାହୁଲ ଟେକ୍ସାସ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷାବିତ୍ ଏବଂ ଭାରତୀୟ ସମୁଦାୟର ଲୋକଙ୍କ ସହ ଆଲୋଚନା କରିବେ।



## କେନ୍ଦ୍ରମନ୍ତ୍ରୀ ଗିରିରାଜଙ୍କୁ ଆକ୍ରମଣ ଉଦ୍ୟମ

**ବେଗୁସରାଇ, ୩୧।୮**

ବିହାରର ବେଗୁସରାଇରେ ଶନିବାର ଅନୁଷ୍ଠିତ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ଜଣେ ବ୍ୟକ୍ତି ମୁଥ ମାରିବାକୁ ଉଦ୍ୟମ କରିଥିଲେ। ରାଜଧାନୀ ପାଟନାଠାରୁ ୧୨୫ କି.ମି. ଦୂର ନିଜ ନିର୍ବାଚନ ମଣ୍ଡଳୀରେ ଗିରିରାଜ ଜନତା ଦରବାର ସମ୍ପୂର୍ଣ୍ଣ କରିବାକୁ ଯାଉଥିବାବେଳେ ଜଣେ ବ୍ୟକ୍ତି ତାଙ୍କ ମାଇକ ଛଡ଼ାଇନେବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ସେଠାରେ ଉପସ୍ଥିତ ଦଳୀୟ କର୍ମୀ ଓ ସୁରକ୍ଷା କର୍ମୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସୁରକ୍ଷା ଦେଇଥିଲେ। ଏଭଳି ଆକ୍ରମଣକୁ ସେ ଭୟ କରନ୍ତି ନାହିଁ ବୋଲି ଗିରିରାଜ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

## ସେପ୍ଟେମ୍ବରରେ ଅଧିକ ବର୍ଷା

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ଅଧିକ ମୌସୁମୀ ବର୍ଷା ହୋଇଥିଲାବେଳେ ସେପ୍ଟେମ୍ବରରେ ମଧ୍ୟ ଅନୁରୂପ ବୃଷ୍ଟିପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଉତ୍ତରପଶ୍ଚିମ ଭାରତ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଅନୁମାନ କରାଯାଇଛି। ସେପ୍ଟେମ୍ବରରେ ୧୦୯ ପ୍ରତିଶତ ବୃଷ୍ଟିପାତ ହେବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

## ସାମାଜିକ ନିନ୍ଦା ଭୟ: ନବଜାତ ଶିଶୁକନ୍ୟାକୁ ହତ୍ୟାକଲେ ମା'

**ନୂଆଦିଲ୍ଲୀ, ୩୧।୮**

ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଜଣେ ୨୮ ବର୍ଷୀୟା ମହିଳା ତାଙ୍କର ଚତୁର୍ଥ ନବଜାତ ଶିଶୁକନ୍ୟାକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ସାମାଜିକ କଳଙ୍କ ଭୟରେ ସେ ଏଭଳି କାର୍ଯ୍ୟ କରିଥିବା କହିଛନ୍ତି। ଶିବାନୀ ନାମ୍ନୀ ମହିଳାଙ୍କୁ ପୋଲିସ ଗିରଫ କରିଛି। ତାଙ୍କର ପୂର୍ବରୁ ୨ ସନ୍ତାନ ରୋଗରେ ପ୍ରାଣ ହରାଇଥିଲେ। ତେବେ ବାରମ୍ବାର ଝିଅ ଜନ୍ମ କରୁଥିବାରୁ ସମାଜରେ ତାଙ୍କୁ ନିନ୍ଦା କରାଯାଉଥିଲା। ଏହି ନିନ୍ଦା ଭୟରେ ସେ ୬ ଦିନର ନବଜାତକଙ୍କୁ ଏକ ବ୍ୟାଗ୍‌ରେ ପୂରାଇ ପାଖ ବିଲ୍ଡିଂର ଛାତ ଉପରକୁ ଫିଙ୍ଗିଦେଇଥିଲେ।

# ଲାଓସ୍‌ର ସାଇବର ସ୍କାମ୍ ସେଣ୍ଟରରୁ ୪୭ ଭାରତୀୟ ଉଦ୍ଧାର



**ନୂଆଦିଲ୍ଲୀ, ୩୧।୮**

ନିଜ ଇଚ୍ଛା ବିରୋଧରେ ଲାଓସ୍‌ର ସାଇବର ସ୍କାମ୍ ସେଣ୍ଟରରେ ଅଟକ ରହିଥିବା ୪୭ ଭାରତୀୟଙ୍କୁ ଶନିବାର ଉଦ୍ଧାର କରାଯାଇଛି। ଲାଓସ୍ ଏବଂ କାମ୍ବୋଡିଆରୁ ନିଯୁକ୍ତି ପ୍ରସ୍ତାବ ଗ୍ରହଣ ନ କରିବାକୁ କେନ୍ଦ୍ର ସରକାର ନାଗରିକମାନଙ୍କୁ ସତର୍କ କରାଇଛନ୍ତି। ସେଠାର ଜାଲିଆତି ସଂସ୍ଥାଗୁଡ଼ିକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଦେଶରୁ ଲୋକମାନଙ୍କୁ ଆକୃଷ୍ଟ କରିଥାନ୍ତି। ଏହା ପରେ ସେମାନଙ୍କୁ ସାଇବର ସ୍ଲେଭ୍ ଭାବେ ରଖି ଡେଟିଂ ଆପ୍ ଦୁର୍ନୀତି ଚଳାଇବାକୁ ବାଧ କରିଥାନ୍ତି। ଭାରତୀୟ ମିଶନ ଉକ୍ତ ଦେଶରୁ ବର୍ତ୍ତମାନ ସୁଦ୍ଧା ୬୩୫ ଭାରତୀୟଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ଫେରାଇ ଆଣିଛି। ଶନିବାର ଲାଓସ୍‌ର ବୋକେଓ ପ୍ରଦେଶ ଅନ୍ତର୍ଗତ ଗୋଲ୍ଡେନ୍ ଟ୍ରାଙ୍ଗଲ୍ ସ୍ପେଶାଲ ଇକୋନୋମିକ୍ ଜୋନ୍‌ରେ ଥିବା ଏକ ସାଇବର ସ୍କାମ୍ ସେଣ୍ଟରରୁ ୪୭ ଜଣଙ୍କୁ ଉଦ୍ଧାର କରିଥିବା ଭାରତୀୟ ଦୂତାବାସ କହିଛି।


**Government of Odisha "e" Procurement Notice**
**WORKS DEPARTMENT** B-210
**Bid Indentification No. CCEKC-10/2024-25**
e-mail: ccekeonjharpwdcircle@gmail.com/ sekcpwd_keonjhar@yahoo.com
Letter No.3925 dt.30.08.2024

| | | |
|---|---|---|
| 1 | Name of the work | Construction of 8 Nos. F type Qtr. (G Plus 2) for the Staffs of Sundargarh (R and B) Division for the year 2024-25 |
| 2 | Estimated cost | Rs.195.36 Lakhs |
| 3 | Class of contractor | 'B' Class & 'A' Class |
| 4 | Period of completion | 09 (Nine) calendar months |
| 5 | Date and time of availability of bid document in the portal | From 11.00 hours of 09.09.2024 to 16.00 hours of 23.09.2024 |
| 6 | Last date / time for receipt of bids in the portal | 16.00 hours of 23.09.2024 |
| 7 | Date of opening of bid from portal | 11.30 hours on 24.09.2024 |
| 8 | Name and address of the officer inviting bid | Chief Construction Engineer, Keonjhar (R&B) Circle, Keonjhar- 758001 |

Further details can be seen from the e-procurement portal "http://tendersodisha.gov.in".
**Sd./- Chief Construction Engineer, Keonjhar (R&B) Circle, Keonjhar**
OIPR-34033/11/0025/2425

**OFFICE OF THE PROJECT ADMINISTRATOR,**
**INTEGRATED TRIBAL DEVELOPMENT AGENCY, BARIPADA, MAYURBHANJ**
(Phone / Fax No. (06792)-260250, email - itdabpd@nic.in )
**SHORT TENDER CALL NOTICE**
No: 4579/ITDA/ Baripada Dated: 28.08.24
No. CAD-1008:- Sealed quotations in letter pad are invited from the individuals / intending registered authorized educational institution for provider of **Faculties as expert in coaching for IIT/JE/NIT for 100 student's** batch for one year without accommodation of boarding and food opening at Higher Secondary School at Bankati, Bangriposi under ITDA, Baripada. The bidder may download the detailed terms & conditions and list of documents to be obtained from our district website https://mayurbhanj.odisha.gov.in. The Short Tender Call Notice will be received either through the Courier / Speed / Registered Post only on or before dt.04.09.2024 up to 2.00 P.M. and the same will be opened on dt.04.09.2024 at 4.00 P.M. in presence of the bidder or their authorized agents. The quotation has to be sent to the under signed in sealed cover.
**Sd./- Project Administrator, ITDA, Baripada**
OIPR-19148/11/0002/2425

**GOVERNMENT COLLEGE OF ENGINEERING, KEONJHAR**
**ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର**
(An Affiliated College of BPUT, Odisha)
At : Jamunalia, P.O.: Old Town, Dist., Keonjhar, Pin : 758002 (Odisha)
web : www.gcekjr.ac.in / Mail id : principal@gcekjr.ac.in
No. 1495 Date : 31.08.2024
**NOTICE FOR REPORTING OF CANDIDATES FOR ADMISSION INTO 1ST YEAR B.TECH FOR THE ACADEMIC SESSION 2024-25**
No.KK-152 : The candidates allotted by OJEE-2024 for admission in this college for 1st year B.Tech in the academic session 2024-25 are required to report to the college for admission as per following schedule. The details on date of reporting, documents to be submitted, fee to be deposited, fee structure, etc. are available on the college website www.gcekjr.ac.in.
**Reporting date**
04.09.2024 : Mining Engg., Electrical Engg., Mechanical Engg.
05.09.2024 : Civil Engg., Comp. Sc. & Engg., Mineral Engg., Metallurgical & Materials Engg.
**Sd./- Principal**
**Government College of Engineering**
**Keonjhar**
OIPR-14088/11/0001/2425

**INVITATION FOR SUBMISSION OF EXPRESSION OF INTEREST (EoI) for** KK-154
**Empanelment of Training Partner for NUA Odisha Scheme**
DSDE invites applications for Empanelment of Training Partners for the NUA Odisha Scheme (State Proposals). The detailed terms and conditions, scope of work, eligibility criteria etc. can be downloaded from the website: https://skillodisha.gov.in/tender.
Applicants can apply at the given link between 1st to 7th of every month: https://skillodisha.gov.in/become-a-partner/Proposal
The hard copy of the applications duly filled in and complete in all respect should reach the below given address through Registered Post/Speed Post/ Courier by 15th of every month.DSDE reserves the right to accept or reject any or all the offers without assigning any reason thereof.
For any queries related to empanelment, email us at rfp.osda@gmail.com

| | |
|---|---|
| **Applications are accepted year-round and will be screened in phased manner** | **Submissions can be made between the 1st to 15th of each month** |

**Sd./-**
**Director of Skill Development & Employment cum CEO, OSDA**
**Directorate of Skill Development -cum Employment**
3rd Floor, Niyojana Bhawan, Sriya Square, Kharvela Nagar, Bhubaneswar, Odisha – 751001
Website: https://skillodisha.gov.in/ and Email address: rfp.osda@gmail.com
OIPR-44023/11/0006/2425

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar - 751001, Visit us at: http://www.bda.gov.in
No. CAD-1003
Bid Identification No. 1127
**INVITATIONS FOR BIDS (IFB)**
Dated: 30.08.2024
1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System through ONLINE MODE only conforming to the Detailed Tender Call Notice (DTCN) from Electrical Contractors having valid **MV and above** licence registered under Government of Odisha, having PAN and valid EPF & ESI registration No., GST Certificate etc. for the item of works as indicated in the table below:

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper (In Rs.) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Supply, Installation, Testing and Commissioning of 82.5 KVA DG set for TP Office at Commercial Complex, K-7, Kalinga Nagar, Bhubaneswar | 17,42,915.00 | 1% of the estimated cost put to tender (Through online transfer by the last date & time for receipt of bids) | 6000/- + GST @ 18% (Through online transfer by the last date & time for receipt of bids) | 30 (Thirty) Days |
| 2. | Illumination of the parking area near Kalyan Mandap at K-7, Bhubaneswar | 7,51,962.00 | 1% of the estimated cost put to tender (Through online transfer by the last date & time for receipt of bids) | 4000/- + GST @ 18% (Through online transfer by the last date & time for receipt of bids) | 07 (Seven) Days |
| 3. | Illumination of Buddha Jayanti Park Parking area, Bhubaneswar | 21,45,149.00 | 1% of the estimated cost put to tender (Through online transfer by the last date & time for receipt of bids) | 6000/- + GST @ 18% (Through online transfer by the last date & time for receipt of bids) | 21 (Twenty One) Days |

2. The Bid documents will be available in the website: **https://tendersodisha.gov.in** from **03.09.2024 to 12.09.2024 upto 17.00 hours.**
3. Bids shall be received only **"On line"** on or before 12.09.2024 up to 17.00 Hours. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel/reject any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

**OIPR-13033/11/0129/2425** **Sd./- Executive Engineer, Division-IV, BDA**

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର**
**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, SONEPUR**
Pin-767017, Ph.: 06654-220259(Off), Email : eerwssdivsnpr@gmail.com
**GOVERNMENT OF ODISHA "e" PROCUREMENT NOTICE**
**Bid Identification No. 01 of 2024-25 Dt.29.08.2024**
No.O-234 : The Superintending Engineer, RWSS Division, Sonepur on behalf of the Governor of Odisha invites Percentage Rate Bids through e-procurement in double cover system according to norm of e-procurement system in on-line mode for the work "Shifting & laying of Pipeline from Chainage 0/00 Km to 6/70 km due to widening & strengthening of MDR-39 Road in Sonepur Block under Subarnapur District".
1. Nature of Work : Shifting & laying of Pipeline from Chainage 0/00 km to 6/70 Km due to widening & strengthening of MDR-39 Road in Sonepur Block under Subarnapur District.
2. Total No. of Work : 01 No. 3. Tender Paper Cost : Rs.10000/- 4. Value of Work : Rs.75.26 Lakhs
5. Class of Contractor : "B"
6. Period of Completion : 180 days (Refer DTCN available in the Website www.tendersodisha.gov.in)

| Procurement Officer -Publisher | Bid Identification No. | Date and time of availability of document in the portal: From | To | Last Date & Time of Seeking Clarification on Tender / Bid | Date & Time of Opening of Tender: Technical Bid | Financial Bid |
|---|---|---|---|---|---|---|
| Superintending Engineer, RWS&S Division, Sonepur | Notification No 01 of 2024-25 | Dt. 03.09.2024 @ 11.00 AM | Dt. 17.09.2024 up to 5 PM | Dt. 06.09.2024 up to 5.00 PM | 19.09.2024 @ 11.30 AM | To be announced after technical bid evaluation |

OIPR-25037/11/0001/2425 Sd./-(Er. Tapan Kumar Pradhan), Superintending Engineer, RWS&S Division, Sonepur

**Bhubaneswar Municipal Corporation**
Phone: 0674-2431253; Fax: 0674-2432895;
E-mail: info@bmc.gov.in; Web: bmc.gov.in
XXXXX-II-SBAC-123/24
No. ୩୫୭୪୫ Dated. ୩୦।୦୮।୨୪
**ନୋଟିସ**
No. c-531:- ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ କୁକୁଡ଼ା ମାଂସ ଦୋକାନୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମିତ ହେଉଥିବାର ନଜରକୁ ଆସିଛି । ତେଣୁ ସମସ୍ତ କୁକୁଡ଼ା ମାଂସ ଦୋକାନୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ଉକ୍ତ ଅଞ୍ଚଳରୁ କୁକୁଡ଼ା କ୍ରୟ କରିବେ ନାହିଁ, ଯଦ୍ୱାରା ଏହି ରୋଗ ସଂକ୍ରମିତ ହେବାର ସମ୍ଭାବନା ରହିଅଛି ।
ଏତଦ୍ ବ୍ୟତୀତ ସଂପ୍ରତି ଯେଉଁ କୁକୁଡ଼ା ବା ପକ୍ଷୀ ଅସ୍ୱାଭାବିକ ଭାବେ ଅସୁସ୍ଥ ହୋଇପଡ୍ଡୁଥିଲେ କିମ୍ବା ମୃତ୍ୟୁ ହେଉଥିଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ର କିମ୍ବା ୱାର୍ଡ ଅଫିସରେ ଜଣାନ୍ତୁ ଏବଂ ତାହାକୁ ଏଣେତେଣେ ନ ଫିଙ୍ଗି ନିର୍ଦ୍ଦିଷ୍ଟ ସ୍ଥାନରେ ପୋତିଦେବା ସହ ତା' ଉପରେ ବ୍ଲିଚିଂ ସିଞ୍ଚନ କରନ୍ତୁ । ଏହି କାର୍ଯ୍ୟ କରିବା ସମୟରେ ମୁହଁରେ ମାସ୍କ ଏବଂ ହାତରେ ଗ୍ଲୋବ୍ସ ପିନ୍ଧନ୍ତୁ ।
ଯଦି ଏହି କୁକୁଡ଼ା ସଂସ୍ପର୍ଶରେ ଆସି କୌଣସି ବ୍ୟକ୍ତି ବା ଶିଶୁଙ୍କର ଜ୍ୱର, ଛିଙ୍କ, କାଶ ଲାଗି ରୁହେ, ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରାନ୍ତୁ ।
ବିଏମ୍‌ସି ଅଧିକାରୀ/ସାଇନ୍ ଟିମ୍ ପରିଦର୍ଶନରେ ଯିବା ସମୟରେ ସଠିକ୍ ତଥ୍ୟ ପ୍ରଦାନ କରନ୍ତୁ ଏବଂ ଭୁବନେଶ୍ୱରକୁ ବାର୍ଡ ଫ୍ଲୁ ମୁକ୍ତ କରିବାରେ ସକ୍ରିୟ ସହଯୋଗ କରିବା ପାଇଁ ନିବେଦନ ।
**ସ୍ୱା./- (ଶ୍ରୀ ରାଜେଶ ପ୍ରଭାକର ପାଟିଲ)**
**କମିଶନର**
**ଭୁବନେଶ୍ୱର ମହାନଗର ନିଗମ**
OIPR-13002/11/0065/2425
Bhubaneswar Municipal Corporation, BMC-ICOMC Tower, Unit-IX, Bhubaneswar-751022, Odisha, India

**ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ**

**ଛେଣ୍ଡିପଦା, (ଅଜିତ କୁମାର ଧଳ):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବାଲିପଟା ଗ୍ରାମ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ ଓ ସରପଞ୍ଚଙ୍କ ମନମୁଖି କାର୍ଯ୍ୟକୁ ନେଇ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ଶନିବାର ଅନୁଗୋଳ ଉପଜିଲାପାଳଙ୍କ ପାଖରେ ଅନାସ୍ଥାପ୍ରସ୍ତାବ ଆଣିଛନ୍ତି। ଦୀର୍ଘଦିନ ହେଲା ସରପଞ୍ଚ ୱାର୍ଡର ସଭ୍ୟାସଭ୍ୟ ଓ ନାଏବ ସରପଞ୍ଚଙ୍କୁ ନ ଜଣାଇ ପଞ୍ଚାୟତର ସମସ୍ତ କାର୍ଯ୍ୟ ନିଜେ କରୁଥିବା ଅଭିଯୋଗ କରିଛନ୍ତି।

# ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବେଳେ ଶକ୍ତି ପ୍ରଦର୍ଶନ ରାଜନୀତି

- ଶ୍ରେୟର ପାତ୍ର ନବୀନ ପଟ୍ଟନାୟକ: ଦେବାଶିଷ
- ଭାଇଚାରାର ସହରରେ ବିବାଦ ସୃଷ୍ଟି ନ ହେଉ: ଧର୍ମେନ୍ଦ୍ର
- ନାରାବାଜି ଶୋଭନୀୟ ନୁହେଁ: ସୋଫିଆ

**କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)**

ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ଓ ସିଡିଏର ମିଳିତ ଆନୁକୂଲ୍ୟରେ ଶନିବାର କଟକରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏସବୁ ଉଦ୍‌ଘାଟନ କରିଥିଲେ। ଧର୍ମେନ୍ଦ୍ର କଟକରେ ପହଞ୍ଚିବା ପରେ ଭାଜପା କର୍ମୀ ତାଙ୍କୁ ପାଛୋଟି ନେଇଥିଲେ। ପ୍ରଥମେ ଖାନ୍‌ନଗରଠାରେ ଗ୍ୟାସ୍ କ୍ରିମେଶନ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ପ୍ରକଳ୍ପ ଉଦ୍‌ଘାଟନ ପରେ ବକ୍ସିବଜାର ଅଭିମୁଖେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପା କର୍ମୀ ଦଳୀୟ ପତାକା ଦେଖାଇ ପାଛୋଟି ନେଉଥିବା ଦୃଶ୍ୟମାନ ହେବା ପରେ ବକ୍ସିବଜାରଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ନିମନ୍ତ୍ରିତ ଅତିଥି ଥିବା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ପହଞ୍ଚିଥିଲେ। ବିଜେଡି ପତାକା ସହ ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇଉଠିଥିଲା ସମ୍ପୃକ୍ତ ଅଞ୍ଚଳ। ଅନ୍ୟପଟେ ସେଠାରେ ଉପସ୍ଥିତ ଭାଜପା କର୍ମୀ ଏଭଳି ଦୃଶ୍ୟ ଦେଖି ଦଳୀୟ ପତାକା ଦେଖାଇ ସ୍ଲୋଗାନ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ମାତ୍ରେ ଉଭୟ ଦଳ କର୍ମୀ ଶକ୍ତି ପ୍ରଦର୍ଶନ କରିବା ବେଳେ ଠେଲାପେଲା ହୋଇଥିଲା। ସ୍ଥିତି ଅସମ୍ଭାଳ ହୋଇପଡିବାରୁ ପୋଲିସକୁ ନୟାନ୍ତ ହେବାକୁ ପଡିଥିଲା। ତେବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜନସାଧାରଣ ଏଭଳି ଦଳୀୟ ଶକ୍ତି ପ୍ରଦର୍ଶନ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବକ୍ସି ଜଗବନ୍ଧୁ କୌଣସି ଦଳର ନୁହନ୍ତି ବରଂ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ। ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଆଳରେ ପ୍ରଶଂସା ସାଉଁଟିବା ପାଇଁ କୌଣସି ଦଳ ଉଦ୍ୟମ ନ କରନ୍ତୁ ବୋଲି ସେମାନେ କହୁଥିବା ଶୁଣିବାକୁ ମିଳିଥିଲା। ଏ ନେଇ ଦେବାଶିଷ କହିଛନ୍ତି, ପ୍ରତିମୂର୍ତ୍ତି ଯିଏ ଉନ୍ମୋଚନ କରନ୍ତୁ ସେଥିରେ କୌଣସି ଅସୁବିଧା ନାହିଁ। କିନ୍ତୁ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବିଜେଡି ସରକାର ଥିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରିଥିଲେ। ସେ ବିଧାୟକ ଥିବା ସମୟରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା ବୋଲି ଦେବାଶିଷ କହିଥିଲେ। ତେଣୁ ଏହି ଶୁଭଦିନରେ ନବୀନଙ୍କୁ ମନେ ନ ପକାଇବା ଲଜ୍ଜାଜନକ। ସାଧାରଣ ଲୋକେ ଜାଣିଛନ୍ତି ଏହି କାର୍ଯ୍ୟ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇଛି ଏବଂ ସମସ୍ତ ଶ୍ରେୟ ତାଙ୍କୁ ଦିଆଯିବା ଦରକାର। ପ୍ରଥମେ ଭାଜପା କର୍ମୀ ଦଳୀୟ ପତାକା ଦେଖାଇଥିବାରୁ ପରେ ବିଜେଡି କର୍ମୀ ଦଳୀୟ ପତାକା ଦେଖାଇଛନ୍ତି। ସିଏମ୍‌ସି ବିଜେଡି ଅଧୀନରେ ରହିଛି। କେବଳ ବିଧାୟକ କଂଗ୍ରେସର ରହିଛନ୍ତି, ଭାଜପାର କୌଣସି ଅସ୍ତିତ୍ୱ ନାହିଁ। ଭାଜପା ଓ ବିଜେଡି କର୍ମୀମାନେ ନିଜ ନେତାଙ୍କୁ ପଡିଆରାରେ ଆଣିଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

ଅପରପକ୍ଷରେ ଧର୍ମେନ୍ଦ୍ର କହିଛନ୍ତି, ଉଭୟ ଦଳର କର୍ମୀ ନିଜ ନିଜ ନେତାଙ୍କୁ ସ୍ୱାଗତ କରିଛନ୍ତି। କଟକ ଭାଇଚାରାର ସହର। ଏସବୁ ନେଇ କେବେ ବିବାଦ ସୃଷ୍ଟି ହେବା ଉଚିତ୍ ନୁହେଁ। ଏଭଳି ଦଳୀୟ ଶକ୍ତି ପ୍ରଦର୍ଶନ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଦଳୀୟ ପତାକାରେ ଶକ୍ତି ପ୍ରଦର୍ଶନ ଓ ନାରାବାଜି ଅଶୋଭନୀୟ। କଟକ ପାଇଁ ଲଢ଼େଇ କରି କାର୍ଯ୍ୟ କରିବା ଦରକାର।



ବକ୍ସିବଜାରସ୍ଥିତ ବକ୍ସି ଜଗବନ୍ଧୁଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ଭାଜପା-ବିଜେଡି କର୍ମୀଙ୍କ ଶକ୍ତି ପ୍ରଦର୍ଶନ।

# ସ୍ୱାୟତ୍ତ ଶାସନ ଉତ୍ସବକୁ ୮ କାଉନସିଲରଙ୍କ ବର୍ଜନ

**ନିମାପଡ଼ା**

**ନିମାପଡ଼ା,୩୧।୮ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ପୁରୀ ଜଲା ନିମାପଡ଼ା ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହେଉଥିବାବେଳେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଅଧ୍ୟକ୍ଷା ସସ୍ମିତା ସାହୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନ୍‌ଏସି କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରିଥିଲେ। ଅଫିସ ପକ୍ଷରୁ ନିମାପଡ଼ାରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷା ସାହୁଙ୍କ ସମର୍ଥିତ କାଉନସିଲର ଧନୁର୍ଦ୍ଧର ଦାସ, ମାଧବ ବେହେରା ଓ ଟିଙ୍କିନା ପଣ୍ଡା ଉପସ୍ଥିତ ଥିଲେ। ତେବେ ନିମାପଡ଼ା ଏନ୍‌ଏସିର ମୋଟ ୧୧ ଜଣ କାଉନସିଲରଙ୍କ ମଧ୍ୟରୁ ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନିରଞ୍ଜନ ନାୟକ, ରାଜକିଶୋର ସାହୁ, କବିତା ପ୍ରଧାନ, ନିବେଦିତା ପଟ୍ଟନାୟକ, ଅନସୂୟା ପାଣି, କବିତା ତରାଇ, ରଞ୍ଜିତା ପାତ୍ର ପ୍ରମୁଖ ଭାଜପା ସମର୍ଥିତ ୮ କାଉନସିଲର ଏହି ଉତ୍ସବକୁ ଖୋଲାଖୋଲି ବର୍ଜନ କରି ଏଥିରେ ଯୋଗଦେଇ ନ ଥିଲେ। ଗତବର୍ଷ ସ୍ୱାୟତ ଶାସନ ଦିବସରେ ଖର୍ଚ୍ଚହାର ୧୦ ଲକ୍ଷ ଟଙ୍କାର ବ୍ୟୟବରାଦ ଅର୍ଥ ଓ ଦଶହରା ପର୍ବରେ ପୌରାଞ୍ଚଳରେ ଉଜ୍ଜ୍ୱଳ ଆଲୋକୀକରଣ ଓ ଭସାଣି ଉତ୍ସବ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟବରାଦର ହିସାବ ଦୀର୍ଘ ବର୍ଷେ ହେଲା କାଉନସିଲରମାନେ ପାଇପାରି ନ ଥିବା ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ୮ କାଉନସିଲର ଉତ୍ସବକୁ ବର୍ଜନ କରିଥିବା କାଉନସିଲର ଦାଶ, ନାୟକ କହିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଚାର୍ଯ୍ୟଙ୍କୁ ପଚାରିବାରେ ସବୁ ହିସାବ ଫାଇଲ ଅଫିସରେ ଅଛି। କାଉନସିଲରମାନେ ଯେତେବେଳେ ଚାହିଁବେ ଉକ୍ତ ହିସାବ ଦେଖିପାରିବେ ବୋଲି କହିଛନ୍ତି। ତେବେ ରାଜନୈତିକ ଅଭିସନ୍ଧିରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ବହୁ ବୁଦ୍ଧିଜୀବୀ, ପୌରବାସୀ, ସଚେତନ ନାଗରିକମାନେ ମତବ୍ୟକ୍ତ କରିଛନ୍ତି।

# ସୁନୀତି ମୁଣ୍ଡ, ନିକୁଞ୍ଜ ପଟ୍ଟନାୟକ ଭାଜପାରୁ ନିଲମ୍ବିତ

**ଭୁବନେଶ୍ୱର,୩୧।୮ (ଅନିଲଦାସ)**

ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଭୁବନେଶ୍ୱର ମହନଗର ନିଗମ (ବିଏମସି)ର ପୂର୍ବତନ ମେୟର ପ୍ରାର୍ଥୀ ସୁନୀତି ମୁଣ୍ଡଙ୍କୁ ଭାଜପାରୁ ନିଲମ୍ବିତ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଭାଜପା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଖୋର୍ଦ୍ଧା ଜିଲା ପୂର୍ବତନ ସଭାପତି ନିକୁଞ୍ଜ ପଟ୍ଟନାୟକ, ଜିଲା ସମ୍ପାଦକ ବିଦ୍ୟୁତ କାନ୍ତି, ଖୋର୍ଦ୍ଧା ଜିଲା କୃଷକ ମୋର୍ଚ୍ଚାସଭାପତି ତାପସ ଜେନା, ଅନୁସୁଚିତ ଜାତି ମୋର୍ଚ୍ଚା ଖୋର୍ଦ୍ଧା ଜିଲା ସଭାପତି ଶିବ ମଲ୍ଲିକ ଏବଂ କାର୍ଯ୍ୟକର୍ତ୍ତା ଧନେଶ୍ୱର ବାରିକଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ମଞ୍ଚରୁ ବିଜେଡି କାଉନସିଲରଙ୍କୁ ଉଠାଇବାରୁ ପ୍ରତିବାଦ

**ଖୋର୍ଦ୍ଧା ପୌର ପରିଷଦରେ ସ୍ୱାୟତ୍ତ ଶାସନ ପାଳନ କାର୍ଯ୍ୟକ୍ରମ**

**ଖୋର୍ଦ୍ଧା ୩୧।୮ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ୍‌ଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଥିଲା। ହେଲେ କାର୍ଯ୍ୟକ୍ରମ ଆରମ୍ଭରୁ ଦେଖାଦେଇଥିଲା ବିବାଦ। ବିଜେଡି କାଉନସିଲର ପ୍ରବୀଣା ଜଗଦେବ ରାୟଙ୍କୁ ଉଠାଇ ଭାଜପା ଏମ୍‌ପିଙ୍କ ପ୍ରତିନିଧି ଦୀପକ ହୋତା ଏବଂ ପୂର୍ବତନ ଉପାଧ୍ୟକ୍ଷା କୁନିଲତା ସ୍ୱାଇଁଙ୍କୁ ମଞ୍ଚରେ ବସାଇବାକୁ ବିରୋଧ କରି ସମସ୍ତ ବିଜେଡି କାଉନସିଲର ବାହାରକୁ ପ୍ରତିବାଦ କରିଥିଲେ। ଏପରିକି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ମନମୁଖି କାର୍ଯ୍ୟକୁ ସେମାନେ ବିରୋଧ କରିଥିଲେ। ପୌର ପରିଷଦ ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସ୍ୱଚ୍ଛତା ଉପରେ ବିଧାୟକ ଜଗଦେବ ପ୍ରଶ୍ନ ଉଠାଇଥିଲେ। କାଉନସିଲର ଜିତେନ୍ଦ୍ର ବେହେରା, ଦିଲୀପ ପରିଡା, ପ୍ରଶାନ୍ତ ସେଠୀ, ଅମିୟ ମହାନ୍ତି, ରଶ୍ମିତା ବେହେରା, ମୋନାଲିସା ସିଂ, ନର୍ମଦା ଦାସ, ପ୍ରବୀଣା ଜଗଦେବ ରାୟ ଏବଂ ଅନ୍ୟମାନେ ପ୍ରତିବାଦ କରିଥିଲେ।

କାଉନସିଲର ଜଗଦେବ ରାୟ କହିଛନ୍ତି, ସକାଳ ୮ଟାରେ ପୌର କାର୍ଯ୍ୟାଳୟ ପରିସରରେ ବିଧାୟକ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେଠାରେ ଉପସ୍ଥିତ କାଉନସିଲର, ପୌର କର୍ମଚାରୀଙ୍କୁ ସମ୍ବୋଧିତ କରିବା ସମୟରେ ଉନ୍ନୟନମୂଳକ ଯୋଜନାରେ ମିଥ୍ୟା ବିଲ୍ କରାଯାଉଥିବା ନେଇ ଗାଳିଗୁଲଜ କରିଥିଲେ, ଯାହାକି ପୌରାଧ୍ୟକ୍ଷଙ୍କଠାରୁ ସମସ୍ତ କାଉନସିଲର ଏବଂ କର୍ମଚାରୀଙ୍କୁ ଆଘାତ ଦେଇଥିଲା। ସେହିପରି କାଉନସିଲର ଅମିୟ ମହାନ୍ତି କହିଛନ୍ତି, ବିଧାୟକ କୌଣସି କାର୍ଯ୍ୟରେ ଅସନ୍ତୋଷ ଅଛନ୍ତି, ପରବର୍ତ୍ତୀ ସମୟରେ ପଚାରିପାରିଥାନ୍ତେ। ତାହା ନ କରି ସ୍ୱାୟତ୍ତ ଶାସନ ଦିବସରେ ଗାଳିଗୁଲଜ, ଅଶାଳୀନ ମନ୍ତବ୍ୟ, ଧମକ ଦେବା ଘଟଣା ମର୍ମାହତ କରିଛି। କାଉନସିଲର ନାଗଭୂଷଣ ଜେନା କହିଛନ୍ତି, ସକାଳ ଘଟଣା ଆଘାତ ଦେଇଥିଲା। ସନ୍ଧ୍ୟାରେ କାର୍ଯ୍ୟକ୍ରମ ପୂର୍ବରୁ କାଉନସିଲର ଏବଂ ନିମନ୍ତ୍ରିତ ଅତିଥି ବ୍ୟତୀତ କେହି ମଞ୍ଚ ଉପରକୁ ଚଢ଼ିବେ ନାହିଁ ବୋଲି ସ୍ଥିର କରାଯାଇ ପୌରାଧ୍ୟକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କୁ ସର୍ବସମ୍ମତିକ୍ରମେ କୁହାଯାଇଥିଲା। ଏହା ସତ୍ତ୍ୱେ ବ୍ୟତିକ୍ରମ ଘଟିଲା। ଏମ୍‌ପି ଅନୁପସ୍ଥିତ ଥିବା ବେଳେ ତାଙ୍କ ପ୍ରତିନିଧି ଏବଂ ପୂର୍ବତନ ଉପାଧ୍ୟକ୍ଷାଙ୍କୁ ମଞ୍ଚରେ ବସାଇବା କ'ଣ ଆବଶ୍ୟକତା ଥିଲା। ଆଗକୁ ଏହାର ତୀବ୍ର ବିରୋଧ କରାଯିବ। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଏନେଇ ପୌର ନିର୍ବାହୀ ଅଧିକାରୀ ଏବଂ ବିଧାୟକ ଜଗଦେବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଜଣେ ବିଜେଡି କାଉନ୍‌ସିଲରଙ୍କୁ ମଞ୍ଚରୁ ଉଠାଇଦେବା ପରେ ଦଳୀୟ କାଉନ୍‌ସିଲମାନେ ପ୍ରତିବାଦ କରୁଛନ୍ତି।

# ଆସିଲେନି ଉପାଧ୍ୟକ୍ଷଙ୍କ ସମେତ ୯ କାଉନ୍‌ସିଲର

**ପୁରୁଷୋତ୍ତମପୁର**

**ପୁରୁଷୋତ୍ତମପୁର, ୩୧।୮ (ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ମନୋଜ କୁମାର ନାୟକ, ସମ୍ମାନିତ ଅତିଥିଭାବେ ସିଡିପିଓ ମମତା ମଲ୍ଲିକ, ସହକାରୀ ଯନ୍ତ୍ରୀ ନାଗଭୂଷଣ ଯାଦବ,ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ତାରାତାରିଣୀ କଲେଜ ଡେମୋନଷ୍ଟ୍ରେଟର ରାମନାଥ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଏ ରାଜୁଗୋପାଳ ରାଓ, କାଉନ୍‌ସିଲର ଅଶୋକ କୁମାର ମହାକ୍ରୁଡ, ଅରୁଣ କୁମାର ମହାକ୍ରୁଡ, ପ୍ରମିତା କୁମାରୀ ପଣ୍ଡା, ସଦେଷ୍ଣା ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ପ୍ରଶାସନର ମନମୁଖି କାର୍ଯ୍ୟର ଅଭିଯୋଗ କରି ସ୍ୱାୟତ୍ତ ଶାସନ ଦିବସକୁ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ୯ ଜଣ କାଉନ୍‌ସିଲର ବର୍ଜନକରି କାର୍ଯ୍ୟକ୍ରମରେ ଯୋଗ ଦେଇନାହାନ୍ତି। ଏମ୍‌ପି ଓ ବିଧାୟକ ମଧ୍ୟ ଏହି ଉତ୍ସବକୁ ଆସିବାକୁ ଅମଙ୍ଗ ହୋଇ ଆସି ନ ଥିବାର ଚର୍ଚ୍ଚା ଚାଲିଛି। ଏପରିକି ଗତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ମଧ୍ୟ କାଉନ୍‌ସିଲରମାନେ ସେମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରିବା ସହ ଧାରଣା ଦେବା ସହ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ଫଳରେ ସେତେବେଳେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅପମାରଙ୍ଗର ଅପାର ଗୁଣ**
**ଯଦି ଘଷିବ ମୂଳେ**
**କୁମ୍ଭାଟୁଆ ଯେ ରାଜବଲ୍ଲଭ**
**ତହିଁରୁ ଘଷିବ ଫାଳେ।**

ଅପମାରଙ୍ଗ ଡାଳରେ ଦାନ୍ତ ଘଷିଲେ ଦାନ୍ତରେ ଥିବା ସମସ୍ତ ଦୁର୍ଗୁଣ ଏବଂ ଦୁର୍ଗନ୍ଧ ଦୂର ହୋଇଯାଇଥାଏ। ସେହିପରି କୁମ୍ଭାଟୁଆରେ ଦାନ୍ତ ଘଷିବା ଅତି ଉତ୍ତମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅରଜି ସଞ୍ଚି କୃପଣ ମରେ**
**ଗୁଡ଼ ମାଠିଆ ମାଲୁଆ ମାରେ।**

କୃପଣ ବ୍ୟକ୍ତି ଜୀବଦ୍ଦଶାରେ ଭଲ ନ ଖାଇ ନ ପିନ୍ଧି କେବଳ ଧନ ସଞ୍ଚି ଚାଲିଥାନ୍ତି। ଆବଶ୍ୟକ ମନେହେଉଥିଲେ ମଧ୍ୟ ଖର୍ଚ୍ଚ ହୋଇଯିବ ଭାବି ଯାଇତାଇ କରି ଦିନ ବିତାଇ ଦେଇଥାନ୍ତି। କାଳକ୍ରମେ ତାଙ୍କ ସଞ୍ଚିତ ଧନ ସମ୍ପତ୍ତି ବଲୁଆ ଲୋକ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିରୋଧୀଙ୍କୁ ପ୍ରଶଂସା ପରେ ଆକ୍ଷେପ

- ବାଲିଯାତ୍ରାକୁ ରାଷ୍ଟ୍ରୀୟ ମାନ୍ୟତା ପାଇଁ ଦାବିକଲେ ଦେବାଶିଷ
- ମେୟର ବିଜେଡିର ଆମଦାନୀ ନେତା: ଧର୍ମେନ୍ଦ୍ର

**କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)**

ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ଦରଘା ବଜାରସ୍ଥିତ ପୁରୁଣା ଜେଲ୍‌ଠାରେ ସିଡିଏ ଓ ସିଏମ୍‌ସି ପକ୍ଷରୁ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଓ ବିଜେଡିର ନେତାମାନେ ଆରୋପ ଓ ପ୍ରତ୍ୟାରୋପ କରିଥିବା ଦେଖିବାକୁ ମିଳିଛି। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ନିଜ ଭାଷଣରେ ଏମ୍‌ପି ଭର୍ତ୍ତୃହରି ମହତାବ ୭ଥର ଏମ୍‌ପି ହେବା ନେଇ ପ୍ରଶଂସା କରିଥିଲେ। ଏନେଇ ସେ କହିଥିଲେ, ସିଏମ୍‌ସି ମେୟର ସୁବାସ ସିଂ ଆନ୍ଦୋଳନ କରି ଆଜି ଜଣେ ବଡ଼ ନେତା ହୋଇପାରିଛନ୍ତି। ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ କଟକର ବିନ୍ଧାଣି ବୋଲି କହିଥିଲେ। ଏଥିସହିତ କଟକର ଏବେ ଯେକୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇଛି ତାହା କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ସମ୍ଭବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ବେଙ୍ଗଲରେ ହୋଇଥିବା କୁହାଯାଉଛି। କଟକ ନେତାଜୀଙ୍କ ଜନ୍ମମାଟି ଥିବା ସତ୍ତ୍ୱେ ଏନେଇ କେନ୍ଦ୍ର ସରକାର କାହିଁକି ପଦକ୍ଷେପ ନେଇନାହାନ୍ତି ବୋଲି ଦେବାଶିଷ କହିଥିଲେ। ଏ ଦିଗରେ କେନ୍ଦ୍ରମନ୍ତ୍ରୀ ଓ କଟକ ଏମ୍‌ପିଙ୍କୁ କାର୍ଯ୍ୟ କରିବା ଆବଶ୍ୟକ। କଟକରେ ମେଟ୍ରୋ ପ୍ରକଳ୍ପ ପାଇଁ ଗୃହୀତ ହୋଇଥିବା ଅର୍ଥ ପ୍ରଦାନ ନିମନ୍ତେ ଦାବି କରିବା ସହ ବାଲିଯାତ୍ରାକୁ ରାଷ୍ଟ୍ରୀୟ ମାନ୍ୟତା ପ୍ରଦାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ଦରକାର ବୋଲି ସାମନ୍ତରାୟ କହିଛନ୍ତି।

ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଭାଷଣରେ ପ୍ରଥମେ ମେୟର ସୁବାସ ସିଂଙ୍କୁ ଆକ୍ଷେପ କରି କହିଛନ୍ତି। ସୁବାସ ପୂର୍ବରୁ ସିପିଏମ୍‌ରେ କାର୍ଯ୍ୟ କରୁଥିଲେ, ଏବେ ବିଜେଡିର ଜଣେ ଆମଦାନୀ ନେତା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଦେବାଶିଷଙ୍କୁ ଦଳ ଯଦି ଆଉଥରେ ଟିକେଟ ଦେଇଥାନ୍ତା ହୁଏତ ଆଜି ବିଜେଡିର ଇଜ୍ଜତ ବଞ୍ଚିପାରିଥାନ୍ତା। ମେଟ୍ରୋ ପ୍ରକଳ୍ପ ପାଇଁ କଟକରେ କାର୍ଯ୍ୟ କରିବାକୁ ହେଲେ ହାତ ମିଶାଇ କାମ କରିବାକୁ ପଡ଼ିବ। ପୂର୍ବରୁ ବିଜେଡିରେ ପ୍ରଭାବ ବିସ୍ତାର କରିଥିବା ଜଣେ ବାବୁ ଯେପରି ହେଲିକପ୍ଟରରେ ବୁଲୁଥିଲେ ସେପରି କଲେ କୌଣସି କାର୍ଯ୍ୟ ଶେଷ ହୋଇପାରିବ ନାହିଁ। ବାଲିଯାତ୍ରାକୁ ଅନ୍ତର୍ଜାତୀୟ ଉତ୍ସବ ଭାବେ ପାଳନ ପାଇଁ ଉଦ୍ୟମ କରାଯାଉଥିବା ପ୍ରଧାନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ନିଜ ଭାଷଣରେ କଟକର ଉନ୍ନତିମୂଳକ କାର୍ଯ୍ୟ କରାଇବା ସହ ମୌଳିକ ସମସ୍ୟାର ସମାଧାନ ନେଇ ଦେଇଥିବା ପ୍ରତିଶ୍ରୁତି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଭର୍ତ୍ତୃହରି ମହତାବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ନେତାଜୀ ସ୍ମାରକୀ ପ୍ରତିଷ୍ଠାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃମଣ୍ଡଳୀ ଓ ପ୍ରଶାସନିକ ଅଧିକାରୀ।

# ଚାଇନା ଜାହାଜରୁ ୩ ଘାନା ନାଗରିକ ଧରାପଡ଼ିଲେ





ପାରାଦୀପ,୩୧।୮ (ଶରତ ରାଉତ)

ପାରାଦୀପ ବନ୍ଦର ସିକ୍ୟୁ ୧ନଂ.ବର୍ଥରେ ଶନିବାର ଭୋରୁ ଲାଗିଥିବା ଚାଇନା ଜାହାଜ ଏମ୍‌ଭି ଗ୍ରେଟ୍ ଶେଙ୍ଗ୍ ୱେନ୍‌କୁ ନେଇ ହଟଚମଟ ହୋଇଛି। ଉକ୍ତ ଜାହାଜରୁ ଘାନାର ୩ ଜଣ ନାଗରିକଙ୍କୁ ଠାବ କରାଯାଇଛି। ସେମାନେ ହେଲେ ଫ୍ରାନ୍‌ସିସୋ ଓଟୋ, ଜନ୍ ମେନାସ, ହାରିଶନ ଆଟା। ପାରାଦୀପ ଇମିଗ୍ରେଶନ ବିଭାଗ ପକ୍ଷରୁ ସେମାନଙ୍କୁ ହେପାଜତକୁ ନିଆଯିବା ସହ ତନାଘନା ଚାଲିଛି। ଉକ୍ତ ଜାହାଜକୁ ସିଆଇଏସ୍‌ଏଫ୍

## ପାରାଦୀପ ଇମିଗ୍ରେଶନ ବିଭାଗ ପକ୍ଷରୁ ଯାଞ୍ଚ

ଯବାନ ଜଗିଛନ୍ତି। ଯାଞ୍ଚ ପରେ ଇମିଗ୍ରେଶନ ବିଭାଗ ପକ୍ଷରୁ ଜାହାଜର କ୍ୟାପ୍‌ଟେନଙ୍କୁ ନୋଟିସ ଦିଆଯିବ। ସେହି ଜାହାଜର ନାବିକ ଆଉ ଭାରତର କୌଣସି ବନ୍ଦରରେ ଓହ୍ଲାଇ ପାରିବେ ନାହିଁ ବୋଲି ଇମିଗ୍ରେଶନ ଅଧିକାରୀ ମାନସରଞ୍ଜନ ଦାସ କହିଛନ୍ତି। ଜାହାଜରେ ଏଏମ୍‌ଏନ୍‌ଏସ୍ କମ୍ପାନୀର କୋଇଲା ଆସିଛି। ଉକ୍ତ ଜାହାଜରେ ସମୁଦାୟ ୨୦ ଜଣ ନାବିକ ଅଛନ୍ତି। ଯେଉଁମାନଙ୍କର କାଗଜପତ୍ର ଠିକ୍ ଅଛି। ଜାହାଜ ଏପ୍ରିଲରେ ଘାନାରେ ପହଞ୍ଚି ଏବିଡାନ୍ ପୋର୍ଟରୁ ୧୧ ହଜାର ମେଟ୍ରିକ ଟନ୍ କୋଇଲା ନେଇ ଆସିଥିଲା। ସେତେବେଳେ ଉପରୋକ୍ତ ୩ ଜଣ ଲୁଚି କରି ବେଆଇନ ଭାବେ ଜାହାଜରେ ପ୍ରବେଶ କରିଥିଲେ। ସେବେଠାରୁ ସେମାନେ ଜାହାଜରେ ଅଛନ୍ତି। ଏନେଇ ବୈଦେଶିକ ଏମ୍ବାସି ଜରିଆରେ କଥା ହୋଇଛି। ଜାହାଜ ତୁର୍କୀରେ ପହଞ୍ଚିବା ପରେ ସେଠାରେ ଉକ୍ତ ୩ ନାଗରିକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜାହାଜର କ୍ୟାପ୍‌ଟେନ ଇମିଗ୍ରେଶନ ବିଭାଗକୁ ସୂଚନା ଦେଇଛନ୍ତି।

# ମହିଳାଙ୍କ ଉତ୍ପୀଡ଼ନକାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳାଙ୍କ ଉତ୍ପୀଡ଼ନକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ମହିଳାମାନଙ୍କ ଉପରେ ହେଉଥିବା ହିଂସା ଉପରେ ଭାରତର ରାଷ୍ଟ୍ରପତି ମଧ୍ୟ କ୍ଷୋଭପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ତଥା ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ମହିଳାମାନଙ୍କ ସୁରକ୍ଷା ସହିତ ଲିଙ୍ଗଗତ ହିଂସାର ଶିକାର ହେଉଥିବା ମହିଳାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ହେଉଛି ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହି କ୍ରମରେ ଏଫ୍.ଆଇ.ଆର. ପଞ୍ଜୀକରଣଠୁ ଆରମ୍ଭ କରି ତ୍ୱରିତ ତଦନ୍ତ ପ୍ରକ୍ରିୟା ଏବଂ ଦୋଷୀଙ୍କ ବିରୋଧରେ ମୋକଦ୍ଦମା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ନ୍ୟାୟିକ ପ୍ରକ୍ରିୟା ଆଇନ

## ଖୁବ୍‌ଶୀଘ୍ର ରାଜ୍ୟସ୍ତରୀୟ ପୋଲିସ ସମ୍ମିଳନୀ

ମୁତାବକ ସମ୍ପୂର୍ଣ୍ଣ କରିବା ଏବଂ ଦୋଷୀଙ୍କ ଦଣ୍ଡବିଧାନକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ପୋଲିସ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ଲାଗି ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ମହିଳା ସୁରକ୍ଷା ସମ୍ପର୍କିତ ଏଜେଣ୍ଡାକୁ ନେଇ ଖୁବ୍‌ଶୀଘ୍ର ଏକ ରାଜ୍ୟସ୍ତରୀୟ ପୋଲିସ ସମ୍ମିଳନୀ ଆୟୋଜନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ମହିଳା ହିଂସା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି। ଯଦି କୌଣସି ପୋଲିସ ଅଧିକାରୀ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅବହେଳା କରନ୍ତି ତେବେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନବୀକରଣ ପାଇଁ ଚୁକ୍ତି

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନକ୍ରମେ ଓଡ଼ିଶା ସରକାରଙ୍କ ପକ୍ଷରୁ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟବୀମା ଯୋଜନାର ଅବଧି ୨୦୨୪ ସେପ୍ଟେମ୍ବର ୧ରୁ ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ନବୀକରଣ ହୋଇଛି। ବାର୍ଷିକ ପ୍ରିମିୟମ୍ ବାବଦରେ

## ଚଳିତ ସପ୍ତାହରୁ ନୂଆ ପଞ୍ଜୀକରଣ ପାଇଁ ଆବେଦନ

୮କୋଟି ୫୫ଲକ୍ଷ ୭୬ହଜାର ୩୧୪ ଟଙ୍କା ଓରିଏଣ୍ଟାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀକୁ ପ୍ରଦାନ କରାଯିବା ସହିତ ଏ ସଂକ୍ରାନ୍ତରେ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରାଥମିକ ଭାବେ ଏହି ବୀମା ଯୋଜନାରେ ୭୦୪୧ଜଣ ସାମ୍ବାଦିକ ଆସନ୍ତା ବର୍ଷେ ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ତେବେ ନୂତନ ଭାବେ ଏହି ଯୋଜନାରେ ପଞ୍ଜୀକୃତ ହେବା ପାଇଁ ଆବେଦନ କରିବାକୁ ଚାହୁଁଥିବା ସାମ୍ବାଦିକଙ୍କ ଲାଗି ସୂଚନା ଓ ଲୋକସମ୍ପର୍କ ବିଭାଗର ପୋର୍ଟାଲ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଖୋଲିବ। ଏଥିରେ ନୂତନ ଦରଖାସ୍ତ ଆହ୍ୱାନ କରାଯିବ ଏବଂ ଏହି ପ୍ରକ୍ରିୟା ୧ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।


**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
Phone - 06811 263909 / E-mail - eephchpr@gmail.com
No.C-530
**CANCELLATION OF TENDER**
**Bid Identification No. 32/03/SPH(C)/2024-25 dt. 23.08.2024**

| Sl. No. | Name of the work | Estimated cost (Rs. in Lakh) |
|---|---|---|
| 1 | Procurement of 100mm to 300mm size pipes in connection with the work-improvement of water supply to Digapahandi NAC and Baliguda NAC under AMRUT 2.0 (SWAP-III) | Rs.540.73 Lakh |

The tender invited by this office for the above work vide Bid Identification 32/03/SPH(C)/2024-25 dt.23.08.2024 is hereby cancelled due to Technical reason.

OIPR-13013/11/0003/2425
Sd./- Superintending Engineer
P.H. Division, Bhanjanagar at Chatrapur

**GOVERNMENT OF ODISHA**
**Office of the Superintending Engineer**
**Bhanjanagar (R&B) Division, Bhanjanagar**
No.B-209
(Phone/Fax : (06821)241133 / E-mail : eernbbngr@yahoo.in)
**Ltr. No.8173//dtd.30.08.2024**
**INVITATION FOR BIDS (IFB)**
**E-Procurement Bid Identification No. S.E-BNJ-R&B-05/2024-25**

| | | | |
|---|---|---|---|
| 1 | Name of work | : | Construction of meeting hall in first floor over existing class room and canteen in ground floor at the Science College, Aska in the District of Ganjam |
| 2 | No. of works | : | 01 No. Building work |
| 3 | No. of Covers | : | Double Cover |
| 4 | Estimated cost | : | Rs.72.01 lakhs |
| 5 | Period of Completion | : | Six calendar Months |
| 6 | Date of time of availability of bid document in the portal | : | From 12.00 Noon of dated 06.09.2024 to 5.00 P.M. of dated 17.09.2024 |
| 7 | Last date/time for receipt of bids in the portal | : | Up to 5.00 P.M. of dated 17.09.2024 |
| 8 | Date of opening of bid documents | : | At 11.00 A.M. of 18.09.2024 |
| 9 | Class of Contractor | : | "B" Class Contractor |
| 10 | Name and address of officer inviting Bid | : | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only

Sd./- Superintending Engineer
Bhanjanagar (R&B) Division
OIPR-34015/11/0003/2425

ଓଡ଼ିଶା ସରକାର
A-261
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଜାରକା ଜଳସେଚନ ବିଭାଜନ**
ଇମେଲ୍- eeidjaraka@yahoo.com
**JKID-03/2024-25**

| | | | |
|---|---|---|---|
| 1 | କାର୍ଯ୍ୟର ନାମ | : | Supply, Installation, Testing, Commissioning, Training and Maintenance of Non-contract type Discharge Measurement System in Brahmani River near Pankapal Old Bridge (NH-53 Crossing) in Jajpur district. |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : | ୦୧ (ଏକଗୋଟି କାର୍ଯ୍ୟ) |
| 3 | ଅଟକଳ ମୂଲ୍ୟ | : | ୭୬.୬୪ ଲକ୍ଷ |
| 4 | ଇ.ଏମ.ଡି. (Bid security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall transfer the required amout of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : | ୬ ମାସ । |
| 6 | ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | | |
| | I. Procurement Officer | : | ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା |
| | II. ଅନ୍‌ଲାଇନ Biddingର ସମୟ ସୀମା | : | ତା୦୨।୦୯।୨୦୨୪ ଦିବା ୧୧ ଘଟିକାରୁ ତା୧୦।୦୯।୨୦୨୪ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା୧୧।୦୯।୨୦୨୪ ଦିବା ୧୧.୦୦ । |
| | IV. Transparent Lotteryର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା୨୧।୦୯।୨୦୨୪ ଦିବା ୧୧.୩୦ ଘଟିକା ସମୟରେ |

Further details can be seen from the Govt. website www.tendersorissa.gov.in.
ସ୍ୱାକ୍ଷର/- ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ, ଜାରକା
OIPR-32098/11/0003/2425

No.MM-136
**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
Phone No - 9938022883 Tel : 06764-230322
e-mail : dfoangul@gmail.com, dfo.angul@odisha.gov.in
**Bid Identification No. DFO, ANG 03/2024-2025 dated. 29.08.2024**
**NOTICE INVITING TENDER**

| Sl. No. | Name of the Work | Details |
|---|---|---|
| 1 | Purpose of the Tender | Procurement of various items for the Angul Forest Division |
| 2 | Estimated Cost | Based on fund allocation |
| 3 | Date & time of availability of the bid document | 30.08.2024 to 11.09.2024 |
| 4 | Last date / Time for receipt of bids in the portal | Up to 5.00 PM of 11.09.2024 |
| 5 | Date & Time of bid opening | 11.00 hour on Dated. 12.09.2024 |
| 6 | Name & Address of the officer inviting Bid | Divisional Forest Officer, Angul Forest Division, Pin-759122 |

Further details can be found in the Detailed Notice Inviting Tenders, available on the website https://angul.odisha.gov.in. Corrigendum if any, shall only be published on the above website.

Sd./- Divisional Forest Officer
Angul Forest Division
OIPR-08027/11/0014/2425

Annexure-I
**Directorate of Higher Secondary Education, Odisha**
**Vacant Seat e-Admission (Phase-II) in Higher Secondary Schools for the Session 2024-25**

No. N-91: The Phase-II e-Admission process for Class XI against vacant seats in Arts, Science, Commerce, Upashastri and Vocational streams in Higher Secondary Schools (HSSs) across the State, affiliated with CHSE (O) and Shree Jagannath Sanskrit University, Puri, Odisha will commence on **6th September 2024**. The admissions for the academic session 2024-25 will be conducted online through **www.samsodisha.gov.in**.

**Eligibility Criteria:**
1. Applicants must have passed the High School Certificate (HSC) Examination of the Board of Secondary Education (BSE), Odisha or its equivalent Boards.
2. No reservation or weightage claim shall be considered for the vacant seat admission.

**Instructions:**
1. Applicants and their parents/guardians are requested to thoroughly read the **"Common Prospectus"** available on the SAMS portal before filling out and submitting the online Common Application Form (CAF).
2. The CAF Fee must be paid through online mode only (details available in Common Prospectus).
3. **Candidates who applied during the Phase-I e-Admission Session 2024-25 but were not selected in any Higher Secondary School may re-apply through their existing login without paying the CAF Fee.**
4. **Applicants can edit their Common Application Form (CAF) one time**.
5. Apply and select the Higher Secondary School of your choice on your own. Never allow others to apply on your behalf.
6. Applicants are advised to fill out the online CAF carefully, as any errors may lead to rejection.
7. The list of Higher Secondary Schools with vacancies will be made available solely for preference and selection.
8. All relevant documents must be verified at the selected Higher Secondary School at the time of admission.
9. Applicants selected in the Phase-II 1st selection who were **admitted to their 1st preferred HSS will not be eligible** for the online Phase-II SPOT selection.
10. All selected applicants **(admitted in a lower option, not admitted, or those needing error correction)** and non-selected applicants will have the opportunity to provide fresh options during the Phase-II online SPOT selection admission choice locking process.
11. Students who have already taken admission in a HSS, but now got selected in another HSS in the Phase-II and wants to take admission, are informed to bring the CLC from last institution in physically.

**Procedures:**
1. Fresh applicants need to register on the website **"www.samsodisha.gov.in"** using their mobile number and email address. Those who have already registered previously on **"www.samsodisha.gov.in"** should use their existing logins to apply afresh for admission.
2. All other process, such as application submission, will follow the provisions outlined in the "Common Prospectus" available on the website **"www.samsodisha.gov.in"** for e-Admission.
3. Applicants will be informed about their selection and admission reporting time via SMS/WhatsApp through their SAMS login, on the HSS online merit list at **'www.samsodisha.gov.in'** and on the HSS notice board. An intimation letter will be generated in the applicant's login and shared through WhatsApp only for the Phase-II first selection.

**SAMS e-Admission (Vacant Seat) Schedule 2024-25 (Phase-II)**

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in **www.samsodisha.gov.in** for Vacant Seat Admission | 06.09.2024 |
| 2 | Last date of applying Online CAF through **www.samsodisha.gov.in** | 13.09.2024 (11.45 P.M.) |
| 3 | Publication of Phase-II 1st Selection Merit List | 20.09.2024 (11.30 A.M.) |
| 4 | Reporting of selected candidates at the selected Higher Secondary School (HSS) for Admission | 21.09.2024 (09.00 A.M.) |
| 5 | Last date of reporting of selected candidates at the selected HSS for Admission | 24.09.2024 (05.00 P.M.) |
| 6 | Last date for admission data updation and error correction by HSSs in SAMS e-Space | 25.09.2024 (05.00 P.M.) |
| 7 | Availability of Choice Locking facility for applicants to provide fresh HSS options by apply through respective student's login | 26.09.2024 (10.00 A.M.) |
| 8 | Last date for submission of **Choice Locking** for Phase-II, SPOT Admission | 27.09.2024 (11.45 P.M.) |
| 9 | Publication of the Online SPOT selection merit and waiting list (05 times to the balance sheet) | 03.10.2024 (11.30 A.M.) |
| 10 | Reporting & Admission of Candidates (Merit list only) for Online SPOT Admission in the respective HSS | 04.10.2024 to 05.10.2024 (05.00 P.M.) |
| 11 | Registration of candidates (in form of **handwritten application)** from waiting list at selected HSSs if vacancy still exists | 07.10.2024 (09.00 A.M. to 03.00 P.M.) |
| 12 | Publication of merit list at HSS level out of the registered waiting list candidates | 07.10.2024 (04.30 P.M.) |
| 13 | Admission data updation of the students who took admission in the SPOT selection by the HSSs in the e-Space | 08.10.2024 (10.00 A.M.) to 09.10.2024 (04.00 P.M.) |

**For more details, please contact Sanjog Helpline (Toll Free) Number 155335, 1800-345-6770**

OIPR-11033/11/0007/2425
Sd./- Director, Higher Secondary Education

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES | Mining Happiness

**NIT No.33/OMC/CIVIL/2024**

No.CAD-995: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (In lakh) | Time period of the work (in month) | Class of Contractor | EMD online (IN Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Construction of Combined sewage system (Zone-2) at Kaliapani in the dist of Jajpur | 300.63 | 06 (Six) | A | 3,00,700/- | 10,000/- +18% GST |
| 2 | Construction of Combined sewage system (Zone-1) at Kaliapani in the dist of Jajpur | 288.14 | 06 (Six) | B & A | 2,88,200/- | 10,000/- +18% GST |
| 3 | Repair and renovation to toilets, water supply line, Plant boundary wall and Provision of paver block along with concrete drain at Ferro Chrome Plant OMC at JK Road in the district of Jajpur | 195.03 | 06 (Six) | B & A | 1,95,100/- | 10,000/- +18% GST |
| 4 | Repair and heightening of compound wall surrounding OMC colony area at Central Township Kaliapani in the dist of Jajpur. | 92.28 | 04 (Four) | B | 92,300/- | 10,000/- +18% GST |
| 5 | Provision of Barbed wire fencing for safety zone from pillar No. 63 to 69 and around Office area of Banspani Mines of Barbil Region in the district of Keonjhar. | 14.35 | 04 (Four) | D & C | 14,400/- | 6,000/- +18% GST |
| 6 | Construction of Security Barrack (G+3) at Dubna Mines of Barbil Region in the district of Keonjhar. | 339.23 | 14 (Fourteen) | A | 3,40,000/- | 10,000/- +18% GST |

1. Availability of Bid document in Govt. portal from dt. 06.09.2024 to 20.09.2024 up to 5.00 PM.
2. Last date of on-line submission of tender in the portal is dt. 20.09.2024 up to 5.00 PM.
3. Date of opening of Technical Bid is dt. 21.09.2024 at 11.00 AM.

All other details can be seen from bid documents available at Govt. web site www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd./- General Manager (Civil)
OIPR-30005/11/0072/2425

See Career Appointment on every Wednesday & Saturday

**ODISHA PUBLIC SERVICE COMMISSION**
**ADVERTISEMENT No. 03 of 2024-25**
**Recruitment to the posts of Associate Professors in different disciplines (Group-A) in Government College of Engineering, Kalahandi under Skill Development and Technical Education Department.**
**WEBSITE:- http://opsc.gov.in**

No. D-119:- Online applications are invited from prospective candidates through proforma application form to be made available in the Website of the Commission (http://opsc.gov.in) for recruitment to 08 (Eight) posts of Associate Professors in 05 different disciplines in Government College of Engineering, Kalahandi, Group-A, under Skill Development & Technical Education Department in the Entry Pay:-Rs. 1,31,400/-, Level -13A1 in the pay matrix with usual Dearness and other allowances as admissible by the Government from time to time.

2. **VACANCY POSITION:**
As per requisition filed by the Skill Development & Technical Education Department, Government of Odisha, out of a total of **08** posts, **03** posts are for **ST** category, **02** posts are for **SC** category, & **03** posts are for **UR** category.

3. **AGE:**
Minimum age limit: The candidate must have attained the age of 21 years as on 04.10.2024.
Maximum age limit: 60 years (Date of Superannuation as per date of birth).
**(04.10.2024 is the reference date for calculation of age)**

4. **EDUCATIONAL QUALIFICATION:**
A candidate should possess the following qualifications, at the minimum:
**(A) For Engineering/Technology as per AICTE Notification F.No.61- 1/RIFD/7th CPC/2016-17 dated 01.03.2019.**
(a) Ph.D. degree in the relevant field and First class or equivalent at either Bachelor's or Master's level in the relevant branch
AND
(b) At least total 6 research publications in SCI journals /UGC/AICTE approved list of journals.
AND
(c) Minimum of 8 years of experience in teaching /research/industry (level 10, entry pay 57770) out of which at least 2 years shall be Post Ph.D. experience.
AND
(d) At least a total research score of 75 (seventy-five) on the last date of the application (as per the criteria given in Appendix-II, Table-2 of UGC Regulations vide notification No. F. 1-2/2017(EC/PS) dated 18.07.2018).
**(B) For Workshop Superintendent (Associate Professor).**
Direct Recruitment of Workshop Superintendent (Associate Professor) shall be at par with Associate Professor with the qualification as prescribed for the Associate Professor in Mechanical/ Production Engineering.

5. **METHOD Of SELECTION:**
The recruitment to the post of Associate Professors shall consist of (i) Document Verification for shortlisting of candidates (ii) Interview.

6. **EXAMINATION FEES:**
The candidates are exempted for payment of examination fees as per G.A. Deptt. Letter No.9897/Gen., dated 11.04.2022.

**The link for online application and submission shall be available from 04.09.2024 to 04.10.2024 [Note-04.10.2024 is the last date for submission of Registered Online Application]**

The candidates are advised to visit the Website of the Commission at **http://opsc.gov.in for detailed information while applying for the above post.**

**CUTTACK**
**Dt. 31.08.2024**
**Sd./- SECRETARY (I/C)**
**ODISHA PUBLIC SERVICE COMMISSION, CUTTACK**
OIPR-12002/11/0071/2425

**OFFICE OF THE COLLECTOR AND DISTRICT MAGISTRATE, BALANGIR (ODISHA)**
**(District Child Protection Unit)**
**In front of Collectorate, Balangir-767001, Phone No.-06652-231886, Email- dcpo.bolangir.od@nic.in**
**Notification No.885/DCPU, Balangir, Odisha, Date 30.08.2024**

No.g-192:- It is hereby informed through this Notification that, following 03 Nos. of children have been residing at the Adruta Children Home, Balangir (CCI) & SAA, Palaceline, Balangir who have no parents/family. During their staying at the CCI/SAA, no body of the children have visited or inquired about the Children. Hence, this advertisement is published for tracing out of biological parent, guardian, legal claimant (if any) to claim the children. The biological parent, guardian, legal claimant (if any) of the following children are required to claim within 30 days of publication of this advertisement in the Office of the District Child Protection Officer, DCPU, Balangir (Mobile No. 8249481400, email: dcpo.balangir.od@nic.in) / Chairperson, Child Welfare Committee, Balangir (Mobile No.7638968212, email: cwcbolangir@gmail.com), Superintendent, Adruta Children Home, Balangir (Mobile No.8144153117) & Programme Manager, SAA, Balangir (Mobile No. 9437241894) with proper and authenticate proof/ documents. After completion of 30 days, no claim will be entertain and action deem proper shall be taken as per Juvenile Justice (Care & Protection of the Children) Act, 2015 & its amendment Act, 2021 for the best interest of the children. Detail particulars of the children are given below:

| Sl. No. | Details Particulars | Photograph |
|---|---|---|
| 01 | **MADHABA SAHU** (Male, aged about 8 years as on 25.10.2023, wheatish in colour, Height-4'3" and Weight-25 Kg.), S/o- Late Kalibaba Sahu & Chandra Sahu, Village -Lathor (Pipalbahar), P.O./P.S.- Lathor, District- Balangir. Mother has abandoned the child and no one to look after him. The child has been residing at Adruta Children Home, Balangir vide Order No. 2467, dated 25.10.2023 of the CWC, Balangir. |  |
| 02 | **BAISHANAVI** (Female, aged about 3 months, Body color -wheatish, Height- 49 cm and Weight - 3.250 kg.) Rescued as abandoned on 24.06.2024 and since then residing at Specialized Adoption Agency, Balangir vide Order No.1065, dated 25.06.2024 of the CWC, Balangir. |  |
| 03 | **BISHNUPRIYA** (Female, aged about 1 and half month, Body color - Fair, Height- 44 cm and Weight- 1.850 Kg.) Rescued as abandoned on 24.06.2024 and since then residing at Specialized Adoption Agency, Balangir vide Order No. 1067, dated 26.06.2024 of the CWC, Balangir. |  |

OIPR-33036/11/0006/2425
Sd./- Collector & District Magistrate, BALANGIR

**ODISHA PUBLIC SERVICE COMMISSION, CUTTACK**
**NOTICE**
No. : 4801/P.S.C., Dt : 31.08.2024
1E-52-2024/25 (DR-III)

**No.D-118:** It is for information of all concerned that, the Commission have decided to conduct the written examination for recruitment to the post of **Post Graduate Teachers (Group-B)**, pursuant to Advt. No. 25 of 2023-24 on **15.09.2024, 29.09.2024 & 06.10.2024** in five zones viz. Balasore, Berhampur, Bhubaneswar, Cuttack & Sambalpur as per the programme detailed below :

**PROGRAMME FOR WRITTEN EXAMINATION**

| Date | 1st Session | 2nd Session | 3rd Session |
|---|---|---|---|
| | 9.00 A.M. to 11.00 A.M. | 12.00 Noon to 2.00 P.M. | 3.30 P.M. to 5.30 P.M. |
| 15.09.2024 (Sunday) | Paper - I (Compulsory Paper) General English & General Knowledge | Paper - II Anthropology, Education, Geology, Logic/Philosophy, Statistics and Urdu | Paper - III Anthropology, Education, Geology, Logic/Philosophy, Statistics and Urdu |
| 29.09.2024 (Sunday) | Paper - II English, Hindi & Sociology | Paper - II Chemistry, Economics, History, Political Science, Sanskrit and Zoology | Paper - III Chemistry, Economics, History, Political Science, Sanskrit and Zoology |
| 06.10.2024 (Sunday) | Paper - III English, Hindi & Sociology | Paper - II Botany, Commerce, Geography, Home Science, Mathematics, Odia, Physics and Psychology | Paper - III Botany, Commerce, Geography, Home Science, Mathematics, Odia, Physics and Psychology |

NB : (1) The PwD candidates will be given extra 20 minutes per hour in each session. (i.e. 09.00 A.M. to 11.40 A.M. for 1st session, 12.00 Noon to 02.40 P.M. for 2nd session and 03.30 P.M. to 06.10 P.M. for 3rd session).
(2) The candidates are required to download their "Admission Certificate" & "Instruction to candidates" from the website of the Commission at http://opsc.gov.in from 09.09.2024 onwards.

OIPR-12002/11/0070/2425
Sd./- Secretary (I/C)

# ସରକାରୀ ଖର୍ଚ୍ଚ କମିବାରୁ ଜିଡିପି ଅଭିବୃଦ୍ଧି ହ୍ରାସ

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)

ନିକଟରେ ପ୍ରକାଶିତ ଜିଡିପି ଆକଳନ ଯୋଗୁ ଚିନ୍ତାର ଲହରି ଖେଳିଯାଇଥିଲା। ଏପ୍ରିଲ-ଜୁନ୍ ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧି ହାର ୧୫ ମାସ ମଧ୍ୟରେ ସର୍ବନିମ୍ନ ୬.୭ ପ୍ରତିଶତ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟ ଏହା ୭.୧ ପ୍ରତିଶତ ବୋଲି ଆକଳନ କରିଥିଲା। ତେବେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଶନିବାର କହିଛନ୍ତି, ଏହା ଚିନ୍ତାର ବିଷୟ ନୁହେଁ। ସରକାରୀ ଖର୍ଚ୍ଚ ହ୍ରାସ ହେତୁ ଅର୍ଥନୈତିକ ଅଭିବୃଦ୍ଧି ହାରରେ ଏହି ହ୍ରାସ ଘଟିଛି। ଦେଶରେ ଲୋକ ସଭା ନିର୍ବାଚନ ସମୟରେ ଲାଗୁ କରାଯାଇଥିବା ଆଚରଣ ବିଧି ଯୋଗୁ ଏହି ଖର୍ଚ୍ଚ ହ୍ରାସ ହୋଇଥିଲା ଏବଂ ଏହାର ପ୍ରଭାବ ଜିଡିପି


ଶକ୍ତିକାନ୍ତ ଦାସ

ଉପରେ ଦେଖିବାକୁ ମିଳିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ପ୍ରକାଶିତ ତଥ୍ୟ ସମ୍ପର୍କରେ ଗଭର୍ନର ଦାସ କହିଛନ୍ତି, ଆମର ଅଭିବୃଦ୍ଧି ତୁଳନାରେ ଅର୍ଥନୈତିକ

■ଅଭିବୃଦ୍ଧି ତୁଳନାରେ ଅର୍ଥନୈତିକ ଅଭିବୃଦ୍ଧି ହାର କମ୍

■ଆସନ୍ତା ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ଆର୍‌ବିଆଇର ୭.୨ ପ୍ରତିଶତ

ଅଭିବୃଦ୍ଧି ହାର କମ୍ ରହିଛି। ଯଦି ଆମେ ବ୍ୟବହାର, ବିନିଯୋଗ, ଉତ୍ପାଦନ, ସେବା ଏବଂ ନିର୍ମାଣ ସମ୍ପର୍କିତ ତଥ୍ୟକୁ ଦେଖିବା, ତେବେ ସମସ୍ତେ ୭ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାସଲ କରିଛନ୍ତି। କେବଳ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଖର୍ଚ୍ଚ ହ୍ରାସ ଏବଂ କୃଷିର ଆକଳନ ଏହା ତଳେ ରହିଛି। ଏଭଳି ପରିସ୍ଥିତିରେ ଏହା ଚିନ୍ତାର ବିଷୟ ନୁହେଁ। ନିର୍ବାଚନ କାରଣରୁ ସରକାରୀ ଖର୍ଚ୍ଚ ହ୍ରାସ ପାଇଛି ଏବଂ ମେ-ଜୁନ୍ ମାସରେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି।

ସରକାରୀ ଖର୍ଚ୍ଚ ବୃଦ୍ଧି ସହ କୃଷିକ୍ଷେତ୍ରର ଗତି ତ୍ୱରାନ୍ୱିତ ହେବା ପରେ ପରିସ୍ଥିତି ବଦଳିଯିବ ବୋଲି ଦାସ କହିଛନ୍ତି। ଆଗାମୀ ତ୍ରୈମାସରେ ଏହି ସଂଖ୍ୟାରେ ଉନ୍ନତି ହେବା ନେଇ ସେ ଆଶା ପ୍ରକାଶ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କୃଷିକ୍ଷେତ୍ରରେ ମାତ୍ର ୨ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। ସେ କହିଛନ୍ତି , ଦେଶରେ ମୌସୁମୀ ବିସ୍ତାର ହେତୁ କୃଷିକ୍ଷେତ୍ର ମଧ୍ୟ ଗତି କରିବ। ଆସନ୍ତା ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ଆର୍‌ବିଆଇର ୭.୨ ପ୍ରତିଶତ ଆକଳନଠାରୁ ଅଧିକ ହେବ।

# ଏସ୍‌ବିଆଇ ଲାଇଫ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ (ଏସ୍‌ବିଆଇ ଲାଇଫ୍)ର ନୂତନ ଅଭିଯାନ ଦ୍ୟ ଡିଜିଟାଲ ଫିଲ୍ମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ପ୍ୟାରିସ୍‌ଠାରେ ଆୟୋଜିତ ପ୍ୟାରିସ ପାରାଲିମ୍ପିକ୍-୨୦୨୪ରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ କରିବା ତଥା ସେମାନଙ୍କ ଅସାଧାରଣ ପ୍ରତିଭାକୁ ସମ୍ମାନ ପ୍ରଦାନ କରିବାକୁ ଯାଇ ଏସ୍‌ବିଆଇ ଲାଇଫ୍ ପକ୍ଷରୁ ଏଭଳି ଏକ ଭିନ୍ନ ଧରଣର ସିନେମା କରାଯାଇଛି। ସେହିଭଳି ପାରା କ୍ରୀଡ଼ାବିତ (ଦୌଡ଼କୁଦ) ସିମ୍ରନ୍ ଶର୍ମା, (ପାୱାର ଲିଫ୍ଟର) ଅଶୋକ ମଲ୍ଲିକ ଓ (ସୁଟର) ମୋନା ଅଗ୍ରୱାଲଙ୍କ ଭଳି ଅସାଧାରଣ କ୍ରୀଡ଼ାବିତ୍‌ଙ୍କ ଅଦମ୍ୟ ସଂକଳ୍ପକୁ ନେଇ ଏକ ପ୍ରେରଣାଦାୟୀ କାହାଣୀ 'ଇରାଦେ'କୁ ଜୀବନ୍ତ କରିବାକୁ ଏହି ଅଭିଯାନ ବା ଡିଜିଟାଲ ସିନେମା ଜରିଆରେ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ, କର୍ପୋରେଟ୍ ଯୋଗାଯୋଗ ଓ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଆମେ ଏହି ନୂତନ ଅଭିଯାନର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଅନ୍ତର୍ଭୁକ୍ତୀକରଣ ଓ ସଫଳତା ହାସଲ କରିବାରେ ସହଯୋଗର ଗୁରୁତ୍ୱ ଜଣାଇବା ଲାଗି ନିର୍ଦ୍ଦିଷ୍ଟ ପାରା କ୍ରୀଡ଼ାବିତ୍‌ଙ୍କ କାହାଣୀକୁ ପ୍ରଚାରକରିବାକୁ ଆମେ ଲକ୍ଷ୍ୟ ରଖିଥିବାବେଳେ ଆମର ସେହି ବିଶ୍ୱାସ ହିଁ ଭାରତୀୟ ପାରାଲିମ୍ପିକ୍ କମିଟି ସହ ସହଭାଗିତାର ମୂଳରେ ରହିଛି। ବିଶେଷକରି ଏହା କେବଳ ମେଡାଲ ଜିତିବାର ଏକ ଯାତ୍ରା ନୁହେଁ ବରଂ ସ୍ୱପ୍ନ ଶକ୍ତି ଓ ସେହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ଲାଗି ପ୍ରିୟଜନଙ୍କ ଅତୁଟ ସମର୍ଥନକୁ ମଧ୍ୟ ଏହା ଦର୍ଶାଉଛି। ଏପରିକି ସେମାନଙ୍କର ସେହି ଅତୁଟ ଭାବ ଏବଂ ପ୍ରିୟଜନଙ୍କ ଆକାଂକ୍ଷା ଓ ଅଭିଳାଷକୁ ସୁରକ୍ଷିତ ରଖି ସ୍ୱପ୍ନ ପୂରଣ କରିବାରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆମ ବ୍ରାଣ୍ଡ ରହିଥିବା ଉଦ୍ଦେଶ୍ୟର ସ୍ୱପ୍ନ ହେଉଛି ସମ୍ପ୍ରସାରଣ। ସେମାନଙ୍କ ସ୍ୱପ୍ନକୁ ସାମ୍ନାକୁ ଆଣି ବହୁ କୋଟି ଲୋକଙ୍କୁ ଅନୁପ୍ରାଣିତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।

# କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ନୂଆ ସଫଳତା

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ବଜାରରେ କ୍ରେଡିଟ୍ କାର୍ଡ ଶିଳ୍ପରେ ଅଭିବୃଦ୍ଧି ଘଟିଛି। ଏପରିକି ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଦେଶର ପ୍ରଥମ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ଭାବେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦେଶବ୍ୟାପୀ ୫ନିୟୁତରୁ ଅଧିକ ଗ୍ରାହକଙ୍କୁ ବ୍ରାଣ୍ଡ୍ ଏହି ଶିଳ୍ପରେ ସାମିଲ କରାଇଛି ବୋଲି ମୁମ୍ବାଇଠାରେ ଆୟୋଜିତ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟିଭାଲରେ କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ସେହିଭଳି ଏହା ଭିସା ଦ୍ୱାରା ପରିଚାଳିତ ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଥିବା କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି, ଯେଉଁଥିରେ ସରଳ ଏବଂ ଅସୀମିତ କ୍ୟାଶ୍‌ବ୍ୟାକ୍, ଆଜୀବନ ମାଗଣା କାର୍ଡ, ୩୦ ମିନିଟ୍ ମଧ୍ୟରେ ଏକ ନିରବଚ୍ଛିନ୍ନ ଭିଡିଓ କେୱାଇସି ଏବଂ କାଗଜବିହୀନ ଅନ୍‌ବୋର୍ଡିଂ ସହ ତୁରନ୍ତ ଜାରି କରିବା ଆଦି ଅନ୍ୟାନ୍ୟ ସୁବିଧା ସାମିଲ ରହିଛି।

ଏ ସମ୍ପର୍କରେ ଆମାଜନ୍ ପେ'ର ନିର୍ଦ୍ଦେଶକ (କ୍ରେଡିଟ୍ ଆଣ୍ଡ୍ ଲେଣ୍ଡିଂ) ମୟଙ୍କ ଜୈନ କହିଛନ୍ତି, ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ କିପରି ସମଗ୍ର ଭାରତରେ ଗ୍ରାହକଙ୍କ ମଧ୍ୟରେ ଆଦୃତି ଲାଭ କରିଛି, ତାହା ଦେଖି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନେ ଆମ ଉପରେ ରଖିଥିବା ବିଶ୍ୱାସକୁ ପ୍ରଶଂସା କରୁଛୁ ଏବଂ ଆମର ଅଫରଗୁଡ଼ିକୁ କ୍ରମାଗତ ଭାବରେ ନବୀକରଣ ଏବଂ ସମ୍ପ୍ରସାରଣ କରି ସେମାନଙ୍କ ଆର୍ଥିକ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ଉତ୍ସର୍ଗୀକୃତ ରହିଛୁ। ଭିସା ଏବଂ ଆଇସିଆଇସିଆଇ ବ୍ୟାଙ୍କ ସହଯୋଗରେ ଆଗକୁ ଆହୁରି ସୁବିଧାଜନକ ଏବଂ ଲାଭଦାୟକ ଆର୍ଥିକ ସମାଧାନ ପ୍ରଦାନ କରିବାକୁ ଆମେ ଲକ୍ଷ୍ୟ ରଖୁଛୁ। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କର ପ୍ରଡକ୍ଟ ହେଡ୍ (କାର୍ଡସ) ଅମରଜିତ ସିଂ ୱାଲିଆ କହିଛନ୍ତି, ଏହାର ଶୁଭାରମ୍ଭ ହେବା ପରଠାରୁ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡକୁ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଏହି କାର୍ଡ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିଛି।

ସେହିପରି ଭିସା ଇଣ୍ଡିଆ ଏବଂ ଦକ୍ଷିଣ ଏସିଆ ପାଇଁ ମର୍ଚ୍ଚାଣ୍ଟ ସେଲ୍ସ ଆଣ୍ଡ କୋବ୍ରାଣ୍ଡ ମୁଖ୍ୟ ଋଷି ଛାବ୍ରା କହିଛନ୍ତି, ଆମାଜନ ପେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ସହ ଏହି ଯାତ୍ରାରେ ଅଂଶୀଦାର ହୋଇ ୫ନିୟୁତ କ୍ରେଡିଟ୍ କାର୍ଡ ଅତିକ୍ରମ କରି ଭିସା ଗର୍ବ ଅନୁଭବ କରୁଛି।

# ବ୍ଲାକ୍ ଜେଡ୍‌କୁ ଟପ୍ ଏକ୍ସପର୍ଟ ଆୱାର୍ଡ




ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଗରବତି ନିର୍ମାତା ମହୀଶୂର ଦୀପ ପ୍ରଫ୍ୟୁମେରୀ ହାଉସ (ଏମ୍‌ଡିପିଏଚ୍)ର ପ୍ରମୁଖ ବ୍ରାଣ୍ଡ୍ ବ୍ଲାକ୍ ଜେଡ୍‌କୁ ଶ୍ରେଷ୍ଠ ରପ୍ତାନି ପୁରସ୍କାର(ଟପ୍ ଏକ୍ସପର୍ଟ ଆୱାର୍ଡ) ମିଳିଛି। ଏପରିକି ବ୍ରାଣ୍ଡ୍‌ର ଗୁଣବତ୍ତା ଓ ଅଗରବତି ହସ୍ତଶିଳ୍ପ ବର୍ଗରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ,ବୟନଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ୍ସପର୍ଟ ପ୍ରମୋଶନ କାଉନସିଲ ଫର୍ ହାଣ୍ଡିକ୍ରାଫ୍ଟ୍ସ (ଇପିଏଚ୍‌ସି) ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ୨୪ତମ ହାଣ୍ଡିକ୍ରାଫ୍ଟ୍ସ ଏକପର୍ଟ ଆୱାର୍ଡ

**ଇପିସିଏଚ୍ ପକ୍ଷରୁ ଏମ୍‌ଡିପିଏଚ୍‌କୁ ମେରିଟ୍ ସାର୍ଟିଫିକେଟ୍**

ସେରିମନି ଉତ୍ସବରେ ବ୍ଲାକ୍ ଜେଡ୍‌କୁ ଟପ୍ ଏକ୍ସପର୍ଟ ଆୱାର୍ଡ ଦିଆଯାଇଥିବାବେଳେ ଇପିସିଏଚ୍ ପକ୍ଷରୁ ଏମ୍‌ଡିପିଏଚ୍‌କୁ ମଧ୍ୟ ମେରିଟ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବିଶେଷକରି ୨୦୧୯-୨୦ବର୍ଷ ଏବଂ ୨୦୨୦-୨୧ବର୍ଷ ପାଇଁ ମୋଟ ୧୨୩ଟି ସଂସ୍ଥାକୁ ବିଭିନ୍ନ ବର୍ଗରେ ପୁରସ୍କାର ଦିଆଯାଇଥିଲାବେଳେ ୨୦୧୯-୨୦ ବର୍ଷ ପାଇଁ ବ୍ଲାକ୍ ଜେଡ୍‌କୁ ଟପ୍ ଏକ୍ସପର୍ଟ ଆୱାର୍ଡ ଦିଆଯାଇଛି। ସେହିଭଳି ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହଙ୍କଠାରୁ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବୟନ ଶିଳ୍ପ ସଚିବ ରଚନା ଶାହା, ଆଇପିଓଏସ୍ ବିକାଶ ଆୟୁକ୍ତ ଅମ୍ରିତ ରାଜ ଏବଂ ଇପିସିଏଚ୍‌ର ଇଡି ଆର୍. କେ. ବର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଥିଲେ, ଇପିସିଏଚ୍‌ଠାରୁ ଆମେ ଏହି ପୁରସ୍କାର ପାଇଁ ବେଶ୍ ଉତ୍ସାହିତ ଥିଲାବେଳେ ଆମର କାର୍ଯ୍ୟକୁ ସ୍ୱୀକୃତି ଦେଇଥିବାରୁ ଆମେ ବୟନ ଶିଳ୍ପ ମନ୍ତ୍ରଣାଳୟ ଓ ଏକନର୍ଟ କାଉନସିଲକୁ ଧନ୍ୟବାଦ ଜଣାଉଛୁ।

# ଟିପିସିଓଡିଏଲ୍‌ର ମିଟର ଡେଟା ଆନାଲିସିସ୍ ଗ୍ରୁପ୍

ନୂଆଦିଲ୍ଲୀ,୩୧।୮

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର କାର୍ଯ୍ୟ ପରିସର ଅଞ୍ଚଳର ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ନିକଟରେ ମିଟର ଡେଟା ଆନାଲିସିସ୍ ଗ୍ରୁପ୍ (ଏମ୍‌ଡିଏଜି)ର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ସ୍ୱତନ୍ତ୍ର ଗ୍ରୁପ୍‌ରେ ଅଭିଜ୍ଞ କର୍ମଚାରୀ ରହିଛନ୍ତି, ଯେଉଁମାନେ କମ୍ପାନୀ ଦ୍ୱାରା ବିକଶିତ ସଫ୍ଟୱେର ବ୍ୟବହାରକରି ଗ୍ରାହକଙ୍କ ବିଦ୍ୟୁତ୍ ମିଟର ତଥ୍ୟକୁ ବିଶ୍ଳେଷଣ କରୁଛନ୍ତି। ସେହିଭଳି ଗ୍ରାହକଙ୍କ ମିଟରର ପ୍ରାଥମିକ କାର୍ଯ୍ୟ ହେଉଛି, ବିଲିଂ ଏବଂ ଶୁଳ୍କ ଆଦାୟ ଉଦ୍ଦେଶ୍ୟରେ ଉପଭୋକ୍ତାର ବିଦ୍ୟୁତ୍ ବ୍ୟବହାର ତଥ୍ୟକୁ ରେକର୍ଡ କରିବା। ତେବେ ମିଟରରେ ଆହୁରି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥାଏ। ଯାହାକୁ କେବଳ ବିଲିଂ ପାଇଁ ନୁହେଁ ବରଂ ଗ୍ରାହକସ୍ତରରେ ଯୋଗାଣର ଗୁଣବତ୍ତା, ବିଦ୍ୟୁତ୍ ସ୍ଥାପନର ଗୁଣବତ୍ତା, ମିଟରର ଗୁଣବତ୍ତା, ବିଦ୍ୟୁତ୍ ଚୋରି ଏବଂ ବୈଷୟିକ କ୍ଷତି ଆକଳନ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ।ବିଦ୍ୟୁତ୍ ଚୋରି ଠିକ୍ ସମୟରେ ବିଲ୍ ପୈଠ କରୁଥିବା ସଚ୍ଚୋଟ ଗ୍ରାହକଙ୍କ ଉପରେ ଅନୁଚିତ ଆର୍ଥିକ ବୋଝ ପକାଉଛି। ଟିପିସିଓଡିଏଲ୍ ଉପଭୋକ୍ତାଙ୍କୁ ୧୯୧୨ରେ କଲ୍ କରି କିମ୍ବା ୯୪୩୭୧୫୮୬୭୦ ରେ ହ୍ୱାଟ୍ସଆପ୍ ମାଧ୍ୟମରେ ବିଦ୍ୟୁତ୍ ଚୋରି ଘଟଣା ବିଷୟରେ ଜଣାଇବାକୁ ପ୍ରୋତ୍ସାହିତ କରାଯାଉଛି। ଯେଉଁମାନେ ଏଭଳି ଘଟଣା ବିଷୟରେ ଜଣାଇବେ ସେମାନଙ୍କ ପରିଚୟ ଗୋପନ ରଖାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଆମେ ଆମ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଚୋରି ବିଷୟରେ ଜଣାଇବାକୁ ଅନୁରୋଧ କରୁଛୁ। କାରଣ ଏହି ବେଆଇନ କାର୍ଯ୍ୟକୁ ରୋକିବାରେ ସେମାନଙ୍କ ସହଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ମିଳିତ ପ୍ରୟାସ ସଚ୍ଚୋଟ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଆମର ବିଦ୍ୟୁତ୍ ବିତରଣର ବିଶ୍ୱସନୀୟତାକୁ ସୁଦୃଢ଼ କରିବ। ନିରପେକ୍ଷ ଏବଂ ନିର୍ଭରଯୋଗ୍ୟ ସେବା ଯୋଗାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ଜନସାଧାରଣଙ୍କ ସମର୍ଥନରେ ଆମେ ଏହି ଲକ୍ଷ୍ୟ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିବୁ।

# ରିଅଲ୍‌ମି ୧୩ ସିରିଜ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ତଥା ରିଅଲ୍‌ମିର ନୂତନ ଉତ୍ପାଦ ' ରିଅଲ୍‌ମି ୧୩ ସିରିଜ୍ ୫ଜି ଏବଂ ରିଅଲ୍‌ମି ବଡ୍‌ସ ଟି୦୧'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବ୍ରାଣ୍ଡ୍‌ର ନମ୍ବର ସିରିଜ୍‌ରେ ଏହା ନୂତନ ଯୋଗ ହୋଇଥିବାବେଳେ ଉଭୟ ରିଅଲ୍‌ମି ୧୩ ସିରିଜ୍ ୫ଜି ଏବଂ ରିଅଲ୍‌ମି ବଡ୍‌ସ ଟି୦୧ରେ ଅନେକ ପ୍ରକାର ସୁବିଧା ଓ ଫିଚି ସାମିଲ ରହିଛି। ରିଅଲ୍‌ମିର ପ୍ରବକ୍ତା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ (ରିଅଲ୍‌ମି ୧୩ ସିରିଜ୍ ୫ଜି)କୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ଉତ୍ପାଦ ଆମର ପୋର୍ଟଫୋଲିଓରେ କେବଳ ଆଉ ଏକ ଯୋଗ ନୁହେଁ ବରଂ ଏହା ଏକ ଗେମ୍-ଚେଞ୍ଜର । ଏହା ମଧ୍ୟମ ରେଞ୍ଜର ମୂଲ୍ୟ ବର୍ଗ ମଧ୍ୟରେ ଶକ୍ତିକୁ ପୁନଃ ବ୍ୟାଖ୍ୟା କରିବା,କାର୍ଯ୍ୟଦକ୍ଷତା ପାଇଁ ଏକ ନୂଆ ମାନକ ସ୍ଥିର କରିବା ପାଇଁ ଲକ୍ଷ୍ୟ ରଖିଛି।

# ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)

ଦେଶରେ ଉତ୍ପାଦିତ ଅଶୋଧିତ ତୈଳ ଉପରେ କେନ୍ଦ୍ର ସରକାର ୱିଣ୍ଡ ଫଲ୍ ଟ୍ୟାକ୍ସ ୧୧.୯% ହ୍ରାସ କରିଛନ୍ତି। ଯାହା ପୂର୍ବରୁ ଟନ ପିଛା ୨୧୦୦ ଟଙ୍କା ଥିଲା ବର୍ତ୍ତମାନ ତାହା ୧୮୫୦ଟଙ୍କାର ପହଞ୍ଚିଛି। ଏହି ରିହାତି ଶନିବାର ଠାରୁ କାର୍ଯ୍ୟକାରୀ ହୋଇଛି । ଏହି ଟ୍ୟାକ୍ସ ସ୍ୱତନ୍ତ୍ର ଅତିରିକ୍ତ ଏକ୍ସାଇଜ ଡ୍ୟୁଟି (ଏସ୍‌ଏଇଡି) ଆକାରରେ ଆଦାୟ କରାଯାଉଥିବାବେଳେ ଡିଜେଲ,




ପେଟ୍ରୋଲ ଏବଂ ଜେଟ ଇନ୍ଧନ କିମ୍ବା ଏଟିଏଫ ରପ୍ତାନି ଉପରେ ଏହା ଶୂନ୍ୟ (୦) ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଜାରି କରାଯାଇଥିବା ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ଅଗଷ୍ଟ ୩୧ରୁ ଏହି ନୂତନ ହାର କାର୍ଯ୍ୟକାରୀ ହେବ। ଏହାପୂର୍ବରୁ ଅଗଷ୍ଟ ୧୬ ରେ ସରକାର ଅଶୋଧିତ ତୈଳ ଉପରେ ଏସ୍‌ଏଇଡି କିମ୍ବା ଟନ ପ୍ରତି ୫୪.୩ % ଅର୍ଥାତ୍ ୨,୧୦୦ ଟଙ୍କାକୁ ହ୍ରାସ କରିଥିବାବେଳେ ଡିଜେଲ ଏବଂ ଏଟିଏଫ ଉପରେ ଟିକସ ଶୂନରେ ଅପରିବର୍ତ୍ତିତ ରହିଥିଲା। ଏହି ପରି ଭାବରେ ଅଗଷ୍ଟ ମାସରେ ସରକାର ଦୁଇଥର ୱିଣ୍ଡଫଲ ଟ୍ୟାକ୍ସକୁ ପ୍ରାୟ ୬୦% ହ୍ରାସ କରିଛନ୍ତି।

# ବଜାରରେ ପୋକୋ ପ୍ୟାଡ୍ ୫ଜି

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଭାରତର ଉପଭୋକ୍ତା ଟେକ୍ନୋଲୋଜି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧିଶୀଳ ବ୍ରାଣ୍ଡ୍ ପୋକୋର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ପୋକୋ ପ୍ୟାଡ୍ ୫ଜି ଟାବ୍‌ଲେଟ୍‌ର ବଜାର ପ୍ରବେଶ ଓ ବିକ୍ରୟ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଡିଭାଇସ୍ ୨.୫ କେ ରିଜୋଲ୍ୟୁଶନ ସହ ଏକ ଚମତ୍କାର ଭିଜୁଆଲ ଅନୁଭୂତି ଓ ୧୨୦ଏଚ୍‌ଜେଡ୍ ଆଡାପ୍ଟିଭସିଙ୍କ ରିଫ୍ରେଶ୍ ରେଟ୍ ପ୍ରଦାନ କରୁଛି। ଏପରିକି ସ୍ନାପ୍‌ଡ୍ରାଗନ ୭ଏସ୍ ଜେନ୍୨ ଦ୍ୱାରା ପରିଚାଳିତ ଏହି ପରବର୍ତ୍ତୀ ପିଢ଼ିର ପ୍ୟାଡ୍‌ରେ ୩୩ୱାଟ୍ ଫାଷ୍ଟ ଚାର୍ଜିଂ ସପୋର୍ଟ ସହ ଏକ ଶକ୍ତିଶାଳୀ ୧୦,୦୦୦ ଏମ୍‌ଏଏଚ୍ ବ୍ୟାଟେରି ସାମିଲ ରହିଛି। ଏହି ଡିଭାଇସ୍ ପୋକୋ ସ୍ମାର୍ଟପେନ୍, ପୋକୋ କି ବୋର୍ଡ ଓ ଏକ ବ୍ୟାକ୍ କେସ୍ ସହ ଆସୁଥିବାବେଳେ ଏହା ୨ବର୍ଷର ଆଣ୍ଡ୍ରଏଡ୍ ଅପ୍‌ଡେଟ୍ ଓ ୩ବର୍ଷର ସିକ୍ୟୁରିଟି ଅପ୍‌ଡେଟ୍ ପ୍ରଦାନ କରୁଛି। ସେହିପରି ପୋକୋ ପ୍ୟାଡ୍ ୫ଜି ଟାବ୍‌ଲେଟ୍ ପିସ୍ତାସିଓ ଗ୍ରୀନ୍ ଓ କୋବାଲ୍ଟ ବ୍ଲୁ ରଙ୍ଗରେ ଉପଲବ୍ଧ ହେଉଥିଲାବେଳେ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି ଓ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ପେମେଣ୍ଟ କରୁଥିବା ଗ୍ରାହକମାନେ ୩୦୦୦ ଟଙ୍କାର ଏକ ରିହାତି ପାଇପାରିବେ।

# ଆୟୁର୍ବେଦିକ୍ ବିଜ୍ଞାନ ଗବେଷଣା କ୍ଷେତ୍ରରେ ସଫଳତା

ଭୁବନେଶ୍ୱର, ୩୧।୮ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଆୟୁର୍ବେଦିକ୍ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଏକ ଅପୂର୍ବ ସଫଳତା ମିଳିଛି। ଏପରିକି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ଆୟୁର୍ବେଦୀୟ ବିଜ୍ଞାନ ଅନୁସନ୍ଧାନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟକୁ ଏହି ସଫଳତା ମିଳିଥିବାବେଳେ ଆୟୁର୍ବେଦିକ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨ଜଣ ଛାତ୍ରୀଛାତ୍ରଙ୍କୁ ନଗଦ ୫୦,୦୦୦ ଟଙ୍କା ଲେଖାଏଁ ସମୁଦାୟ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି।

ଉଲ୍ଲେଖଯୋଗ୍ୟ, ଷ୍ଟୁଡେଣ୍ଟଶିପ୍ ପ୍ରୋଗ୍ରାମ ଫର୍ ଆୟୁର୍ବେଦ ରିସର୍ଚ୍ଚ କେନ୍ ବା ସ୍ପାର୍କ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲର ପ୍ରଥମ ବର୍ଷ ଛାତ୍ରୀ ମିତାଲି ହୃଦାନନ୍ଦ ସେଠୀ ନିଜର ଉତ୍କୃଷ୍ଟ ଗବେଷଣା ସନ୍ଦର୍ଭ ନିମନ୍ତେ ଏହି ବିରଳ ସଫଳତା ହାସଲ କରିଛନ୍ତି। ତାଙ୍କ ଗବେଷଣାର ବିଷୟବସ୍ତୁ 'ଆନ୍ ଅବଜର୍ଭେସନାଲ ଷ୍ଟଡି ଟୁ ଆସେସ୍ ଦ କ୍ୱାଲିଟି ଅଫ୍ ସ୍ଲିପ୍ ଏମଙ୍ଗ୍ ଡିଫରେଣ୍ଟ ପ୍ରକୃତି ଇଣ୍ଡିଭିଜୁଆଲ୍ ଉଇଥ୍ ସ୍ପେଶାଲ ରେଫରେନ୍ସ ଟୁ କ୍ରୋନୋଟାଇପ୍ (ବିଭିନ୍ନ ପ୍ରକୃତିର ବିଶେଷକରି କ୍ରୋନୋଟାଇପ୍ ବ୍ୟକ୍ତିମାନଙ୍କ ମଧ୍ୟରେ ନିଦର ଗୁଣବତ୍ତା ଆକଳନ ନିମନ୍ତେ ଏକ ଅଧ୍ୟୟନ) ରହିଥିଲା। ସେହିପରି ଅନୁଷ୍ଠାନର ଛାତ୍ର ସୁପ୍ରଭ ମେହେର ମଧ୍ୟ ଏଷ୍ଟାବ୍ଲିଶମେଣ୍ଟ ଅଫ୍ ନର୍ସରି ଟୁ ପ୍ରୁଭାଇଡ୍ ମେମୋରି-ଏନହାନ୍ସିଂ ପ୍ଲାଣ୍ଟ୍ସ ଫର୍ ହାୟର ସେକେଣ୍ଡାରି ସ୍କୁଲ୍ସ ପ୍ରେଜେଣ୍ଟ ଇନ୍ ବାରଙ୍ଗ ବ୍ଲକ୍, କଟକ, ଓଡ଼ିଶା (କଟକ ଜିଲା ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସ୍ମୃତିବର୍ଦ୍ଧକ ଚାରାଗଛ ରୋପଣ ନିମନ୍ତେ ନର୍ସରି ସ୍ଥାପନ) ବିଷୟରେ ସଫଳ ଗବେଷଣାକରି ଏହି କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି। ଏପରିକି ମିତାଲି 'କ୍ରିୟା ଶରୀର' ବିଭାଗର ସହକାରୀ ଅଧ୍ୟାପିକା ଡ. ସୋନମ ଅଗ୍ରୱାଲ ଓ ସୁପ୍ରଭ 'ଦ୍ରବ୍ୟଗୁଣ' ବିଭାଗର ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ଡ. ଗୋପବନ୍ଧୁ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ପାର୍କର ସିସିଆର୍‌ଏଏସ୍ ଷ୍ଟୁଡେଣ୍ଟଶିପ୍ କାର୍ଯ୍ୟକ୍ରମ ପାଇଁ ଏହି ଗବେଷଣା ସନ୍ଦର୍ଭ ପ୍ରସ୍ତୁତ କରିଥିଲେ ବୋଲି ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲର ଡିନ୍ ଓ ଚିକିତ୍ସା ଅଧୀକ୍ଷକ ପ୍ରଦୀପ କୁମାର ପଣ୍ଡା ବିସ୍ତୃତ ଭାବେ ଜଣାଇଛନ୍ତି।

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀଛାତ୍ରଙ୍କୁ ୧ ଲକ୍ଷ ଟଙ୍କାର ଛାତ୍ରବୃତ୍ତି**

# ରାଜ୍ୟର ବିକାଶ କ୍ଷେତ୍ରରେ ବ୍ଲୁ ପ୍ରିଣ୍ଟର ଆବଶ୍ୟକ

**୨ୟ ଦିନରେ ରିସର୍ଜେଣ୍ଟ ଓଡ଼ିଶା ୨୦୨୪**

ଭୁବନେଶ୍ୱର, ୩୧।୮ (ଅଭୟ ଦାଶ)




ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ପକ୍ଷରୁ ଆୟୋଜିତ ୩ ଦିନିଆ ଗ୍ଲୋବାଲ୍ ଟ୍ରେଡ୍ ଶୋ' 'ରିସର୍ଜେଣ୍ଟ ଓଡ଼ିଶା ୨୦୨୪'ର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨ୟ ଦିନରେ ବିଭିନ୍ନ କ୍ଷେତ୍ରକୁ ନେଇ ସ୍ୱତନ୍ତ୍ର ଅଧିବେଶନ ଓ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏପରିକି ରାଜ୍ୟର ବିକାଶ କ୍ଷେତ୍ରରେ ବ୍ଲୁ ପ୍ରିଣ୍ଟର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଆଲୋଚନାରେ ସାମିଲ ଅତିଥି ଓ ଶିଳ୍ପ ବିଶେଷଜ୍ଞମାନେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ୨ୟ ଦିନରେ ପ୍ରତିରକ୍ଷା କ୍ଷେତ୍ରରେ ରହିଥିବା ବ୍ୟାପକ ସୁଯୋଗ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ଅବସରରେ ଅବସରରେ ଇପିକଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ମହାନ୍ତିଙ୍କ ସମେତ ଏରୋସ୍ପେସ୍‌ର ସିଇଓ ଗୁରୁ ବିଶ୍ୱାଳ, ହାଲ୍ (କୋରାପୁଟ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା, ଇନ୍‌ଫାଣ୍ଟ୍ରିର ପୂର୍ବତନ ଡିଜି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ. କେ. ସାମନ୍ତରା ଓ କରୋଜନ ପ୍ରୋଟେକ୍ସନର ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇଥିଲାବେଳେ ୟୁସିସିଆଇଏଲ୍‌ର ବ୍ରିଗେଡିୟର ଏଲ୍. ସି . ପଟ୍ଟନାୟକ ସଂଯୋଜକ ଭାବେ ଏହି ଅଧିବେଶନର ପରିଚାଳନା କରିଥିଲେ। ସେହିଭଳି ଓଡ଼ିଶାରେ ଲଜିଷ୍ଟିକ୍ସ ଓ ପରିବହନ ଭିତ୍ତିଭୂମି ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଇ ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍‌ଇଜେଡ୍‌ର ଗ୍ରୁପ୍ ଆଡଭାଇଜର ସୁବ୍ରତ ତ୍ରିପାଠୀ, ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର ସୁରେଶ ମିଶ୍ର, ହଂଚ ମୋବିଲିଟି (ଆଭିଏସନ)ର ଏମ୍‌ଡି ଅମିତ ଦତ୍ତା ନିଜ ନିଜର ମତ ଉପସ୍ଥାପନ କରିଥିଲାବେଳେ ୟୁସିସିଆଇଏଲ୍‌ର ଜେ. କେ. ରଥ ଏହି ଅଧିବେଶନର ସଂଯୋଜନା କରିଥିଲେ। ସେହିପରି ନୂଆ ପିଢ଼ିର ଶିଳ୍ପ ଓ ରପ୍ତାନି ସମ୍ଭାବନା ଉପରେ ଆୟୋଜିତ ଆଲୋଚନାଚକ୍ରରେ ଆଇଆଇଟି ଭୁବନେଶରର ନିର୍ଦ୍ଦେଶକ ଶ୍ରୀପଦ କର୍ମାକର, ପିଡବ୍ଲୁସି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୁଜୟ ସେଟ୍ଟୀ, ଡନ୍ ଆଣ୍ଡ ବ୍ରାଡସିଟର ଉପ ମୁଖ୍ୟ ସୌରଭ କିଶୋର ବକ୍ତାଭାବେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲାବେଳେ ୟୁସିସିଆଇଏଲ୍‌ର ଏସ୍.ଏସ୍. ମହାନ୍ତି ସଂଯୋଜନା କରିଥିଲେ। ପରିଶେଷରେ ଡିଜିଟାଇଜେଶନ ଓ ଏଆଇ ଫୋକସ ଏମ୍‌ଏସ୍‌ଏମ୍‌ଇ ସହ ସହଜରେ ବ୍ୟବସାୟ କରିବା ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ଏସ୍‌ଏମ୍‌ଇର ଯୁଗ୍ମ ନିର୍ଦ୍ଦେଶକ ଡିଏଫ୍‌ଓ ପି. କେ. ଗୁପ୍ତା, ପିଡବ୍ଲୁସି (ଇଏସ୍‌ଡିଏମ୍) ନିର୍ଦ୍ଦେଶକ ରମେଶ କୁମାର, ଡନ୍ ଆଣ୍ଡ ବ୍ରାଡସିଟର ସେଲ୍ସ ନିର୍ଦ୍ଦେଶକ ଅଜୟ ମହସୁର ଓ ଏସାର ମିନମେଟର ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ବକ୍ତା ଭାବେ ଯୋଗଦେଇଥିଲେ।

# ୨୨.୯୪ କିମି ଦୋହରୀକରଣ କାର୍ଯ୍ୟ ଶେଷ

## କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ପ୍ରକଳ୍ପ

ଭୁବନେଶ୍ୱର,୩୧।୮
(ଅନୁରାଧା ମହାରଣା)



କୋରାପୁଟ- ସିଙ୍ଗାପୁର ରୋଡ୍ (ରାୟଗଡା) ର ୧୬୫ କି.ମି. ଦୀର୍ଘ ରେଳ ଲାଇନ୍‌ରେ ଦୋହରୀକରଣ କାର୍ଯ୍ୟ ଚାଲିଛି। ଇତିମଧ୍ୟରେ ଏହି ପ୍ରକଳ୍ପର ଲକ୍ଷ୍ମୀପୁର ଏବଂ ଟିକିରି ମଧ୍ୟରେ ୨୨.୯୪ କି.ମି. ରେଳ ଲାଇନ ଦୋହରୀକରଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଛି। ଅନ୍ୟପଟେ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଟିକିରି ଓ ଭାଲୁମାସ୍କା ଷ୍ଟେଶନ ମଧ୍ୟରେ ୪୫.୪୬ କି.ମି. ରେଳ ସେକ୍ସନ ମଧ୍ୟରେ ଟନେଲ ଏବଂ ସେତୁ ନିର୍ମାଣ ପାଇଁ ମଧ୍ୟ ଟେଣ୍ଡର କରାଯାଇଛି। ଲକ୍ଷ୍ମୀପୁର ରୋଡ୍ ଓ ବାଇଗୁଡା ମଧ୍ୟରେ ୨୭.୮୨ କି.ମି. ରେଳ ଲାଇନ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଏହି କାର୍ଯ୍ୟରେ ଅନେକ ଇଞ୍ଜିନିୟରିଂ ସଂସ୍ଥା ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଥିବା ପୂର୍ବତଟ ରେଳ ପକ୍ଷରୁ କୁହାଯାଇଛି। କୋରାପୁଟ-ରାୟଗଡା ରେଳ ମାର୍ଗରେ ବହୁ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ରହିଛି। ବିଶେଷକରି ଟିକିରି-ଭାଲୁମାସ୍କା ରେଳ ସେକ୍ସନ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ଅବସ୍ଥିତ। ବର୍ତ୍ତମାନ କୋରାପୁଟ-ରାୟଗଡା ରେଳ ମାର୍ଗରେ ୩୬ଟି ଟନେଲ ଥିବାବେଳେ ଦୋହରୀକରଣ କାର୍ଯ୍ୟରେ ୩୨ଟି ଟନେଲ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ସେଥିମଧ୍ୟରେ ଟିକିରି ଓ ଭାଲୁମାସ୍କା ମଧ୍ୟରେ ୧୯ଟି, ଭାଲୁମାସ୍କା ଓ ସିଙ୍ଗାପୁର ରୋଡ୍ ମଧ୍ୟରେ ୯ଟି ଏବଂ ବାଇଗୁଡା ଓ ଲକ୍ଷ୍ମୀପୁର ରୋଡ୍ ମଧ୍ୟରେ ୪ଟି ଟନେଲ ରହିଛି। ଗୋଟିଏ ପାର୍ଶ୍ୱରେ ପାହାଡ ମଧ୍ୟରେ ସୀମାନ୍ତ ଅଞ୍ଚଳ ରହିଥିବାବେଳେ ଅନ୍ୟ ପାର୍ଶ୍ୱରେ ୧୦୦ ମିଟରରୁ ଅଧିକ ଖାଇ ଓ ଗଭୀର ଉପତ୍ୟକା ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ ଅତି ବିପଜ୍ଜନକ ବୋଲି ଶନିବାର ପୂର୍ବତଟ ରେଳପଥ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ ଉଲ୍ଲେଖ କରାଯାଇଛି।

### ପର୍ଯ୍ୟଟନକୁ ପ୍ରୋତ୍ସାହନ, ଆର୍ଥିକ ଅଭିବୃଦ୍ଧି ଆଶା

କୋରାପୁଟ-ସିଙ୍ଗାପୁର ରୋଡ ରେଳ ଲାଇନ ମାର୍ଗ ଏହାର ଚମତ୍କାର ଦୃଶ୍ୟ ପାଇଁ ପ୍ରସିଦ୍ଧ, ଯାହା ୟୁରୋପୀୟ ଦେଶଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତା କରେ। ଏହି ରେଳ ଲାଇନ୍‌ର ଦୋହରୀକରଣ ହେବା କେବଳ ରେଳ ପରିବହନର ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବ ନାହିଁ, ବରଂ ଏହି ଅଞ୍ଚଳରେ ପର୍ଯ୍ୟଟନ ପାଇଁ ନୂତନ ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି ପୂର୍ବତଟ ରେଳପଥ ଆଶା ରଖିଛି। ଏହି ପ୍ରକଳ୍ପ ଦ୍ୱାରା ପର୍ଯ୍ୟଟକମାନେ ଚମତ୍କାର ଦୃଶ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ଅନୁଭବ କରିବେ। ଉନ୍ନତ ଭିତ୍ତିଭୂମି ଯାତ୍ରୀମାନଙ୍କୁ ଆକର୍ଷିତ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି କୁହାଯାଇଛି।

# ମା' ସିଂହୀ ଛାଡ଼ିଦେଲା, ଆଖିବୁଜିଲେ ୨ ଛୁଆ

ବାରଙ୍ଗ,୩୧।୮ (ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୯ ବର୍ଷର ସିଂହୀ 'ବିଜ୍‌ଲୀ' ୨ ଦିନ ପୂର୍ବେ ୫ ଛୁଆକୁ ଜନ୍ମ ଦେଇଥିଲା। ସେ ୩ ଛୁଆକୁ ଆପଣେଇଥିବାବେଳେ ଅନ୍ୟ ୨ ଛୁଆକୁ ଆପଣେଇ ନ ଥିଲା। ତେବେ ସେହି ୨ ଛୁଆଙ୍କ ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ବିଜ୍‌ଲୀ ଗୁରୁବାର ୫ ଛୁଆ ଜନ୍ମ ଦେଇଥିଲା। ଏହା ପରେ ପ୍ରାଣୀ ବିଭାଗ ସଜାଗ ହୋଇ ସିସି କ୍ୟାମେରା ଲଗାଇ ତା'ର ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ୨ଟି ଛୁଆକୁ ସିଂହୀ ଗ୍ରହଣ କରି ନ ଥିବା ଜଣାପଡ଼ିଥିଲା। ଦାୟିତ୍ୱରେ ଥିବା କର୍ମଚାରୀଙ୍କଠୁ ସୂଚନା ପାଇ ପ୍ରାଣୀ ବିଭାଗ କର୍ମଚାରୀ ମା'ଠାରୁ ୨ ଛୁଆକୁ ଉଦ୍ଧାର କରିଥିବାବେଳେ ଗୋଟିକର ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଥିଲା। ଅନ୍ୟ ଛୁଆକୁ କର୍ତ୍ତୃପକ୍ଷ ଲାଳନପାଳନ କେନ୍ଦ୍ରରେ ଛାଡ଼ିଥିବାବେଳେ ଶନିବାର ସକାଳେ ତା'ର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ୨ ଛୁଆଙ୍କ ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ହ୍ରାସ ପାଇ ୨୩ରେ ପହଞ୍ଚିଛି। ତେବେ ୨ଟି ଛୁଆର ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଅନ୍ଧାରୀ ଘରେ ରହୁଥିବା ଧୂସର ପେଚା ମଧ୍ୟରୁ ୨ ପେଚାର ଶନିବାର ମୃତ୍ୟୁ ହୋଇଛି। ଗୋଟିଏ ଦିନରେ ୨ ସିଂହ ଛୁଆ ଓ ୨ ଧୂସର ପେଚାର ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀ ଚିନ୍ତା ବ୍ୟକ୍ତ କରିଛନ୍ତି।

# ଖଣି ଅଞ୍ଚଳରେ ବାଘ ଆତଙ୍କ

ଯୋଡ଼ା,୩୧।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ବାଘ ଆତଙ୍କ ଦେଖାଯାଇଛି। ଗତ ୨ ଦିନ ହେଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଗୁଆଲି ଅଞ୍ଚଳରେ ଥିବା ଏକ ଖଣିରେ ବାଘ ବୁଲୁଥିବାର ଭିଡିଓ ଭାଇରାଲ ହେଉଛି। ପରେ ବାଘକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ମୁଖ୍ୟତଃ ଗୁଆଲି, କେନ୍ଦୁଡ଼ିହୀ, ଗନ୍ଧଲପଦା ପ୍ରଭୃତି ଅଞ୍ଚଳରେ ଏହି ଭାଇରାଲ ଭିଡିଓକୁ ଦେଖି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ବନ ବିଭାଗ ବାଘ ଦେଖାଯାଇଥିବା ଖଣିକୁ ପରିଦର୍ଶନରେ ଯାଇ ନ ଥିବା ଜଣାପଡ଼ିଛି। ଖଣି ଅଞ୍ଚଳରେ ବାଘଟି ବୁଲୁଥିବା ସିସି କ୍ୟାମେରାରେ ଆବଦ୍ଧ ହୋଇଥିବା ପରି ଭାଇରାଲ ଭିଡିଓରୁ ଜଣାପଡୁଛି। କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନ୍‌ରାଜ କହିଛନ୍ତି, ବନ ବିଭାଗ ଏ ଦିଗରେ ସମ୍ପୂର୍ଣ୍ଣ ଭାବେ ଅବଗତ ଅଛି। ଏହା କଲରାପତରିଆ ବାଘ ଭଳି ସିସିଟିଭି ଫୁଟେଜ୍‌ରୁ ଦୃଶ୍ୟମାନ ହେଉଛି। ଏହା ସୁନ୍ଦରଗଡ଼ ଜିଲା କୋଇଡ଼ା ଅଞ୍ଚଳର ବି ହୋଇଥାଇ ପାରେ। ସ୍ଥାନୀୟ ବନ କର୍ମଚାରୀଙ୍କୁ ଯୋଗାଯୋଗ କରାଯାଇ ତଦନ୍ତ ଚାଲିଛି।

# ନର୍ସିଂ କଲେଜରେ ରାଗିଂ ଅଭିଯୋଗ, ଜିଲାପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର



ଭବାନୀପାଟଣା,୩୧।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କାମଠଣାଠାରେ ଥିବା ନର୍ସିଂ କଲେଜରେ ରାଗିଂ ଅଭିଯୋଗକୁ ନେଇ ସିନିୟର ଓ ଜୁନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ କିଛିଦିନ ହେଲା କଲେଜର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ରାଗିଂ କରୁଥିବା ନେଇ ପ୍ରଥମବର୍ଷ ଛାତ୍ରୀଛାତ୍ର କଲେଜ ଅଧ୍ୟକ୍ଷା ରଞ୍ଜିତା ବେଉରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଧ୍ୟକ୍ଷା ବେଉରା ସେମାନଙ୍କ ଅଭିଯୋଗ ପତ୍ରକୁ ଜିଲାପାଳଙ୍କୁ ପାଖକୁ ପଠାଇ ଦେଇଥିଲେ। ହେଲେ ଶନିବାର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ଏ ଅଭିଯୋଗକୁ ମିଛ କହିବା ସହ ଅଧ୍ୟକ୍ଷା ବେଉରା ସେମାନଙ୍କୁ ଅସଦାଚରଣ କରୁଥିବା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଇଛନ୍ତି। ଏ ନେଇ ହଷ୍ଟେଲ କ୍ୟାମ୍ପସରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନର ରାସ୍ତା ବାହାରିପାରି ନାହିଁ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ରଞ୍ଜିତା ବେଉରାଙ୍କୁ ପଚାରିବାରୁ ସିନିୟର ଛାତ୍ରୀଛାତ୍ର ସେମାନଙ୍କୁ ରାଗିଂ କରୁଥିବା ନେଇ ପ୍ରଥମ ବର୍ଷ ଛାତ୍ରୀଛାତ୍ର ମୋତେ ଅଭିଯୋଗ କରିଥିଲେ। ଏହାପରେ ହଷ୍ଟେଲ ସେକ୍ରେଟାରିଙ୍କୁ ଡାକି ଏ ବିଷୟରେ ପଚାରିଥିଲି, କିନ୍ତୁ ସେ ଏହାକୁ ଖଣ୍ଡନ କରିଥିଲେ ବୋଲି କହିଥିଲେ।

# ସମ୍ପର୍କ ସେତୁ ଲୋକାର୍ପିତ

- ଭିଡିଓ କନ୍‌ଫରେନ୍ସିଂରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ୩ ୱାର୍ଡ ଯୋଗାଯୋଗର ମୁଖ୍ୟ ମାଧ୍ୟମ ସାଜିବ

ବାରିପଦା, ୩୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ଶୁକଯୋଡ଼ା ନାଳରେ ନୂତନ ପୋଲ 'ସମ୍ପର୍କ ସେତୁ' ଶନିବାର ଲୋକାର୍ପିତ ହୋଇଯାଇଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ବିଧାୟକ ପ୍ରକାଶ ସୋରେନ ଭିଡିଓ କନ୍‌ଫରେନ୍ସିଂରେ ଉତ୍ସବରେ ଯୋଗଦେଇ ୱାର୍ଡ ନଂ. ୧୯, ୧୭ ଓ ୩ ଅଞ୍ଚଳବାସୀଙ୍କ ଅନେକ ଦିନର ଦାବିପୂରଣ ହୋଇଛି। ସେତୁ ୩ ୱାର୍ଡ ମଧ୍ୟରେ ଯୋଗାଯୋଗର ମୁଖ୍ୟ ମାଧ୍ୟମ ସାଜିବ ବୋଲି କହିଥିଲେ। ପରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଫିତା କାଟିଥିଲେ। ସଭାରେ ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ମଧୁସ୍ମିତା ସାମନ୍ତରାୟ ଏବଂ ୱାର୍ଡ କାଉନ୍‌ସିଲରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶୁକଯୋଡ଼ା ନାଳରେ ରାଜାରାଜୁଡ଼ା ଅମଳର ପୁରାତନ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଗତ ଫାଇଲିନ୍ ବାତ୍ୟାରେ ପୋଲର ତଳ ଅଂଶ ଭାଙ୍ଗିଯାଇଥିଲା। ନାଳ ଉପରେ ନିର୍ମିତ କଲଭର୍ଟରେ ଭୀଷଣ ବର୍ଷା ହେଲେ ଜଳ ପ୍ରବାହିତ ହୋଇ ଗମନାଗମନରେ ବାଧା ସୃଷ୍ଟି କରୁଥିଲା। ପୂର୍ବରୁ ବନ୍ୟାଜଳ ପ୍ରବାହିତ ସମୟରେ ଉକ୍ତ ସ୍ଥାନରେ ଜଣେ ବ୍ୟକ୍ତି ଭାସିଯାଇ ମୃତ୍ୟୁବରଣ କରିଥିଲେ। ନୂତନ ପୋଲ ନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲେ। ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ନୂତନ ପୋଲ ସମେତ ଆପ୍ରୋଚ୍ ରାସ୍ତା ନିର୍ମାଣ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ୭୧ଲକ୍ଷ ୪୪ ହଜାର ଟଙ୍କାର ଅଟକଳ ଅନୁମୋଦନ କରାଯାଇଥିଲା। ଏନେଇ ନଗରପାଳ ଗତ ମାର୍ଚ୍ଚ ୧୦ରେ ଶିଳାନ୍ୟାସ କରିଥିଲେ। ଉକ୍ତ ପୋଲ ୱାର୍ଡ ନମ୍ବର ୧୯, ୧୭ ଓ ୩ର ମୁଖ୍ୟ ସଂଯୋଗର ମାଧ୍ୟମ। ତେଣୁ ଏହାର ନାମ ସମ୍ପର୍କ ସେତୁ ରଖାଯାଇଛି। କାର୍ଯ୍ୟକ୍ରମରେ ୱାର୍ଡ କାଉନ୍‌ସିଲର ଦିଗ୍‌ବିଜୟ ହାଁସଦା, କରୁଣାକର ହେମ୍ବ୍ରମ, ରାଜ ଗୁପ୍ତା, ପୌର ନିର୍ବାହୀଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ, ବିଭାଗୀୟ ଯନ୍ତ୍ରୀ, କର୍ମଚାରୀମାନଙ୍କ ସମେତ ୱାର୍ଡର ଜନସାଧାରଣ ଉପସ୍ଥିତ ରହିଥିଲେ।



ନଗରପାଳ ଫିତାକାଟି ସମ୍ପର୍କ ସେତୁର ଲୋକାର୍ପଣ କରୁଛନ୍ତି।

# ନୂଆ ସରକାର ଦାୟିତ୍ୱ ନେବା ପରେ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଛି: ନବୀନ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

ରାଜ୍ୟରେ ନୂଆ ସରକାର ଦାୟିତ୍ୱ ନେବା ପରେ ବାଲେଶ୍ୱର ଜିଲା ସହିତ ରାଜ୍ୟର ବିଭିନ୍ନ ଭାଗରେ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଥିଲା। ନିକଟରେ ଏକ ସାମ୍ପ୍ରଦାୟିକ ଗଣ୍ଡଗୋଳରେ ଖୋର୍ଦ୍ଧାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଓଡ଼ିଶା ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ପାଇଁ ଜଣାଶୁଣା ରହିଛି। ଏହାକୁ ଯେ କୌଣସି ମତେ ବଜାୟ ରଖିବାକୁ ପଡ଼ିବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନାରେ ମତ ରଖି ନବୀନ କହିଛନ୍ତି, ରଥଯାତ୍ରା ସମୟରେ ମହାପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣା ଲକ୍ଷ ଲକ୍ଷ ଭକ୍ତଙ୍କୁ ଆଘାତ ଦେଇଥିଲା। ନିକଟରେ ଗଞ୍ଜାମ ଜିଲାର ଚିକିଟିଠାରେ ହୋଇଥିବା ମଦମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଆମେ ସବୁବେଳେ ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଉଥିଲୁ। ରାଜ୍ୟପାଳ ପୁଅଙ୍କ ମାଡ଼ ସମ୍ପର୍କରେ ନବୀନ କହିଛନ୍ତି, ରଥଯାତ୍ରା ସମୟରେ ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀ ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ମାରିବା ସହ ଅପମାନିତ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ରାଜ୍ୟପାଳଙ୍କ ପୁଅ କିମ୍ବା ମନ୍ତ୍ରୀ, ଏମ୍‌ପି କିମ୍ବା ବିଧାୟକଙ୍କ ପୁଅ କିମ୍ବା ବରିଷ୍ଠ ଅଧିକାରୀଙ୍କ ପୁଅ କ'ଣ ଆଇନର ଊର୍ଦ୍ଧ୍ୱରେ କି। ମୋ ସରକାରଙ୍କ ସମୟରେ ଯେ କୌଣସି ବ୍ୟକ୍ତି ଯେତେ ବଡ଼ ପଦବୀରେ ଥାଆନ୍ତୁ ନା କାହିଁକି ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୃହ ବିଭାଗ ରହିଛି। ମୁଁ ଆଶା କରିବି ଏ ସମସ୍ତ ଘଟଣା ସହିତ ନିକଟରେ ଘଟିଥିବା ଏକ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା ଇତ୍ୟାଦି ବିଷୟରେ ମୁଖ୍ୟମନ୍ତ୍ରୀ ଅବଗତ ଥିବେ। ଏ ସବୁ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା। ଆମ ସରକାର ବେଳେ ଏଭଳି ଘଟଣା କେବେ ଘଟି ନ ଥିଲା ବୋଲି ନବୀନ କହିଛନ୍ତି।



# ବାର୍ଡ ଫ୍ଲୁ ସଂକ୍ରମିତ କୁକୁଡ଼ା ଖାଇ ମରୁଛନ୍ତି କାଉ

ବଲାଙ୍ଗୀ,୩୧।୮ (କେଦାରେଶ୍ୱର ନନ୍ଦ)

ବଲାଙ୍ଗୀ ଥାନା ଅଧୀନ କୋଠକୁସାଙ୍ଗ ଗ୍ରାମରେ ବାର୍ଡ ଫ୍ଲୁ ସଂକ୍ରମିତ କୁକୁଡ଼ା ଖାଇ କାଉ ମରୁଥିବା ଦେଖିବାକୁ ମିଳିଛି। ଶନିବାର ନୂଆସନ୍ଥ ପଞ୍ଚାୟତ ଅଫିସଠାରେ ପ୍ରାଣୀ ସମ୍ପଦ ପକ୍ଷରୁ ଏକ ସେଣ୍ଟର କରାଯାଇ ୧୦ଟି ଟିମ୍ ଗଠନ ହୋଇ ଉକ୍ତ ପଞ୍ଚାୟତରେ ରହି ବାର୍ଡ ଫ୍ଲୁ ସଂକ୍ରମିତ ବିଭିନ୍ନ ଗ୍ରାମ ବୁଲି ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି। ପୂର୍ବରୁ ଅଞ୍ଚଳରେ ଥିବା ବିଭିନ୍ନ ଫାର୍ମରେ କୁକୁଡ଼ା ମଡ଼କ ଦେଖାଦେଇଥିଲାବେଳେ ଫାର୍ମ ମାଲିକ ସେମାନଙ୍କୁ ରାସ୍ତାପାର୍ଶ୍ୱ, କେନାଲ ଓ ନଦୀରେ ଫିଙ୍ଗି ଦେଉଥିଲେ। ତେଣୁ ପ୍ରାଣୀ ସମ୍ପଦ ବିଭାଗ ଏଭଳି ନ କରିବାକୁ ପରାମର୍ଶ ଦେଇଛି। କିନ୍ତୁ ଏବେ ଫ୍ଲୁ ସଂକ୍ରମିତ କୁକୁଡ଼ାଙ୍କୁ କାଉ, ବୁଲା କୁକୁର ଖାଇ ସଂକ୍ରମଣର ଶିକାର ହେଉଥିବା ଅଞ୍ଚଳବାସୀ କହିଛନ୍ତି। କୋଠକୁସାଙ୍ଗ ଗ୍ରାମର ମନ୍ଦିର ଓ ବିଭିନ୍ନ ଜାଗାରେ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ଆଉ ମଧ୍ୟ କେତେଗୁଡ଼େ କାଉ ତଳେ ପଡ଼ି ଉଡ଼ି ପାରୁ ନ ଥିବାବେଳେ ପ୍ରତ୍ୟେକ ଦିନ ୨/୪ କାଉ ମରୁଥିବା ଅଞ୍ଚଳବାସୀ କହୁଛନ୍ତି। ଏହିଭଳି ଘଟଣା ଦ୍ୱାରା ବାର୍ଡ ଫ୍ଲୁର ଆତଙ୍କରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ରଙ୍କୁ ଏହି ବାବଦରେ ପଚାରିବାରେ, ସେ ଏ ବିଷୟରେ କିଛି କହିପାରିବେନି ବୋଲି କହିଥିଲେ। ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉଦୟଗିରିରେ ରହିଛି ପଦ୍ମସମ୍ଭବଙ୍କ ଦେହାବଶେଷ

ଯାଜପୁର,୩୧।୮
(ହର୍ଷବର୍ଦ୍ଧନ ବେହେରା)

ଅଷ୍ଟମ ଶତାବ୍ଦୀର ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ପୁରାତନ ଓଡ଼ିଶା 'ଉଡ଼ିୟାନ'ର ସମ୍ବଲପୁର ଭୂଖଣ୍ଡରେ ବୋଲି ତଥ୍ୟଭିତ୍ତିକ ପ୍ରମାଣ ଉପସ୍ଥାପନ କରିଛନ୍ତି ବୌଦ୍ଧ ଗବେଷକ ପ୍ରବୀର ପଟ୍ଟନାୟକ। ବିହାରର ନାଳନ୍ଦା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨୯ ଓ ୩୦ରେ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଯୋଗଦେଇ ଗବେଷକ ପଟ୍ଟନାୟକ ତାଙ୍କ ନିବନ୍ଧକରେ ଉଲ୍ଲେଖ କରିଛନ୍ତି ଯେ, ରାଜା ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କ ଦେହାବଶେଷ ଯାଜପୁର ଜିଲାର ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିର ମାଧବପୁର ବୌଦ୍ଧ ମହାବିହାର ସଂଲଗ୍ନ ଇଲାକାରେ ସଂରକ୍ଷିତ ଅଛି। ଏହି ବୌଦ୍ଧବିହାର ସମ୍ମୁଖ ଭାଗରେ ଥିବା ଅବଲୋକିତେଶ୍ୱରଙ୍କ ମୂର୍ତ୍ତିର ପଛପଟେ ଥିବା ଏକ ଶିଳାଲେଖରେ ଏହି ତଥ୍ୟ ଲିପିବଦ୍ଧ ହୋଇରହିଛି। ୨୫ ଧାଡ଼ି ବିଶିଷ୍ଟ ଲେଖାରେ ପଦ୍ମସମ୍ଭବଙ୍କ ଦେହାସ୍ଥି (ରେଲିକ୍ସ କାସ୍‌କେଟ୍) ଏହି ସ୍ତୂପର କୌଣସି ଅଂଶରେ ରଖାଯାଇଥିବା ଦର୍ଶାଯାଇଛି।

ବିଭିନ୍ନ ସମୟରେ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଭିନ୍ନ ଭିନ୍ନ ସ୍ଥାନକୁ ଦର୍ଶାଯାଉଛି। କିନ୍ତୁ ବିଭିନ୍ନ ଅଭିଲେଖ, ଗ୍ରନ୍ଥ, ଗବେଷଣା ଆଧାରରେ ପଟ୍ଟନାୟକ ଏହି ନୂତନ ତଥ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଆଲୋଚନା ବେଳେ ଗବେଷକ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ବିଶିଷ୍ଟ ଐତିହାସିକ ପ୍ରଫେସର ନବୀନ କୁମାର ସାହୁଙ୍କ ଦ୍ୱାରା ଲିଖିତ ପ୍ରାୟ ୬୦ ବର୍ଷ ତଳର ଗବେଷଣା ନିବନ୍ଧ 'ଓଡ଼ିଶାରେ ବୌଦ୍ଧଧର୍ମ' ପୁସ୍ତକରେ ଏ ସମ୍ପର୍କରେ ସମ୍ୟକ ତଥ୍ୟ ଓ ସୂଚନା ଦିଆଯାଇଥିଲା। କଲିକତା ବିଶ୍ୱବିଦ୍ୟାଳୟର ପାଲିଭାଷା ବିଭାଗର ତତ୍କାଳୀନ ମୁଖ୍ୟ ପ୍ରଫେସର ନଳିନାକ୍ଷ ଦତ୍ତ ତାଙ୍କ ଗବେଷଣାରେ ପଦ୍ମସମ୍ଭବଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିଭଳି ଗଜପତି ଜିଲାର ଜିରାଙ୍ଗଠାରେ ତିବ୍ବତୀୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧବିହାର ପଦ୍ମସମ୍ଭବଙ୍କ ନାମରେ ନାମିତ ହୋଇଛି। ବୌଦ୍ଧଗୁରୁ ଦଲାଇଲାମାଙ୍କ ଦ୍ୱାରା ଏହାର ଉଦ୍‌ଘାଟନ ହେବା ପରେ ପଦ୍ମସମ୍ଭବଙ୍କ ସମ୍ପର୍କରେ ନୂଆ ତଥ୍ୟ ଲୋକଲୋଚନକୁ ଆସିଥିଲା। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଆନ୍ତର୍ଜାତିକ ବୌଦ୍ଧ ମହାସଂଘ ଓ ନବନାଳନ୍ଦା ବୌଦ୍ଧ ମହାବିହାର (ନାଳନ୍ଦା ବିଶ୍ୱବିଦ୍ୟାଳୟ) ପକ୍ଷରୁ ବିଶ୍ୱବିଦ୍ୟାଳୟରେ 'ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ଉତ୍ତର ପରମ୍ପରାର ଉନ୍ମୋଚନ' ଶୀର୍ଷକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ପଦ୍ମସମ୍ଭବଙ୍କ ଜୀବନୀ, ଦର୍ଶନ, ତତ୍ତ୍ୱ, ତାଙ୍କ ଶିକ୍ଷା, ତାନ୍ତ୍ରିକ ବୌଦ୍ଧଧର୍ମ, ଦେବତା ଯୋଗ ଇତ୍ୟାଦି ଉପରେ ଭାରତ ସମେତ ଶ୍ରୀଲଙ୍କା, ଭୁଟାନ, ରୁଷିଆ, ତିବ୍ବତରୁ ଯୋଗଦେଇଥିବା ଶତାଧିକ ବୌଦ୍ଧ ଗବେଷକ, ବୌଦ୍ଧଶ୍ରମଣ ଓ ଐତିହାସିକମାନେ ଆଲୋଚନା କରିଥିଲେ।

ଅନ୍ୟତମ ଗବେଷକ ତଥା ଲେଖକ ସୁନୀଲ କୁମାର ପଟ୍ଟନାୟକ ମଧ୍ୟ ନିଜ ନିବନ୍ଧ ପାଠ କରିଥିଲେ। ଯାଜପୁର ଜିଲାର 'ହୀରକ ତ୍ରିଭୁଜ' ବୌଦ୍ଧ ସର୍କିଟ ଅନ୍ତର୍ଗତ ଲଳିତଗିରି, ରତ୍ନଗିରି, ଉଦୟଗିରି ଭିତରୁ ପ୍ରଥମେ ଲଳିତଗିରି ବୌଦ୍ଧବିହାରର ଲଣ୍ଡା ପାହାଡ଼ ଶୀର୍ଷରେ ଥିବା ବୌଦ୍ଧସ୍ତୂପରୁ ବିରଳ 'ରେଲିକ୍ସ କାସ୍‌କେଟ୍' ଆବିଷ୍କୃତ ହୋଇଥିଲା। ସେହିଭଳି ୧୯୮୫ରେ ଏଏସ୍‌ଆଇ ପକ୍ଷରୁ ଉଦୟଗିର ଖନନ ହୋଇ ମାଧବପୁର ବୌଦ୍ଧ ମହାବିହାରର ସନ୍ଧାନ ମିଳିଥିଲା। ଏହି 'ଜଟାମୁକୁଟ-ଲୋକେଶ୍ୱର'ମହାକରୁଣା ମୂର୍ତ୍ତିର ପଛପାର୍ଶ୍ୱରେ ଏହି ଶିଳାଲେଖ ଲିପିବଦ୍ଧ ହୋଇଥିବା ଜଣାପଡ଼ିଛି। ମୂର୍ତ୍ତିଟିର ତଳଭାଗରେ ତାରା ଓ ହୟଗ୍ରୀବଙ୍କ ପ୍ରତିମା ରହିଥିବାବେଳେ ଉପରିଭାଗରେ ସୁଧାନକୁମାର ଓ ଭୃକୁଟିଙ୍କ କ୍ଷୁଦ୍ର ପ୍ରତିମା ମଧ୍ୟ ରହିଛି। ବୌଦ୍ଧପୀଠ ଉଦୟଗିରି ସମେତ ଲଳିତଗିରି, ରତ୍ନଗିରି, ଲାଙ୍ଗୁଡ଼ି ଉପରେ ନୂଆ ନୂଆ ଗବେଷଣାର ଦିଗନ୍ତ ଏହି ପୀଠର ଅନାଲୋଚିତ ଅଧ୍ୟାୟ ଉପରୁ ପରଦା ଉଠାଇବାରେ ବିଶେଷ ସାହାଯ୍ୟ କରିବ ବୋଲି ଯାଜପୁର ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ କହିଛନ୍ତି।



ବୌଦ୍ଧଗୁରୁ ପଦ୍ମସମ୍ଭବ

### ନାଳନ୍ଦା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଗବେଷକଙ୍କ ମତ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜନୀତିର ସଂକୀର୍ଣ୍ଣତାରେ ଶିକ୍ଷା ରହିବା ଅନୁଚିତ: ମୁଖ୍ୟମନ୍ତ୍ରୀ

## ପିଏମ୍-ଉଷା କାର୍ଯ୍ୟକ୍ରମ

- ରାଜ୍ୟ-କେନ୍ଦ୍ର ସରକାରଙ୍କ ବୁଝାମଣା ପତ୍ର ସ୍ୱାକ୍ଷରିତ
- ଓଡ଼ିଶାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ୫୦୦ କୋଟି ଟଙ୍କା ଦିଆଯିବ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)



ରାଜ୍ୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ(ପିଏମ୍- ଉଷା) କାର୍ଯ୍ୟକ୍ରମ ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଶନିବାର ରାଜ୍ୟ କୃଷି ଭବନରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୨୦୨୫-୨୬ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଆମ ସରକାରଙ୍କ ୮୧ତମ ଦିନରେ ପିଏମ୍-ଉଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହା ହେଉଛି ଡବଲ୍ ଇଞ୍ଜିନ ସରକାରର ସଫଳତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ତତ୍ତ୍ୱାବଧାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଶିକ୍ଷାର ପରିସର ବ୍ୟାପକ। ଏହାକୁ ରାଜନୀତିର ସଂକୀର୍ଣ୍ଣତା ମଧ୍ୟରେ ରଖିବା ଉଚିତ ନୁହେଁ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସତ୍ତ୍ୱେ, ଆଗରୁ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହି ଯୋଜନାକୁ ରାଜ୍ୟରେ ସଫଳତାର ସହ କରାଯିବ। ଏହାଦ୍ୱାରା ଶିକ୍ଷାର ନୂତନ ଭିତ୍ତିଭୂମି ଓ ମାନବ ସମ୍ବଳର ବିକାଶ ହେବ। ଏହି ଯୋଜନା ଦକ୍ଷତା ବିକାଶ, ଗବେଷଣା, ନିଯୁକ୍ତିଯୋଗ୍ୟ ଶିକ୍ଷାର ବିକାଶରେ ସହାୟକ ହେବ ଏବଂ ଆମର ଶିକ୍ଷା ପରିବେଶକୁ ବିଶ୍ୱସ୍ତରୀୟ କରିବ।

ଏ ପର୍ଯ୍ୟନ୍ତ ରାଜ୍ୟର ଦୂରଦୂରାନ୍ତ ଅଞ୍ଚଳରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲା ଯାଇଛି। ଏଥିସହିତ ଓଡ଼ିଶାର ଆଦିବାସୀ ଭାଷାର ସୁରକ୍ଷା ଓ ପ୍ରଚାର ପାଇଁ ୨୬ଟି ଭାଷା ପରୀକ୍ଷାଗାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଯୁବବର୍ଗ ମଧ୍ୟରେ ଦକ୍ଷତାର ବିକାଶ। ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ବିକାଶ ସହିତ ଆମର ଶିକ୍ଷା ପ୍ରଣାଳୀକୁ ସମାନ୍ତରାଳ ଭାବରେ ଉନ୍ନତ କରିବାକୁ ହେବ। ପ୍ରଯୁକ୍ତି ବିଦ୍ୟାରେ ଶିକ୍ଷା ହାସଲ କରିଥିବା ଯୁବବର୍ଗଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ କେନ୍ଦ୍ର ସରକାର ଚଳିତବର୍ଷ ଦେଶର ବଜେଟ୍‌ରେ ୧ କୋଟି ଯୁବତୀଯୁବକଙ୍କୁ ୫୦୦ ଉଦ୍ୟୋଗରେ ଇଣ୍ଟର୍ନଶିପ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଏହା ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ବୈଷମ୍ୟତା ଓ ଅସମାନତା ଦୂର କରାଯାଇ ଏସ୍‌ଡିଜି-୪ର ଲକ୍ଷ୍ୟ ପୂରଣ ହୋଇପାରିବ। ଆଗାମୀ ଦିନରେ ସାମଗ୍ରିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆନ୍ତର୍ଜାତିକ ମାନର ଶିକ୍ଷା ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରାଜ୍ୟରେ ସ୍କୁଲ, କଲେଜ ପିଲାଙ୍କୁ ନେଇ ପ୍ରାୟ ୧ କୋଟି ଛାତ୍ରୀଛାତ୍ର ଅଛନ୍ତି। ରାଜ୍ୟ ଜନସଂଖ୍ୟାର ଏହା ହେଉଛି ଏକ ଚତୁର୍ଥାଂଶ। ଏହି ପିଲାମାନଙ୍କର ଠିକ୍ ଭାବରେ ଦାୟିତ୍ୱ ନିଆଯାଇପାରିଲେ ରାଜ୍ୟର ବିକାଶ ବିଶ୍ୱସ୍ତରୀୟ ହୋଇପାରିବ। ଏକ ବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ଜ୍ଞାନ ଓ ପ୍ରତିଭା ହେଉଛି ଓଡ଼ିଆ ପିଲାଙ୍କ ମୂଳ ଆଧାର। ଏହାର ବିକାଶ ହୋଇପାରିଲେ ଆମ ପିଲାମାନେ ମଧ୍ୟ ବିଶ୍ୱ ସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ କଲେଜ ଓ ୟୁନିଭର୍ସିଟିର ବିକାଶ ପାଇଁ ୫୦୦ କୋଟି ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି। ଏଥିଯୋଗୁ ଆମ ରାଜ୍ୟର ୧ କୋଟି ପିଲା ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ। ଏହି କାର୍ଯ୍ୟକ୍ରମ ୩ ବର୍ଷ ଆଗରୁ ହେବାର ଥିଲା। କିନ୍ତୁ ରାଜନୀତି ଯୋଗୁ ଓଡ଼ିଆ ପିଲାମାନେ ବଞ୍ଚିତ ହୋଇଥିଲେ। ଓଡ଼ିଶାରେ ଖୁବ୍‌ଶୀଘ୍ର ଶିକ୍ଷାରେ ସ୍ୱାୟତ୍ତତା ଆସିବ। ୟୁଜିସିର ନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱାୟତ୍ତତା ଦିଆଯିବ ବୋଲି ସେ କହିଛନ୍ତି।

ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପି.ଏମ୍. ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସକାରାତ୍ମକ ପ୍ରଭାବ ପଡ଼ିବ। ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ହେବା ସହିତ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ।

ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଉଚ୍ଚ ଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ସୁନୀଲ କୁମାର ବର୍ନୱାଲ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ।

# ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

ଭଞ୍ଜନଗର,୩୧।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗୁଣ୍ଡିବାଡ଼ିରେ ଲାଗିଥିବା ଝାଡ଼ାବାନ୍ତି ସ୍ଥିତିରେ ପରିବର୍ତ୍ତନ ଆସୁନି। ମୃତ୍ୟୁସଂଖ୍ୟା କ୍ରମେ ବଢ଼ିବାରେ ଲାଗିଛି। ଶୁକ୍ରବାର ସୁଦ୍ଧା ଝାଡ଼ାବାନ୍ତିରେ ୪ ଜଣ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ଅରକ୍ଷିତ ଗୌଡ଼ ଏବଂ ତାଙ୍କ ଶାଶୁ, ସୁକାନ୍ତି ନାୟକ ଓ ମଗୁଳି ପ୍ରଧାନ। ଶନିବାର ଅପରାହ୍ନରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଗୁରୁଣ୍ଡିବାଡିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାଡାବାନ୍ତିରେ ଆକ୍ରାନ୍ତ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୮ଜଣ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାଣିରୁ ଝାଡ଼ାବାନ୍ତି ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ଯେଭଳି ବୃଦ୍ଧି ନ ପାଇବ ଏବଂ ଯେଉଁମାନେ ଚିକିତ୍ସିତ ହେଉଛନ୍ତି ସେମାନଙ୍କୁ କିଭଳି ଉନ୍ନତ ସ୍ୱାସ୍ଥ୍ୟସେବା ମିଳିବ ସେଥିପ୍ରତି ବିଧାୟକ ନାୟକ ଗୁରୁତ୍ୱାରୋପ କରି ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଗୁଣ୍ଡିବାଡ଼ିରେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେଲା ଝାଡ଼ାବାନ୍ତି ଲାଗିରହିଛି। ଏହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଉମାଶଙ୍କର ବେହେରା, ବିଡିଓ, ଭଞ୍ଜନଗର ମେଡିକାଲର ଡା. ସୀମାଞ୍ଚଳ ଡାକୁଆ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ଯନ୍ତ୍ରୀ ନୀହାର ରଞ୍ଜନ ସ୍ୱାଇଁ, ସରପଞ୍ଚ, ପୂର୍ବତନ ସରପଞ୍ଚ ଧୋବା ଗୌଡ଼, ଶିବ ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ମାଗଣା ସାଙ୍କେତିକ ଭାଷା ତାଲିମ କୋର୍ସ
## (FREE SIGN LANGUAGE TRAINING COURSE)

ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ୩ ମାସିଆ Sign Language କୋର୍ସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ପିଡି) ବିଭାଗ, ଓଡ଼ିଶା ଏବଂ ଅଲି ୟାଭର୍ ଜଙ୍ଗ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ୍ ଶ୍ରବଣ ଅକ୍ଷମତା (ଦିବ୍ୟାଙ୍ଗ), ଆଞ୍ଚଳିକ କେନ୍ଦ୍ର, ଯାଆଁଳା, ଖୋର୍ଦ୍ଧାର ସହାୟତାରେ ଓଡ଼ିଶାର ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଯାଉଛି। ଏହି କୋର୍ସ ଏକ ସାର୍ଟିଫିକେସନ କୋର୍ସ ଅଟେ। କୋର୍ସ ସମୟ ସୀମା ମଧ୍ୟରେ ମାଗଣା ହଷ୍ଟେଲ ଏବଂ ଖାଦ୍ୟର ବ୍ୟବସ୍ଥା ରହିବ।

ଆମକୁ
info@odisharisin.inରେ Mail କରନ୍ତୁ।
ଅଥବା ଆମ ୱେବ୍‌ସାଇଟ୍
www.odisharising.in
ଭିଜିଟ୍ କରି registration କରନ୍ତୁ।

ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍



ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଡା. ଲୁସି ଦାସ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା



କଟକ,୩୧।୮ (ଶିକ୍ସା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ (ଏସ୍‌ସିବି)ର ଅଧ୍ୟକ୍ଷା ଭାବରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡା. ଲୁସି ଦାସ ନିଯୁକ୍ତି ପାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଡା. ଦାସ ଏସ୍‌ସିବିର ଅଧୀକ୍ଷକ ଭାବେ ପୂର୍ବରୁ ଦାୟିତ୍ୱ ତୁଲାଇଛନ୍ତି।

**ଅବସର ନେଲେ ଅଧୀକ୍ଷକ**

ଅପରପକ୍ଷରେ ଶନିବାର ପ୍ରଫେସର ଡା. ସୁଧାଂଶୁ ମିଶ୍ର ଏସ୍‌ସିବି ମେଡିକାଲ ଅଧୀକ୍ଷକ ପଦରୁ ଅବସର ନେଇଛନ୍ତି। ଏନେଇ ଏସ୍‌ସିବି ମେଡିକାଲର ନୂତନ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ସମ୍ପର୍କରେ ଡିଏମ୍‌ଇଟି ଡା. ସନ୍ତୋଷ ମିଶ୍ର କହିଛନ୍ତି, ପ୍ରଫେସର ସୁଧାଂଶୁ ମିଶ୍ରଙ୍କ ଅବସର ପରେ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ଡା. ଲୁସି ଦାସ ଅସ୍ଥାୟୀ ଭାବେ ଏହି ପଦବୀରେ ରହି ଦାୟିତ୍ୱ ତୁଲାଇବେ।


# Classified Everyday
0674-2580101, 2549949



## MATRIMONIAL

### BRIDE WANTED

Handsome Brahmin boy 1995, 5'6". B.Tech Serving Manager Nationalised Bank. "SUNASANSAR". 9937512659. D-75991

### GROOM WANTED

Brahmin boy 1994, B.Tech NIT, MBA IIM Engineer Bangalore. 9853366347. D-1204



## REAL ESTATE

### SALE

2BHK apartment for sale near Chintamaniswar Temple, Bhubaneswar, Mob- 9437443404, 9937802555. D-1180

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

50,000sqft. commercial plot for sale near New Bus Stand Bhadrak. 9124915059. D-1201

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 7978874990, 9777554170.** D-1199

Ready to move 4BHK duplex Bunglow Botanda Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76021

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

18000sqft. commercial plot for sale near Pirabazar, Cuttack and Bhubaneswar highway. 9124915059. D-1200

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-1198

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

**House for sale-Mahanadi Vihar, Cuttack, Double Storied, Plot 2300, built-up 5300sqft. 4Storey foundation. 7 Bedroom, 7Toilets, 3Phase Electricity, Sump, Big Garage. Price 3Cr. Contact- 9437705858.** D-71587

Ready to move flat with stilt parking of size 1570 & 1950sqft. are available for sale in Ashok Nagar near Rajmahal Square. Interested buyers can contact on this number 9937441023. D-1182

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032



## CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031

## BUSINESS

ଉଈ ପ୍ରତିକାର- ଉଈ, ଅସରପା, ମଶା, ମୂଷା, ଝିଟିପିଟି ନିୟନ୍ତ୍ରଣ। Mob- 6370293332, 9937802555. D-1181

## TO LET

Ground Floor 2BHK 1000sft. both side road at Chintamaniswar Plot No.- 1958/3 near Temple walkable distance to Cuttack Road Rail Station, Bhubaneswar for Office/ Cum Residence/Godown for light goods. 6370087588, 7008211947. D-1137



Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA by expert therapist. Contact- 9090400507. D-76148

Newly open health benefits SPA special offer @ 799 Bapujinagar. 8018429809. D-76149

## LOST

The original RSD No. 608/2001 of Mouza-Korian in the name of Preeti Devi Agrawalla and RSD No. 10501903842/2019 of Mouza Badasathiebatia in the name of Ghanashyam Hota, lost anywhere on 29.08.2024 when going to xerox to Jawahar chouk, Dhenkanal Town, Anybody found please contact- 9937408107. D-75451

## AFFIDAVIT

By virtue of an affidavit sworn before Notary Public, JHARSUGUDA on Dated 1st August 2024, I, Mr. TUNIR KEJRIWAL, Address Khata No- 946, Plot No. 2119, Kejriwal House, Shyam Darbar Gali, Marwari Para, Jharsuguda, Odisha have changed my Son's name from "Trishaan Kejriwal" to "Vedansh Kejriwal". Henceforth, he shall be known as "Vedansh Kejriwal" for all purposes. D-1207

By the virtue of an affidavit No. 1429 Dated-23.08.2024 before the Notary, Bhubaneswar. I Narasingha Mishra, S/o- Krupasindhu Mishra, Residing at Plot-60/4, Road-1, Mahavir Nagar, Samantarapur, Bhubaneswar- 751002, P.S.- Lingaraj, declare that my natural born son's name will be KESHAB MISHRA instead of Saideep Mishra for all purpose and all times to come from now onwards. D-1206

I Ritarani Padhi (47), W/o- Madhusudan Padhi, Vill/ P.O.- Alabaga, P.S.- Basudevpur, Dist.-Bhadrak, Odisha. Before marriage my name was Damayanti Agasti which is mentioned in my LIC Policy bearing No. 586550027. But after marriage I known as Ritarani Padhi according my Aadhaar and Voter Card I declare that Ritarani Padhi and Damayanti Agasti same and one person. D-1205

## ମନେ ପଡ଼ନ୍ତି

### ପଞ୍ଚମ ବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ**

ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ

ଆଜି ଆପଣଙ୍କର ପଞ୍ଚମ ବାର୍ଷିକ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମାରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ: ନିରୂପମା ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୬୬୬୮

### ଦଶାହ ଉପଲକ୍ଷେ



**୰ଆର୍ତ୍ତବନ୍ଧୁ ପଣ୍ଡା**

ପୂର୍ବତନ ପ୍ରଧାନ ଶିକ୍ଷକ, ସ୍ୱପ୍ନେଶ୍ୱରଦେବ ଏମ୍.ଇ.ସ୍କୁଲ, ତୁଳସୀପୁର
ଢ଼ଁସର, ବାଙ୍କୀ, କଟକ

ଆବିର୍ଭାବ: ୦୮।୦୩।୧୯୪୦
ତିରୋଧାନ: ୨୩।୦୮।୨୦୨୪

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୧୨୦୨

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ହିମାଂଶୁ ମୋହନ ତ୍ରିପାଠୀ**

ପଲ୍ଲୀକଣ୍ଠା, ଏରସମା, ଜିଲ୍ଲା: ଜଗତ୍‌ସିଂହପୁର

ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।

-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୧୧୯୫

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply
BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ଭାଇରାଲ୍ ମିଛ

ଏବେ ଆଉ କେବଳ ଖବରକାଗଜ କିମ୍ବା ନ୍ୟୁଜ୍ ଚ୍ୟାନେଲ୍ ନୁହେଁ ବରଂ ସୋସିଆଲ ମିଡିଆ ମଧ୍ୟ ଖବର ପାଇବାର ସବୁଠାରୁ ବଡ଼ ସ୍ରୋତ ପାଲଟିଛି। ଯେଉଁଠି ଖୁବ୍ କମ୍ ସମୟରେ ଦୁନିଆର ବିଭିନ୍ନ କୋଣରେ ଥିବା ଲୋକେ ଏକସଙ୍ଗେ ଫଟୋ, ଭିଡିଓ ମାଧ୍ୟମରେ ଖବର ପାଇପାରୁଛନ୍ତି। ହେଲେ ଅନେକ ସମୟରେ ଭୁଲ୍ ଏବଂ ମିଛ ଖବର ମଧ୍ୟ ଆସୁଛି ଏବଂ କେହି କେହି ଏହାକୁ ସତ ଭାବି ଅନ୍ୟମାନଙ୍କୁ ଫରୱାର୍ଡ କରିଥାନ୍ତି। ଯଦ୍ୱାରା ଧୀରେ ଧୀରେ ଏହା ଭାଇରାଲ୍ ହେଉଛି ଏବଂ ସମାଜରେ ଏହି ଭୁଲ୍ ତଥ୍ୟର ପ୍ରଚାର ହେଉଛି। ଏଥିପାଇଁ ମଧ୍ୟ ଅନେକ ସମସ୍ୟା ଉପୁଜୁଥିବାର ନଜିର ରହିଛି। ଏମିତିକି ଅନେକଙ୍କର ଫେକ୍ ଏଆଇ ଫଟୋ ଏବଂ ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଆସୁଛି। ଏଣୁ ସେମାନଙ୍କର ମିଛ ଅପପ୍ରଚାର ହେଉଛି। ଯଦ୍ୱାରା ସମାଜରେ ସତ କ'ଣ ଜଣାଇବା ପାଇଁ ମଧ୍ୟ ଅନେକଙ୍କୁ ସୁଯୋଗ ମିଳୁନାହିଁ। ଏମିତିକି କେହି କେହି ଏଭଳି ପରିସ୍ଥିତିର ମୁକାବିଲା ନ କରିପାରି ବିନା ଦୋଷରେ ଆତ୍ମହତ୍ୟା କରୁଥିବା ଘଟଣା ବି ଦେଖିବାକୁ ମିଳୁଛି। ତେଣୁ ଏସବୁ ରୋକିବା ଲାଗି



ପାଖକୁ ପହଞ୍ଚିଥାଏ। ତେଣୁ କୌଣସି ଖବର ପାଇବାମାତ୍ରେ ଏହାକୁ ତୁରନ୍ତ ଯେକୌଣସି ଗ୍ରୁପ୍‌ରେ ଶେୟାର କରନ୍ତୁ ନାହିଁ।

**ଶେୟାର ପୂର୍ବରୁ ଚେକ୍ କରନ୍ତୁ:** ବର୍ତ୍ତମାନ ଅନେକ ଫେକ୍ ମେସେଜ୍ ସୋସିଆଲ୍ ସାଇଟ୍‌ରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଏଭଳି ମେସେଜ୍ ଏକସଙ୍ଗେ ଏକାଧିକ ଗ୍ରୁପ୍‌ରେ ପଠାଯିବା ଦ୍ୱାରା ସମାଜରେ ଭୁଲ୍ ଖବର ପ୍ରଚାରିତ ହେଉଛି। ତେଣୁ ଏଭଳି କୌଣସି ମେସେଜ୍ ବିଶେଷକରି ସମାଜରେ ଚାଲିଥିବା କିଛି ସମ୍ବେଦନଶୀଳ ଘଟଣାକୁ ନେଇ ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ତାହା ଠିକ୍ କି ନୁହେଁ ଜାଣିବା ପରେ ଫରୱାର୍ଡ କରନ୍ତୁ। କାରଣ ଏଥିପାଇଁ ଫେକ୍ ମେସେଜ୍

## କ'ଣ କୁହନ୍ତି ଏମାନେ...

### ଖବର ଯାଞ୍ଚ କରିବା ଜରୁରୀ



**ଦୀପକ କୁମାର ନାଇଡୁ** (ଜଟଣୀ, ସମାଜସେବୀ)– ସୋସିଆଲ ମିଡିଆ ଏବେ ଏକ ରଣକ୍ଷେତ୍ର ପାଲଟିଛି। ନିଜର କିଛି ଯୁକ୍ତି ଉପସ୍ଥାପନ ପାଇଁ ଆରୋପ ପ୍ରତ୍ୟାରୋପ କରାଯାଉଛି। ଅନେକ ସମୟରେ ବହୁ ଆପତ୍ତିଜନକ ବାର୍ତ୍ତା, ଭିଡିଓ ପୋଷ୍ଟ କରାଯାଉଛି। ଏହାଦ୍ୱାରା ବିପଦରେ ପଡ଼ିବା ଆଶଙ୍କା ରହିଛି। କୌଣସି ଧାର୍ମିକ ବିଦ୍ୱେଷ, ସାମ୍ପ୍ରଦାୟିକତା ଉପରେ ଲେଖିବା ବେଳେ ସଚେତନ ରହିବା ଦରକାର। ସୋସିଆଲ ମିଡିଆରେ ବହୁ ଗୁଜବ ଖବର ଆସିଥାଏ। ଏହା ସତ କି ମିଥ୍ୟା ପ୍ରଥମେ ଯାଞ୍ଚ ନ କରି ରିପୋଷ୍ଟ ଅଥବା କୌଣସି ଅନୁଷ୍ଠାନର ବିଜ୍ଞାପନ ସତ୍ୟତା ନ ଜାଣି ଲାଇକ୍ ଶେୟାର କରିବା ଠିକ୍ ନୁହେଁ। ଏଭଳି ଏକ ମିଥ୍ୟା ଖବରରେ ପଡି ମୁଁ ହଟହଟା ହୋଇଛି। ତେଣୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବୁଝି ବିଚାରି ପାଦ ଥାପିଲେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

### କାର୍ଯ୍ୟାନୁଷ୍ଠାନ ହେଲେ ସମସ୍ୟା ଦୂର ହେବ



**ମଧୁସ୍ମିତା ଜେନା** (ପୁରୀ)– ସୋସିଆଲ ମିଡିଆ ମାଧ୍ୟମରେ କମ ସମୟରେ ବିଶ୍ୱର ସମସ୍ତ ଖବର ଲୋକଙ୍କ ନିକଟରେ ପହଞ୍ଚିଥାଏ। ଲୋକଙ୍କୁ ଯୋଡ଼ିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବହୁ ଅନାଲୋଚିତ ପ୍ରସଙ୍ଗ, ଐତିହ୍ୟ କୀର୍ତ୍ତିରାଜି ତଥା ସମାଜର ଆଢୁଆଳରେ ରହିଯାଉଥିବା ଖବର ଏହା ମାଧ୍ୟମରେ ଲୋକଲୋଚନକୁ ଆସିଥାଏ। ହେଲେ ସମାଜରେ କୌଣସି ଘଟଣା ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ, ଅନେକେ ବିଶେଷ କରି ୱେବ୍ ଚ୍ୟାନେଲ୍‌ଗୁଡିକ ଏହାର ସତ୍ୟାସତ୍ୟ ଯାଞ୍ଚ ନ କରି ଆପତ୍ତିଜନକ ପୋଷ୍ଟ କରୁଛନ୍ତି। ଏହା ଦ୍ୱାରା ସମାଜରେ ବିଦ୍ୱେଷଭାବ ସୃଷ୍ଟି ହେଉଛି। ଆଜିର ଯୁବପିଢ଼ି ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ କରୁଛନ୍ତି। ତେଣୁ ସେମାନେ ଏଭଳି ଫେକ୍ ନ୍ୟୁଜ୍ ଅନ୍ୟକୁ ଫରୱାର୍ଡ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରିବା ଆବଶ୍ୟକ। ତା'ଛଡ଼ା ଏଭଳି ମିଥ୍ୟା ଖବର ପ୍ରଚାର କରୁଥିବା ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ପାଇଁ ସରକାରୀ ଅଙ୍କୁଶ ଲଗାଯିବା ସହ ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥା କରାଗଲେ ଏହି ସମସ୍ୟା ଦୂର ହୋଇପାରିବ।

### ସଠିକ୍ ତଥ୍ୟ ପୋଷ୍ଟ କରିବା ଦରକାର



**ଆୟୁଷ୍ମାନ୍ ପଟ୍ଟନାୟକ** (ଯୁକ୍ତ ଦୁଇ ଛାତ୍ର, ଖୋର୍ଦ୍ଧା)– ସୋସିଆଲ ମିଡିଆ ଦୈନନ୍ଦିନ ଜୀବନଶୈଳୀର ଏକ ଅଙ୍ଗ ପାଲଟିଗଲାଣି। ଏଥିରେ ଅନେକ ପ୍ରସଙ୍ଗ ଉପରେ ମେସେଜ୍ ଆସିଥାଏ। ତେବେ ଏହା ସତ୍ୟ କି ମିଥ୍ୟା, ଗୁଜବ କିମ୍ବା ବାସ୍ତବତା ଯାଞ୍ଚ ନ କରି ଆମେ କିଛି ପୋଷ୍ଟ, ଟ୍ୱିଟ୍, ବାର୍ତ୍ତା, ଫଟୋ ଏବଂ ଭିଡିଓ ପୋଷ୍ଟ କରୁଛୁ, ଯାହା ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚୁଛି। ଯଦିଓ ଆମେ ସୋସିଆଲ ମିଡିଆକୁ ମନୋରଞ୍ଜନ ଭାବରେ ବ୍ୟବହାର କରୁଛୁ, ତଥାପି ଏଥିରେ ଯେପରି କୌଣସି ଭୁଲ୍ ତଥ୍ୟ ପ୍ରଚାର ନ ହେଉ ସେଥିପାଇଁ ଯତ୍ନଶୀଳ ରହିବା ଆବଶ୍ୟକ। ତା'ଛଡ଼ା ନିଜେ ମଧ୍ୟ ଠିକ୍ କଥା ଜାଣିବା ଦରାକର, ନଚେତ୍ ମିଥ୍ୟା ଖବର ବାଣ୍ଟିବା ଲାଗି ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଇପାରେ। ତେଣୁ ସୋସିଆଲ ମିଡିଆରେ କିଛି ପୋଷ୍ଟ ଅଥବା ଫରୱାର୍ଡ ପୂର୍ବରୁ ସଚେତନତା ଜରୁରୀ।

**ବର୍ତ୍ତମାନ କୌଣସି ଖବର ଜାଣିବା ଆଉ କଷ୍ଟକର ବ୍ୟାପାର ହୋଇ ରହିନାହିଁ। ଇଣ୍ଟରନେଟ୍ ବିଶେଷକରି ସୋସିଆଲ୍ ମିଡିଆରେ ପ୍ରତିଟି ଖବର ଆଖିପିଛୁଳାକେ ପହଞ୍ଚିଯାଉଛି କୋଟି କୋଟି ଲୋକଙ୍କ ପାଖରେ। ହେଲେ ଏହା ଭିତରେ ବି ଭାଇରାଲ୍ ହୋଇଯାଉଛି କିଛି ମିଛ ବା ଭୁଲ୍ ଖବର, ଯାହାର ସମାଜ ଉପରେ ପଡୁଛି ନକାରାତ୍ମକ ପ୍ରଭାବ। ଯାହାକୁ ରୋକିବା ପାଇଁ ଆବଶ୍ୟକ ବ୍ୟାପକ ସଚେତନତା...**

ସମସ୍ତେ ସଚେତନ ହେବା ଆବଶ୍ୟକ...

**ଠିକ୍ ନୁହେଁ ଅଯଥା ମେସେଜ୍ ଫରୱାର୍ଡ:** ଅଧିକାଂଶ ସୋସିଆଲ ମିଡିଆ ଗ୍ରୁପ୍‌ରେ କିଛି ଏମିତି ମେମ୍ବରଥା'ନ୍ତି ଯେଉଁମାନେ ଯେକୌଣସି ଫଟୋ, ଭିଡିଓଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ମେସେଜ୍ ଫରୱାର୍ଡ କରିଥାନ୍ତି। ହେଲେ ଏହାଦ୍ୱାରା ଅନେକ ସମୟରେ ଫେକ୍ ଖବର ମଧ୍ୟ ସଭିଙ୍କ ପଠାଇବା ଭଳି ସାଇବର କ୍ରାଇମ୍ ଲାଗି ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ।

**ପ୍ରଥମେ ଯାଞ୍ଚ କରିବା ଦରକାର:** ବର୍ତ୍ତମାନ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ, ସେଲିବ୍ରେଟିମାନଙ୍କ ପର୍ସନାଲ୍ ଲାଇଫ୍‌କୁ ନେଇ ହେଉ ଅବା ଅନ୍ୟାନ୍ୟ ଘଟଣାକୁ ନେଇ ଅନେକ ଫେକ୍ ଖବର ପ୍ରଚାର ହେଉଛି। କିଛି ସଂସ୍ଥା ନିଜର ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ







ଏପରି କରୁଛନ୍ତି। ତେଣୁ ଏଭଳି କୌଣସି ଖବର ପାଇଲେ ତାହା କେଉଁ ସ୍ରୋତରୁ ଆସିଛି ପ୍ରଥମେ ଦେଖନ୍ତୁ। ଯଦି ତାହା ଜଣାଶୁଣା ଖବରସଂସ୍ଥାର ନ୍ୟୁଜ୍ ହୋଇଥାଏ, ତେବେ ଫରୱାର୍ଡ କରନ୍ତୁ ନଚେତ୍ ଏହା ଫେକ୍ ହୋଇପାରେ।

**ରିପୋର୍ଟ କରନ୍ତୁ:** ଯଦି କୌଣସି ସଂସ୍ଥା ବାରମ୍ବାର ଫେକ୍ ନ୍ୟୁଜ୍ ଦେଉଛି, ତେବେ ତାହାକୁ ରିପୋର୍ଟ କରନ୍ତୁ। ସମସ୍ତେ ଏହିପରି କଲେ ଗାଇଡ୍‌ଲାଇନ୍ ନ ମାନିବା ଆରୋପରେ ଉକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାହାକୁ ବନ୍ଦ ମଧ୍ୟ କରିଦିଆଯାଇଥାଏ।

## ଜାଣନ୍ତୁ ଦୁନିଆ

# ଲେକ୍ ଡିଷ୍ଟ୍ରିକ୍ଟ

**ଇଂଲଣ୍ଡର ଉତ୍ତର-ପଶ୍ଚିମରେ ରହିଛି ଲେକ୍ ଡିଷ୍ଟ୍ରିକ୍ଟ ଜାତୀୟ ଉଦ୍ୟାନ। ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...**





- ୨୩୬୨ ବର୍ଗ କିମି ପରିବ୍ୟାପ୍ତ ଲେକ୍ ଡିଷ୍ଟ୍ରିକ୍ଟ ଇଂଲଣ୍ଡର ଦ୍ୱିତୀୟ ବୃହତ୍ତମ ଜାତୀୟ ଉଦ୍ୟାନ। ହେଲେ ଏଠାରେ ଇଂଲଣ୍ଡର ସବୁଠାରୁ ଉଚ୍ଚତମ ପର୍ବତ ସ୍କାଫେଲ୍ ପାଇକ୍ ରହିଛି, ଯାହାକି ଆଜକୁ ପ୍ରାୟ ୪୫୦ ମିଲିୟନ୍ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଅନୁମାନ କରାଯାଏ।
- ଇଂଲଣ୍ଡର ବୃହତ୍ତମ ପ୍ରାକୃତିକ ହ୍ରଦ ୱିଣ୍ଡରମିୟର ବି ଏହା ମଧ୍ୟରେ ଅବସ୍ଥିତ। ୧୧ ମାଇଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହା ମଧ୍ୟରେ ୧୮ଟି ଛୋଟ ଦ୍ୱୀପ ରହିଛି, ଯାହା ମଧ୍ୟରୁ ବେଲେ ଆଇସ୍‌ଲାଣ୍ଡ ସବୁଠୁ ବଡ଼।
- ୧୯୫୧ ମସିହାରେ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା।
- ୧୮୧୦ରେ ଲୋକପ୍ରିୟ ରୋମାଣ୍ଟିକ୍ କବି ଉଇଲିୟମ୍ ୱାର୍ଡସୱର୍ଥ ପର୍ଯ୍ୟଟକଙ୍କ ସୁବିଧା ଲାଗି ଗାଇଡ୍ ଟୁ ଲେକ୍ସ ନାମକ ପୁସ୍ତକ ଲେଖିଥିଲେ।
- ଏହି ସ୍ଥାନ ମଧ୍ୟରେ ପ୍ରାୟ ୧୪,୫୬୦ଟି ପ୍ରତ୍ନତାତ୍ତ୍ୱିକ ସାଇଟ୍ ଏବଂ ପଥର ସ୍ଥାପତ୍ୟ ଦେଖିବାକୁ ମିଳିଥାଏ। ଏମିତିକି କେତେକ ପଥର ଖୋଦିତ କଳାକୃତି ରହିଛି, ଯାହା ପ୍ରାୟ ୬୦୦୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ନ୍ୟାଶନାଲ୍ ସ୍ପେସ୍ ଡେ'ର ଥିମ୍ ................ ?
୨– ବିରୂପାକ୍ଷ ମନ୍ଦିର ................ ରାଜ୍ୟରେ ଅବସ୍ଥିତ ?
୩– ଏନ୍‌ଆଇଏଲ୍‌ପିର ଫୁଲ୍‌ଫର୍ମ ................ ?
୪– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ................ ?
୫– ଭାରତର ବୃହତ୍ତମ ହ୍ରଦ ................ ?

## ଗତ ଥରର ଉତ୍ତର

୧ ଡ. ଏମ୍.କେ. ଶ୍ରୀଙ୍ଗାରି
୨ ଉତ୍ତରାଖଣ୍ଡ
୩ ଶ୍ରୀ ଦରବାର ସାହିବ, କର୍ତ୍ତାରପୁର, ପାକିସ୍ତାନ
୪ ମିନିଷ୍ଟ୍ରୀ ଅଫ୍ ଏଜୁକେଶନ୍
୫ ସ୍ୱିଜରଲାଣ୍ଡର ଗ୍ରିଣ୍ଡେଲ୍‌ୱାର୍ଲ୍ଡ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ
ଭୁବନେଶ୍ୱର



ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

# ସବୁଠୁ ବଡ଼ ମାଇନିଂ କମ୍ପାନୀ




୧– ଗ୍ଲେନ୍‌କୋର ପିଏଲ୍‌ସି................ ସ୍ୱିଜରଲାଣ୍ଡ
୨– ଜିଆଙ୍ଗ୍‌କ୍ସି କପର କୋ. ଲିମିଟେଡ୍................ ଚାଇନା
୩– ବିଏଚ୍‌ପି ଗ୍ରୁପ୍ ଲିମିଟେଡ୍................ ଅଷ୍ଟ୍ରେଲିଆ
୪– ରିଓ ଟିଣ୍ଟୋ ପିଏଲ୍‌ସି ................ ଇଂଲଣ୍ଡ
୫– ଆଲୁମିନିଅମ୍ କର୍ପୋରେଶନ ଅଫ୍ ଚାଇନା ଲିମିଟେଡ୍................ ଚାଇନା
୬– ଭେଲ୍ ଏସ୍‌ଏ................ ବ୍ରାଜିଲ୍
୭– ଜିଜିନ୍ ମାଇନିଂ ଗ୍ରୁପ୍ କୋ. ଲିମିଟେଡ୍................ ଚାଇନା
୮– ଆଙ୍ଗ୍ଲୋ ଆମେରିକାନ୍ ପିଏଲ୍‌ସି................ ଇଂଲଣ୍ଡ
୯– ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍................ ଭାରତ
୧୦– ସିଏମ୍‌ଓସି ଗ୍ରୁପ୍ ଲିମିଟେଡ୍ ................ ଚାଇନା

## ୟୁଥ୍ ଆଲର୍ଟ

# ହାନିକାରକ ଓଭର ଏକ୍ସରସାଇଜ୍

**ବର୍ତ୍ତମାନ ଅନେକଙ୍କ ପାଇଁ ଫିଟ୍‌ନେସ୍ ମନ୍ତ୍ର ପାଲଟିଛି ଏକ୍ସରସାଇଜ୍। ହେଲେ କେହି କେହି ଶୀଘ୍ର ପତଳା ହେବା ନିଶାରେ ଓଭର ଏକ୍ସରସାଇଜ୍ କରିବାକୁ ମଧ୍ୟ ପଛାଉ ନାହାନ୍ତି। ହେଲେ ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...**

**ଗବେଷଣା କୁହେ:**

- ଓଭର ଏକ୍ସରସାଇଜ୍ କଲେ ଶରୀରରେ ଯନ୍ତ୍ରଣା ହୋଇପାରେ। ବିଶେଷକରି ପାଦ, ଆଣ୍ଠୁ, ହାତ, ବେକ, ଅଣ୍ଟା ଆଦି ସ୍ଥାନରେ ମାଂସପେଶୀ ସଂକୁଚିତ ହୋଇଯିବା ସହ ଉକ୍ତ ସ୍ଥାନ ଫୁଲି ଖୁବ୍ ଯନ୍ତ୍ରଣା ହୋଇଥାଏ।
- ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଯେପରି କୌଣସି ଔଷଧ ଆବଶ୍ୟକ ମାତ୍ରାରେ, ଠିକ୍ ସେହିପରି ଏକ୍ସରସାଇଜ୍ ମଧ୍ୟ ଆବଶ୍ୟକତାଠାରୁ ଅଧିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହେବା ସହ ହୃତ୍‌ପିଣ୍ଡ ଉପରେ ଚାପ ପଡ଼ିଥାଏ। ଏମିତିକି ବର୍ତ୍ତମାନ କେତେକ ହୃଦ୍‌ଘାତଜନିତ ମୃତ୍ୟୁର ମୁଖ୍ୟ କାରଣ ଓଭର ଏକ୍ସରସାଇଜ୍ ବୋଲି ଜଣାପଡ଼ିଛି।
- ଆବଶ୍ୟକତାଠାରୁ ଅଧିକ ଏକ୍ସରସାଇଜ୍ କଲେ ଶୀଘ୍ର ଅଧିକ କ୍ୟାଲୋରି ବର୍ଣ୍ଣ ହୋଇଥାଏ। ଫଳରେ ଶରୀରକୁ ଏନର୍ଜି ଷ୍ଟୋର କରିବାରେ ଅସୁବିଧା ହୋଇଥାଏ। ଫଳରେ ଥକା ଲାଗିବା, ଅଳସୁଆ ଲାଗିବା ବା ନିଦ ଆସିବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହା ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଟ୍ରେନରଙ୍କ ପରାମର୍ଶ ନେଇ ଏକ୍ସରସାଇଜ୍ କରନ୍ତୁ।
- ଓଭର ଏକ୍ସରସାଇଜ୍ କଲେ ମସ୍ତିଷ୍କ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଏଣ୍ଡୋଫ୍ରିନ୍ ହରମୋନ କ୍ଷରଣରେ ଅସନ୍ତୁଳନ ଦେଖାଦେଇଥାଏ। ଫଳରେ ଚିଡ଼ିଚିଡ଼ା ଲାଗିବା, ଅବସାଦ ଭଳି ଲକ୍ଷଣ ଦେଖାଦେଇଥାଏ।



# ପଦକ ପକ୍କା କଲେ ସୁହାସ, ସୁକାନ୍ତ

**ପ୍ୟାରିସ୍,୩୧।୮(ପି.ଟି.)**

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସ ୨୦୨୪ରେ ଶନିବାର ଭାରତ ପାଇଁ ଏକ ପଦକ ପକ୍କା କରିଛନ୍ତି ପାରା ଶଟଲର ସୁହାସ ୟଥିରାଜ ଓ ସୁକାନ୍ତ କଦମ। ଉଭୟ ଖେଳାଳି ଏସ୍‌ଏଲ୍-୪ ଇଭେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ଅନ୍ୟୁନ ଗୋଟିଏ ପଦକ ଜିତିବା ନିଶ୍ଚିତ ହୋଇଛି। ଉଭୟ ଖେଳାଳି ନିଜ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏ ମ୍ୟାଚ୍ ଜିତି ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ସୁହାସ ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ଉଭୟ ମ୍ୟାଚ୍‌ରେ ଯଥାକ୍ରମେ ଥାଇଲାଣ୍ଡର ସିରିପୋଙ୍ଗ ଟେମାରୋମ୍ ଓ ମାଲେସିଆର ଅମିନ ମହମ୍ମଦ ବୁରହାନୁଦ୍ଦିନଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ସୁକାନ୍ତ କଦମ ଯଥାକ୍ରମେ ଇଣ୍ଡୋନେସିଆର ହିକମତ ରାମଦିନି ଓ କୋରିଆର କ୍ୟୁଙ୍ଗ ଶିନଙ୍କୁ ପରାସ୍ତ କରିଥିଲେ। ଟୋକିଓ ପାରାଲିମ୍ପିକ୍ସରେ ସୁହାସ ରୌପ୍ୟ ପଦକ ହାସଲ କରିଥିଲେ। ରବିବାର ଉଭୟ ଖେଳାଳିଙ୍କ ସେମି ଫାଇନାଲ ମ୍ୟାଚ୍ ଲା ଚାପେଲ ଆରେନାରେ ଖେଳାଯିବ।


ମ୍ୟାଚ୍ ଜିତିବା ପରେ ସୁକାନ୍ତ କଦମ।

## ସ୍ୱରୂପ ନିରାଶ

ଭାରତୀୟ ପିସ୍ତଲ ଶୁଟର ସ୍ୱରୂପ ଉନହାଲକରଙ୍କୁ ନିରଶ ହେବାକୁ ପଡ଼ିଛି। ଏସ୍‌ଏଚ୍୧ ବର୍ଗର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱରୂପ ୧୪ତମ ସ୍ଥାନରେ ରହିବା ସହ ଫାଇନାଲକୁ ଯୋଗ୍ୟତା ହାସଲରେ ବିଫଳ ହୋଇଛନ୍ତି। ଟୋକିଓରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିବା ସ୍ୱରୂପ ଶନିବାର ସମସ୍ତଙ୍କୁ ନିରାଶ କରିଥିଲେ। ୧୮ ଶୁଟରଙ୍କ ଇଭେଣ୍ଟରେ ସେ ୬୧୩.୪ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ପାର୍କ ଜିନ୍ ହୋ ୬୨୪.୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ।

## ତୃତୀୟରେ ଅନିତା-ନାରାୟଣ

ଭାରତୀୟ ପିଆର-୩ ଡବଲ୍ ସ୍କଲ ଇଭେଣ୍ଟର ରୋୟର ଅନିତା ଓ ନାରାୟଣ କୋଙ୍ଗାନାପଲ୍ଲେ ତୃତୀୟ ସ୍ଥାନରେ ରହିଛନ୍ତି। ଉଭୟ ୭:୫୪.୩୩ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ୟୁକ୍ରେନ୍ ୭:୨୯.୨୪ ଓ ଗ୍ରେଟ ବ୍ରିଟେନ ୭:୨୦.୫୩ ସେକେଣ୍ଡର ଟାଇମିଂ ସହ ପ୍ରଥମ ଦୁଇ ସ୍ଥାନ ହାସଲ କରିଥିଲା। ଭାରତୀୟ ରୋୟର ବର୍ତ୍ତମାନ ଫାଇନାଲ ବି ଅର୍ଥାତ୍ ସପ୍ତମରୁ ୧୨ତମ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

## କ୍ୱାର୍ଟରରେ ମନ୍‌ଦୀପ

ଭାରତୀୟ ପାରା ଶଟଲର ମନଦୀପ କୌର ଏସ୍‌ଏଲ୍୩ ମହିଳା ବ୍ୟାଡିମଣ୍ଟନ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ମନ୍‌ଦୀପ ୨୧-୨୩, ୨୧-୧୦ ଓ ୨୧-୧୭ ସେଟରେ ଅଷ୍ଟ୍ରେଲିଆର ଭିନୋଟ ସେଲିନ୍ ଅଉରିଲେଙ୍କୁ ପରାସ୍ତ କରିଥିଲେ।

## ବିଦା ହେଲେ ସରିତା, ଶୀତଲ

**ପ୍ୟାରିସ୍,୩୧।୮(ପି.ଟି.)**

ଭାରତୀୟ ପାରା ଆର୍ଚର ସରିତା ଓ ଶୀତଲ ଦେବୀ କମ୍ପାଉଣ୍ଡ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ସରିତା କ୍ୱାର୍ଟର ଫାଇନାଲରେ ଚାଇନାର କୁରେ ଗିର୍ଡିଓଙ୍କ ନିକଟରୁ ୧୪୫-୧୪୦ରେ ପରାଜିତ ହୋଇଥିଲେ। ଏହା ସହ ମହିଳା ବ୍ୟକ୍ତିଗତ ଆର୍ଚେରୀରେ ଭାରତର ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ କମ୍ପାଉଣ୍ଡ ଇଭେଣ୍ଟର ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଇଟାଲୀ ଏଲେନୋରା ସାର୍ଟିଙ୍କୁ ୧୪୧-୧୩୫ରେ ପରାସ୍ତ କରି ସରିତା ଅଭିଯାନ ଆରମ୍ଭ କରିଥିଲେ। ସରିତା ୨ ରାଉଣ୍ଡରେ ୨୯, ଦୁଇଥର ୨୮ ଓ ଥରେ ୨୭ ସ୍କୋର କରିଥିଲେ। ଅନ୍ୟତମ ଭାରତୀୟ ଶୀତଲ ଦେବୀ ଚିଲିର ଜୁନିଗା ମାରିଆନାଙ୍କ ଠାରୁ ୧୩୮-୧୩୭ର କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାଜିତ ହୋଇଥିଲେ। ପ୍ରଥମ ୩ ରାଉଣ୍ଡରେ ଶୀତଲ ଚମତ୍କାର ପ୍ରଦର୍ଶନ କରି ଆଗୁଆ ରହିଥିଲେ। ତେବେ ଅନ୍ତିମ ରାଉଣ୍ଡରେ ଶୀତଲଙ୍କ ଦୁଇଟି ଶଟ୍‌ରେ ମାତ୍ର ୮ ଓ ୭ ପଏଣ୍ଟ ଆସିଥିଲା।


କଳିଙ୍ଗ ଷ୍ଟାଡିୟମରେ ନିର୍ମାଣାଧୀନ ବ୍ୟାଡ୍‌ମିଣ୍ଟନ ହାଇ ପର୍ଫର୍ମାନ୍ସ ସେଣ୍ଟର ପରିଦର୍ଶନ ଅବସରରେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ କୋଚ ପୁଲେଲା ଗୋପୀଚାନ୍ଦ(ଡାହାଣ) ଓ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା।

# ଛକାରେ ବଦୋନୀଙ୍କ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ସାଉଥ୍ ଦିଲ୍ଲୀ ସୁପରଷ୍ଟାର୍ଜ ତରଫରୁ ଖେଳୁଥିବା ଆୟୁଷ ବଦୋନୀ ତାଙ୍କର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରି ଟି୨୦ରେ ଏକ ନୂଆ ରେକର୍ଡ କରିଛନ୍ତି। ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସ ବିପକ୍ଷ ମ୍ୟାଚରେ ବଦୋନୀ (୧୬୫ ରନ) ଏବଂ ପ୍ରିୟାଂଶ ଆର୍ଯ୍ୟ (୧୨୦)ଙ୍କ ଶତକୀୟ ଇନିଂସ ବଳରେ ସୁପରଷ୍ଟାର୍ଜ ୫ ଉଇକେଟ ବିନିମୟରେ ୩୦୮ ରନ କରିଥିଲା। ଭାରତୀୟ ୧୯ବର୍ଷରୁ କମ୍ ଦଳରୁ ଖେଳିଥିବା ଆର୍ଯ୍ୟ ୧୨ତମ ଓଭରରେ ୬ଟି ଛକା ଲଗାଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବଦୋନୀ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ଖେଳିଛନ୍ତି। ସେ ତାଙ୍କ ଇନିଂସରେ ୧୯ ଛକା ଲଗାଇ ସମସ୍ତ ପ୍ରକାର ଟି୨୦ କ୍ରିକେଟରେ ଏକ ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ମିଳିତ ଭାବେ ଏହି ରେକର୍ଡର ଥିଲେ ୱେଷ୍ଟଇଣ୍ଡିଜର ପୂର୍ବତନ ଖେଳାଳି ତଥା ଟି୨୦ କିମ୍ବଦନ୍ତୀ କ୍ରିସ୍ ଗେଲ୍ ଏବଂ ଇସ୍ତୋନିଆର ସାହିଲ ଚୌହାନ। ଉଭୟେ ଏକ ଟି୨୦ ଇନିଂସରେ ୧୮ ଛକା ଲଗାଇଛନ୍ତି। ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ର ୨୦୧୭ ସଂସ୍କରଣରେ ଢାକା ଡିନାମାଇଟ୍ସ ବିପକ୍ଷ ମ୍ୟାଚରେ ରାଙ୍ଗପୁର ରାଇଡର୍ସ ତରଫରୁ ଖେଳୁଥିବା ଗେଲ୍ ୧୮ ଛକା ଏବଂ ୫ ଚୌକା ସହ ୬୯ ବଲ୍‌ରେ ୧୪୬ ରନ କରିଥିଲେ। ଅନ୍ୟପକ୍ଷରେ ଚଳିତବର୍ଷ ଜୁନ୍‌ରେ ସାଇପ୍ରସ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ରେ ଇସ୍ତୋନିଆ ତରଫରୁ ଖେଳି ଭାରତୀୟ ବଂଶୋଦ୍ଭବ ଚୌହାନ ୪୧ ବଲ୍‌ରେ ୧୪୪ ରନ କରିଥିଲେ। ଏଥିରେ ତାଙ୍କର ୧୮ଟି ଛକା ସାମିଲ ଥିଲା। ବାମହାତୀ ବ୍ୟାଟର ଆର୍ଯ୍ୟ ୪୦ ବଲ୍‌ରେ ଶତକ ହାସଲ କରିବା ସହ ୫୦ ବଲ୍‌ରୁ ୧୦ ଛକା ଓ ୧୦ ଚୌକା ସହ ୧୨୦ ରନ ସଂଗ୍ରହ କରିଥିଲେ। ୧୨ତମ ଓଭରରେ ମନନ ଭରଦ୍ୱାଜଙ୍କ ବୋଲିଂରେ ସେ ୬ଟି ବଲ୍‌ରେ କ୍ରମାଗତ ୬ ଛକା ଲଗାଇଥିଲେ। ବଦୋନୀ ଓ ଆର୍ଯ୍ୟ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ୨୮୬ ରନ ସଂଗ୍ରହ କରି ବିଶ୍ୱ ରେକର୍ଡ କରିଛନ୍ତି। ଟି୨୦ରେ ଯେକୌଣସି ଉଇକେଟରେ ମଧ୍ୟ ଏହା ହେଉଛି ସର୍ବାଧିକ ପାର୍ଟନରଶିପ୍। ବଦୋନୀ ଓ ଆର୍ଯ୍ୟ ଚଳିତବର୍ଷ ଫେବୃଆରୀରେ ଚାଇନା ବିପକ୍ଷ ମ୍ୟାଚରେ ଜାପାନ ଓପନିଂ ଯୋଡ଼ି ଲାଚଲାନ ୟାମାମୋଟୋ-ଲେକ୍ ଓ କେଣ୍ଡେଲ କାଡୋୱାକି-ଫ୍ଲେମିଂ ପ୍ରଥମ ଉଇକେଟରେ ୨୫୮ ରନ ଯୋଗକରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ସାଉଥ୍ ଦିଲ୍ଲୀ ୩୦୮/୫ ସ୍କୋର କରିଥିଲା। ଆଉ ୬ରନ ଯୋଗ କରିପାରିଥିଲେ ଏହି ଦଳ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିପାରିଥାନ୍ତା। ୨୦୨୩ରେ ଏସିଆନ ଗେମ୍ସ ପୁରୁଷ ପ୍ରତିଯୋଗିତାରେ ମଙ୍ଗୋଲିଆ ବିପକ୍ଷ ମ୍ୟାଚରେ ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୩୧୪ ରନ ସଂଗ୍ରହ କରି ଏକ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛି।

# ଭାରତୀୟ ଦଳରେ ସମିତ ଦ୍ରାବିଡ୍

**ନୂଆଦିଲ୍ଲୀ, ୩୧।୮ (ପି.ଟି.)**

### ୧୯ବର୍ଷରୁ କମ୍ କ୍ରିକେଟ

ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ମଲ୍‌ଟି ଫର୍ମାଟ ସିରିଜ ପାଇଁ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ପୁଅ ସମିତ ସ୍ଥାନ ପାଇଛନ୍ତି। ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପୁଡୁଚେରୀରେ ସେପ୍ଟେମ୍ବର ୨୧, ୨୩ ଓ ୨୬ରେ ଖେଳାଯିବ। ଉତ୍ତର ପ୍ରଦେଶର ମହମ୍ମଦ ଅମନ ଭାରତୀୟ ଦଳର ନେତୃତ୍ୱ ନେବେ। ସିରିଜ ପରେ ଚେନ୍ନାଇକୁ ସ୍ଥାନାନ୍ତର ହେବ। ସେଠାରେ ଦୁଇଟି ୪ ଦିନିଆ ମ୍ୟାଚ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୭ରୁ ଖେଳାଯିବ। ଏଥିରେ ମଧ୍ୟପ୍ରଦେଶର ସୋହମ ପଟବର୍ଦ୍ଧନ ଅଧିନାୟକତ୍ୱ କରିବେ। ସମିତ ହେଉଛନ୍ତି ଜଣେ ପେସ୍ ବୋଲିଂ ଅଲରାଉଣ୍ଡର। ବର୍ତ୍ତମାନ ସେ ବେଙ୍ଗାଲୁରୁରେ ଚାଲିଥିବା ଚଳିତ କର୍ଣ୍ଣାଟକ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ମହାରାଜା ଟି୨୦ ଟ୍ରଫିରେ ଖେଳୁଛନ୍ତି। ଏଥିରେ ସେ ଖେଳିଥିବା ୭ ଇନିଂସରେ ମୋଟ ୮୨ ରନ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୩୩ ରନ୍ ରହିଛି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ତାଙ୍କୁ ବୋଲିଂ ଦିଆଯାଇ ନାହିଁ। କିନ୍ତୁ ଚଳିତବର୍ଷ ପ୍ରାରମ୍ଭରେ କୁଚ୍ ବିହାର ଟ୍ରଫିରେ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ଇଭେଣ୍ଟରେ କର୍ଣ୍ଣାଟକର ପ୍ରଥମ ଟାଇଟଲ ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଏହି ଟୁର୍ନାମେଣ୍ଟରେ ସେ ମୋଟ ୩୬୨ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ତାଙ୍କର ୯୮ରନ ସାମିଲ। ଏହାଛଡ଼ା ସେ ବୋଲିଂରେ ୮ଟି ମ୍ୟାଚରେ ୧୬ ଉଇକେଟ ନେଇଥିଲେ। ତନ୍ମଧ୍ୟରେ ଫାଇନାଲରେ ମୁମ୍ବାଇ ବିପକ୍ଷରେ ୨ଉଇକେଟ ଅନ୍ତର୍ଭୁକ୍ତ।

### ଦିନିକିଆ ସିରିଜ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ

ରୁଦ୍ର ପଟେଲ, ସାହିଲ ପରଖ, କାର୍ତ୍ତିକେୟ କେପି, ମହମ୍ମଦ ଅମନ (ଅଧିନାୟକ), କିରଣ ଖୋରମଲେ, ଅଭିଜ୍ଞ କୁଣ୍ଡୁ (ଉଇକେଟକିପର), ହରବଂଶ ସିଂ ପଙ୍ଗାଲିଆ (ଉଇକେଟକିପର), ସମିତ ଦ୍ରାବିଡ, ୟୁଦ୍ଧଜିତ୍ ଗୁହା, ସମର୍ଥ ଏନ୍, ନିଖିଲ କୁମାର, ଚେତନ ଶର୍ମା, ହାର୍ଦ୍ଦିକ ରାଜ, ରୋହିତ ରାଜାୱତ, ମହମ୍ମଦ ଏନାନ।

### ୪ ଦିନିଆ ସିରିଜ ପାଇଁ ଭାରତୀୟ ଦଳ

ବୈଭବ ସୂର୍ଯ୍ୟବଂଶୀ, ନିତ୍ୟା ପାଣ୍ଡ୍ୟା, ବିହାନ ମାଲହୋତ୍ରା, ସୋହମ ପଟବର୍ଦ୍ଧନ (ଅଧିନାୟକ), କାର୍ତ୍ତିକେୟ କେପି, ସମିତ ଦ୍ରାବିଡ, ଅଭିଜ୍ଞ କୁଣ୍ଡୁ, ହରବଂଶ ସିଂ ପଙ୍ଗାଲିଆ (ଉଇକେଟକିପର), ଚେତନ ଶର୍ମା, ସମର୍ଥ ଏନ୍, ଆଦିତ୍ୟ ରାୱତ, ନିଖିଲ କୁମାର, ଅନମୋଲଜିତ ସିଂ, ଆଦିତ୍ୟ ସିଂ ଓ ମହମ୍ମଦ ଏନାନ୍।

# ଓଡ଼ିଶାର ଲାଲୁ ପ୍ରସାଦ ଦ୍ରୁତତମ ଆଥ୍‌ଲେଟ

**ବେଙ୍ଗାଲୁରୁ, ୩୧।୮ (ପି.ଟି.)**

୬୩ତମ ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଶନିବାର ଜାତୀୟ ରେକର୍ଡଧାରୀ ମଣିକାନ୍ତ ହବ୍ଲିଧର ଓ ତେଜସ ଶିରସେ ଯଥାକ୍ରମେ ୧୦୦ମିଟର ସ୍ପ୍ରିଣ୍ଟ ଓ ୧୧୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ମୁକାବିଲାରେ ହାରିଯାଇଛନ୍ତି। ଓଡ଼ିଶାର ୨୧ ବର୍ଷୀୟ ସ୍ପ୍ରିଣ୍ଟର ଲାଲୁ ପ୍ରସାଦ ଭୋଇ ତାଙ୍କଠାରୁ ଅଭିଜ୍ଞ ଧାବକମାନଙ୍କୁ ପଛରେ ପକାଇ ମିଟ୍‌ର ଦ୍ରୁତତମ ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ସେ ୧୦୦ ମିଟର ରେସ୍‌କୁ ୧୦.୪୬ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ସେହିପରି ପୁରୁଷ ୧୧୦ ମିଟର ହର୍ଡଲ୍ସରେ ରେଲୱେର ଶିର୍‌ସେ (୧୪.୦୧)ଙ୍କୁ ପଛରେ ପକାଇ ରେଲୱେର ମାନବ ଆର୍ ୧୩.୮୬ ସେକେଣ୍ଡ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ମେହିଦିଙ୍କୁ ୫ ଉଇକେଟ, ପାକିସ୍ତାନ ୨୭୪ରେ ସୀମିତ

**ରାୱଲପିଣ୍ଡି, ୩୧।୮ (ଏପି)**

ଅଫ୍ ସ୍ପିନର ମେହିଦି ହସନ ମିରାଜଙ୍କ ୫ ଉଇକେଟ ସଫଳତା ଯୋଗୁ ଏଠାରେ ଚାଲିଥିବା ଦ୍ୱିତୀୟ ତଥା ଫାଇନାଲ କ୍ରିକେଟ ଟେଷ୍ଟରେ ବାଂଲାଦେଶ ୨୭୪ ରନ ସ୍କୋରରେ ପାକିସ୍ତାନକୁ ଅଲ୍‌ଆଉଟ କରିବାରେ ସମର୍ଥ ହୋଇପାରିଛି। ମେହିଦିଙ୍କର ଏହା ହେଉଛି ୧୦ମ ୫ ଉଇକେଟ ସଫଳତା। ତସ୍କିନ ଅହମ୍ମଦ ୩ ଉଇକେଟ ସଫଳତା ପାଇଛନ୍ତି। ପାକିସ୍ତାନ ଦଳର ଟପ୍ ସ୍କୋରର ସଇମ ଆୟୁବ ୫୮, ଅଧିନାୟକ ଶନ ମାସୁଦ ୫୭ ଓ ଆଘା ସଲମନ ୫୪ ରନ କରିଥିଲେ। ଜବାବରେ ବାଂଲାଦେଶ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୧୦ରନ କରିଛି। ସଦମନ ଇସ୍‌ଲାମ ୬ ଏବଂ ଜାକିର ହୁସେନ ବିନା କୌଣସି ରନ୍‌ରେ କ୍ରିଜ୍‌ରେ ଅଛନ୍ତି। ପ୍ରଥମ ଟେଷ୍ଟରେ ବାଂଲାଦେଶ ୧୦ଉଇକେଟରେ ଐତିହାସିକ ବିଜୟ ହାସଲ କରିଥିଲା।




# ନର୍ଥଇଷ୍ଟ ୟୁନାଇଟେଡ୍ ଚାମ୍ପିୟନ

**କୋଲକାତା,୩୧।୮(ପି.ଟି.)**

### ଡୁରାଣ୍ଡ କପ୍
### ଶୁଟଆଉଟରେ ହାରିଲା ମୋହନ ବାଗାନ

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ମୋହନ ବାଗାନ ସୁପର ଜାଏଣ୍ଟ୍ସକୁ ନାଟକୀୟ ଢଙ୍ଗରେ ୪-୩ ପେନାଲ୍ଟି ଶୁଟଆଉଟରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିଲା। ଶୁଟଆଉଟରେ ନର୍ଥଇଷ୍ଟର ଗୋଲକିପର ଚମତ୍କାର ପ୍ରଦର୍ଶନ କରି ଦୁଇଟି ସେଭ୍ କରିଥିଲେ। ତୃତୀୟ ଷ୍ଟ୍ରାଇକରେ ଲିଷ୍ଟନ କୋଲାକୋ ଓ ପଞ୍ଚମ ଶଟ୍‌ରେ ଶୁଭାଶିଷ ବୋଷଙ୍କ ଶଟ୍‌କୁ ଅଟକାଇବାରେ ସଫଳ ହୋଇଥିଲେ ଗୁରମିତ୍। ଡୁରାଣ୍ଡ କପ୍ ଇତିହାସର ସଫଳ ଦଳ ଭାବରେ ୧୭ ଥର ଟାଇଟଲ ହାସଲ କରି ସାରିଥିବା ମୋହନ ବାଗାନକୁ ଟାଇଟଲ ଫେବରିଟ୍ ବିବେଚନା କରାଯାଉଥିଲା। ତେବେ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲା ନର୍ଥଇଷ୍ଟ। ନିର୍ଦ୍ଧାରିତ ସମୟରେ ମୋହନ ବାଗାନ ପକ୍ଷରୁ ଜାସନ୍ କମିଙ୍ଗ୍ସ (୧୧) ଓ ସହଲ ଅବଦୁଲ ସମଦ(୪୫+୫) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ନର୍ଥଇଷ୍ଟ ପାଇଁ ଆଲେଦିନ ଆଜାରେଇ(୫୫) ଓ ଗୁଇଲେର୍ମୋ ଫର୍ନାଣ୍ଡେଜ(୫୮) ମିନିଟରେ ସ୍କୋର କରିଥିଲେ। ଶୁଟଆଉଟରେ ନର୍ଥଇଷ୍ଟ ପକ୍ଷରୁ ଆଲେଦିନ ଆଜାରେଇ, ଗୁଇଲେର୍ମୋ ଫର୍ନାଣ୍ଡେଜ୍, ପାର୍ଥିବ ଗୋଗୋଇ ଓ ଅଧିନାୟକ ମିଗୁଏଲ ଜାବାକୋ ଟମ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ମୋହନ ବାଗାନ ପକ୍ଷରୁ ମାନବୀର ସିଂ, ଜାସନ୍ କମିଙ୍ଗ୍ସ ଓ ଦିମିତ୍ରି ପେଟ୍ରାଟୋସ୍ ସ୍କୋର କରିଥିଲେ। ଅଭିନେତା ଜନ୍ ଆବ୍ରାହମଙ୍କ ଦଳ ପ୍ରଥମ ଥର ପାଇଁ ଏକ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୧୩ ଥର ମୋହନ ବାଗାନ ରନର୍‌ଅପ୍ ରହିଛି। ନର୍ଥଇଷ୍ଟ ୟୁନାଇଟେଡ୍‌ର ଏମ୍. ଏସ୍. ଜିତିନଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ୍ ବଲ୍ ମିଳିଥିଲା। ସର୍ବାଧିକ ଗୋଲ ସ୍କୋର କରିଥିବା କେରଳ ବ୍ଲାଷ୍ଟର୍ସର ନୋଆ ଅଲି ସାଦୋଇଙ୍କୁ ଗୋଲ୍ଡେନ୍ ବୁଟ୍, ନର୍ଥଇଷ୍ଟ ଗୋଲ କିପର ଗୁରମିତ ସିଂଙ୍କୁ ଗୋଲ୍ଡେନ୍ ଗ୍ଲୋଭ ମିଳିଥିଲା।


ଡୁରାଣ୍ଡ କପ୍ ଟ୍ରଫି ସହ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି।

# ଜୋକୋଭିଚ୍‌ଙ୍କୁ ବିଦାକଲେ ପପିରିନ୍

**ନ୍ୟୁୟର୍କ,୩୧।୮(ପି.ଟି.)**

### ୟୁଏସ୍ ଓପନ

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନରେ ଶନିବାର ଆଉ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ଦ୍ୱିତୀୟ ତଥା ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ଥିବା ଜୋକୋଭିଚ୍ ସିଧାସଳଖ ସେଟ୍‌ରେ ପରାଜିତ ହୋଇ ବିଦାୟ ନେଇଛନ୍ତି। ୨୮ ନମ୍ବର ସିଡ୍ ଖେଳାଳି ଆଲେକ୍ସ ପପିରିନ୍ ୬-୪, ୬-୪, ୨-୬ ଓ ୬-୪ ସେଟ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଜୋକୋଭିଚ୍ ଏହି ମ୍ୟାଚରେ ୧୪ଟି ଡବଲ୍ ଫଲ୍ଟ କରିଥିଲେ। ଉଭୟ ଖେଳାଳିଙ୍କ ମଧ୍ୟରେ ଏହା ତୃତୀୟ ମ୍ୟାଚ୍ ହୋଇଥିବାବେଳେ ଜୋକୋଭିଚ୍ ପ୍ରଥମ ଥର ପରାଜିତ ହୋଇଛନ୍ତି। ପ୍ରଥମ ୨ ସେଟ୍‌ରେ ପପିରିନ୍ ବିଜୟୀ ହୋଇଥିବା ବେଳେ ତୃତୀୟ ସେଟ୍‌ରେ ଜୋକୋଭିଚ୍ ଜିତିଥିଲେ। ତେବେ ଚତୁର୍ଥ ସେଟ୍‌ରେ ଜୋକୋଭିଚଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ ପପିରିନ୍। ନିକଟରେ ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିବା ଜୋକୋଭିଚ୍‌ଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ପରେ ଟେପିଂ ହୋଇଥିବା ଦେଖିବାକୁ ମିଳିଥିଲା।


ଆଲେକ୍ସ ପପିରିନ୍।

ଅନ୍ୟ ପୁରୁଷ ଖେଳାଳିଙ୍କ ମଧ୍ୟରେ ଆଲେକଜାଣ୍ଡାର ଜେଭରେଭ୍, ବ୍ରାଣ୍ଡନ ନାକାଶିମା, କାସ୍ପର ରୁଡ୍, ଟେଲର ଫ୍ରିଟ୍‌ଜ, ଗ୍ରେଗୋର ଦିମିତ୍ରୋଭ ଓ ଫ୍ରାନ୍‌ସିସ ଟିଆଫୋ ବିଜୟ ସହିତ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ ନମ୍ବର ଖେଳାଳି ଜେଭ୍‌ରେଭ୍ ୫-୭, ୭-୫, ୬-୧, ୬-୩ ସେଟ୍‌ରେ ଥୋମାସ ମାର୍ଟିନ ଏଚେଭେରୀଙ୍କୁ ପରାସ୍ତ କରିଥିଲେ। ଦୁଇ ଆମେରିକୀୟ ଖେଳାଳି ବେନ୍ ଶେଲଟନ୍ ଓ ଫ୍ରାନ୍ସିସ୍ ଟିଆଫୋଙ୍କ ମଧ୍ୟରେ ୫ ସେଟ୍‌ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିଥିଲା। ୪-୬, ୭-୫, ୬-୭(୫/୭), ୬-୪ ଓ ୬-୩ ସେଟ୍‌ରେ ଜିତି ଟିଆଫୋ ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡନ ନାକାଶିମା ୬-୨, ୩-୬, ୬-୩ ଓ ୭-୬ ସେଟ୍‌ରେ ଲରେଞ୍ଜୋ ମୁସେଟ୍ଟୀଙ୍କୁ, କାସ୍ପର ରୁଡ ୬-୭(୧/୭), ୩-୬, ୬-୦, ୬-୩ ଓ ୬-୧ ସେଟ୍‌ରେ ଜେ.ସି. ଶାଙ୍ଗଙ୍କୁ, ଟେଲର ଫ୍ରିଟ୍‌ଜ ୬-୩, ୬-୪ ଓ ୬-୨ ସେଟ୍‌ରେ ଫ୍ରାନ୍‌ସିସ୍କୋ କମେସାନାଙ୍କୁ, ଗ୍ରେଗୋର ଦିମିତ୍ରୋଭ ୬-୩, ୬-୩, ଓ ୬-୧ ସେଟ୍‌ରେ ଟାଲନ୍ ଗ୍ରିକସ୍ପୁରଙ୍କୁ ଓ ଆଣ୍ଡି ରୁବଲେଭ ୬-୩, ୭-୫, ୬-୪ ସେଟ୍‌ରେ ଜେରୀ ଲେହେକାଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପହଞ୍ଚିଛନ୍ତି।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ୨-୬, ୬-୧ ଓ ୬-୨ ସେଟରେ ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଗତ ସଂସ୍କରଣର ରନର୍ ଅପ୍ ସାବାଲେଙ୍କା ପ୍ରଥମ ସେଟ୍‌ରେ ଅତ୍ୟନ୍ତ ସାଧାରଣ ପ୍ରଦର୍ଶନ କରି ୨-୬ରେ ପରାଜିତ ହୋଇଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପରବର୍ତ୍ତୀ ୨ ସେଟ୍ ଜିତି ସେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଏଲିସ୍ ମର୍ଟେନ୍ସ ସ୍ଥାନୀୟ ଖେଳାଳି ମାଡିସନ୍ କିସ୍‌ଙ୍କୁ ପରାସ୍ତ କରିଛନ୍ତି। ମର୍ଟେନ୍ସ ୬-୭(୫/୭), ୭-୫ ଓ ୬-୪ ସେଟ୍‌ରେ କିସ୍‌ଙ୍କୁ ପରାସ୍ତ କରିଛନ୍ତି।

## ଭାମ୍ବ୍ରି, ବୋପାନ୍ନା ବିଜୟୀ: ବାଲାଜୀ ବିଦା

**ନ୍ୟୁୟର୍କ,୩୧।୮(ପି.ଟି.):** ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ପୁରୁଷ ଡବଲ୍ସ ଇଭେଣ୍ଟରେ ଭାରତର ୟୁକି ଭାମ୍ବ୍ରି ଓ ରୋହନ ବୋପାନ୍ନା ନିଜ ନିଜ ପାର୍ଟନରଙ୍କ ସହ ବିଜୟୀ ହୋଇଥିବା ବେଳେ ଏନ୍ ଶ୍ରୀରାମ ବାଲାଜୀ ପରାଜିତ ହୋଇଛନ୍ତି। ଆଲବାନୋ ଓଲିଭେଟ୍ଟୀଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରି ୨୦୧୪ ପରେ ଏକ ଗ୍ରାଣ୍ଡସ୍ଲାମର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୫ ନମ୍ବର ସିଡ୍ ଅଷ୍ଟିନ୍ କ୍ରାଜିସେକ୍ ଓ ଜିନ୍ ଜୁଲିଏନ୍ ରୋଜରଙ୍କୁ ୪-୬, ୬-୩, ୭-୫ ସେଟରେ ପରାସ୍ତ କରିଥିଲେ ଭାମ୍ବ୍ରି-ଓଲିଭେଟି। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ରୋହନ ବୋପାନ୍ ଓ ମାଥ୍ୟୁ ଏବଡେନଙ୍କ ଯୋଡି ସିଧାସଳଖ ୬-୨, ୬-୪ ସେଟରେ ରବର୍ଟୋ ବାଏନା ଓ ଫେଡେରିକୋ କୋରିଆଙ୍କ ଯୋଡିକୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଯୋଡି ଏନ୍ ଶ୍ରୀରାମ ବାଲାଜୀ-ଗୁଡିଓ ଆଣ୍ଡ୍ରେଓଜି ୭-୬(୭/୪), ୬-୪ ସେଟରେ ମାଇକେଲ ଭେନସ ଓ ନୀଲ ସ୍କୁପସ୍କିଙ୍କଠାରୁ ପରାଜିତ ହେବା ସହ ବିଦାୟ ନେଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ